# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯/୨୦୨୩ (୨୦ ପୃଷ୍ଠା) Bhubaneswar, Friday, September 29/2023 Page 20 ₹ 7.00
୪୯ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 305 ମୂଲ୍ୟ ₹୭/-



**ଅନୁଶଙ୍କୁ ବ୍ରୋଞ୍ଜ**
ଏସିଆନ ଗେମ୍ସ ଅଶ୍ୱଚାଳନାର ବ୍ୟକ୍ତିଗତ ଡ୍ରେସେଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଭାରତର ଅନୁଶ ଅଗ୍ରୱାଲ।
୧୮

୧୬
**ସାମନ୍ଥାଙ୍କ ଫଲୋୟର୍ସ ସଂଖ୍ୟା ୩୦ ମିଲିୟନରୁ ଊର୍ଦ୍ଧ୍ୱ**
ଇନ୍‌ଷ୍ଟାଗ୍ରାମରେ ସାମନ୍ଥା ୩୦ ମିଲିୟନ ଫଲୋୟର୍ସଙ୍କୁ ଅତିକ୍ରମ କରି ଦକ୍ଷିଣ ଇଣ୍ଡଷ୍ଟ୍ରିର ଅନ୍ୟତମ ସର୍ବାଧିକ ଫଲୋୟର୍ସ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି।



# ସବୁଜ ବିପ୍ଳବ ଜନକଙ୍କ ପରଲୋକ

**ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଖାଦ୍ୟ ଶସ୍ୟର ଅଭାବ ଭାରତୀୟ ଉପମହାଦେଶକୁ ବହୁଳ ପ୍ରଭାବିତ କରିଥିଲା। ସେଇଠୁ ସ୍ୱାମୀନାଥନ୍ ନିଷ୍ପତ୍ତି ନେଇଥିଲେ ଦେଶକୁ ଖାଦ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ। ତା'ପରେ ୧୯୬୫ରେ ସ୍ୱାମୀନାଥନ୍‌ଙ୍କ ଉଦ୍ୟମରେ ଭାରତରେ ସବୁଜ ବିପ୍ଳବ ଆରମ୍ଭ ହୋଇଥିଲା। ଖାଦ୍ୟ ନିଅଣ୍ଟିଆ ଭାରତ କୃଷି କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ରୂପେ ଉଭା ହୋଇଥିଲା। ସ୍ୱାମୀନାଥନ୍‌ଙ୍କ ପରଲୋକରେ ତାଙ୍କ ପ୍ରତି କୃତଜ୍ଞ ରାଷ୍ଟ୍ରର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ।**

ଚେନ୍ନାଇ/ନୂଆଦିଲ୍ଲୀ,୨୮।୯

ଭାରତରେ ସବୁଜ ବିପ୍ଳବର ଜନକ ତଥା ପ୍ରଖ୍ୟାତ ଉଦ୍ଭିଦ ବିଜ୍ଞାନୀ ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ସ୍ୱାମୀନାଥନ୍‌ଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

୧୯୨୫ ଅଗଷ୍ଟ ୭ରେ ତାମିଲନାଡୁର କୁମ୍ଭକୋନମ୍‌ର ସ୍ୱାମୀନାଥନ୍ ଜନ୍ମ ଗ୍ରହଣ କରିଥିଲେ। ପିଲାବେଳୁ କୃଷି ପ୍ରତି ତାଙ୍କର ଆଗ୍ରହ ରହିଥିଲା। ପରିବାର ଲୋକେ ଧାନ, ଆମ୍ବ, କଦଳୀ, ନଡ଼ିଆ ଚାଷ କରୁଥିବାବେଳେ ପରବର୍ତ୍ତୀ ସମୟରେ କଫି ସମେତ ଆହୁରି ଅନେକ ସଫଳ ଉତ୍ପାଦନ କରିବାରେ ଲାଗିଥିଲେ। ☞ପୃଷ୍ଠା-୨



**ଏମ୍.ଏସ୍. ସ୍ୱାମୀନାଥନ୍**
(୭.୮.୧୯୨୫ - ୨୮.୯.୨୦୨୩)

## କୃଷି ବିଜ୍ଞାନରେ ଅପୂରଣୀୟ କ୍ଷତି: ମୁଖ୍ୟମନ୍ତ୍ରୀ

କୃଷି ବୈଜ୍ଞାନିକ ଏମ୍‌ଏସ୍ ସ୍ୱାମୀନାଥନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ସ୍ୱାମୀନାଥନ ଭାରତରେ ସବୁଜ ବିପ୍ଳବର ଜନକ ଥିଲେ। ଦେଶରେ କୃଷିକ୍ଷେତ୍ରର ବିକାଶରେ ସେ ପ୍ରମୁଖ ଭୂମିକା ନେଇଥିଲେ। ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସେ ସହାୟକ ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାମୀନାଥନ ସାରା ଜୀବନ ଚାଷୀଙ୍କୁ ସଶକ୍ତ କରିବା ଦିଗରେ କଠିନ ପରିଶ୍ରମ କରିବା ସହ ଚାଷୀଙ୍କ ଲାଗି ଏକ ସୁଚିନ୍ତିତ ନୀତି ଆଣିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାମୀନାଥନଙ୍କ ଓଡ଼ିଶା ଲିଙ୍କ୍ ନେଇ ସ୍ମୃତିଚାରଣ କରିଛନ୍ତି। ଓଡ଼ିଶାରେ ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଥିବାବେଳେ ସେ ରାଜ୍ୟର ଚାଷୀଙ୍କ ଲାଗି ସବୁବେଳେ ସହାୟତାର ହାତ ବଢ଼ାଇବାକୁ ପ୍ରସ୍ତୁତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାମୀନାଥନଙ୍କ ଗବେଷଣାଗାର ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚାଷୀଙ୍କ ବିକାଶ ଲାଗି ଉତ୍ସର୍ଗୀକୃତ ଥିଲା। ତାଙ୍କର ନିଧନ କୃଷି ବିଜ୍ଞାନରେ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୧୫ ଜିଲାକୁ ଭୂମିକମ୍ପ ବିପଦ

## ସ୍କୁଲ ପିଲାଙ୍କୁ ଭୂକମ୍ପ ଶିକ୍ଷା ଦିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୮।୯(ଅନିଲଦାସ)

ରାଜ୍ୟର ୧୫ ଜିଲାକୁ ଭୂମିକମ୍ପ ବିପଦ ରହିଛି। ସେହି ଜିଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ। କେନ୍ଦ୍ର ସରକାରଙ୍କ ଗୃହ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଏନ୍‌ଡିଏମ୍ଏ)ଙ୍କ ଦ୍ୱାରା ପ୍ରକାଶିତ ଆର୍ଥକ୍ୱେକ୍ ହାଜାର୍ଡ ଜୋନିଂ ଆଟଲାସ ଅଫ୍ ଇଣ୍ଡିଆ-୨୦୧୬ ତଥ୍ୟ ଅନୁଯାୟୀ ଉକ୍ତ ଜିଲାଗୁଡ଼ିକୁ ମଧ୍ୟମ ଧରଣ ଭୂମିକମ୍ପପ୍ରବଣ ଅଞ୍ଚଳ(ଜୋନ-୩) ଭାବେ ଘୋଷଣା କରାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୁରୁବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି।

ତାରା ପ୍ରଶ୍ନ କରିଥିଲେ ଯେ ରାଜ୍ୟର କେଉଁ କେଉଁ ଜିଲାକୁ ଭୂକମ୍ପପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। କେଉଁ ଅଞ୍ଚଳ ସମ୍ବେଦନଶୀଳ ଏବଂ ଅଣ ସମ୍ବେଦନଶୀଳ। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ଏହିସବୁ ଅଞ୍ଚଳରେ କି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ସହରରେ ସହରାଞ୍ଚଳ ଭୂମିକମ୍ପ ବିପଦସଙ୍କୁଳନ ହ୍ରାସ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହାବ୍ୟତୀତ ଏ ସମ୍ପର୍କରେ ବିଭିନ୍ନ ସ୍କୁଲରେ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ତାଲିମ ଇତ୍ୟାଦି ଦିଆଯାଉଛି। ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ରାଜମିସ୍ତ୍ରିମାନଙ୍କୁ ଭୂମିକମ୍ପ ସହଣୀୟ ନିର୍ମାଣ କାର୍ଯ୍ୟ ବିଷୟରେ ତାଲିମ ଦିଆଯାଉଛି। ଏହାଛଡ଼ା ଭୂମିକମ୍ପ ସମ୍ପର୍କରେ ଜାଣିବା ପାଇଁ ପ୍ରାଥମିକ ଶିକ୍ଷା ପାଠ୍ୟ ଖସଡ଼ାରେ ସାମିଲ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ଦାଉ ସାଧୁଛି ପ୍ରାକୃତିକ ବିପତ୍ତି

ରାଜ୍ୟରେ ପ୍ରାକୃତିକ ବିପଦ ଦାଉସାଧୁଛି। ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ବହୁମୂଲ୍ୟ ଜୀବନ ଓ ଧନସମ୍ପତ୍ତି ଉଜାଡି ଦେଉଛି। ଗତ ୫ ବର୍ଷରେ (୨୦୧୮-୧୯ରୁ ୨୦୨୨-୨୩) ରାଜ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୧୬,୩୭୨ ଜଣଙ୍କ ମୃତ୍ୟୁ ଘଟିଛି। ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ୫ ବର୍ଷରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୧୬,୩୭୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ ନଦୀ, ପୋଖରୀ ଆଦିରେ ବୁଡ଼ି ସର୍ବାଧିକ ୭୮୭୪ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ସାପ କାମୁଡ଼ାରେ ୫୨୧୯ ଜଣଙ୍କ ମୃତ୍ୟୁ ଘଟିଛି।

ଗତ ୫ ବର୍ଷରେ ବଜ୍ରପାତରେ ୨୦୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗ୍ନିକାଣ୍ଡରେ ୭୫୯, ବାତ୍ୟାରେ ୧୪୦, ଡଙ୍ଗା ବୁଡ଼ିରେ ୪୬, ବନ୍ୟାରେ ୭୩, ଗ୍ରୀଷ୍ମପ୍ରବାହରେ ୧୪୧, ଚକ୍ରବାତରେ ୩୧ ଓ ପ୍ରବଳ ବର୍ଷାରେ ୩୧ ଜଣଙ୍କ ମୃତ୍ୟୁ ହୋଇଛି।

ମୟୂରଭଞ୍ଜ ଜିଲାର ସର୍ବାଧିକ ୬୫୧ ଜଣ ପାଣିରେ ବୁଡ଼ି ଜୀବନ ହରାଇଛନ୍ତି। ସେହିପରି ସାପ କାମୁଡ଼ାରେ ରାଜ୍ୟରେ ଗତ ୫ ବର୍ଷରେ ୫୨୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୬୦ ଜଣଙ୍କ ମୃତ୍ୟୁ ଘଟିଛି। ବଜ୍ରପାତ ଓ ଅଗ୍ନିକାଣ୍ଡରେ ମଧ୍ୟ ମୟୂରଭଞ୍ଜ ଜିଲାରେ ଯଥାକ୍ରମେ ସର୍ବାଧିକ ୨୧୦ ଓ ୮୮ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରବଳ ବର୍ଷାରେ ଏହି ଜିଲାରେ ଗତ ୫ ବର୍ଷରେ ସର୍ବାଧିକ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଗତ ୫ ବର୍ଷରେ ପାଣିରେ ବୁଡ଼ି ଅନୁଗୋଳ ☞ପୃଷ୍ଠା-୨



## ସଂକ୍ଷେପରେ

### ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂରେ ୨୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୮।୯:** କେନ୍ଦ୍ର ସରକାର ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂ ଉପରେ ୨୮ ପ୍ରତିଶତ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ (ସିବିଆଇସି) ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ ଏହା ଘୋଷଣା କରିଛନ୍ତି। ବିଭିନ୍ନ ସେକ୍ଟରକୁ ଜିଏସ୍‌ଟି ପରିସରକୁ ଆଣି ଟିକସ ସଂଗ୍ରହ ବଢ଼ାଇବା ପାଇଁ ସରକାର ଉଦ୍ୟମ ଚଳାଇଥିବାବେଳେ ଅନ୍‌ଲାଇନ ଗେମିଂ ଉପରେ ଜିଏସ୍‌ଟି ଲାଗୁ କରିବା ସେଥିରୁ ଅନ୍ୟତମ। ସବୁ ରାଜ୍ୟଙ୍କ ସହମତି ଏବଂ ଲୋକ ସଭାରେ ଜିଏସ୍‌ଟି ଆଇନ ସଂଶୋଧନ ବିଲ୍ ଗୃହୀତ ହେବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକର ବିଧାନସଭାରେ ଅନ୍‌ଲାଇନ ଗେମିଂ ଉପରେ ଜିଏସ୍‌ଟି ହାର ପାଇଁ ଆଇନ ଆଣିବାକୁ ହେବ। କେତେକ ଅନ୍‌ଲାଇନ୍ ଗେମିଂ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଆଇନଗତ ପ୍ରକ୍ରିୟା ବୋଲି ସିବିଆଇସି ଅଧ୍ୟକ୍ଷ କହିଛନ୍ତି।

### ହ୍ୟାରି ପୋଟର ଅଭିନେତା ଗାମ୍ବୋନ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୮।୯:** ୮ 'ହ୍ୟାରି ପୋଟର' ଫିଲ୍ମ ମଧ୍ୟରୁ ୬ଟିରେ ହଗ୍‌ୱାର୍ଟ୍ସ ପ୍ରଧାନଶିକ୍ଷକ ଆଲବସ୍ ଡୁମ୍ବ୍‌ଲେଡୋରଙ୍କ ଭୂମିକାରେ ଅଭିନୟ କରିଥିବା ବର୍ଷୀୟାନ ଅଭିନେତା ମିଚେଲ୍ ଗାମ୍ବୋନ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ନିମୋନିଆରେ ଆକ୍ରାନ୍ତ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଆନି ଏବଂ ପୁଅ ଫେର୍‌ଗସ ଉପସ୍ଥିତ ଥିଲେ। ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିନୟ କ୍ୟାରିୟରରେ ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗାମ୍ଭୀର୍ଯ୍ୟଭରା କଣ୍ଠସ୍ୱର ପାଇଁ ସେ ସ୍ୱତନ୍ତ୍ର ସ୍ୱୀକୃତି ପାଇଥିଲେ।



ଜରୁରୀ ସ୍ଥିତିରେ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବ୍ରିଟେନ୍‌ର ଇଷ୍ଟ ସସେକ୍ସରେ ରୟାଲ୍ ନ୍ୟାଶନାଲ୍ ଲାଇଫ୍‌ବୋଟ୍ ଇନ୍‌ଷ୍ଟିଚ୍ୟୁଶନ୍ ପକ୍ଷରୁ ଅଭ୍ୟାସ ଚାଲିଥିବାବେଳେ ସମୁଦ୍ରର ଢେଉ ଭାଙ୍ଗି ଆଗକୁ ବଢ଼ୁଛି ଏକ ବୋଟ୍।

# କେନ୍ଦ୍ରକୁ ନ୍ୟାୟ ମାଗିଲେ ମଣିପୁରୀ ବିଧାୟକ

**ଛାତ୍ରୀ, ଛାତ୍ରଙ୍କ ହତ୍ୟା ମାମଲା**

- ଦିଲ୍ଲୀରେ ଡେରା ପକାଇଛନ୍ତି ୨୦ ବିଧାୟକ
- ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଇମ୍ଫାଲ ୱେଷ୍ଟ ଜିଲାରେ କୁକି ଜୋ ଉଗ୍ରପନ୍ଥୀମାନେ ଏକ ଗାଡ଼ିକୁ ଜାଳିଦେଇଛନ୍ତି।

**ଇମ୍ଫାଲ/ନୂଆଦିଲ୍ଲୀ,୨୮।୯**

ଜୁନ୍ ୩ରୁ ଜାତିଆଣ ହିଂସାରେ ଜଳୁଥିବା ମଣିପୁରରେ ମେଇତି ସମ୍ପ୍ରଦାୟର ନିଖୋଜ ଛାତ୍ରୀ ଲୁୱାଙ୍ଗ୍‌ବି ହିଜାମ୍ ଏବଂ ଛାତ୍ର ଫିଜାମ୍ ହେମନ୍‌ଜିତଙ୍କୁ ଅପହରଣ ଓ ହତ୍ୟା ଘଟଣା ଉତ୍ତେଜନା ବୃଦ୍ଧିର କାରଣ ହୋଇଛି। ମଣିପୁରର ୨୦ରୁ ଊର୍ଦ୍ଧ୍ୱ ବିଧାୟକ ଗୁରୁବାର ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ସେମାନେ ଏହି ଛାତ୍ରୀ ଓ ଛାତ୍ରଙ୍କ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି।

ମଣିପୁରର ଭାଜପା ବିଧାୟକ ରାଜକୁମାର ଇମୋ ସିଂ ଏକ୍ସ'ରେ ଲେଖିଛନ୍ତି, ଆଗାମୀ କିଛିଦିନ ଭିତରେ ଅପରାଧୀଙ୍କୁ ଗିରଫ କରି ମୃତ ଛାତ୍ରୀ ଓ ଛାତ୍ରଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ। ସେହିପରି ସଶସ୍ତ୍ର ବଳକୁ ମଧ୍ୟ ମାନବୀୟ ଢଙ୍ଗରେ ସ୍ଥିତିର ଉଚିତ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ଶ୍ରୀନଗର ଏସ୍‌ଏସ୍‌ପି ରାକେଶ ବିଲାୱଲଙ୍କୁ ମଣିପୁରକୁ ବଦଳି କରିଛନ୍ତି। ୨୦୧୨ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ୍ ଅଧିକାରୀ ବିଲାୱଲ ଅନେକ ଆତଙ୍କବାଦ ନିରୋଧୀ ଅପରେଶନ୍‌ର ନେତୃତ୍ୱ ନେଇଛନ୍ତି। ତେଣୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ହିଂସା ନିୟନ୍ତ୍ରଣରେ ତାଙ୍କ ଅଭିଜ୍ଞତା ସହାୟକ ହେବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷେ ହତ୍ୟାର ଶିକାର ହୋଇଥିବା ଲୁୱାଙ୍ଗ୍‌ବି ଏବଂ ଫିଜାମ୍‌ଙ୍କ ପରିବାର ଲୋକେ ନିଜ ନିଜ ପିଲାଙ୍କ ମୃତଦେହ ଠାବ ସହ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଛନ୍ତି। ସିବିଆଇ ତଦନ୍ତ ଦ୍ୱାରା ପ୍ରକୃତ ସତ ପଦାକୁ ଆସିବ ବୋଲି ୧୮ ବର୍ଷୀୟା ଝିଅ ଲୁୱାଙ୍ଗ୍‌ବିଙ୍କ ବାପା ହିଜାମ୍ କୁଲାଜିତ୍ ଆଶାବ୍ୟକ୍ତ କରିଛନ୍ତି।

### ମୋଦି କାହିଁକି ଆସୁନାହାନ୍ତି: ଇରୋମ ଶର୍ମିଳା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ଏ ଦେଶର ନେତା। ସେ ମଣିପୁର ଗସ୍ତକରି ଲୋକଙ୍କ ସହ ଆଲୋଚନା କଲେ କେବେଠୁ ସମସ୍ୟାର ସମାଧାନ ହୋଇଥାଆନ୍ତା। କିନ୍ତୁ ଭାଜପା ସମାଧାନ ପରିବର୍ତ୍ତେ ସଙ୍କଟ ବଢ଼ାଇବାକୁ ଚାହୁଁଛି ବୋଲି ବିଶିଷ୍ଟ ମାନବାଧିକାର କର୍ମୀ ଇରୋମ ଚାନୁ ଶର୍ମିଳା କହିଛନ୍ତି। ରାଜ୍ୟରେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ଏ)କୁ ଆଉ ୬ ବୃଦ୍ଧି କରାଯିବାର ଦିନକ ପରେ ଏହି ପଦକ୍ଷେପକୁ ମଣିପୁରର 'ଲୌହ ମାନବୀ' ଶର୍ମିଳା ନାପସନ୍ଦ କରିଛନ୍ତି। ଦମନମୂଳକ ଆଇନ ଲଦିଦେବା ଦ୍ୱାରା ସଂଘର୍ଷର ସମାଧାନ ହେବ ନାହିଁ। ଏହି ଅଭୂତପୂର୍ବ ସଙ୍କଟ ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସରକାରଙ୍କ ନୀତିଗୁଡ଼ିକ ଦାୟୀ। ହିଂସା ଆରମ୍ଭ ହେବା ଦିନଠୁ ଆଜିଯାଏ ପ୍ରଧାନମନ୍ତ୍ରୀ କାହିଁକି ମଣିପୁରକୁ ଗସ୍ତ କରୁନାହାନ୍ତି ବୋଲି ଶର୍ମିଳା ପ୍ରଶ୍ନ କରିଛନ୍ତି।

# ସ୍ୱାମୀନାଥନ୍ ଦେଇଥିଲେ ଏମ୍‌ଏସ୍‌ପି ସୂତ୍ର



ଏମ୍.ଏସ୍. ସ୍ୱାମୀନାଥନ୍

**ନୂଆଦିଲ୍ଲୀ,୨୮।୯**

ବିଶିଷ୍ଟ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଗୁରୁବାର ଚେନ୍ନାଇ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ଗତ ବର୍ଷ ସ୍ତ୍ରୀ ମୀନା ସ୍ୱାମୀନାଥନ୍‌ଙ୍କ ପରଲୋକ ହୋଇଥିବାବେଳେ ତାଙ୍କ ୩ ଝିଅ ଅଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଧାନ, ଗହମ ଆଦି ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଶ୍ରେୟ ସ୍ୱାମୀନାଥନ୍‌ଙ୍କୁ ଦିଆଯାଇଥାଏ। ଯଦିଓ ଏମ୍‌ଏସ୍‌ପି ସ୍ୱପ୍ନ ସମ୍ପୂର୍ଣ୍ଣ ପୂରଣ ହୋଇନାହିଁ ତଥାପି ଦେଶର ଚାଷୀମାନେ ତାଙ୍କୁ ଏହି ଅବଦାନ ପାଇଁ ମନେରଖନ୍ତି। ୨୦୦୪ରେ ସ୍ୱାମୀନାଥନ୍ ଫାର୍ମର୍ସ କମିଶନ ଅଧ୍ୟକ୍ଷ ଥିବାବେଳେ କୃଷି ସଙ୍କଟ ଦୂର କରିବା ପାଇଁ ଏମ୍‌ଏସ୍‌ପି ସୂତ୍ର ବାହାର କରିଥିଲେ।

### ଓଡ଼ିଶା ପ୍ରତି ଅବଦାନ

ଦୀର୍ଘ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶା ସହ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ସମ୍ପର୍କ ଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍) କୋରାପୁଟ ଜିଲାର ଜୟପୁର ଅଞ୍ଚଳରେ ସକ୍ରିୟତାର ସହ କାର୍ଯ୍ୟ କରିଆସିଛି। ସ୍ୱାମୀନାଥନ୍ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ ପରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଯୋଗଦେଇଥିଲେ। ଜୟପୁରରେ ଥିବା ଏମ୍‌ଏସ୍‌ଏସ୍‌ଆର୍‌ଏଫ୍‌ର ଆଞ୍ଚଳିକ କେନ୍ଦ୍ର ବିଜୁ ପଟ୍ଟନାୟକ ଟ୍ରାଇବାଲ ଆଗ୍ରୋବାୟୋଡାଇଭର୍ସିଟି ସେଣ୍ଟର ଆଦିବାସୀ କୃଷକମାନଙ୍କୁ ସେମାନଙ୍କ ଇଣ୍ଟେଲକ୍ଚୁଆଲ ପ୍ରପର୍ଟି ରାଇଟ୍ସ ସୁରକ୍ଷା ଦିଗରେ ସହଯୋଗ କରୁଛି। କେନ୍ଦ୍ରାପଡ଼ା ଜିଲାରେ ୧୯୯୪ରୁ ପ୍ରାୟ ୧୨ ବର୍ଷ ଧରି ସ୍ୱାମୀନାଥନ୍ ଉପକୂଳ ଭୂମିରେ ହେନ୍ତାଳ ବଣର ସୁରକ୍ଷା ଦିଗରେ କାର୍ଯ୍ୟ କରିଥିଲେ।

### ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ମହାନ୍ ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍ ଏକ ସମୃଦ୍ଧ ଲିଗାସି ଛାଡ଼ିଯାଇଛନ୍ତି, ଯାହାକି ଭବିଷ୍ୟତରେ ମାନବ ଜାତି ପାଇଁ ଏକ ସୁରକ୍ଷିତ ଓ କ୍ଷୁଧାମୁକ୍ତ ବିଶ୍ୱ ଗଠନ ଦିଗରେ ସହାୟକ ହେବ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

ଭାରତୀୟ ସବୁଜ ବିପ୍ଳବର ଜନକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ପରଲୋକ ଖବର ଶୁଣି ମର୍ମାହତ। ଦେଶର କୃଷି କ୍ଷେତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ଅନେକ କୋଟି କୃଷକଙ୍କ ସମୃଦ୍ଧି ପଛରେ ସ୍ୱାମୀନାଥନ୍‌ଙ୍କ ଦୂରଦୃଷ୍ଟି ରହିଛି।

**-ଜଗଦୀପ ଧନକର, ଉପରାଷ୍ଟ୍ରପତି**

ଡ. ସ୍ୱାମୀନାଥନ୍‌ଙ୍କ ଦୁଃଖଦ ପରଲୋକରେ ମର୍ମାହତ। ଜାତୀୟ ଇତିହାସରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ କୃଷି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣି ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଲୋକଙ୍କ ଜୀବନ ରକ୍ଷା କରିଥିଲେ। କୃଷି ଗବେଷଣା ପ୍ରତି ତାଙ୍କ ପ୍ରତିଶ୍ରୁତିବଦ୍ଧତା ଓ ମାର୍ଗଦର୍ଶନକୁ ଦେଶ ମନେରଖିବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଭାରତୀୟ ସବୁଜ ବିପ୍ଳବର ପ୍ରମୁଖ ବିନ୍ଧାଣି ସ୍ୱାମୀନାଥନ୍‌ଙ୍କ ପରଲୋକରେ ତାଙ୍କ ପରିବାରକୁ ସମବେଦନା ଜଣାଉଛି। କୃଷି ବିଜ୍ଞାନକୁ ତାଙ୍କ ଅତୁଳନୀୟ ଅବଦାନ ଭାରତକୁ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇଛି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ପ୍ରଖ୍ୟାତ ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ପରଲୋକରେ ଦୁଃଖିତ। ସେ ଭାରତକୁ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇଥିଲେ। ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ।

**-ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**

ସବୁଜ ବିପ୍ଳବର ଜନକ ସ୍ୱାମୀନାଥନ୍‌ଙ୍କ ପରଲୋକରେ ଗଭୀର ମର୍ମାହତ। ତାଙ୍କ ନିରନ୍ତର ଉଦ୍ୟମ ଓ ମାର୍ଗଦର୍ଶନ ବଳରେ ଦେଶରୁ ଖାଦ୍ୟ ଅସୁରକ୍ଷା ଦୂର ହୋଇଥିଲା।

**-ପୀୟୂଷ ଗୋୟଲ, କେନ୍ଦ୍ର ଖାଦ୍ୟମନ୍ତ୍ରୀ**

ପ୍ରଫେସର ସ୍ୱାମୀନାଥନ୍‌ଙ୍କ ପରଲୋକ ସହ କୃଷି ଗବେଷଣା ଓ ଶିକ୍ଷା ପାଇଁ ଏକ ଯୁଗର ଅବସାନ ଘଟିଛି। ମହାତ୍ମା ଗାନ୍ଧୀଙ୍କ କହିବା ଅନୁସାରେ ଯଦି ଭଗବାନ ଗରିବ ଓ କ୍ଷୁଧାର୍ତ୍ତଙ୍କ ଆଗରେ ଖାଦ୍ୟ ରୂପେ ଆବିର୍ଭାବ ହୋଇଛନ୍ତି, ସେହି ଈଶ୍ୱର ହେଉଛନ୍ତି ଡ. ସ୍ୱାମୀନାଥନ୍, ଯାହାଙ୍କୁ ପ୍ରତ୍ୟେକ ନାଗରିକ ଖାଦ୍ୟ ଗ୍ରହଣ ସମୟରେ ପୂଜା କରିବା ଉଚିତ।

**-ଏ.କେ. ସିଂ, ଜାତୀୟ କୃଷି ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ସ୍ୱାମୀନାଥନ୍ ସାଧାରଣ ଲୋକଙ୍କ ଅନ୍ନଦାତା ଏବଂ ଗ୍ରୀନ୍ ରିଭୋଲ୍ୟୁଶନର ସ୍ଥପତି ଥିଲେ। ତାଙ୍କ ପରଲୋକରେ ଆଧୁନିକ ଭାରତୀୟ କୃଷିର ପ୍ରକୃତ ନାୟକଙ୍କୁ ଦେଶ ହରାଇଛି।

**-ତ୍ରିଲୋଚନ ମହାପାତ୍ର, ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମହାନିର୍ଦ୍ଦେଶକ**

# ମୋଦି ସରକାର ଯୁବବର୍ଗଙ୍କ ସ୍ୱପ୍ନକୁ ମାରିଦେଇଥିବାରୁ ଆତ୍ମହତ୍ୟା ବଢ଼ୁଛି: କଂଗ୍ରେସ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ବେରୋଜଗାରୀ ବୃଦ୍ଧି ପାଉଥିବାରୁ କଂଗ୍ରେସ ଗୁରୁବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ଏହି ସରକାର ଦେଶର ଯୁବବର୍ଗଙ୍କ ଆଶା ଓ ସ୍ୱପ୍ନକୁ ଦଳିଦେଇଥିବାରୁ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଜନସାଂଖ୍ୟିକ ବିଭାଜନ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସରକାର ଏହାକୁ ଜନସାଂଖ୍ୟିକ ବିପର୍ଯ୍ୟୟରେ ପରିଣତ କରିଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବଢ଼ୁଥିବାବେଳେ ସରକାର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟରେ ଜାଲିଆତି କରିବାକୁ ଚାହିଁପାରନ୍ତି ବୋଲି ଜୟରାମ ଆଶଙ୍କା ବ୍ୟକ୍ତ କରିଛନ୍ତି। ବେରୋଜଗାରୀ ଦେଶର ଏକ ବଡ଼ ସମସ୍ୟା ହୋଇଛି। ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କ ସମେତ ବହୁସଂଖ୍ୟାରେ ଉଚ୍ଚଶିକ୍ଷିତ ଆନୁଷ୍ଠାନିକ ନିଯୁକ୍ତି ପାଇବାରେ ବିଫଳ ହୋଇ କୁଲି କାମ ଆପଣାଇବାକୁ ବାଧ୍ୟ ହେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲଠାରେ କୁଲିମାନଙ୍କ ସହ ଆଲୋଚନାରୁ ଜାଣିବାକୁ ପାଇଥିଲେ ବୋଲି ଜୟରାମ କହିଛନ୍ତି। ମୋଦି ସରକାର ପର୍ଯ୍ୟାପ୍ତ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ୨୦୧୯-୨୦ ତୁଳନାରେ ୨୦୨୧-୨୨ରେ ଫର୍ମାଲ ସେକ୍ଟରରେ ନିଯୁକ୍ତି ୫..୩ ପ୍ରତିଶତ କମିଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ତଥ୍ୟରୁ ଜଣାପଡ଼ିଛି। ସେହିପରି ଆନୁଷ୍ଠାନିକ ନିଯୁକ୍ତିଦାତାଙ୍କ ସଂଖ୍ୟା ମଧ୍ୟ ୧୦.୫ ପ୍ରତିଶତ ହ୍ରାସ ପାଇଛି। ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟି ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ତଥ୍ୟରେ ୨୫ ବର୍ଷରୁ କମ୍ ବେରୋଜଗାରୀ ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ୨୦୨୧-୨୨ରେ ୪୨ ପ୍ରତିଶତ ରହିଥିଲା।

**ଭାଜପା ଏମ୍‌ପି ବିଧୁରୀଙ୍କ ବିବାଦୀୟ ମନ୍ତବ୍ୟ**

# ଅନୁଧ୍ୟାନ କରିବ ସ୍ୱାଧିକାର କମିଟି



ରମେଶ ବିଧୁରୀ

**ନୂଆଦିଲ୍ଲୀ,୨୮।୯**

ବିଏସ୍‌ପି ଏମ୍‌ପି ଡାନିସ୍ ଅଲିଙ୍କ ପ୍ରତି ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିଥିବା ଭାଜପା ସଦସ୍ୟ ରମେଶ ବିଧୁରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗଗୁଡ଼ିକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସ୍ୱାଧିକାର କମିଟିର ଅନୁଧ୍ୟାନ ପାଇଁ ପଠାଇଛନ୍ତି। ବିଧୁରୀ ଅଲିଙ୍କୁ ମୁସଲମାନ ଆତଙ୍କବାଦୀ ବୋଲି କହିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଲିଙ୍କ ସମେତ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଡିଏମ୍‌କେର କାନିମୋଝି ଓ ଅନ୍ୟ ବିରୋଧୀ ଦଳ ନେତାମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ଗୃହରେ ଦକ୍ଷିଣ ଦିଲ୍ଲୀ ଏମ୍‌ପି କହୁଥିବାବେଳେ ବିଏସ୍‌ପି ଏମ୍‌ପି ତାଙ୍କୁ ଉତ୍ତ୍ୟକ୍ତ କରାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ଭାଜପାର ନିଶିକାନ୍ତ ଦୁବେ ପ୍ରମୁଖ ଦାବି ଜଣାଇଥିଲେ।

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଶେଷ ଦିନରେ ଚନ୍ଦ୍ରୟାନ-୩ ସଫଳତା ଉପରେ ଆଲୋଚନା ଚାଲିଥିବାବେଳେ ବିଧୁରୀ ଅଲିଙ୍କୁ ଟାର୍ଗେଟ କରି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧୁରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ଭାଜପା ଏମ୍‌ପି ସୁନୀଲ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱାଧିକାର କମିଟି ଅନୁଧ୍ୟାନ କରିବ।

### ବିଧୁରୀଙ୍କୁ ନିର୍ବାଚନ ଦାୟିତ୍ୱ, ବିରୋଧୀଙ୍କ ସମାଲୋଚନା

ଲୋକ ସଭାରେ ବିଏସ୍‌ପି ଏମ୍‌ପି ଡାନିସ୍ ଅଲିଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ରମେଶ ବିଧୁରୀଙ୍କୁ ଭାଜପା ରାଜସ୍ଥାନର ଟୋଙ୍କ ଜିଲାରେ ନିର୍ବାଚନ ଦାୟିତ୍ୱ ଦେଇ ସମାଲୋଚିତ ହୋଇଛି। ଘୃଣାର ପ୍ରସାର କରୁଥିବା ନେତାଙ୍କୁ ସମ୍ମାନିତ କରାଯାଉଛି। ଏହା ଦ୍ୱାରା ଶାସକ ଦଳର ପ୍ରକୃତ ଚରିତ୍ର ପଦାରେ ପଡ଼ିଛି ବୋଲି ଡାନିସ୍ କହିଛନ୍ତି। ବିଧୁରୀ ପାର୍ଲାମେଣ୍ଟରେ ବିଏସ୍‌ପି ଏମ୍‌ପିଙ୍କୁ ଆତଙ୍କବାଦୀ କହିବା ପରେ ଭାଜପା ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲା। ଉକ୍ତ ନୋଟିସ୍‌ର ସେ ଜବାବ ଦେଇ ନ ଥିବାବେଳେ ତାଙ୍କୁ ନିର୍ବାଚନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ବିରୋଧୀ ସମାଲୋଚନା କରିଛନ୍ତି।

# ପୂର୍ବତନ ନାଜି ସୈନ୍ୟଙ୍କୁ ସମ୍ମାନିତ କରି କ୍ଷମା ମାଗିଲେ ଟ୍ରୁଡୋ

**ଓଟ୍ଟାୱା,୨୮।୯(ପି.ଟି.)**

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନାଜି ସେନା ପାଇଁ ଲଢ଼େଇ କରିଥିବା ବର୍ଷୀୟାନ ସୈନ୍ୟଙ୍କୁ କାନାଡା ପାର୍ଲାମେଣ୍ଟରେ ସମ୍ମାନିତ କରାଯିବାକୁ ବିଶ୍ୱବ୍ୟାପୀ ଏହାକୁ ନିନ୍ଦା କରାଯିବା ପରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଏଥିପାଇଁ କ୍ଷମା ମାଗିଛନ୍ତି। କାନାଡା ଇତିହାସରେ ଏହା ସବୁଠୁ ବଡ଼ କୂଟନୈତିକ ଲଜ୍ଜା ବୋଲି ବିରୋଧୀ ଦଳ କହିଥିଲେ।

ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତାଙ୍କ ହତ୍ୟାରେ ଭାରତ ସମ୍ପୃକ୍ତ ବୋଲି ଟ୍ରୁଡୋ ଅଭିଯୋଗ ଆଣି ନୂଆଦିଲ୍ଲୀ ସହ କୂଟନୈତିକ ତିକ୍ତତା ବଢ଼ାଇଥିବାବେଳେ ଗତ ଶୁକ୍ରବାର କାନାଡା ପାର୍ଲାମେଣ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କ ଉପସ୍ଥିତିରେ ପୂର୍ବତନ ନାଜି ସୈନ୍ୟ ୟାରୋସ୍ଲାଭ୍ ହୁଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିପାଇଁ ଦାୟୀ ବାଚସ୍ପତି ଆନ୍ଥୋନି ରୋଟା ମଙ୍ଗଳବାର ଇସ୍ତଫା ଦେଇଥିଲେ।



ତାଜମହଲ ସମ୍ମୁଖରେ ଫଟୋ ପୋଜ୍ ଦେଉଛନ୍ତି ମିସ୍ ୟୁନିଭର୍ସ ଗ୍ରେଟ୍ ବ୍ରିଟେନ୍-୨୦୨୩ ଜେସିକା ପେଜ୍

# ୟୁକ୍ରେନ୍ ମନ୍ତବ୍ୟ ପାଇଁ ବିବେକ ରାମସ୍ୱାମୀ ସମାଲୋଚିତ

**ୱାଶିଂଟନ,୨୮।୯**

ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ଏକ ପ୍ରାଇମେରିରେ ୟୁକ୍ରେନ୍ ସମ୍ପର୍କିତ ମନ୍ତବ୍ୟ ଦେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସମାଲୋଚିତ ହୋଇଛନ୍ତି। ସେ କ୍ଷମତାକୁ ଆସିଲେ ରୁଷିଆ ବିରୋଧରେ ଚାଲିଥିବା ଯୁଦ୍ଧରେ ୟୁକ୍ରେନ୍‌କୁ ସମର୍ଥନ କରିବେ ନାହିଁ ବୋଲି କହିଥିଲେ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍‌କୁ ସହାୟତା ବନ୍ଦ ଚାହୁଁଥିବାବେଳେ ରାମସ୍ୱାମୀ ତାଙ୍କ ରାସ୍ତାରେ ଯାଉଥିବା ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ୍ ଆଶାୟୀ ପ୍ରାର୍ଥୀ କହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଜଣେ ଦୁଷ୍ଟ ଏକଚ୍ଛତ୍ରବାଦୀ ଅର୍ଥ ନୁହେଁ ଯେ ୟୁକ୍ରେନ୍ ଭଲ। ଏହି ଦେଶ ୧୧ଟି ବିରୋଧୀ ଦଳକୁ ବେଆଇନ ଘୋଷଣା କରିଛି ବୋଲି ବୁଧବାର କାଲିଫର୍ନିଆର ସିମି ଭ୍ୟାଲିସ୍ଥିତ ରେଗାନ ଲାଇବ୍ରେରିରେ ଅନୁଷ୍ଠିତ ଦ୍ୱିତୀୟ ରିପବ୍ଲିକାନ୍ ରାଷ୍ଟ୍ରପତୀୟ ପ୍ରାଇମେରିରେ ଉଦ୍‌ବୋଧନ ଦେଇ ରାମସ୍ୱାମୀ କହିଥିଲେ। ଏହାକୁ ପୂର୍ବତନ ଉପରାଷ୍ଟ୍ରପତି ମାଇକ୍ ପେନ୍ସ, ନ୍ୟୁଜର୍ସିର ପୂର୍ବତନ ଗଭର୍ନର କ୍ରିସ୍ କ୍ରିଷ୍ଟି ଏବଂ ଦକ୍ଷିଣ କାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ସମାଲୋଚନା କରିଛନ୍ତି। ଭାରତୀୟ ବଂଶୋଦ୍ଭବ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ହାଲି କହିଛନ୍ତି, ରୁଷିଆର ବିଜୟ ଅର୍ଥ ଚାଇନାର ବିଜୟ। ତେବେ ଏଥିରେ ରାମସ୍ୱାମୀ ସହମତ ହୋଇ ନ ଥିଲେ। ଚାଇନା ହେଉଛି ଆମେରିକାର ପ୍ରକୃତ ଶତ୍ରୁ। ଆମେ ୟୁକ୍ରେନ୍‌କୁ ସହାୟତା କରି ରୁଷିଆକୁ ଚାଇନାର ନିକଟତର କରାଉଛେ। ଯୁଦ୍ଧର ପରିସମାପ୍ତି ଲାଗି ଉପଯୁକ୍ତ ଶାନ୍ତି ଯୋଜନା ଆବଶ୍ୟକ ବୋଲି ରାମସ୍ୱାମୀ କହିଥିଲେ।

ପେନ୍ସ ଏଥିରେ ହସ୍ତକ୍ଷେପ କରି କହିଥିଲେ, ଆମେ ଯଦି ରୁଷିଆକୁ ୟୁକ୍ରେନ୍ ଦଖଲ ପାଇଁ ଛାଡ଼ିଦେବା, ତେବେ ତାହା ଚାଇନାକୁ ତାଇୱାନ ଦଖଲ ଲାଗି ସବୁଜ ସଙ୍କେତ ମିଳିଯିବ। ସାମର୍ଥ୍ୟ ଜରିଆରେ ଶାନ୍ତି ଆସିବ ବୋଲି ସେ ମତ ଦେଇଥିଲେ। ସେହିପରି କ୍ରିଷ୍ଟି କହିଥିଲେ, ୟୁକ୍ରେନରେ ଯୁଦ୍ଧ ପାଇଁ ଚାଇନିଜ୍‌ମାନେ ରୁଷିଆକୁ ସହାୟତା କରୁଛନ୍ତି। ଚାଇନା ପ୍ରୋତ୍ସାହନରେ ଇରାନ ଏବଂ ଉତ୍ତର କୋରିଆ ରୁଷିଆକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଯୋଗାଉଥିବା ନ୍ୟୁଜର୍ସିର ପୂର୍ବତନ ଗଭର୍ନର କହିଥିଲେ।



ବିବେକ ରାମସ୍ୱାମୀ



ନିକ୍କି ହାଲି

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯/୨୦୨୩ Bhubaneswar, Friday, September 29/2023


# ଥ୍ରୋଟଲ୍‌ରେ ଥୋଇଲେ ବ୍ୟାଗ୍, ମାଡ଼ିଗଲା ଟ୍ରେନ୍

## ଭିଡିଓ କଲ୍ କରୁଥିଲେ କର୍ମଚାରୀ

ନୂଆଦିଲ୍ଲୀ/ମଥୁରା,୨୮।୯

ଜଣେ ଟ୍ରେନ୍ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଉତ୍ତରପ୍ରଦେଶର ମଥୁରା ରେଳଷ୍ଟେଶନରେ ଛିଡ଼ାହୋଇଥିବା ଏକ ଟ୍ରେନ୍ ମଙ୍ଗଳବାର ରାତିରେ ଲାଇନ୍‌ଚ୍ୟୁତ ହୋଇ ପ୍ଲାଟ୍‌ଫର୍ମକୁ ମାଡ଼ିଯାଇଥିଲା। ଏଥିରେ ଜଣେ ମହିଳା ଆହତ ହୋଇଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଟ୍ରେନ୍‌ରେ ଲାଗିଥିବା ସିକ୍ୟୁରିଟି କ୍ୟାମେରାରେ ରେକର୍ଡ ହୋଇଥିବା ସେହି ସମୟର ଭିଡିଓରୁ ଦୁର୍ଘଟଣାର କାରଣ ଜଣାପଡ଼ିଛି। ଟ୍ରେନ୍‌ରୁ ସମସ୍ତ ଯାତ୍ରୀ ଓହ୍ଲାଇଯିବା ପରେ ରେଳୱେର ଜଣେ କର୍ମଚାରୀ ଇଞ୍ଜିନ୍ କ୍ୟାବିନ୍‌ରେ ପ୍ରବେଶ କରୁଥିବା ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ସଚିନ୍ ନାମକ ଉକ୍ତ ବ୍ୟକ୍ତି ଇଞ୍ଜିନ୍‌ର ଥ୍ରୋଟଲ ଉପରେ ତାଙ୍କ ବ୍ୟାଗ୍ ରଖି ଫୋନ୍‌ରେ ଭିଡିଓ କଲ୍‌ରେ ବ୍ୟସ୍ତ ଥିଲେ। ବ୍ୟାଗ୍‌ର ଚାପ ଯୋଗୁ ଥ୍ରୋଟଲ୍ ଫରୱାର୍ଡ ପୋଜିଶନ୍‌କୁ ଚାଲିଯାଇଥିଲା। ଫଳରେ ଟ୍ରେନ୍‌ଟି ପ୍ଲାଟ୍‌ଫର୍ମ ଆଡ଼କୁ ମାଡ଼ିଯାଇଥିଲା। ଟ୍ରେନ୍ ଆଗକୁ ବଢ଼ିବା ସହ ଡେଡ୍ ଏଣ୍ଡ୍‌କୁ ଭାଙ୍ଗି ଏହାର କିଛି ଅଂଶ ପ୍ଲାଟ୍‌ଫର୍ମକୁ ଉଠିଯାଇଥିବା ଭିଡିଓରେ ଦେଖାଯାଇଛି। ଏହି ଦୁର୍ଘଟଣା ପାଇଁ ସଚିନ୍‌ଙ୍କ ସମେତ ୫ ଜଣଙ୍କୁ ନିଲମ୍ବନ କରାଯାଇଥିବା ଡିଭିଜନାଲ ରେଲ୍‌ୱେ ମ୍ୟାନେଜର ପ୍ରକାଶ ଅଗ୍ରୱାଲ କହିଛନ୍ତି। ଇଞ୍ଜିନ୍ କ୍ୟାବିନ୍‌କୁ ଚାବି ଆଣିବାକୁ ଯାଇଥିବା ସଚିନ ସେହି ସମୟରେ ମଦ ପିଇଥିଲେ କି ନାହିଁ, ତାହାର ତଦନ୍ତ କରାଯାଉଛି। ତାଙ୍କୁ ହସ୍ପିଟାଲ ନିଆଯାଇ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି।


କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ମଥୁରା ଷ୍ଟେଶନରେ ମଙ୍ଗଳବାର ଲାଇନ୍‌ଚ୍ୟୁତ ହୋଇଥିବା ଟ୍ରେନ୍‌ର ଭିଡିଓ ଗୁରୁବାର ଭାଇରାଲ ହୋଇଛି।

# ଡାଲି ଫୋପାଡ଼ି ମୋହନ, ମୁକେଶ ନିଲମ୍ବିତ

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

- ୨ ଘଣ୍ଟା ଗୃହ ବନ୍ଦ ନେଇ ବର୍ଷିଲେ ନରସିଂହ, କକ୍ଷତ୍ୟାଗ କଲେ କଂଗ୍ରେସ ସଦସ୍ୟ
- ବିରୋଧୀ ଦଳ ସଦସ୍ୟଙ୍କ ହିଂସାତ୍ମକ ବ୍ୟବହାର ନିନ୍ଦନୀୟ: ଦେବୀ

ବାଚସ୍ପତି ପ୍ରମିଳା ମଲ୍ଲିକ ଗୁରୁବାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗଙ୍କୁ ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ବିଧାନସଭାରୁ ନିଲମ୍ବିତ(ସସ୍‌ପେଣ୍ଡ) କରିଛନ୍ତି। ବାଚସ୍ପତିଙ୍କ ଉପରକୁ ଡାଲି ଫୋପାଡ଼ିବା ଅଭିଯୋଗରେ ଏହି ୨ ସଦସ୍ୟଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶୃଙ୍ଖଳିତ ଆଚରଣ, ବାଚସ୍ପତିଙ୍କ ଆସନକୁ ଅସମ୍ମାନ ଏବଂ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଏହି ୨ ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବ ସପକ୍ଷରେ ଅଧିକ ମତ ଆସିବା ପରେ ଏହାକୁ ବାଚସ୍ପତି ଗ୍ରହଣ କରିଥିଲେ।

ବିଧାନସଭା ଅଧିବେଶନ ଅପରାହ୍ନରେ ଆରମ୍ଭ ହେବା କ୍ଷଣି ଗୃହକୁ ପ୍ରଥମେ ୪ଟାରୁ ୫ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ଉପବାଚସ୍ପତି ରଜନୀକାନ୍ତ ସିଂ ୫ଟା ବେଳେ ଆସି ଆହୁରି ୩୦ ମିନିଟ୍ ମୁଲତବୀ ସମୟକୁ ବୃଦ୍ଧି କରିଥିଲେ। ସମାନଭାବେ ୫ଟା ୩୦ରୁ ୬ଟା ପର୍ଯ୍ୟନ୍ତ ଆଉ ଥରେ ଗୃହ ମୁଲତବୀ ହୋଇଥିଲା। ପୁନର୍ବାର ୬ଟାରୁ ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଗୃହ ବନ୍ଦ ରହିଥିଲା। ଏହାପରେ ୬ଟା ୧୦ରେ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସେମାନେ ପୂର୍ବାହ୍ନରେ ଉଠାଇଥିବା ଦାବି ବିଷୟରେ କ'ଣ ନିଷ୍ପତ୍ତି ନେଇଛନ୍ତି ବୋଲି ପଚାରିଥିଲେ। ଏ ବିଷୟରେ ବାଚସ୍ପତି ବିଚାରକରି ଜଣାଇବେ ବୋଲି ଉତ୍ତର ରଖିଥିଲେ। ଏଥିସହ ଶାସକ ଦଳର ସଦସ୍ୟ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଗୃହ ବିଭାଗ ଖର୍ଚ୍ଚଦାବି ନେଇ କହିବାକୁ ସୁଯୋଗ ଦେଇଥିଲେ। ସ୍ନେହାଙ୍ଗିନୀ କହିଥିଲେ, ଆଗରୁ ରାଜ୍ୟରେ ଯେତିକି ଅପରାଧ ଘଟୁଥିଲା ଏବେ ସେହି ସଂଖ୍ୟା କମିଛି। ଗୃହ ବିଭାଗ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯେତେସବୁ ନିର୍ବାଚନ ରାଜ୍ୟରେ ନିକଟ ଅତୀତରେ ହୋଇଛି ସେଗୁଡିକ ଅତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଏନ୍‌ସିବି ମଧ୍ୟ ଆପରାଧିକ କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ଥିବା ଉଲ୍ଲେଖ କରିଛି। ଅପରାଧ କମିବା ଯୋଗୁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ିଛି। ଏତେ ବଡ଼ ବଡ଼ କ୍ରୀଡ଼ା କାର୍ଯ୍ୟକ୍ରମ ରାଜ୍ୟରେ ଅତି ଶାନ୍ତିଶୃଙ୍ଖଳାର ସହକାରେ ହୋଇଛି। ପୋଲିସ ଅଭିଯୋଗକାରୀମାନଙ୍କ ସହ ମିତ୍ର ଭାବେ ବ୍ୟବହାର କରୁଛନ୍ତି। ସେଥିଲାଗି ମାମଲା ଆସିଲେ ତାହା ପଞ୍ଜୀକରଣ ଅଧିକ ସଂଖ୍ୟାରେ କରାଯାଉଛି। ବିରୋଧୀମାନେ ନିଜ ଅପରାଧକୁ ଲୁଚାଇବା ଲାଗି ରାଜ୍ୟରେ ଅପରାଧ ବଢୁଥିବା କଥା କହୁଛନ୍ତି, ଯାହା ନାଁରେ ୧୬ଟି ଆପରାଧିକ ମାମଲା ଏବଂ ମହିଳା ପୋଲିସଙ୍କୁ ଯିଏ ହାତ ଉଠାଉଛନ୍ତି ସେମାନେ ଅପରାଧ କଥା କହୁଛନ୍ତି ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

ସ୍ନେହାଙ୍ଗିନୀ କହିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। କିଛି ସମୟ ପରେ ନରସିଂହଙ୍କୁ କହିବା ଲାଗି ସୁଯୋଗ ମିଳିଥିଲା। ହେଲେ ନରସିଂହ ପାଲଟା ଟାର୍ଗେଟ କରି କହିଥିଲେ, ଯେଉଁଭଳି ଢଙ୍ଗରେ ଗୃହକୁ ପରିଚାଳନା କରାଯାଉଛି ଏହା ଗଣତନ୍ତ୍ର ବିରୋଧୀ। ମୁଖ୍ୟମନ୍ତ୍ରୀ ଆସିବେ ବୋଲି ୨ ଘଣ୍ଟା ଗୃହକୁ ବନ୍ଦ ରଖାଗଲା। ☞ପୃଷ୍ଠା-୨

# ଶୁଟିଂ ରେଞ୍ଜ୍‌ରେ ଚମକ ଜାରି

## ଏସିଆନ ଗେମ୍ସ

### ୧୦ ମିଟର ଏୟାର ପିସ୍ତଲରେ ଭାରତକୁ ସ୍ୱର୍ଣ୍ଣ

ହାଙ୍ଗଝୋ, ୨୮।୯ (ପି.ଟି.)

ଏସିଆନ ଗେମ୍ସର ଶୁଟିଂ ରେଞ୍ଜରେ ଭାରତର ଚମକ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି। ସରବଜୋତ ସିଂ, ଅର୍ଜୁନ ସିଂ ଚିମା ଓ ଶିବା ନରୱାଲଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ଚାଇନାକୁ ହରାଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛି। ଆସନ୍ତା ଶନିବାର ନିଜ ୨୨ତମ ଜନ୍ମଦିନ ପାଳିବାକୁ ଯାଉଥିବା ସରବଜୋତ ୫୮୦, ଚିମା ୫୭୮ ଓ ନରୱାଲ ୫୭୬ ପଏଣ୍ଟ ଶୁଟ୍ କରିଥିଲେ। ଫଳରେ ଭାରତର ମୋଟ ପଏଣ୍ଟ ୧୭୩୪ ହୋଇ ଯାଇଥିଲା। ଶୁଟିଂ ରେଞ୍ଜରେ ଭାରତର ଏହାଥିଲା ଦଳଗତ ତୃତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ୧୦ ମିଟର ଏୟାର ରାଇଫଲ ଓ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ପାଇଥିଲା। ଫଳରେ ପ୍ରତିଯୋଗିତାର ଶୁଟିଂରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୪ରେ ପହଞ୍ଚିଛି। ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୫ ବ୍ରୋଞ୍ଜ ସହିତ ଭାରତ ଏହି ଇଭେଣ୍ଟରୁ ୧୩ ପଦକ ପାଇସାରିଛି। ତେବେ ବ୍ୟକ୍ତିଗତ ବିଭାଗରେ ସରବଜୋତ ସିଂ ଓ ଅର୍ଜୁନ ସିଂ ଚିମାଙ୍କୁ ନିରାଶ ହେବାକୁ ପଡ଼ିଛି। ଦୁହେଁ ଯଦିଓ ୮ ଶୁଟର ବିଶିଷ୍ଟ ଫାଇନାଲରେ ପ୍ରବେଶ କରିଥିଲେ ତେବେ ଯଥାକ୍ରମେ ୪ର୍ଥ ଓ ୮ମ ସ୍ଥାନରେ ରହିଥିଲେ। ଭିଏଟନାମ୍‌ର ଫାମ୍ କ୍ୱାଙ୍ଗ ହୁଏ (୨୪୦.୫ ପଏଣ୍ଟ) ସ୍ୱର୍ଣ୍ଣ, ଦକ୍ଷିଣ କୋରିଆର ଲି ୱନହୋ (୨୩୯.୪) ରୌପ୍ୟ ଓ ଉଜବେକିସ୍ତାନର ଭ୍ଲାଡିମିର ସେଚନିକୋଭ (୨୧୯.୯) ବ୍ରୋଞ୍ଜ ପଦକ ପାଇଥିବାବେଳେ ସରବଜୋତ ୧୯୯ ପଏଣ୍ଟ ହାସଲ କରି ୪ର୍ଥ ହୋଇଥିଲେ। ଗନେମତ ସେଖୋନ ଓ ଅନନ୍ତ ଜିତ ସିଂ ନରୁକାଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ସ୍କିଟ୍ ଟିମ୍ ୬ ଦଳ ବିଶିଷ୍ଟ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଗନେମତ ୭୫ରୁ ୬୭ ଓ ନରୁକା ୭୧ ପଏଣ୍ଟ ଶୁଟ୍ କରିବାରୁ ଭାରତ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।


୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟ ସରବଜୋତ ସିଂ, ଅର୍ଜୁନ ସିଂ ଚିମା ଓ ଶିବା ନରୱାଲ।

## ଆଜିର ସମ୍ପାଦକୀୟ

ପ୍ରାକୃତିକ ବିପର୍ଯ୍ୟୟ ଓ ମହିଳା

କଥାକାର ଭୀମ ପୃଷ୍ଟି ପାଇବେ ସାରଳା ପୁରସ୍କାର

ପୃଷ୍ଠା-୨

# ୪୨% ପିଲା ଦିନକୁ ୪ ଘଣ୍ଟା ମୋବାଇଲରେ ବ୍ୟସ୍ତ

ନୂଆଦିଲ୍ଲୀ,୨୮।୯ (ପି.ଟି.)

୧୨ ବର୍ଷରୁ କମ୍ ଅନ୍ୟୂନ ୪୨ ପ୍ରତିଶତ ପିଲା ଦୈନିକ ୨ରୁ ୪ ଘଣ୍ଟା ସେମାନଙ୍କ ସ୍ମାର୍ଟଫୋନ୍ କିମ୍ବା ଟାବ୍‌ଲେଟ୍‌ରେ ବ୍ୟସ୍ତ ରହୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଅଧିକ ବୟସର ପିଲାମାନେ ଦିନକୁ ୪୭ ପ୍ରତିଶତ ସମୟ ସ୍ମାର୍ଟଫୋନ୍, ଟାବ୍‌ଲେଟ୍‌ରେ ବ୍ୟୟ କରୁଥିବା ସର୍ଭେ ରିପୋର୍ଟରେ କୁହାଯାଇଛି। ଏକାଧିକ ଡିଭାଇସ୍ ଥିବା ପରିବାର, ଯେଉଁଠି ପିଲାମାନଙ୍କ ସ୍କ୍ରିନ୍ ଟାଇମକୁ ନିୟନ୍ତ୍ରଣ କରିବା ମାଆବାପାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି, ସେମାନଙ୍କୁ ନେଇ ହାପିନେକ୍ ନାମକ ସଂସ୍ଥା ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

ସର୍ଭେରେ ୧,୫୦୦ ମାଆବାପା ଭାଗନେଇଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ୬୯ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ସ୍ମାର୍ଟଫୋନ୍ କିମ୍ବା ଟାବ୍‌ଲେଟ ରହିଛି। ସେମାନେ ଅବାଧରେ ଅନ୍‌ଲାଇନ କ୍ଷେତ୍ରରେ ପ୍ରବେଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୭୪ ପ୍ରତିଶତ ନିଜକୁ ୟୁଟ୍ୟୁବ୍ ଦୁନିଆରେ ନିମଗ୍ନ କରି ରଖୁଥିବାବେଳେ ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ୬୧ ପ୍ରତିଶତଙ୍କ ପାଇଁ ଅନ୍‌ଲାଇନ ଗେମିଂ ହେଉଛି ସବୁଠୁ ଭଲ ଡିଜିଟାଲ୍ ଟାଇମ୍‌ପାସ୍। ପିଲାମାନଙ୍କ ଅସୁରକ୍ଷିତ ଇଣ୍ଟରନେଟ୍ ରୁଚିଜନିତ ସମସ୍ୟାର ସମାଧାନ କେବଳ ଶୃଙ୍ଖଳା ☞ପୃଷ୍ଠା-୨





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲି**
**ଆମ୍ବ ଟାକୁଆରେ ଥାଏ କୋଇଲି ।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ । ଆମ୍ବ ଟାକୁଆ ଭିତରେ ଯେମିତି କୋଇଲି ରହିଥାଏ ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଝାଟି ମାଟି କିଏ ଛାଣ୍ଡିଲା ଲୋ**
**ଝଡି ପଡ଼ି ଅଛି ପାନ**
**କାନ୍ତଙ୍କ କଥାରେ କରିଛି ମାନ**
**ରହିବି କି ଦୁଇ ଦିନ ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା । ବେଳେବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ । ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ସୂଚିତ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ଦମ୍ପତି ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ), ୨୮।୯


ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ବାଇକ୍।

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରଶୁଣି ଘାଟିରେ ଗୁରୁବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ବିଶୋଇ ଅଞ୍ଚଳର ରବିନାରାୟଣ ଦାଶ (୫୦) ଓ ତାଙ୍କ ସ୍ତ୍ରୀ ରେବତୀ (୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଶୋଇରୁ ବାରିପଦା ଅଭିମୁଖେ ଓଡ଼ି୧୧ଏବି୪୩୭୨ନଂ. ବାଇକ୍‌ରେ ଆସୁଥିବା ରବିନାରାୟଣ ଓ ସ୍ତ୍ରୀ ରେବତୀଙ୍କୁ ଦ୍ୱାରଶୁଣୀ ଘାଟିରେ ଡବ୍ଲ୍ୟୁବି ୧୧ ବି ୯୦୪୩ ନମ୍ବର ବିଶିଷ୍ଟ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ରାସ୍ତାପାର୍ଶ୍ୱ ଗଛକୁ ଧକ୍କା ଦେଇ ଘାଟି ତଳକୁ ଖସିପଡ଼ିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଢେଙ୍କାନାଳ ସହରରେ ହେଟା ଆତଙ୍କ


ଢେଙ୍କାନାଳ ସହରରେ ପଶିଥିବା ହେଟାବାଘ।

ଢେଙ୍କାନାଳ,୨୮।୯ (ରତନ ନାୟାର)

ଢେଙ୍କାନାଳ ସହର ଜଗନ୍ନାଥ ରୋଡ୍‌ରେ ଗୁରୁବାର ହେଟାବାଘ ଆତଙ୍କ ଦେଖାଦେଇଛି। ବାଘଟି ଜଣଙ୍କ ଘରକୁ ପଶୁଥିବାବେଳେ ଅଞ୍ଚଳବାସୀ ପାଟି କରିବାରୁ ଦୌଡି ପଳାଇଥିଲା। ଅନୁରୂପ ଭାବେ ୨ ସପ୍ତାହ ତଳେ ବିଳମ୍ବିତ ରାତିରେ ଲକ୍ଷ୍ମୀ ବଜାର ଅଞ୍ଚଳରେ ହେଟାବାଘଟି ୨ ଜଣଙ୍କୁ କାମୁଡି ଦେଇଥିଲା। ତେବେ ବନବିଭାଗ ବାଘର ଟେର ପାଉ ନ ଥିବା ଜଣାପଡିଛି। ଲଗାତର ୨ଟି ଘଟଣାରେ ସହର ମଧ୍ୟରେ ହେଟାବାଘ ପଶୁଥିବା ସାଧାରଣରେ ଆଲୋଚନାର ବିଷୟ ବସ୍ତୁ ହୋଇଛି।




# ହତ୍ୟା ଅଭିଯୁକ୍ତଙ୍କୁ ଗୁଳି | ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ଅଭିଯୋଗ

କାମାକ୍ଷାନଗର,୨୮।୯(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆଁ(କା) ସମିତିସଭ୍ୟ ଦୀପକ ମାହନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହିର ନୀର ଓରଫ୍ ନିରାକାର ସାହୁଙ୍କ ଗୁଳିବିଦ୍ଧ ମୃତଦେହ ଗୁରୁବାର କାମାକ୍ଷାନଗର ପୋଲିସ ଜବତ କରିଛି। କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରେ ନିରାକାରଙ୍କ ମୃତଦେହ ପଡ଼ିଥିବାରୁ ପୂର୍ବ ଶତ୍ରୁତାରୁ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ନିରାକାରଙ୍କ ସ୍ତ୍ରୀ ଜାନକୀ ସାହୁ ଏ ନେଇ କାମାକ୍ଷାନଗର ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୪୪୭/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ୨୦୨୧ ସେପ୍ଟେମ୍ବର ୨୪ରେ ବାରୁଆଁ(କା) ସମିତିସଭ୍ୟ ଦୀପକଙ୍କୁ ସହଯୋଗୀଙ୍କ ସହ ମିଶି ନିରାକାର ଗୁଳିକରି ହତ୍ୟା କରିଥିବା ତୁମୁସିଙ୍ଗା ଥାନାରେ ସେତେବେଳେ ଅଭିଯୋଗ



ହୋଇଥିଲା। ପୋଲିସ ନଂ. ୧୩୧/୨୧ ମାମଲାରେ ମୁଖ୍ୟ ଅଭିଯୁକ୍ତ ନିରାକାରଙ୍କୁ ଗିରଫ କରିଥିଲା। ଗତ ୪ ମାସ ତଳେ ନିରାକାର ଜେଲ୍‌ରୁ ଜାମିନରେ ଆସିଥିଲେ। ସେ ବାଲି, ପଥର ଆଦି ଲଘୁ ଖଣିଜ ସାମଗ୍ରୀ ବ୍ୟବସାୟ କରୁଥିଲେ। ହେଲେ ଗୁରୁବାର ସକାଳୁ ନିରାକାରଙ୍କ ମୃତଦେହ କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରେ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ତାଙ୍କ ଛାତି ଓ ମୁଣ୍ଡରେ ୩ଟି ଗୁଳି ବାଜିବା ସହ ବେକରେ କ୍ଷତ ଚିହ୍ନ ରହିଥିଲା। ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୂର୍ବ ଶତ୍ରୁତାରୁ ନିରାକାରଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ଭାଇ ସର୍ବେଶ୍ୱର ସାହୁ କହିଛନ୍ତି। ଏଥିସହ ନିରାକାରଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପୂର୍ବ ଶତ୍ରୁତାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ଧରିବାକୁ ଏକାଧିକ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରିରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ।

# କଥାକାର ଭୀମ ପୃଷ୍ଟି ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ଚଳିତ ବର୍ଷର ୪୪ତମ ଶାରଳା ପୁରସ୍କାରରେ ବିଶିଷ୍ଟ କଥାକାର ଭୀମ ପୃଷ୍ଟି ସମ୍ମାନିତ ହେବେ। ୨୦୧୭ ମସିହାରେ ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ତାଙ୍କ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୨୬ରେ ଇମ୍ପା ପକ୍ଷରୁ ୫ଲକ୍ଷ ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ଫଳକ ସହ ଦିଆଯିବ। ପୃଷ୍ଟିଙ୍କ 'ଜମ୍ବୁଲୋକ' ସହିତ ଚୂଡ଼ାନ୍ତ ପର୍ଯ୍ୟାୟ ବିଚାର ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଅନ୍ୟ ପୁସ୍ତକଗୁଡ଼ିକ ମଧ୍ୟରେ ବିଜୟ କୁମାର ଶତପଥୀଙ୍କ 'ନଷ୍ଟନୀଡ଼ର ଉପକଥା', ଅପର୍ଣ୍ଣା ମହାନ୍ତିଙ୍କ 'ଅଗ୍ନି କମଳିନୀ', ଅମରେଶ ପଟ୍ଟନାୟକଙ୍କ 'ଚାହଁ ବା ନ ଚାହଁ', ସରୋଜିନୀ ସାହୁଙ୍କ 'ଦାଦନ', ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କାନୀନ' ଏବଂ ପ୍ରଦୀପ କୁମାର ପଣ୍ଡାଙ୍କ 'ଯାହା ମୁଁ ଚାହୁଁ ନ ଥିବି' ପୁସ୍ତକ ରହିଥିଲା।



ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ସୀତେଶ ତ୍ରିପାଠୀ, ଡ. ସୁଚେତା ମିଶ୍ର, ଡ. ପରମେଶ୍ୱର ମୁଣ୍ଡ, ବୈଜୟନ୍ତୀ ମିଶ୍ର ଏବଂ ଡ. ପ୍ରୀତିଧାରା ସାମଲ ବିଚାରକ ଥିବାବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ମୃଣାଳ ଚାଟାର୍ଜୀ, ଡ. ପ୍ରସନ୍ନ କୁମାର ମହାନ୍ତି, ଡ. ଯଶୋଧାରା ମିଶ୍ର, ରଞ୍ଜନ କୁମାର ଦାସ, ଚିରଶ୍ରୀ ଇନ୍ଦ୍ରସିଂ ଏବଂ ଆଦିତେଶ୍ୱର ମିଶ୍ର ରହିଥିଲେ।

ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା- ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୩ ମସିହା ପାଇଁ ଘୋଷିତ ହୋଇଛି। ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଏବଂ ପ୍ରସିଦ୍ଧ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ସଙ୍ଗୀତ ବିଭାଗରେ ଅରୁଣା ମହାନ୍ତି, ରତିକାନ୍ତ ମହାପାତ୍ର, ମିତାଲି ଚିନାରା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକୀଲ, ବିୟତପ୍ରଜ୍ଞା ତ୍ରିପାଠୀ ଓ ରମାକାନ୍ତ ସାମନ୍ତରାୟ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ପ୍ରଥମ ପୃଷ୍ଠାରୁ...

## ସବୁଜ ବିପ୍ଲବ...

ବଜାରରେ ଦରଦାମ୍ ବୃଦ୍ଧି ଘଟୁଥିବାବେଳେ ଏହିସବୁ ଚାଷକୁ ନେଇ ଘରର ଅର୍ଥନୀତି କିପରି ପ୍ରଭାବିତ ହେଉଛି, ତାକୁ ସେ ବେଶ୍ ମନୋଯୋଗ ସହକାରେ ଅନୁଧ୍ୟାନ କରୁଥିଲେ। ମା'ବାପା ଚାହୁଁଥିଲେ ସ୍ୱାମୀନାଥନ୍ ମେଡିସିନ୍ ପଢ଼ି ଡାକ୍ତର ହୁଅନ୍ତୁ। କିନ୍ତୁ ସେ ଜୈବବିଜ୍ଞାନ ପଢ଼ିଥିଲେ। ୧୯୪୩ରେ ପଶ୍ଚିମବଙ୍ଗ ଦୁର୍ଭିକ୍ଷ ତାଙ୍କ ମନ ଉପରେ ଗଭୀର ରେଖାପାତ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଖାଦ୍ୟ ଶସ୍ୟର ଅଭାବ ଭାରତୀୟ ଉପମହାଦେଶକୁ ବହୁଳ ପ୍ରଭାବିତ କରିଥିଲା। ସେଇଠୁ ସ୍ୱାମୀନାଥନ୍ ନିଷ୍ପତ୍ତି ନେଇଥିଲେ ଦେଶକୁ ଖାଦ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ। କେରଳର ତ୍ରିଭନ୍ଦ୍ରମ୍‌ସ୍ଥିତ ମହାରାଜା କଲେଜରେ ଜୁଲୋଜି ପଢ଼ିବା ପରେ ସ୍ୱାମୀନାଥନ୍ ମାଡ୍ରାସ୍ ୟୁନିଭର୍ସିଟିରୁ କୃଷି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୪୭ରେ ଇଣ୍ଡିଆନ୍ ଏଗ୍ରିକଲ୍‌ଚରାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜେନେଟିକ୍ସ ଏବଂ ପ୍ଲାଣ୍ଟ ବ୍ରିଡିଂ ପଢ଼ିବାକୁ ଦିଲ୍ଲୀ ଗଲେ। ପରେ ସେ ସମାନ ବିଷୟରେ ବ୍ରିଟେନ୍‌ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ହାସଲ କଲେ। ୧୯୬୫ରେ ସ୍ୱାମୀନାଥନ୍‌ଙ୍କ ଉଦ୍ୟମରେ ଭାରତରେ ସବୁଜ ବିପ୍ଲବ ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସେ ଏପରି ସଫଳ କଲେ ଯେ, ଖାଦ୍ୟ ନିଅଣ୍ଟିଆ ଭାରତ କୃଷି କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ରୂପେ ଉଭା ହେଲା। ୧୯୮୮ରେ ସେ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍) ପ୍ରତିଷ୍ଠା କରିଥିଲେ। ଜଣାଶୁଣା ଟାଇମ୍ ମାଗାଜନ୍ ସ୍ୱାମୀନାଥନ୍‌ଙ୍କୁ ବିଂଶ ଶତାବ୍ଦୀର ୨୦ ପ୍ରଭାବଶାଳୀ ଏସୀୟଙ୍କ ମଧ୍ୟରେ ସ୍ଥାନିତ କରିଥିଲା। ଏହା ପୂର୍ବରୁ କେବଳ ମହାତ୍ମା ଗାନ୍ଧୀ ଓ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର ଏଭଳି ମର୍ଯ୍ୟାଦାର ଅଧିକାରୀ ହୋଇଥିଲେ।

ସ୍ୱାମୀନାଥନ୍ ଭାରତ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିଲେ। ଇଣ୍ଡିଆନ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ (୧୯୬୧ରୁ ୧୯୭୨), ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗ ସଚିବ (୧୯୭୨-୭୯), କୃଷି ମନ୍ତ୍ରଣାଳୟ ପ୍ରଧାନ ସଚିବ (୧୯୭୯-୮୦), ଯୋଜନା କମିଶନ (ସାଇନ୍ସ ଆଣ୍ଡ୍ ଏଗ୍ରିକଲ୍‌ଚର) କାର୍ଯ୍ୟକାରୀ ଉପାଧ୍ୟକ୍ଷ (୧୯୮୦-୮୨) ଏବଂ ଫିଲିପାଇନ୍ସସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ମହାନିର୍ଦ୍ଦେଶକ (୧୯୮୨-୮୮) ରୂପେ ଦାୟିତ୍ୱ ତୁଲାଇ ନିଜ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ। ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ସ୍ୱାମୀନାଥନ୍ ରାଜ୍ୟ ସଭାର ମନୋନୀତ ସଦସ୍ୟ ଥିଲେ।

ଏହି ମହାନ୍ ବୈଜ୍ଞାନିକ ନିଜ ଉତ୍କର୍ଷ ବଳରେ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଥିଲେ। ୧୯୭୧ରେ କମ୍ୟୁନିଟି ଲିଡରଶିପ୍ ପାଇଁ ସ୍ୱାମୀନାଥନ୍‌ଙ୍କୁ ରୋମନ୍ ମାଗାସେସେ ଆୱାର୍ଡ ପ୍ରଦାନ କରାଯାଇଥିଲା। ୧୯୮୬ରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଆୱାର୍ଡ, ୧୯୮୭ରେ ଫାଷ୍ଟ ୱାର୍ଲ୍ଡ ଫୁଡ୍ ପ୍ରାଇଜ୍, ୨୦୦୦ରେ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ଏବଂ ୟୁନେସ୍କୋ ପକ୍ଷରୁ ମହାତ୍ମା ଗାନ୍ଧୀ ପ୍ରାଇଜ୍, ୨୦୦୭ରେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପୁରସ୍କାର ପାଇଥିଲେ। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ (୧୯୬୭), ପଦ୍ମ ଭୂଷଣ (୧୯୭୨) ଏବଂ ପଦ୍ମ ବିଭୂଷଣ (୧୯୮୯) ସମ୍ମାନର ସମ୍ମାନିତ କରିଥିଲେ। ଏହି ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକରେ ଭାରତୀୟ କୃଷି ଗବେଷଣା କ୍ଷେତ୍ରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ପୂରଣ ହେବା ଏକପ୍ରକାର ଅସମ୍ଭବ।

## ୧୫ ଜିଲାକୁ...

ଜିଲାରେ ୨୭୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବଲାଙ୍ଗୀରରେ ୧୦୩, ବାଲେଶ୍ୱରରେ ୫୯୨, ବରଗଡ଼ରେ ୧୧୫, ଭଦ୍ରକରେ ୪୦୪, ବୌଦ୍ଧରେ ୧୭, କଟକରେ ୩୬୪, ଦେବଗଡ଼ରେ ୯୭, ଢେଙ୍କାନାଳରେ ୩୩୮, ଗଜପତିରେ ୫୨, ଗଞ୍ଜାମରେ ୬୦୫, ଜଗତ୍‌ସିଂହପୁରରେ ୧୫୦, ଯାଜପୁରରେ ୩୭୭, ଝାରସୁଗୁଡ଼ାରେ ୧୪୯, କଳାହାଣ୍ଡିରେ ୧୨୬, କନ୍ଧମାଳରେ ୧୦୯, କେନ୍ଦ୍ରାପଡ଼ାରେ ୩୮୭, କେନ୍ଦୁଝରରେ ୫୪୫, ଖୋର୍ଦ୍ଧାରେ ୨୦୦, କୋରାପୁଟରେ ୩୬୧, ମାଲକାନଗିରିରେ ୨୫୦, ନବରଙ୍ଗପୁରରେ ୨୮୨, ନୟାଗଡ଼ରେ ୧୨୦, ନୂଆପଡ଼ାରେ ୭୭, ପୁରୀରେ ୨୯୫, ରାୟଗଡ଼ାରେ ୬୯, ସମ୍ବଲପୁରରେ ୨୮୯, ସୁବର୍ଣ୍ଣପୁରରେ ୬୮ ଓ ସୁନ୍ଦରଗଡ଼ରେ ୪୦୫ ଜଣଙ୍କର ମୃତ୍ୟୁ ଘଟିଛି।

## ୪୨% ପିଲା ଦିନକୁ...

ନୁହେଁ ବୋଲି ହାପିନେଜ୍‌ର ସହପ୍ରତିଷ୍ଠାତା ତଥା ସିଇଓ ରିଚା ସିଂ କହିଛନ୍ତି। ବର୍ତ୍ତମାନ ଶିକ୍ଷାଠାରୁ ଆରମ୍ଭ କରି ମନୋରଞ୍ଜନ ପର୍ଯ୍ୟନ୍ତ ସବୁକିଛି ଡିଜିଟାଲ ହୋଇଯାଇଥିବାରୁ ପିଲାମାନଙ୍କ ଦୈନନ୍ଦିନ ଦିନଚର୍ଯ୍ୟାକୁ ନିୟନ୍ତ୍ରଣ କରିବାରେ ସ୍ମାର୍ଟ ଡିଭାଇସ୍ ଏକ ଉପକରଣ ପାଲଟିଛି। ଫଳରେ ପିଲାଏ ସେମାନଙ୍କ ହୋମ୍‌ୱାର୍କ ପାଇଁ ହେଉ କିମ୍ବା ସାଙ୍ଗମାନଙ୍କ ସହ ଚାଟିଂ ଅଥବା ପାଠପଢ଼ାରେ ସହାୟତା ଲାଗି ଅନ୍ୟ ଆପ୍ ବ୍ୟବହାରରେ କିଛି ସମୟ ବିନିଯୋଗ କରୁଛନ୍ତି। ସର୍ଭେ ଅନୁଯାୟୀ ସ୍କ୍ରନ୍ ଏବେ ପିଲାମାନଙ୍କ ପାଇଁ ଏକ ବାସ୍ତବତା- ପାଠ ପଢ଼ିବା ଓ ଅବସର ବିନୋଦନର ଏକ ମାଧ୍ୟମ ପାଲଟିଯାଇଛି। ପିଲାଙ୍କ ନିରାପଦ ଇଣ୍ଟରନେଟ୍ ବ୍ୟବହାରକୁ ତଦାରଖ କରିବା ପାଇଁ ମାଆବାପାଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ବାଟ ନାହିଁ। ହାପିନେଜ୍‌ର ପ୍ୟାରେଣ୍ଟାଲ କଣ୍ଟ୍ରୋଲ ଫିଲ୍‌ଟର ବକ୍ସ ନିୟମିତ ଭାବେ ୧୧୦ ନିୟୁତରୁ ଅଧିକ ୱେବ୍‌ସାଇଟ୍ ଏବଂ ଆପ୍‌କୁ ତଦାରଖ କରିବା ସହ ସେଥିରୁ ୨୨ ନିୟୁତ (୨୦ %) କ୍ଷତିକାରକ ପ୍ରାପ୍ତବୟସ୍କ ସାଇଟ୍ ଓ ଆପ୍‌କୁ ସ୍ଥାୟୀ ଭାବେ ବ୍ଲକ୍ କରାଇଛି। ମାଆବାପା ଚାହିଁଲେ, ସୋସିଆଲ ମିଡିଆ, ଚାଟ୍, ଫୋରମ୍, ଅନ୍‌ଲାଇନ ଲର୍ନିଂ ଆଦି ୧୩ଟି ବର୍ଗକୁ ବାଛି ସେମାନଙ୍କ ପିଲାଙ୍କ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ଅନୁମତି ଦେଇପାରିବେ ବୋଲି ସିଂ କହିଛନ୍ତି।

## ଡାଲି ଫୋପାଡ଼ି...

କାହା ଲାଗି ଗୃହ ଅପେକ୍ଷା କରେନାହିଁ। ପଏଣ୍ଟ ଅଫ୍ ଅର୍ଡର ମାନେ କ'ଣ ? ପଏଣ୍ଟ ଅଫ୍ ଅର୍ଡର ଆଣିବା ମାତ୍ରେ କହିବାକୁ ସୁଯୋଗ ଦିଆଯାଏ। ଯଦି ବିରୋଧୀଙ୍କୁ କହିବାକୁ ସୁଯୋଗ ଦିଆଯିବ ନାହିଁ ତେବେ ଏଠି ରହି ଲାଭ କ'ଣ ଅଛି। ଏହା କହି କଂଗ୍ରେସ ସଦସ୍ୟମାନେ ଗୃହ ତ୍ୟାଗ କରିଥିଲେ।

ଏସବୁ ଭିତରେ ବିରୋଧୀ ଦଳ ସଦସ୍ୟମାନେ ସେମାନଙ୍କ ଦାବିକୁ ଗୃହ ମଧ୍ୟଭାଗରେ ଜୋର୍‌ଦାର କରୁଥାନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ପୂର୍ବାହ୍ନରେ ଶାସକ ଦଳ ସଦସ୍ୟ ଯେଉଁ ମେଣ୍ଟାଲ ଡିଜ୍‌ଅର୍ଡର ଶବ୍ଦ ବ୍ୟବହାର କରିଥିଲେ ତାକୁ ବିବରଣୀରୁ ବାଦ୍ ଦେବା ଲାଗି ସେମାନେ ଦାବି କରିଥିଲେ। ଏନେଇ ହାତରେ ପୋଷ୍ଟର ଧରି ଭାଜପା ସଦସ୍ୟମାନେ ଏହାକୁ ବିରୋଧ କରିବା ସହ ଡାଲି ପ୍ୟାକେଟ ଦେଖାଇ ବିରୋଧ କରିଥିଲେ। ଏପରି କି କେତେଜଣ ସଦସ୍ୟ ଏହାକୁ ବାଚସ୍ପତିଙ୍କ ପୋଡିୟମ ଉପରକୁ ଫୋପାଡ଼ିଥିଲେ। ଏହି ସମୟରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସଙ୍କୁ କହିବାକୁ ସୁଯୋଗ ମିଳିଥିଲା। ସେ ତାଙ୍କ ବକ୍ତବ୍ୟରେ ବିରୋଧୀ ଦଳ ସଦସ୍ୟଙ୍କ ନାଁ ନ ନେଇ ବର୍ଷିଥିଲେ। ଶାସକ ଦଳ ସଦସ୍ୟ ଦେବୀପ୍ରସାଦ ମିଶ୍ର ନିଜ ଆସନ ପାଖରେ ଠିଆ ହୋଇ ବିରୋଧୀ ଦଳ ସଦସ୍ୟ ଯେଉଁପରି ଆଚରଣ କରୁଛନ୍ତି ତାହା ନିନ୍ଦନୀୟ ବୋଲି କହିବା ସହ ଗୃହ ଭିତରେ ବିରୋଧୀଙ୍କ ଏଭଳି ହିଂସାତ୍ମକ କାର୍ଯ୍ୟ ଚଳିବ ନାହିଁ। ପ୍ରଥମେ ଆସନକୁ ଆପଣମାନେ ସମ୍ମାନ ଦିଅନ୍ତୁ, ତା'ପରେ ପ୍ରତିବାଦ କରିବେ ବୋଲି କହିଥିଲେ। ବିରୋଧୀ ଦଳ ନେତା ନିଜ ଆସନରେ ଠିଆହୋଇ ତାଙ୍କ ପ୍ରତି କରାଯାଇଥିବା ବ୍ୟବହାର କେତେଦୂର ଯୁକ୍ତିଯୁକ୍ତ ବୋଲି କହିବା ସହ ସେମାନଙ୍କ କଥା ରହୁ ନ ଥିବାରୁ ଗୃହ ତ୍ୟାଗ କରୁଛୁ ବୋଲି କହିଥିଲେ। ଏହାପରେ ଭାଜପା ସଦସ୍ୟମାନେ ଗୃହ ତ୍ୟାଗ କରିଥିଲେ।

# ବାଚସ୍ପତିଙ୍କ ନିରପେକ୍ଷତା ଦେଖିପାରୁନୁ: ଜୟନାରାୟଣ

## ମୁଁ ଡାଲି ଉପହାର ଦେଇନି କି ଫୋପାଡ଼ିନି: ମୋହନ

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

ବାଚସ୍ପତିଙ୍କ ପୋଡିୟମ ଉପରକୁ ଡାଲି ଫୋପାଡ଼ି ବିରୋଧ କରିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗଙ୍କୁ ମହଙ୍ଗା ପଡ଼ିଛି। ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ବାଚସ୍ପତି ଏହି ୨ସଦସ୍ୟଙ୍କୁ ବିଧାନସଭାରୁ ନିଲମ୍ବିତ କରିଛନ୍ତି। ବିରୋଧୀ କିନ୍ତୁ ଏକଥାକୁ ନିନ୍ଦା କରିଛନ୍ତି।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ଶାସକ ଦଳ ସଦସ୍ୟ ମେଣ୍ଟାଲ ଡିଜ୍‌ଅର୍ଡର ବୋଲି କହିଲେ। ଶାସକ ଦଳ ସଦସ୍ୟ କହିଥିବା ଏହି କଥାକୁ ଗୃହ ବିବରଣୀରୁ ବାଦ୍ ଦେବା ଲାଗି ଦାବି କରିଥିଲୁ। ହେଲେ ବିରୋଧୀ ଦଳର ଦାବିକୁ ଗ୍ରହଣ କରାଗଲାନାହିଁ। ବିରୋଧୀ ଯଦି କିଛି ଗୋଟେ କଥା ଉଠାଉଛନ୍ତି ବାଚସ୍ପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଶାସକ ଦଳର କେହି କିଛି ଉଠାଇଲେ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ବାଚସ୍ପତି ନିରପେକ୍ଷ ନୁହନ୍ତି। ତାଙ୍କ ନିରପେକ୍ଷତା ଆମେ ଦେଖିପାରୁନୁ। ଗୋପାଳପୁର ବିଧାୟକ ବିଧାନସଭାରେ ଥିବା ସତ୍ତ୍ୱେ ତାଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି।

ଏନେଇ ମୋହନ ଚରଣ ମାଝି କହିଛନ୍ତି, ବିରୋଧୀ ଦଳ ନେତାଙ୍କ ବିରୋଧରେ ଶାସକ ଦଳ ସଦସ୍ୟ ମେଣ୍ଟାଲ ଡିଜ୍‌ଅର୍ଡର ଶବ୍ଦ ବ୍ୟବହାର କରିଥିଲେ। ଏହାକୁ ବିବରଣୀରୁ ବାଦ୍‌ଦେବାକୁ ଚାହିଁଥିଲୁ। ଏହି କଥାକୁ ଦାବିକରି ଆମେ ଯେତେବେଳେ ବିରୋଧ କଲୁ ବାଚସ୍ପତି ଆମ କଥା ଶୁଣିଲେନାହିଁ। ଶେଷରେ ଆମେ ଡାଲି ଉପହାର ଦେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଥିଲୁ। ହେଲେ ମୁଁ ଡାଲି ଉପହାର ଦେଇନି କି ଫୋପାଡ଼ିନାହିଁ। ହେଲେ ମତେ ବଦ୍‌ନାମ କରିବାକୁ ବିଧାନସଭାରୁ ସସ୍‌ପେଣ୍ଡ କରାଯାଇଥିବା ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଆର୍ଥିକ ସ୍ଥିତିର ପରିବର୍ତ୍ତନ ସକାଶେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଚୁ-ନାମାକ୍ଷର ବ୍ୟକ୍ତିମାନଙ୍କୁ କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ**
ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବି-ନାମାକ୍ଷର ବ୍ୟକ୍ତିମାନେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ।

**ମିଥୁନ**
ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ। ଘ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟରେ ଅଂଶୀଦାରମାନେ କାର୍ଯ୍ୟ ହାସଲ କରିନେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଟେନସନ୍ ଲାଗିରହିବ।

**କର୍କଟ**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ। ନିଜର ପ୍ରତିକୂଳ ଚିନ୍ତାଧାରାକୁ ଅବଲୋକନ କରି ସାମୟିକ ଦୁଃଖ ଅନୁଭବ କରିବେ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ହେ-ନାମାକ୍ଷର ବ୍ୟକ୍ତିମାନଙ୍କର ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ**
ସାମାଜିକ ସ୍ତରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ମି-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ଦୀର୍ଘ ଦିନରୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ ଓ ଲକ୍ଷ୍ୟ ହାସଲ କରିପାରିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**କନ୍ୟା**
ପରିବାରର ସମସ୍ୟା ସମ୍ପର୍କରେ ଦୁର୍ଭାବନା ବଢ଼ିଚାଲିବ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପୂ-ନାମାକ୍ଷର ବ୍ୟକ୍ତି କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା**
ଛୋଟ ଘଟଣାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ତ-ନାମାକ୍ଷର ବ୍ୟକ୍ତି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମାନସିକ ବ୍ୟଗ୍ରତା ସୃଷ୍ଟି ହୋଇପାରେ। ବନ୍ଧୁମାନଙ୍କ ପ୍ରରୋଚନାରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି।

**ବିଛା**
ନି-ନାମାକ୍ଷର ବ୍ୟକ୍ତି ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ସାହିତ୍ୟ ଚର୍ଚ୍ଚା, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଆଜି ଯାତ୍ରା ସମୟରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ।

**ଧନୁ**
ଭି-ନାମାକ୍ଷରବ୍ୟକ୍ତିମାନଙ୍କର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୂତନ ଯୋଜନା ଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିଲେ ମଧ୍ୟ କାମଗୁଡ଼ିକ ଶୃଙ୍ଖଳିତ ହେବନାହିଁ। ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ।

**ମକର**
ମାନସିକ ସ୍ତରରେ ପୂର୍ଣ୍ଣ ପ୍ରସ୍ତୁତି ଭରି ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହେବା କ୍ଷେତ୍ରରେ କେତେକ ନୂତନ ସମସ୍ୟା ଉଙ୍କି ମାରିପାରେ। ଉପରିସ୍ଥ କର୍ମଚାରୀଙ୍କୁ କିଛି କହିବା ପାଇଁ ମନସ୍ଥ କରିଥିଲେ ମଧ୍ୟ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କୁମ୍ଭ**
ମନରେ ଅସୀମ ଧୈର୍ଯ୍ୟ ଓ ସାହସ ଥିଲେ ମଧ୍ୟ କାର୍ଯ୍ୟ ସାଧନ ସମୟକୁ ସବୁ ବିଗିଡି ଯିବ। ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଗୋ-ନାମାକ୍ଷର ବ୍ୟକ୍ତିଙ୍କର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମୀନ**
ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଦିନ ସାରା ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଦ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ଭାଦ୍ରବ ପୂର୍ଣ୍ଣିମା ଶୁକ୍ରବାର, ଭାଗବତଜନ୍ମ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ, ଜହ୍ନିଓଷା ଆରମ୍ଭ, ଅପରପକ୍ଷାରମ୍ଭ ଓ ପିତୃତର୍ପଣ ଆରମ୍ଭ, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୦ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୮.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୭ମି. ଗତେ ଘ.୧୧.୩୮ମି. ମଧ୍ୟେ ରାହୁକାଳ।

# ମେଧା ତାଲିକା ପ୍ରକାଶ, ୩ରୁ ନାମଲେଖା

ଭୁବନେଶ୍ୱର, ୨୮।୯
(ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ନିମନ୍ତେ ଗୁରୁବାର ମେଧା ତାଲିକା ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ଅକ୍ଟୋବର ୩ ତାରିଖ ପୂର୍ବାହ୍ନ ୧୦ଟାରୁ ୫ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖରେ ନାମ ଲେଖାଇବେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୧ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି।

# ଘୂର୍ଣ୍ଣିବଳୟ ସୃଷ୍ଟି, ୧ରୁ ବର୍ଷିବ

ଭୁବନେଶ୍ୱର, ୨୮।୯
(ଅସମାପିକା ସାହୁ)

ମ୍ୟାନ୍‌ମାର ଏବଂ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଯାହା ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାପରେ ଏହା ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଉତ୍ତର ଓଡ଼ିଶା ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ଶୁକ୍ରବାରରୁ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୧ରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେତେକ ଜିଲାରେ ବଜ୍ରପାତ ସହ କାଳବୈଶାଖୀଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ବଜ୍ରପାତ ସମୟରେ ସୁରକ୍ଷିତ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ର ସୂଚନାନୁସାରେ, ଶୁକ୍ରବାର କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକରେ ପ୍ରବଳ ବର୍ଷା ହେବ। ସେହିପରି ଶନିବାର ଖୋର୍ଦ୍ଧା, କଟକ, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବ ଏବଂ ଏହି ଦୁଇଦିନ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧ ଓ ୨ ତାରିଖରୁ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ୧ରେ ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବଲାଙ୍ଗୀର, ଅନୁଗୋଳ ଏବଂ ୨ ତାରିଖରେ ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ୨୪ଘଣ୍ଟା ପରେ ବି ମିଳୁନି ପତ୍ତା

**ରାଜ୍ୟରେ ଗତ କିଛି ମାସ ହେବ ନଦୀକୁ ଡେଇଁ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ପାରିବାରିକ କଳହ, ଆର୍ଥିକ ଦୁର୍ବଳସ୍ଥିତି ଆଦି କାରଣରୁ କେତେକ ମହିଳା, ପୁରୁଷ, ଯୁବତୀ ଜୀବନ ହରାଇବାକୁ ସହଜ ପନ୍ଥା ଭାବେ ଧରି ନେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଏଭଳି ପଦକ୍ଷେପ ନେବାବେଳେ ସେମାନେ ପିଲାମାନଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ବୁଧବାର ଭଦ୍ରକ ଜିଲା ଭଣ୍ଡାରୀପୋଖରିରେ ବାପା ଓ ଝିଅ ବୈତରଣୀ ନଦୀକୁ ଡେଇଁଥିବାବେଳେ ଗୁରୁବାର କଟକ ଜୋବ୍ରା ନିକଟରେ ମହାନଦୀକୁ ଜଣେ ଯୁବତୀ ଡେଇଁ ପଡ଼ିବା ଘଟଣା ସମସ୍ତଙ୍କୁ ଚକିତ କରିଛି।**



ଭଦ୍ରକ/ଭଣ୍ଡାରୀପୋଖରୀ(ସନାତନ ରାଉତ/ରବିନାରାୟଣ ଖିଲାର),୨୮।୯

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଚନ୍ଦନ ସାହୁ(୩୦) ନିଜ ଅଢ଼େଇ ବର୍ଷର ଝିଅକୁ ଧରି ବୈତରଣୀ ସେତୁ ଉପରୁ ନଦୀକୁ ଡେଇଁବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ବାପ,ଝିଅଙ୍କ କୌଣସି ପତ୍ତା ମିଳିନାହିଁ। ଚନ୍ଦନ ବୁଧବାର ରାତି ପ୍ରାୟ ୯ଟାରେ ୧୬ ନଂ. ଜାତୀୟ ରାଜପଥର ଏହି ସେତୁ ଉପରୁ ଆଖୁଆପଦା ଆନିକଟର ଗଭୀର ଜଳରାଶିକୁ ଝିଅ ତୃପ୍ତିକୁ ସାଙ୍ଗରେ ଧରି ଡେଇଁ ପଡ଼ିଥିଲେ। ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ସେହି ରାତି ଓ ଗୁରୁବାର ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ କୌଣସି ସୂଚନା ମିଳିପାରି ନାହିଁ। ପୋଲ ଉପରୁ ଚନ୍ଦନଙ୍କ ବାଇକ୍, ମୋବାଇଲ ଓ ବାପ,ଝିଅଙ୍କ ଜୋତାକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷେ ବଡ଼ଭଉଣୀଙ୍କ ସହ ଚନ୍ଦନଙ୍କ ଶେଷଥର ପାଇଁ ଫୋନ ଯୋଗେ ହୋଇଥିବା ବାର୍ତ୍ତାଳପ ଅଡିଓ ଭାଇରାଲ ହେବାପରେ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ଫୋନକଲ୍‌ରୁ ସୂଚନା ମିଳିଛି ଯେ, ଆତ୍ମହତ୍ୟା ନେଇ ସେ ଭଉଣୀଙ୍କୁ ଜଣାଇଥିଲେ। ଆତ୍ମହତ୍ୟା ନ କରିବାକୁ ତାଙ୍କ ଭଉଣୀ ଯେତେ ରାଣ ନିୟମ ପକାଇଥିଲେ ମଧ୍ୟ ତାହାକୁ ଏଡ଼ାଇ ଦେଇଥିବା ଶୁଣିବାକୁ ମିଳୁଛି। ତେବେ ଚନ୍ଦନ ଏଭଳି ଚରମ ନିଷ୍ପତ୍ତି ନେବା ପଛରେ କ'ଣ କାରଣ ରହିଛି, ତାହା ସ୍ପଷ୍ଟ ହୋଇପାରି ନାହିଁ। ଅପରପକ୍ଷେ ରୋଜଗାରିଆ ପୁଅ ଓ ନାତୁଣୀଙ୍କୁ ହରାଇ ଚନ୍ଦନଙ୍କ ମା' ବାପା ଓ ୩ ସାନଭାଇଙ୍କ କାନ୍ଦବୋବାଳିରେ ପରିବେଶ ଶୋକାକୁଳ ହୋଇଛି।

### ବୈତରଣୀକୁ ବାପଝିଅ ଡେଇଁପଡ଼ିବା ଘଟଣା

### ଭଉଣୀକୁ ଫୋନ କରି ମରିବାକୁ ଯାଉଛୁ ବୋଲି କହିଥିଲେ

ମିଳିଥିବା ସୂଚନା ମୁତାବକ ୪ବର୍ଷ ପୂର୍ବେ ଚନ୍ଦନ ସେହି ଥାନା ଅଧୀନ ମଞ୍ଜୁରୀ ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ପ୍ରେମବିବାହ କରିଥିଲେ। ଚନ୍ଦନ ସୁରଟର ଏକ ସୂତା ମିଲ୍‌ରେ କାର୍ଯ୍ୟ କରୁଥିବାରୁ ବିବାହ ପରେ ସ୍ତ୍ରୀସ୍ୱାମୀ ସେଠାରେ ରହୁଥିଲେ। ପ୍ରାୟ ୧ ମାସ ତଳେ କୌଣସି କାରଣରୁ ଲକ୍ଷ୍ମୀପ୍ରିୟା ସେଠାରେ ଆତ୍ମହତ୍ୟା କରିବା ପରେ ଚନ୍ଦନ ଶୁଦ୍ଧିକ୍ରିୟା ପାଇଁ ଗାଁକୁ ଆସିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ପରେ ଚନ୍ଦନଙ୍କ ଶ୍ୱଶୁରଘର ପକ୍ଷରୁ ଝିଅ ତୃପ୍ତି ନାମରେ ବ୍ୟାଙ୍କରେ ୩ଲକ୍ଷ ଟଙ୍କା ଜମା ରଖିବାକୁ ଚାପ ପ୍ରୟୋଗ କରାଯାଇଥିଲା। ମାନସିକ ଚାପରେ ଥିବାବେଳେ ଚନ୍ଦନ ମା' ବାପାଙ୍କ ସହ ଝିଅକୁ ନେଇ ପୁଣିଥରେ ସୁରଟ ଯାଇଥିଲେ। ସେଠାରେ କିଛିଦିନ ରହିବା ପରେ ନିକଟରେ ଗାଁକୁ ଫେରି ଆସିଥିଲେ। ଘରକୁ ଫେରିବାପରେ ଅସ୍ୱାଭାବିକ ଜଣାପଡୁଥିଲେ ବୋଲି ପରିବାର ଓ ପଡ଼ୋଶୀଙ୍କଠାରୁ ଜାଣିବାକୁ ମିଳିଛି। ମାନସିକ ଭାରସାମ୍ୟ ହରାଇ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଥିବାବେଳେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

# ମହାନଦୀକୁ ଡେଇଁଲେ ମହିଳା



ମହାନଦୀରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି।

କଟକ,୨୮।୯ (କାର୍ତ୍ତିକ ସାହୁ)

କଟକ ଜୋବ୍ରା ଆନିକଟଠାରେ ଜଣେ ବିବାହିତା ମହିଳା ଗୁରୁବାର ଅପରାହ୍ନରେ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ଆନିକଟ ନିକଟସ୍ଥ ସିଏମ୍‌ସି ପାର୍କରେ କାର୍ଯ୍ୟ କରୁଥିବା କର୍ମଚାରୀ ବାବୁଲି ବେହେରାଙ୍କ ଉପସ୍ଥିତ ବୁଦ୍ଧି ଏବଂ ସମୟୋଚିତ ପଦକ୍ଷେପ ଯୋଗୁ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ମହିଳା ଜଣକ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ବିଲ ତେରୁଆଁ ଗ୍ରାମର ମଯୁବ ଖାଁଙ୍କ ଝିଅ ମନୁଆରୀ ତରନୁମ(୩୫)। ତାଙ୍କୁ ଉଦ୍ଧାର ପରେ ତୁରନ୍ତ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ତରନୁମ୍ ୧୧ ବର୍ଷ ତଳେ ଖୋର୍ଦ୍ଧା ଅଞ୍ଚଳରେ ବିବାହ କରିଥିଲେ। ହେଲେ ସେ ନିଜ ବାପ ଘରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ମହିଳା ଜଣକ ସେଠାରେ ପହଞ୍ଚି ଡେଇଁବାକୁ ଉଦ୍ୟମ କରୁଥିବାବେଳେ ନିକଟସ୍ଥ ପାର୍କରେ କାର୍ଯ୍ୟରତ ବାବୁଲି ବେହେରା ଦେଖି ତାଙ୍କୁ ବାରଣ କରିଥିଲେ। ହେଲେ ମହିଳାଜଣଙ୍କ ବାବୁଲିଙ୍କ କଥା ନ ଶୁଣି ଡେଇଁ ପଡ଼ିଥିଲେ। ତେବେ ପୂର୍ବରୁ ଏହି ସ୍ଥାନରେ ବହୁ ଲୋକଙ୍କୁ ମହାନଦୀରୁ ଉଦ୍ଧାର କରିବାର ଅଭିଜ୍ଞତା ରଖିଥିବା ବାବୁଲି ତୁରନ୍ତ ଆନିକଟ ପାଣିକୁ ଡେଇଁ ମହିଳାଙ୍କୁ ବୁଡ଼ିଯିବାରୁ ଅଟକାଇଥିଲେ।

### ବାବୁଲିଙ୍କ ସମୟୋଚିତ ପଦକ୍ଷେପ ପାଇଁ ଜୀବନ ବଞ୍ଚିଲା

ବାବୁଲିଙ୍କ କହିବାନୁସାରେ ମହିଳା ଜଣକ ପାଣି ଭିତରେ ବୁଡ଼ିବା ପୂର୍ବରୁ ସେ ତାଙ୍କୁ ଟାଣି ଆଣି ଆନିକଟ ଲୁହା କବାଟ ଉପରକୁ ଉଠାଇ ବସାଇ ଦେଇଥିଲେ ବାବୁଲି। ଏ ଖବର ପ୍ରଚାରିତ ହେବା ପରେ ଲୋକମାନେ ସେଠାରେ ରୁଣ୍ଡ ହେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଓ ବକ୍ସିବଜାର ଦମକଳ ବାହିନୀ ସେଠାରେ ପହଞ୍ଚି ରଶି ଓ ଶିଡ଼ି ସାହାଯ୍ୟରେ ମହିଳାଙ୍କୁ ଉଦ୍ଧାର କରିଥିଲେ। ତତ୍‌ପରେ ସ୍ଥାନୀୟ ପୋଲିସ ସହାୟତାରେ ମହିଳାଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ମହିଳାଜଣକ ପାରିବାରିକ କଳହ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ, ପାର୍କ କର୍ମଚାରୀ ବାବୁଲି ଏଭଳି ବହୁ ଲୋକଙ୍କୁ ମହାନଦୀରୁ ଉଦ୍ଧାର କରିଛନ୍ତି। କେବଳ ସେ ନୁହନ୍ତି, ତାଙ୍କ ସ୍ତ୍ରୀ ଟୁକୁନି ବେହେରା ଓ ପୁତ୍ର ଚନ୍ଦନ ବେହେରା ମଧ୍ୟ ତାଙ୍କୁ ସହାୟତା କରିଆସୁଥିବା ବାବୁଲି କହିଛନ୍ତି। ତାଙ୍କର ସାହସିକତା ପାଇଁ ସେମାନେ ସିଏମ୍‌ସି, କମିଶନରେଟ ପୋଲିସ ସମେତ ବହୁ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ମଧ୍ୟ ହୋଇଛନ୍ତି।

# ବ୍ରିଜ୍ ଉପରୁ ଡେଇଁ ବୃଦ୍ଧ ନିଖୋଜ

ସୁନାବେଡ଼ା, ୨୮।୯
(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ବାପୁଜୀ କଲୋନିରେ ରହୁଥିବା ସ୍ୱର୍ଗତ କାଳିଆ ଗରଡ଼ାଙ୍କ ପୁଅ ଚଣ୍ଡାଳ ଗରଡ଼ା (୬୧) ବୁଧବାର ରାତି ପ୍ରାୟ ୧୦ଟାରେ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଚଣ୍ଡାଳଙ୍କ ଖୋଜ୍ ଖବର ପାଇ ନ ଥିଲେ। ଗୁରୁବାର ସକାଳୁ ଟିମ୍ବର ବ୍ରିଜ୍ ଉପରେ ଗୋଟିଏ ଲୁଙ୍ଗି, ହଳେ ଚପଲ ଓ ଗୋଟିଏ ଟର୍ଚ୍ଚ ଲାଇଟ ପାଇଥିଲେ। ଏହା ଚଣ୍ଡାଳଙ୍କର ବୋଲି ସମ୍ପର୍କୀୟମାନେ ଚିହ୍ନିପାରି ସୁନାବେଡ଼ା



ଅଗ୍ନିଶମ କର୍ମଚାରୀମାନେ ନଦୀରେ ଚଣ୍ଡାଳଙ୍କୁ ଖୋଜାଖୋଜି କରୁଛନ୍ତି।

ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସୁନାବେଡ଼ା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ସହ ଏଏସ୍‌ଆଇ ବାଳକୃଷ୍ଣ ରଥ, ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ଓ କିଶୋର ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରିବା ସହ ବ୍ରିଜ ଉପରୁ ସେ ପାଣିକୁ ଡେଇଁ ପଡିଥିବା ସନ୍ଦେହ କରି ସେମିଳିଗୁଡା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର ଇନ୍ସପେକ୍ଟର ପାର୍ଥସାରଥି ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବୋଟ୍ ସାହାଯ୍ୟରେ ଦିନ ତମାମ ପାଣିରେ ଚଣ୍ଡାଳଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କ ସନ୍ଧାନ ମିଳିପାରିନାହିଁ । ପାଣିର ସ୍ରୋତ ଅଧିକ ରହୁଥିବାରୁ କୋରାପୁଟ ଓଡ୍ରାଫ ଟିମ୍‌ର ସହାୟତା ଲୋଡ଼ାଯାଇଛି। ଏ ସମ୍ପର୍କରେ ଖବର ପାଇ କୋରାପୁଟ ବିଧାୟକ ରଘୁରାମ ପଡାଲ ଘଟଣାସ୍ଥଳରେ ପହଞ୍ଚି ପରିବାର ଓ ସମ୍ପର୍କୀୟଙ୍କୁ ପଚାରି ସାନ୍ତ୍ୱନା ଦେଇଥିଲେ। ସୂଚନାଯୋଗ୍ୟ, ଚଣ୍ଡାଳ ରହୁଥିବା କଲୋନିରେ କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ତାଙ୍କର ଏକାଦଶାହ ଭୋଜି ଥିଲା। ଚଣ୍ଡାଳ ଏହ ଭୋଜି ଖାଇସାରି ହଠାତ୍ କୁଆଡେ ଚାଲି ଯାଇଥିଲେ।



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଗୁରୁବାର କଟକ ବକ୍ସିବଜାର ଦେଇ ଯାଉଥିବା ଶୋଭାଯାତ୍ରା।

# ପାଣି ପାଇଁ ରାସ୍ତାରୋକୋ

ନବରଙ୍ଗପୁର,୨୮।୯
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରର ଧୋବାସାହିରେ ଡ୍ରେନ୍ ମଧ୍ୟରେ ବିଛାଯାଇଛି ପିଇବା ପାଣି ପାଇପ। ଉକ୍ତ ପାଇପ୍ ବିଛାଇବାର ପ୍ରାୟ ୬ ମାସ ବିତିଥିଲେ ମଧ୍ୟ ଯୋଗାଣ ହୋଇପାରୁନାହିଁ ପିଇବା ପାଣି। ଫଳରେ ଗୁରୁବାର ବାଧହୋଇ ସାହି ବାସିନ୍ଦା ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋର ପ୍ରାୟ ୧ ଘଣ୍ଟା ପରେ ବିଭାଗୀୟ ଯନ୍ତ୍ରୀ ଆସି ସାହି ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ୧ ମାସ ମଧ୍ୟରେ ନୂତନ ଡ୍ରେନ ନିର୍ମାଣ ପରେ ପାଇପ ସଂଯୋଗ କରାଯାଇ ଘରକୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ଡ୍ରେନ୍ ମଧ୍ୟ ଦେଇ ପାଣି ପାଇପଗୁଡ଼ିକ ବିଛାଯାଇଛି। ଡ୍ରେନ୍ ମଧ୍ୟରେ ପାଇପଗୁଡ଼ିକ ଥିବାରୁ ବର୍ଷା ହେଲେ ଡ୍ରେନ୍‌ରେ ପାଣି ଯାଇ ନ ପାରି ଘରେ ଡ୍ରେନ ପାଣି ପଶୁଛି। ନୂତନ ସଂଯୋଗ ପାଇପରେ ପାଣି ଯୋଗାଣ ହେଉ ନ ଥିବାରୁ ସାହି ବାସିନ୍ଦା ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ପୌର ପରିଷଦ ପକ୍ଷରୁ ନୂତନ ଡ୍ରେନ୍ ନିର୍ମାଣ କରିବା ପାଇଁ ଚାହିଁଲେ ମଧ୍ୟ ଏହା ମଧ୍ୟରେ ପାଇପ ଥିବା ଯୋଗୁ ନୂତନ ଡ୍ରେନ୍ ନିର୍ମାଣ ହୋଇପାରୁ ନାହିଁ। ଏ ନେଇ ବିଭାଗୀୟ କାର୍ଯ୍ୟାଳୟରେ ବାରମ୍ବାର ଦାବି ପରେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଅଭିଯୋଗ କରି ରାସ୍ତାରୋକୋ କରାଯାଇଛି। ରାସ୍ତାରୋକୋ ବେଳେ ଆକାଶ ନାୟକ, ପପୁନ ନାୟକ, ସାନ ନାୟକ, ସନ୍ତୋଷ ନାୟକ, ପ୍ରସାଦ ନାୟକ, ଅଜୟ ମହାରଣା, ଜିତୁ ନାୟକଙ୍କ ସମେତ ସାହିର ଅନେକ ମହିଳା, ପୁରୁଷ ଉପସ୍ଥିତ ଥିଲେ।

# ୨ ଘର ଭାଙ୍ଗିଲେ ହାତୀପଲ



ମୋରଡ଼ା,୨୮।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡ଼ା ବ୍ଲକର ମାଜଣା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗୁରୁବାର ଭୋର ସମୟରେ ହାତୀପଲ ଉକ୍ତ ଗାଁରେ ପଶି ୨ଜଣଙ୍କ ଘର ଭାଙ୍ଗି ଦେଇଛନ୍ତି। ସୂଚନା ଅନୁଯାୟୀ, ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇ ଚାଲିଛି। ଏଥିରେ ରୋକ୍ ଲଗାଇବାରେ ବନବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହା ଫଳରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟୁଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଗ୍ରାମର ଫାଗୁ କିସ୍କୁ ଓ କରନ ମାରାଣ୍ଡିଙ୍କ ଘର ହାତୀ ପଲ ଭାଙ୍ଗି ଦେଇଥିବାରୁ ତୁରନ୍ତ ଉକ୍ତ ଦୁଇ ପରିବାରକୁ ସରକରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ତେବେ ହାତୀ ପଲ ଉପରେ ବନବିଭାଗ ତୀକ୍ଷ୍ଣ ନଜର ରଖିଥିବା ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

# ଅନିୟମିତତା: ୨ ପ୍ରମୁଖ ଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

### ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗ

- **ହାତିବାରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଅନିୟମିତତାରେ ମୁଖ୍ୟଯନ୍ତ୍ରୀ**
- **ନଗଡ଼ା ରାସ୍ତା ଦୁର୍ନୀତିରେ ଫସିଲେ ଅଧୀକ୍ଷଣ ଯନ୍ତ୍ରୀ**

ଯାଜପୁର,୨୮।୯(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗ (ବିଲ୍ଡିଂ ଏବଂ ବ୍ରିଜେସ)ର ଚିଫ୍ ଇଞ୍ଜିନିୟର ବା ମୁଖ୍ୟଯନ୍ତ୍ରୀ ରମେଶ କୁମାର ବେହେରାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ(ଡିସିପ୍ଲିନାରି ପ୍ରୋସିଡିଂ) ଗ୍ରହଣ କରାଯାଇଛି। ଏହାସହ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରତ ବିଜୟ କୁମାର ମହାରଣାଙ୍କ ନାମରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ଉଭୟ ପ୍ରମୁଖ ଅଧିକାରୀ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ରେ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ଏକାଧିକ ଅନିୟମିତତାରେ ସଂପୃକ୍ତ ଥିବା ଅଭିଯୋଗ କରାଯାଇ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଏକ୍ସପ୍ରେସ୍ ହାଇୱେଠାରୁ ହାତିବାରି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗରେ ମୁଖ୍ୟଯନ୍ତ୍ରୀ ବେହେରାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଛି। ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୬।୧୦।୨୦୨୩ରେ ହେବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ଶୁଣାଣିରେ ବର୍ତ୍ତମାନର ଯାଜପୁର ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ଉପସ୍ଥିତ ରହିବାକୁ ୨୨।୯।୨୦୨୩ରେ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବହୁଚର୍ଚ୍ଚିତ ପାହାଡ଼ିଆ ଗ୍ରାମ ନଗଡ଼ାକୁ ନିର୍ମାଣ ହୋଇଥିବା ରାସ୍ତା ମରାମତି କାର୍ଯ୍ୟରେ ବ୍ୟାପକ ହରିଲୁଟ ଅଭିଯୋଗରେ ଅଧୀକ୍ଷଣ ଯନ୍ତ୍ରୀ ମହାରଣାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଯାଜପୁର ଜିଲାର ଖଣି ସମୃଦ୍ଧ ସୁକିନ୍ଦା ବ୍ଲକ୍ ଚିଙ୍ଗୁଡିପାଳ ପଞ୍ଚାୟତ ଅନ୍ତର୍ଗତ ପାହାଡ଼ ଶୀର୍ଷରେ ଥିବା ନଗଡ଼ା ଗ୍ରାମରେ ୨୦୧୬ରେ ଶିଶୁମୃତ୍ୟୁ ଘଟଣା ସାରା ଭାରତବର୍ଷକୁ ଦୋହଲାଇ ଦେଇଥିଲା। ଗଣମାଧ୍ୟମରେ ଏହାର ପ୍ରଚାର ହେବା ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସେଠାରେ ଆରମ୍ଭ ହୋଇଥିଲା। ଗମନାଗମନ ବିନା ବିକାଶ ଅସମ୍ଭବ ବୋଲି ସେତେବେଳେ କୁହାଯାଇଥିଲା । ଫଳରେ ପ୍ରଥମେ ଅଶୋକଝରଠାରୁ ତଳ ନଗଡ଼ା ପର୍ଯ୍ୟନ୍ତ ପାହାଡ଼ କାଟି ରାସ୍ତା ନିର୍ମାଣ ହୋଇଥିଲା। ତେବେ ଜଙ୍ଗଲ ଜମି ପଡୁଥିବାରୁ ସେଠାକୁ ପକ୍କାରାସ୍ତା ନିର୍ମାଣ ହୋଇପାରି ନ ଥିଲା। ବର୍ଷକୁ ବର୍ଷ ବର୍ଷାପାଣିରେ ରାସ୍ତାର ଅଧିକାଂଶ ଅଂଶ ଧୋଇ ହୋଇଯାଇଥିଲା। ଯାହାକି ବିଭାଗୀୟ ଅଧିକାରୀଙ୍କୁ ଲେଉଟିଆ କିଆରି ଭଳି ଅର୍ଥ ଉପାର୍ଜନର ଏକ ମାଧ୍ୟମ ହେଲା। ଏହି ରାସ୍ତାର ମରାମତି ନାମରେ ଗୁପ୍ତ ଟେଣ୍ଡର କରାଯାଇ ୪୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା। ତେବେ ଏହି ରାସ୍ତାରେ ବ୍ୟାପକ ଅନିୟମିତତା ଏବଂ ତୋସରପାତ ହୋଇଥିବା ନେଇ ଅଭିଯୋଗ ହେବା ପରେ ତତ୍କାଳୀନ ଗ୍ରାମ୍ୟ ନିର୍ମାଣ ବିଭାଗ କେନ୍ଦ୍ରାପଡ଼ା-ଯାଜପୁର ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ କୁମାର ଦାଶ ତଦନ୍ତ କରିଥିଲେ। ତଦନ୍ତ ସମୟରେ ୨୦୨୦ ଅଗଷ୍ଟରେ ସ୍ମୃତିରେଖା ବେହେରା ଓ ପ୍ରଣୟ ସେଠୀ ନାମକ ୨ଜଣ ଠିକାଦାରଙ୍କ ନାମରେ ସେହି ରାସ୍ତାକୁ ୫ଲକ୍ଷ ଟଙ୍କା ଲେଖାଏଁ ୧୦ଟି ଗୁପ୍ତ ଟେଣ୍ଡର ମାଧ୍ୟମରେ ରାସ୍ତା ମରାମତି କରାଯାଇଥିବା ଜଣାପଡିଥିଲା। ଏହିକ୍ରମରେ ଅଧୀକ୍ଷଣ ଯନ୍ତ୍ରୀ ଦାଶ କାଳିଆପାଣି ଥାନାରେ କେସ ନଂ-୧ରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ନିର୍ବାହୀଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଆବଶ୍ୟକ କାଗଜପତ୍ର ସହ କାଳିଆପାଣି ଥାନାରେ ହାଜର ହୋଇ ତଦନ୍ତର ସମ୍ମୁଖୀନ ହେବାକୁ ତତ୍କାଳୀନ ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ନୋଟିସ ଜାରି କରିଥିଲେ। ହେଲେ ଏହାପରେ ମାମଲାଟି ନୀରବୀ ଯାଇଥିଲା।

ଏହି ଘଟଣାକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିବାବେଳେ ଏବେ ବିଭାଗୀୟ ଯନ୍ତ୍ରୀ ମହାରଣାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବିଚାର ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହାବାଦ୍ ୨୦୧୭-୧୮ ବର୍ଷରେ ଜିଲାର ସୁକିନ୍ଦା ବ୍ଲକ ଏକ୍ସପ୍ରେସ୍ ହାଇୱେଠାରୁ ହାତିବାରି ପର୍ଯ୍ୟନ୍ତ ପ୍ରାୟ ୧୭ କିମି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟରେ ଏକାଧିକ ଏଫ୍-ଟୁ କରି ବିପୁଳ ଟଙ୍କା ହରିଲୁଟ ହୋଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପରେ ମୁଖ୍ୟଯନ୍ତ୍ରୀ ବେହେରାଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

"ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

# ପ୍ରାକୃତିକ ବିପର୍ଯ୍ୟୟ ଓ ମହିଳା



ଜ୍ୟୋତି ରୟ ଚୌଧୁରୀ
ସହକାରୀ ପ୍ରାଧ୍ୟାପକ, ଅର୍ଥନୀତି (ଫ୍ଲେମ୍ ବିଶ୍ୱବିଦ୍ୟାଳୟ)



ପ୍ରାର୍ଥନା ଅଗ୍ରୱାଲ ଗୋଏଲ
ସହକାରୀ ପ୍ରାଧ୍ୟାପକ, ଅର୍ଥନୀତି(ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟଦ୍ୟାଳୟ)

ପ୍ରତିବର୍ଷ ଭାରତକୁ ଦୁଃଖ ଦେଉଥିବା ଅନେକ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ବନ୍ୟା ସର୍ବାଗ୍ରେ ରହିଛି। ପାଖାପାଖି ୪ କୋଟି ହେକ୍ଟର ଜମି ବନ୍ୟାପ୍ରବଣ । ତାପମାତ୍ରା ବୃଦ୍ଧି ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ଓ ଗମ୍ଭୀରତା ବୃଦ୍ଧି କରୁଥିବାବେଳେ ଭାରତରେ ବନ୍ୟା ସବୁଠୁ ପ୍ରଳୟଙ୍କରୀ ପାଲଟିଛି। ତୁଳନାତ୍ମକ ଭାବେ ବାତ୍ୟାର ତୀବ୍ରତା ମଧ୍ୟ ବୃଦ୍ଧି ପାଇଛି। ବନ୍ୟାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟୁଛି, ଭାରତରେ ଏବଂ ଏସିଆରେ ଏହା ସବୁଠୁ ବେଶି। ବନ୍ୟା ଯୋଗୁ ଆର୍ଥିକ କ୍ଷତି ୨୦୧୩ରେ ୧.୪ ବିଲିୟନ ଡଲାର ଥିବାବେଳେ ୨୦୨୦ରେ ଏହା ୧୧.୫ ବିଲିୟନରେ ପହଞ୍ଚିଛି। ଏହି ବୃଦ୍ଧି ଅନେକ ଗ୍ରାମୀଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି, ଯେଉଁମାନେ ମୋଟ ଜନସଂଖ୍ୟାର ୬୫%। ବିଶେଷକରି ଅଧିକ ସଂଖ୍ୟକ ମହିଳା ଏହାର ପୀଡ଼ା ଭୋଗିଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତର ମହିଳାମାନେ ଅତ୍ୟଧିକ ପ୍ରଭାବିତ ହେବାର ଅନେକ କାରଣ ଅଛି। କୃଷିକ୍ଷେତ୍ରର ଶ୍ରମଶକ୍ତିର ସିଂହଭାଗ ହେଉଛନ୍ତି ମହିଳା। ୨୦୨୧-୨୨ରେ କାମକରିବା ପାଇଁ ଯୋଗ୍ୟ ୫୭.୩% ମହିଳା କୃଷିରେ କାର୍ଯ୍ୟରତ ଥିଲେ ଏବଂ ଏହା ତୁଳନାରେ ପୁରୁଷ ଥିଲେ ୩୪.୪%। ରୋଜଗାର କ୍ଷେତ୍ରରେ ଅଣ କୃଷି ସେକ୍ଟରଗୁଡ଼ିକରେ ଏକ ଢାଞ୍ଚାଗତ ପରିବର୍ତ୍ତନ ସତ୍ତ୍ୱେ ଅନେକ ଗ୍ରାମୀଣ ମହିଳା ଏହିସବୁ ସୁଯୋଗରୁ ଲାଭ ଉଠାଇବାରେ ସକ୍ଷମ ହୋଇନାହାନ୍ତି। ସୀମିତ ସମ୍ବଳ ଓ ଗତିଶୀଳତାରେ କଟକଣା ଯୋଗୁ ଏହା ହୋଇପାରିନାହିଁ। ପରିବାରର ଫାର୍ମରେ କୃଷି ଶ୍ରମିକ ଭାବେ କାମକରି ସେମାନେ ବନ୍ୟା ଏବଂ ଅନ୍ୟ ଚରମ ପାଗ ଯୋଗୁ ସୃଷ୍ଟି ହେଉଥିବା ଆର୍ଥିକ ଅସ୍ଥିରତା ଜନିତ କ୍ଷତିର ସମ୍ମୁଖୀନ ହେଉଛନ୍ତି। ପରିବାରର ଦାୟିତ୍ୱ ସହ ପାରମ୍ପରିକ ସାଂସ୍କୃତିକ ପ୍ରଥା ଏବଂ ପୁରୁଷପ୍ରଧାନ ସାମାଜିକ ନୀତିଗୁଡ଼ିକର କଟକଣା ସବୁ ମହିଳାମାନଙ୍କୁ ଅଣକୃଷି କ୍ଷେତ୍ରର ରୋଜଗାର ସମେତ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାରେ ବାଧା ସୃଷ୍ଟି କରୁଛି। ଏଥିପାଇଁ ପୁରୁଷଙ୍କ ତୁଳନାରେ ମହିଳାମାନେ ବନ୍ୟାରେ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ସେମାନଙ୍କର ଅଧିକ ମୃତ୍ୟୁ ହେଉଛି ଏବଂ ରିଲିଫ ବ୍ୟବସ୍ଥାରେ କମ୍ ସୁବିଧା ପାଉଛନ୍ତି। ଏହାସହ ସେମାନଙ୍କ ଜୀବନ ଜୀବିକା ପ୍ରତି ହଠାତ୍ ବିପଦ ଦେଖାଦେଉଛି। ଯେକୌଣସି ଏକ ପ୍ରାକୃତିକ ବିପର୍ଯ୍ୟୟରେ ମହିଳାମାନଙ୍କ ପ୍ରତି ଅଧିକ ହିଂସାର ଆଶଙ୍କା ରହୁଛି। ଏକ ବୈଶ୍ୱିକ ବ୍ୟବସ୍ଥାଗତ ସମୀକ୍ଷାରୁ ଜଣାପଡ଼ିଛି ଯେ, ସାରା ବିଶ୍ୱରେ ଏଭଳି ପରିସ୍ଥିତିରେ ବଳାତ୍କାର, ଯୌନ ନିର୍ଯ୍ୟାତନା ଏବଂ ମାନବ ଚାଲାଣ ବୃଦ୍ଧି ପାଇଛି। ୨୦୦୫ର ପ୍ରଳୟଙ୍କରୀ ଝଡ଼ କାର୍ଟିନା ପରବର୍ତ୍ତୀ ମାସଗୁଡ଼ିକରେ ଦକ୍ଷିଣ ମିସିସିପିରେ ଇଣ୍ଟିମେଟ ପାର୍ଟନର ଭାଓଲେନ୍ସ ବା ଅନ୍ତରଙ୍ଗ ସମ୍ପର୍କ ହିଂସା (ଆଇପିଭି)ରେ ଅଧିକ ପ୍ରତିଶତ ମହିଳା ଶିକାର ହୋଇଥିଲେ। ଏହା ୩୩.୬%ରୁ ବୃଦ୍ଧି ପାଇ ୪୫.୨%ରେ ପହଞ୍ଚିଥିଲା । ଅସ୍ଥାୟୀ ଗଣ ଆଶ୍ରୟସ୍ଥଳଗୁଡ଼ିକରେ ଥିବା କମ୍ ଆୟ ବର୍ଗର ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ତଥା ସେମାନଙ୍କ ପିଲାମାନଙ୍କ ପାଇଁ ଆଶ୍ରୟସ୍ଥଳୀକୁ ଅସୁରକ୍ଷିତ ମଣିଥିଲେ। ସେହିପରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ୨୦୦୪ ସୁନାମି ପରେ ଭାରତରେ ୪ଟି ରାଜ୍ୟରେ ଆଇପିଭି ବୃଦ୍ଧି ପାଇଛି। ତାମିଲନାଡୁରେ ଶାରୀରିକ ଏବଂ ଯୌନ ହିଂସା ଯଥାକ୍ରମେ ୬୧% ଓ ୨୩୨% ବୃଦ୍ଧି ପାଇଥିବାବେଳେ କର୍ଣ୍ଣାଟକରେ ଭାବଗତ ହିଂସା ୧୨୨% ବଢ଼ିଛି। ଅଧିକନ୍ତୁ, ୨୦୧୦ରୁ ୨୦୧୯ ମଧ୍ୟରେ ବନ୍ୟା ବିହାରରେ ଅଧା ମିଲିୟନ ଘରକୁ କ୍ଷତି କରିଥିଲା। ଫଳରେ ଲୋକମାନଙ୍କୁ ଅସ୍ଥାୟୀ କ୍ୟାମ୍ପକୁ ଯିବାକୁ ପଡ଼ିଥିଲା, ଯେଉଁଠି ମହିଳାମାନେ ବାଚନିକ ଓ ଯୌନ ନିର୍ଯ୍ୟାତନାର ସମ୍ମୁଖୀନ ହୋଇଥିଲେ।



ମହିଳାଙ୍କ ପ୍ରତି ହେଉଥିବା ହିଂସାର ମୂଳ କାରଣ ରହିଛି ସାମାଜିକ ଓ ବ୍ୟବସ୍ଥାଗତ ସମସ୍ୟାରେ। ମହିଳାଙ୍କ ନିମ୍ନ ସାମାଜିକ ଅର୍ଥନୈତିକ ସ୍ଥିତି, ସଂସାଧନ ଆବଣ୍ଟନରେ ଲିଙ୍ଗଗତ ଭେଦଭାବ, ଅସୁରକ୍ଷିତ ପରିବେଶ ଏବଂ ସହାୟତା ସେବାର ସୀମିତ ଉପଲବ୍ଧ ହିଁ ହିଂସାର କାରଣ ହେଉଛି। ଏହିସବୁ ସମସ୍ୟା ପ୍ରାକୃତିକ ବିପର୍ଯ୍ୟୟରେ ବଢ଼ିବାର ସମ୍ଭାବନା ଅଧିକ। ପୂର୍ବ ଅପେକ୍ଷା ମହିଳାମାନଙ୍କୁ ଅଧିକ ବାଧା ଦିଆଯାଉଛି। ସାମାଜିକ ତଥା ସାଂସ୍କୃତିକ ପ୍ରତିବନ୍ଧକ ଅଣ-କୃଷି ନିଯୁକ୍ତି କ୍ଷେତ୍ରକୁ ମହିଳାମାନେ ପ୍ରବେଶ କରିବାରେ ବାଧକ ସାଜୁଛି। ସେମାନଙ୍କୁ ମଧ୍ୟ ଅର୍ଥନୈତିକ ନିଷ୍ପତ୍ତି ନେବାରେ ବାଧା ଦେଉଛି। ବିପର୍ଯ୍ୟୟ କେବଳ ଆଇପିଭି ବୃଦ୍ଧି କରେ ନାହିଁ ବରଂ ଜନସମୁଦାୟକୁ ଅସୁରକ୍ଷିତ କରିଥାଏ। ମୁଖ୍ୟତଃ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେତୁ କିଶୋରୀ ବାଳିକାମାନେ ବିପର୍ଯ୍ୟୟରେ ଯୌନ ନିର୍ଯ୍ୟାତନା ଓ ଶୋଷଣର ଶିକାର ହେବା ଆଶଙ୍କା ଅଧିକ। ବିସ୍ଥାପିତ ଲୋକଙ୍କୁ ସେବା ଦେଉଥିବା ଅସ୍ଥାୟୀ ଶିବିରଗୁଡ଼ିକ ପ୍ରାୟତଃ ଅପରାଧରେ ପରିପୂର୍ଣ୍ଣ। ପୁରୁଷମାନେ ଖାଦ୍ୟ, ଜଳ, ଆଶ୍ରୟସ୍ଥଳ ଭଳି ମୌଳିକ ଆବଶ୍ୟକତା ବଦଳରେ ଯୌନ ଅନୁଗ୍ରହ ଖୋଜନ୍ତି ଏବଂ ମହିଳାମାନେ ବହୁସମୟରେ ବଳାତ୍କାର ଓ ଯୌନ ଶୋଷଣର ଶିକାର ହୁଅନ୍ତି।

ବନ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ଦୀର୍ଘକାଳୀନ ପ୍ରଭାବ ସମାନ ଭାବରେ ବିନାଶକାରୀ। ବିପର୍ଯ୍ୟୟ ଦ୍ୱାରା ସୃଷ୍ଟି ହୋଇଥିବା ଆର୍ଥିକ କ୍ଷତି ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିରୁ ବଞ୍ଚିତ ମହିଳାଙ୍କ ପାଇଁ ନକାରାତ୍ମକ ଅଭିବୃଦ୍ଧିର ପରିବେଶ ସୃଷ୍ଟି କରିପାରେ। ପ୍ରାକୃତିକ ବିପର୍ଯ୍ୟୟ ଯେମିତି ଭାରତୀୟ ମହିଳାଙ୍କ ଅତ୍ୟଧିକ କ୍ଷତି ନ କରିବ ସେଥିପାଇଁ ସରକାର ଲିଙ୍ଗଭିତ୍ତିକ ହିଂସା ରୋକିବା ଲାଗି ଆଇନ ପ୍ରଣୟନ କରିବା ଉଚିତ। ମଦ ନିଷେଧ ଓ ପୋଲିସର ପ୍ରତିକ୍ରିୟାଶୀଳତାକୁ ଦୃଢ଼ କରିବାକୁ ହେବ। ପୋଲିସ ଷ୍ଟେଶନରେ ମହିଳା ଅଧିକାରୀଙ୍କୁ ଅଧିକ ନିଯୁକ୍ତ କରିବାକୁ ପଡ଼ିବ। ମହିଳାଙ୍କୁ ଅଧିକ ଅର୍ଥନୈତିକ ସ୍ୱାଧୀନତା ସୁନିଶ୍ଚିତ କରିବା ଜରୁରୀ । ଏହାସହ ନୀତି ନିର୍ଦ୍ଧାରକମାନେ ଅନ୍ୟ ଭାଗୀଦାରିଙ୍କ ସହ କାର୍ଯ୍ୟ କରି ମହିଳାମାନେ କିଭଳି ଦୁଗ୍ଧ ଶିଳ୍ପ ତଥା ଅନ୍ୟାନ୍ୟ କୃଷି ସହ ଜଡ଼ିତ କ୍ଷେତ୍ରଗୁଡିକରେ ବିକଳ୍ପ ନିଯୁକ୍ତି ସୁଯୋଗ ପାଇପାରିବେ ତାହା ନିଶ୍ଚିତ କରିପାରିବେ। ତେବେ ଅଧିକାରୀମାନେ ଆଶ୍ରୟସ୍ଥଳୀ ଚଳାଇବାରେ ସାହାଯ୍ୟ କରିବା ପାଇଁ ମହିଳାମାନଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ବିପର୍ଯ୍ୟୟ ଯୋଜନାରେ ସାମିଲ କରିବା ଉଚିତ।

ଅନ୍ତର୍ଜାତୀୟ ଉଦ୍ଧାର କମିଟି ସ୍ଥାନୀୟ ସରକାର, ଏନ୍‌ଜିଓ ଏବଂ ବ୍ୟକ୍ତିବିଶେଷ ବିଶେଷକରି ମହିଳାମାନଙ୍କ ସହ ଏକାଠି କାମ କରିବା ଦରକାର। ପ୍ରାକୃତିକ ବିପର୍ଯ୍ୟୟ ପୁନରୁଦ୍ଧାର ସମୟରେ ଲିଙ୍ଗଭିତ୍ତିକ ଭେଦଭାବ ଏବଂ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ରଣନୀତି ବିକାଶ କରିବା ଆବଶ୍ୟକ। ପ୍ରଭାବିତ ମହିଳାଙ୍କୁ ଯଦିଓ ରିଲିଫ ପାଣ୍ଠି ସିଧାସଳଖ ଯୋଗାଇଦିଆଯାଉଛି ସରକାର ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଦକ୍ଷତା ବିକାଶ ଉପରେ ଧ୍ୟାନଦେଇ ସେମାନଙ୍କୁ ସଶକ୍ତ କରିପାରିବେ। ଲିବ୍ୟାରେ ସାମ୍ପ୍ରତିକ ବିଧ୍ୱଂସକ ବନ୍ୟାରେ ଅନେକ ହଜାର ଲୋକ ପ୍ରାଣ ହରାଇଛନ୍ତି ଏବଂ ହଜାର ହଜାର ଲୋକ ନିଜ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଚରମ ପାଣିପାଗ ଦ୍ୱାରା ସୃଷ୍ଟି ହେଉଥିବା ବିଶ୍ୱ ବିପଦକୁ ଏହା ଦର୍ଶାଉଛି। ଭାରତ ଏବଂ ଅନ୍ୟ ଦେଶଗୁଡ଼ିକରେ ଏଭଳି ବିପର୍ଯ୍ୟୟର ପ୍ରାରମ୍ଭିକ କ୍ଷତିକୁ ସୀମିତ ରଖିବା ଓ ବିସ୍ଥାପନ ଏବଂ ସ୍ଥାନାନ୍ତର ବିପଦକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯିବା ଦରକାର। ସମାଜରେ ପୂର୍ବରୁ ରହିଆସିଥିବା ଲିଙ୍ଗଗତ ଅସମାନତା ଏବଂ ହିଂସା ଦୂରକରିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ବିପର୍ଯ୍ୟୟର ଜଟିଳ ସ୍ଥିତିକୁ ସାମ୍ନାକରି ମହିଳାମାନେ ପୂର୍ବ ସ୍ଥିତିକୁ ଫେରିବା ଲାଗି ସକ୍ଷମ ହୋଇଥିବାରୁ ସମାଜ ମଧ୍ୟ ସେଭଳି ଅଧିକ ସକ୍ଷମ ହେବା ଉଚିତ।

# ଭାଗବତର ଭବିଷ୍ୟ ବାର୍ତ୍ତା



ବିମଳ ପ୍ରସନ୍ନ ଦାସ

ସମୟର ଆବର୍ତ୍ତନରେ ଯେଉଁ ଚାରି ଯୁଗର ଆଗମନ ଏବଂ ଆଚାର ବର୍ଣ୍ଣିତ ହୋଇଛି, ତା' ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି। ପ୍ରଥମ ତିନୋଟି ଯୁଗରେ ସତ୍ୟ, ଧର୍ମ, ପବିତ୍ରତା, ଦୟା, କ୍ଷମା ପ୍ରଭୃତି ସମୁନ୍ନତ ଚେତନାର ଆବୃତି ରହିଥିବାବେଳେ କଳି ଯୁଗର ଆଗମନରେ ଏ ସବୁ ନଷ୍ଟ ଭ୍ରଷ୍ଟ ହୋଇଯିବ। ହଜାର ହଜାର ବର୍ଷ ପୂର୍ବେ ଆମର ମୁନି ଋଷିମାନେ ଏହାର ପୂର୍ବାନୁମାନ କରିନେଇ ପୁରାଣରେ ତାକୁ ଲିପିବଦ୍ଧ କରିଥିଲେ। ପଞ୍ଚସଖା ଯୁଗର ମହାପୁରୁଷ ଯଶୋବନ୍ତ ଏ ତଥ୍ୟ, ତାଙ୍କ ରଚିତ 'ଭାଗବତ ଭଜନ ମାଳା'ରେ ଉଲ୍ଲେଖ କରିଛନ୍ତି, ତା ହେଉଛି - "ଦ୍ୱାଦଶ ସ୍କନ୍ଧରେ ଆଗତ ଭବିଷ୍ୟ ପରୀକ୍ଷିତ ଆଗେ ଶୁକ କହିଲା - କହେ ଯଶୋବନ୍ତ ସେ ପାଦେ ଶରଣ ଅକାରଣେ ମୋର ଜନମ ଗଲା।"

ଶାପଗ୍ରସ୍ତ ମହାରାଜ ପରୀକ୍ଷିତ ପବିତ୍ର ଗଙ୍ଗାକୂଳରେ ମହାମୁନି ଶୁକଙ୍କ ଶରଣାପନ୍ନ ହୋଇ ମୁକ୍ତିର ଉପାୟ ଜିଜ୍ଞାସା କରିଛନ୍ତି। କାରଣ ସାତଦିନ ମଧ୍ୟରେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ଅନିବାର୍ଯ୍ୟ। ତେଣୁ ଶୁକ ମୁନିଙ୍କୁ ଯେଉଁ ତିନୋଟ ପ୍ରଶ୍ନ ପଚାରିଲେ, ତାହା ହେଉଛି : (୧) କହି ଜୀବନ ଯିବା ବେଳେ - କିବା ସାଧିବି ମହୀତଳେ, (୨) କିବା ଶୁଣିବି କର୍ଣ୍ଣପଥେ - ସ୍ମରଣ କି କରିବି ଚିତ୍ତେ, (୩) କିବା କରିବି ଉଚ୍ଚାରଣ - ଭଜିବି କାହାର ଚରଣ, ଏ ତିନୋଟ ପ୍ରଶ୍ନର ଉତ୍ତର ମହାମୁନି ଶୁକ ଭାଦ୍ରବ ନବମୀଠାରୁ ପୂର୍ଣ୍ଣମୀ ମଧ୍ୟରେ (ଇନ୍ଦୁ ପୂର୍ଣ୍ଣମୀ - ଭାଗବତ ଜନ୍ମ) ମହାରାଜ ପରୀକ୍ଷିତଙ୍କୁ ଯେଉଁ ଆତ୍ମଜ୍ଞାନ ଶୁଣାଇଥିଲେ ତାହା ହିଁ ଶ୍ରୀମଦ ଭାଗବତ ମହାପୁରାଣ। "ପରମ ଶାସ୍ତ୍ର ଭାଗବତ- ଅଭ୍ୟାସ କରୁଥିବ ନିତ୍ୟ"

ମହାମୁନି ଶୁକଦେବ କହିଥିଲେ, ଯେବେ ଘୋର କଳିଯୁଗ ଘନେଇ ଆସିବ, ସେ ସମୟରେ ସତ୍ୟ, ଧର୍ମ, ପବିତ୍ରତା, ଦୟା, କ୍ଷମା, ଆୟୁ, ଶକ୍ତି ଇତ୍ୟାଦି ସବୁ ନଷ୍ଟ ଭ୍ରଷ୍ଟ ହୋଇଯିବ। ସତ୍ୟବାଦୀ ଅଧ୍ୟାତ୍ମବାଦୀ ଧର୍ମ ପରାୟଣ ବ୍ୟକ୍ତିଗଣ ଅନାଦର ଓ ଅବହେଳାର କବଳିତ ହୋଇ ଅନାହାରରେ ମୃତ୍ୟୁବରଣ କରିବେ। ସେମାନେ ସକଳ ଦୁଃଖ, କଷ୍ଟ ଓ ଯାତନା ଭୋଗ କରିବେ। ମହାମୁନି ଶୁକ ମହାରାଜ ପରୀକ୍ଷିତଙ୍କୁ ଆଗତ ଭବିଷ୍ୟତର ସ୍ପଷ୍ଟ ସୂଚନା ଦେଇ କହିଲେ- "ଯେଉଁ ଜନର ଧନ ଥିବ- ସଂସାରେ ବଡ଼ ସେ ହୋଇବ। ସର୍ବଗୁଣ ଯେ ତାଙ୍କର ପୁଣ - ଧନ ନ୍ୟାୟ ଯେ ବିଚାରଣ। ବଳବନ୍ତ ଯେ ହୋଇବ ସେହି - ତା' ବିନା କେହି କିଛି ନୋହି। ଯେ ଜନ ନିର୍ଧନ ହୋଇବ - ତାକୁ ସହାୟ କେ ନୋହିବ। ନ୍ୟାୟରେ ସେ ଲୋକ ହାରିବ - ସଭାରେ ନିନ୍ଦିତ ହୋଇବ।"

ଯାହା ପାଖରେ କେବଳ ଧନ ଥିବ ସେ କୁଳୀନ, ସଦାଚାରୀ, ସଦ୍‌ଗୁଣ ସଂପନ୍ନ ଭାବରେ ପ୍ରଖ୍ୟାତ ହେବ। ଯିଏ ବଳବନ୍ତ ତା' ହାତରେ ଧର୍ମ ଓ ନ୍ୟାୟ ରହିବ। ବିବାହ ଆଦି ଶୁଭକାର୍ଯ୍ୟ ବିବେକାନୁମୋଦିତ ହେବନାହିଁ। ଯୁବତୀ ଯୁବକଙ୍କ ରୁଚି ଉପରେ ବିବାହ ଇତ୍ୟାଦି ଶୁଭକାର୍ଯ୍ୟ ସଂପାଦିତ ହେବ। ଛନ୍ଦ କପଟ କହିପାରୁଥିବା ବ୍ୟକ୍ତି ସବୁରି ଦୃଷ୍ଟିରେ ପାରଙ୍ଗମ ରୂପେ ବିବେଚିତ ହେବେ। ଶାଳୀନତା, ସଂଯମ ପରିବର୍ତ୍ତେ କେବଳ ସମ୍ଭୋଗ ହିଁ ଶ୍ରେଷ୍ଠତା ଲାଭ କରିବ। ଅବଶ୍ୟ ଯଜ୍ଞ ପର୍ବତ ଧାରୀ ବ୍ୟକ୍ତିଙ୍କୁ ବ୍ରାହ୍ମଣ କୁହାଯିବ, କିନ୍ତୁ ଏମାନଙ୍କର ପ୍ରକୃତ ବ୍ରାହ୍ମଣର ଗୁଣ ନ ଥିବ। ଯଥା "ବ୍ରହ୍ମ ଜାନାତି ଇତି - ବ୍ରାହ୍ମଣ୍ୟ - ଏ ସଂଜ୍ଞା ଅବାନ୍ତର ହୋଇଯିବ। କଠଉ, କମଣ୍ଡଳୁ, ଦଣ୍ଡ ଓ ଗୈରିକ ବସ୍ତ୍ର ପରିହିତ ବ୍ୟକ୍ତି କାମକୁ ମାତ୍ର ବ୍ରହ୍ମଚାରୀ ଓ ସନ୍ନ୍ୟାସୀ ଓ ଶେଷରେ ଭଣ୍ଡ ଭାବରେ ଦଣ୍ଡ ଭୋଗିବେ। ଏସବୁ ପୂର୍ବାନୁମାନର ନଗ୍ନ ବାସ୍ତବ ରୂପ ବର୍ତ୍ତମାନ ନିତ୍ୟ ନୈମିତିକ ଘଟଣା ଯାହା ଗଣମାଧ୍ୟମ ପ୍ରତିଦିନ ପରିବେଷଣ କରୁଛନ୍ତି। ଏସବୁର ତାଲିକା ଏତେ ଦୀର୍ଘ ଯେ ଗୋଟିଏ ପ୍ରବନ୍ଧର କ୍ଷୁଦ୍ର କଳେବର ମଧ୍ୟରେ ତାକୁ ଉଲ୍ଲେଖ କରିବା ଅସମ୍ଭବ। ଏମାନେ ଯୁଗ ଯୁଗର ସଂସ୍କୃତି ଓ ଧ୍ୱଂସ କରିବେ ଓ କରୁଛନ୍ତି। ପବିତ୍ର ନ୍ୟାୟାଳୟରେ ଲାଞ୍ଚ ଓ ମିଛର ପ୍ରାବଲ୍ୟ। କେବଳ ଧନ ବ୍ୟୟ କରି ବ୍ୟକ୍ତି ବିଜୟୀ ହେବେ। ଆଜି ତାହା ହିଁ ନିଷ୍ଠୁର ବାସ୍ତବତା। ଅଧ୍ୟାତ୍ମବାଦୀ କବି ଗଙ୍ଗାଧର ମଧ୍ୟ ଲେଖିଛନ୍ତି। ଧନେଶ୍ରିତ ହୋଇଥାଏ। ଯାହାର ବିଚାର - ତାକୁ ଲୋକେ ବୋଲୁଥାନ୍ତି ଧର୍ମାବତାର। ଅର୍ଥାତ୍ ନ୍ୟାୟ ବ୍ୟବସ୍ଥା ନ୍ୟାୟୋଚିତ ହେବନାହିଁ। କଥା କହିପାରୁଥିବା ଲୋକ ପଣ୍ଡିତ ବୋଲାଇବେ। ଅହଂକାରୀ, ଗର୍ବୀ ଲୋକଙ୍କୁ ସମାଜ ସାଧୁର ମାନ୍ୟତା ଦେବ। ଗଙ୍ଗା, ଗୋମତୀ, ଯମୁନା, ପିତା, ମାତା ଓ ଗୁରୁଜନମାନଙ୍କ ପ୍ରତି ସମ୍ମାନ ରହିବ ନାହିଁ। ବଡ଼ ପାଟିଆ ହିଁ ସତ୍ୟବାଦୀ ହେବେ। ଯଶ, ମାନ, ପ୍ରତିପତ୍ତି ଓ ପ୍ରତିଷ୍ଠା ଲୋଭରେ ମଣିଷ ସତ୍ୟ ଓ ଧର୍ମକୁ ରଲୁ କରିଦେବ। ତେଣୁ ଶୁକ ମୁନି କହିଛନ୍ତି। "ଏ ବଡ଼ ଲୋକଙ୍କର ମତ - ଅଳପ ଜନେ ବିପରୀତ ଯେଣୁ ଏ ତେଜେ ବଳବନ୍ତ। - ଏହାଙ୍କ କର୍ମ ବିପରୀତ।"

ମୋ :୯୪୩୮୧୮୬୨୨୬

## ଏଇ ଭାରତରେ

ଶିକ୍ଷକଙ୍କ ନାମ ଭେରାରାମ ଭାଖର। ଲୋକେ ତାଙ୍କୁ ଶ୍ରଦ୍ଧାରେ ଡାକୁଛନ୍ତି ଗଛବାଲା ମାଷ୍ଟର। ସେ ୪ ଲକ୍ଷ ଗଛ ଲଗାଇ ରାଜସ୍ଥାନର ଶୁଷ୍କ ଅଞ୍ଚଳକୁ ସବୁଜ କରିସାରିଲେଣି। ସେ ଦୀର୍ଘ ୨୪ ବର୍ଷ ମଧ୍ୟରେ ଏହି ସଂଖ୍ୟକ ଗଛ ଲଗାଇ ସାରିଛନ୍ତି। ଭେରାରାମ ଗଛ ଲଗାଇବା ପରେ ନିଜେ ତାହାର ଜଗାରଖା କରୁଛନ୍ତି ଏବଂ ପ୍ରତିବର୍ଷ ଗୋଟିଏ ମାସର ଦରମା ଏଥିରେ ଖର୍ଚ୍ଚ କରୁଛନ୍ତି। ସେ କଲେଜରେ ପଢୁଥିବା ସମୟରେ ସାଙ୍ଗଙ୍କ ସହ ମିଶି ପ୍ରଥମେ ୫୦ଟି ଗଛ ଲଗାଇଥିଲେ ଓ ସେବେଠାରୁ ସେ ଗଛଲଗା କାମ ଜାରି ରଖିଛନ୍ତି। ଶିକ୍ଷା ଶେଷକରି ସେ ଶିକ୍ଷକଭାବେ ଯୋଗଦେବା ପରେ ମଧ୍ୟ ଗଛ ଲଗାଇ ଆସୁଛନ୍ତି। ଭେରାରାମ ବିଭିନ୍ନ ସ୍କୁଲ ଓ ଗାଁର ସର୍ବସାଧାରଣ ଜମିରେ ଏହି ସବୁ ଗଛ ଲଗାଉଛନ୍ତି। ସେ ବୃକ୍ଷରୋପଣ ସମ୍ପର୍କରେ ଛୋଟ ଛୋଟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହା ବ୍ୟତୀତ ଲୋକମାନଙ୍କୁ ମାଗଣାରେ ଗଛ ଦେଇ ତାଙ୍କ ସବୁଜ ଅଭିଯାନରେ ସାମିଲ କରୁଛନ୍ତି। କେବଳ ବୃକ୍ଷରୋପଣ ନୁହେଁ, ସେ ପଶୁପକ୍ଷୀ ସଂରକ୍ଷଣରେ ବି ସମୟ ଦେଉଛନ୍ତି। ଏବେ ସୁଦ୍ଧା ସେ ୫୦୦ରୁ ଅଧିକ ବନ୍ୟପଶୁଙ୍କୁ ଉଦ୍ଧାର କରିସାରିଲେଣି। ପରିବେଶ ଲାଗି ସମର୍ପିତ ଭେରାରାମ ସମାଜର ଜଣେ ପ୍ରକୃତ ହିରୋ ଓ ସମାଜ ଲାଗି ପ୍ରେରଣା।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୮

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଓ ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ।
- ଏକ ଜମି ଦୁର୍ନୀତି ମାମଲାରେ ଅଭିଯୁକ୍ତ ମଧ୍ୟପ୍ରଦେଶର ଦୁଇଜଣ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ପାଇଁ ରାଜ୍ୟପାଳଙ୍କ ନିଷ୍ପତ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | |
| | 2 | | 3 | | | | | |
| 7 | | | | | 9 | | | 6 |
| | | | 6 | 5 | 4 | 7 | | |
| | | 1 | 9 | | | | 5 | |
| | | 3 | | | 2 | | | |
| | | | 2 | | 7 | | | |
| | 8 | 2 | | | | | | |
| 9 | 6 | | 1 | | 5 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 9 | 2 | 4 | 3 | 6 | 1 |
| 2 | 4 | 1 | 3 | 6 | 8 | 7 | 9 | 5 |
| 6 | 9 | 3 | 7 | 1 | 5 | 2 | 4 | 8 |
| 8 | 2 | 5 | 4 | 7 | 6 | 9 | 1 | 3 |
| 9 | 6 | 7 | 5 | 3 | 1 | 8 | 2 | 4 |
| 3 | 1 | 4 | 8 | 9 | 2 | 6 | 5 | 7 |
| 5 | 8 | 9 | 2 | 4 | 3 | 1 | 7 | 6 |
| 4 | 7 | 6 | 1 | 8 | 9 | 5 | 3 | 2 |
| 1 | 3 | 2 | 6 | 5 | 7 | 4 | 8 | 9 |

ଗତକାଲିର ଉତ୍ତର

# ସ୍ୱଚ୍ଛ ପୃଥିବୀ ଆଡ଼କୁ ପାଦେ



ସୁଜାତା ପ୍ରହରାଜ

ଗୋଟିଏ ଦେଶର ସାମଗ୍ରିକ ବିକାଶ ପାଇଁ ଶକ୍ତିର ଭୂମିକା ସର୍ବାଧିକ। ମଧ୍ୟପ୍ରାଚ୍ୟର ଛୋଟଛୋଟ ଦେଶଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ। ଭାରତ ପରି ଏକ ବିକାଶଶୀଳ ଦେଶରେ ଶକ୍ତିକ୍ଷେତ୍ରରେ ଅନେକ ବିରୋଧାଭାସ ଦେଖିବାକୁ ମିଳେ। ଶକ୍ତି ଉତ୍ପାଦନରେ ଭାରତ ବହୁ ପଛରେ କିନ୍ତୁ ଶକ୍ତି ବ୍ୟବହାରରେ ବହୁତ ଆଗରେ। ଏଠାରେ ଅର୍ଦ୍ଧାଧିକ ଲୋକ ଜାଳେଣି ପାଇଁ ରନ୍ଧନ ଗ୍ୟାସ୍ କିଣିବାକୁ ସକ୍ଷମ ନ ହୋଇ କାଠ, କୋଇଲା ବ୍ୟବହାର କରୁଥିବା ବେଳେ ଧନୀକଶ୍ରେଣୀର ଲୋକଙ୍କ ଘରେ ଯାନବାହନର ଧାଡ଼ି ଲାଗିଥାଏ। ଭାରତୀୟ ଉଦ୍ୟୋଗ ଆଜି ମଧ୍ୟ କୋଇଲା ଉପରେ ଅତିଶୟ ନିର୍ଭରଶୀଳ। ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ଯୋଗୁ ଦେଶ ସମୁଦାୟ ଇନ୍ଧନ ତୈଳ ଚାହିଦାର ୮୪% ଓ ପ୍ରାକୃତିକ ଗ୍ୟାସ୍ ଚାହିଦାର ୫୬% ଆମଦାନୀ କରିବାକୁ ବାଧ୍ୟ, ଯାହା ଫଳରେ ପ୍ରତିବର୍ଷ ବୈଦେଶିକ ମୁଦ୍ରାର ଏକ ବୃହତ୍ ଅଂଶ ଏ ବାବଦରେ ଖର୍ଚ୍ଚ ହୁଏ। ଏହା ସହିତ ଅଙ୍ଗାରକ ନିର୍ଗମନରେ ଭାରତ ପୃଥିବୀରେ ତୃତୀୟ।

ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଅଙ୍ଗାରକ ଉତ୍ସର୍ଜନକୁ ଧୀରେଧୀରେ ହ୍ରାସ କରି ୨୦୭୦ରେ ଏହାକୁ ଶୂନ୍ୟ(ନିଟ-ଜିରୋ) କରିବାର ପ୍ରତିବଦ୍ଧତା ଭାରତ ବିଶ୍ୱସମୁଦାୟ ପାଖରେ ଉପସ୍ଥାପନ କରିଛି। ଏହା ସହିତ ଅଣପାରମ୍ପରିକ ନବୀକରଣୀୟ ଶକ୍ତିଉତ୍ସକୁ ଆଧାର କରି ଶକ୍ତିକ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବଂ ଅଧିକ ଅଶୋଧିତ ଇନ୍ଧନ ତୈଳ ଓ ଗ୍ୟାସ୍ ଆମଦାନୀକୁ ଯଥାସମ୍ଭବ କମ୍ କରି ବୈଦେଶିକ ମୁଦ୍ରା ନିର୍ଗମନକୁ ସୀମିତ କରିବାର ଏକ ସହଜ ସାଧନ ହେଉଛି ଜୈବଇନ୍ଧନ (ବାୟୋଫୁଏଲ)। ଏହି ସମସ୍ତ ଲକ୍ଷ୍ୟକୁ ଆଖିରେ ରଖି କେନ୍ଦ୍ର ସରକାର ୨୦୧୮ରେ ଆଗତ କରିଥିଲେ ଜାତୀୟ ଜୈବଇନ୍ଧନ ନୀତି।

ବିକାଶ ସହିତ ତାଳ ଦେଇ ଦେଶରେ ବଢ଼ି ଚାଲିଛି ଯାନବାହନ ସଂଖ୍ୟା। ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ରୀଷ୍ମଋତୁର ଅବଧି ଦୀର୍ଘ ହେବା ସହିତ ଜମିର ଶୁଷ୍କତା ବୃଦ୍ଧି ପାଉଛି। ଏହା ବ୍ୟତୀତ ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ ଯୋଗୁ ତା'ର ସ୍ତର କମିକମି ଯାଉଛି। ଏହା ଫଳରେ ଅଧିକ ଶକ୍ତିବିଶିଷ୍ଟ ଡିଜେଲଚାଳିତ ପାଣିପମ୍ପକୁ ଅଧିକ ସମୟ ଚଲାଇ ଫସଲକୁ ଜଳଯୋଗାଣ କରିବାକୁ କୃଷକ ବାଧ୍ୟ ହେଉଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ହୋଇଛି। ମକା ଓ ଆଖୁ ଫସଲର ଗଛ ଓ ଖଦା, ଅମଳ ପରେ ଧାନ ଗହମ ଆଦି ଶସ୍ୟ ଗଛ, ଅଗାଡ଼ି, ଚଷୁ, ତୈଳବୀଜ ଜାତୀୟ ଫସଲରୁ ତୈଳ ନିଷ୍କାସନ ପରେ ବାହାରୁଥିବା ଉଦବୃତ୍ତ - କୃଷକମାନେ ଏସବୁକୁ ପୋଡ଼ିବା ଫଳରେ ବ୍ୟାପକ ଧୂଆଁ ଓ ଅତିକ୍ଷୁଦ୍ର ଅଙ୍ଗାରଖଣ୍ଡ ବାୟୁମଣ୍ଡଳରେ ମିଶି ତାକୁ ପ୍ରଦୂଷିତ କରିଥାଏ। କୃଷିକ୍ଷେତ୍ରର ଏହି ଦୁଇ ସମସ୍ୟାର ସମାଧାନର ସୂତ୍ର ଜୈବଇନ୍ଧନ ଦେଇ ପାରିଛି। ଇଥାନଲ (ବାୟୋପେଟ୍ରୋଲ), ବାୟୋଡିଜେଲ ଓ ବାୟୋଗ୍ୟାସ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନର ବହୁବିଧ ରଣାତ୍ମକ ପ୍ରତିକ୍ରିୟାକୁ ନିବାରଣ କରିପାରିବ। ଇଥାନଲର ୯୦ ଭାଗ ଆଖୁଗଛରୁ ଆସୁଥିବା ବେଳେ ବାୟୋଡିଜେଲ ତୈଳବୀଜର ଏବଂ କମ୍ପ୍ରେସ୍‌ଡ ବାୟୋଗ୍ୟାସ ବିଭିନ୍ନ ନଷ୍ଟ ଜୈବଉତ୍ପାଦନରୁ ମିଳିଥାଏ। ୨୦୧୮ରେ ଆରମ୍ଭ ହୋଇଥିବା ସଷ୍ଟେନେବଲ ଅଲ୍ଟର୍ନେଟିଭ ଟୁୱାର୍ଡ୍ସ ଏଫୋର୍ଡେବଲ ଟ୍ରାନ୍ସପୋର୍ଟେଶନ ଯୋଜନାରେ ବାର୍ଷିକ ୧୫ ନିୟୁତ ଟନ୍ କମ୍ପ୍ରେସ୍‌ଡ ବାୟୋଗ୍ୟାସ ଉତ୍ପାଦନ ପାଇଁ ୫ ହଜାର କାରଖାନା ସ୍ଥାପନର ପ୍ରସ୍ତାବ ରହିଛି। ଏହା କଳକାରଖାନା ଓ ପରିବହନ କ୍ଷେତ୍ରରେ ଉତ୍ତମ ସ୍ୱଚ୍ଛ ନବୀକରଣୀୟ ଶକ୍ତି ରୂପେ ବ୍ୟବହୃତ ହେବ।



ଭାରତରେ ଜୈବଇନ୍ଧନ ବ୍ୟବହାର ଓ ତା'ର ଉତ୍ପାଦନ ଶିଶୁ ଅବସ୍ଥାରେ। ପେଟ୍ରୋଲ ବଦଳରେ ଇଥାନଲର ବ୍ୟବହାର ଏକ ଦୀର୍ଘ ପ୍ରକ୍ରିୟା। ଧୀରେଧୀରେ ଏହା ଗତିଶୀଳ ହେଉଛି ପେଟ୍ରୋଲ-ଇଥାନଲ ବ୍ଲେଣ୍ଡିଂ(ମିଶ୍ରଣ) ମାଧ୍ୟମରେ। ଭାରତରେ ୨୦୦୩ରେ ପ୍ରଥମେ ଇଥାନଲମିଶ୍ରିତ ପେଟ୍ରୋଲ ବ୍ୟବହାର ଆରମ୍ଭ ହୋଇଥିଲା। ଭାରତର ସମସ୍ତ ଇନ୍ଧନତୈଳ ବିକ୍ରେତା କମ୍ପାନୀଙ୍କ ପାଇଁ ୧୦% ମିଶ୍ରଣ (ପେଟ୍ରୋଲ ୯୦%, ଇଥାନଲ ୧୦% ) ସରକାର ସ୍ଥିର କରିଥିଲେ। ଧାର୍ଯ୍ୟ ସମୟ ପୂର୍ବରୁ କମ୍ପାନୀମାନେ ଏହା ପୂରଣ କରି ୨୦୨୨ଠାରୁ ବିକ୍ରୟ କରୁଛନ୍ତି। ଏହି ମାତ୍ରାକୁ ୨୦୨୫-୨୬ ସୁଦ୍ଧା ୨୦%କୁ ବୃଦ୍ଧି କରାଯିବାକୁ ସ୍ଥିର କରାଯାଇଛି। ଗତ ଆଠବର୍ଷରେ ଇଥାନଲ ବ୍ଲେଣ୍ଡିଂ ଯୋଗୁ ୪୧୮୦୦ କୋଟି ଟଙ୍କାର ବୈଦେଶିକମୁଦ୍ରା ସଞ୍ଚିତ ହୋଇଛି, ୨୭ ଲକ୍ଷ ମେଟ୍ରିକ୍ ଟନ୍ ମାରାତ୍ମକ ସବୁଜଗୃହ ବାଷ୍ପ କମ୍ ନିର୍ଗମନ ହୋଇଛି ଏବଂ କୃଷକମାନେ ୪୦୬୦୦ କୋଟି ଟଙ୍କାର ଲାଭ ପାଇ ପାରିଛନ୍ତି।

ଭାରତରେ ଜୈବଇନ୍ଧନର ଭବିଷ୍ୟତ ଉଜ୍ଜ୍ୱଳ। ଏହା ଆଖୁ, ମକା, ତୈଳବୀଜ ଉତ୍ପାଦନ ଓ ତଜ୍ଜନିତ ଶିଳ୍ପକୁ ପ୍ରୋତ୍ସାହିତ କରିବ। ଦେଶର ଅନୁର୍ବର ନିଷ୍ଫଳା ଜମିକୁ ଜୈବଇନ୍ଧନର କଞ୍ଚାମାଲ ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ। କୃଷକ କୃଷିବିବିଧତା ଆପଣେଇବେ। ସେମାନଙ୍କର ଆୟ ବୃଦ୍ଧି ହେବା ସହିତ ଜମିର ଉତ୍ପାଦିକାଶକ୍ତି ବଢ଼ିବ। କିନ୍ତୁ ଏସବୁ ସକାରାତ୍ମକ ଦିଗ ସତ୍ତ୍ୱେ ଏଥିରେ ଅନେକ ଆହ୍ୱାନ ରହିଛି। ଖାଦ୍ୟଶସ୍ୟ ଉତ୍ପାଦନ ଜମିକୁ ଆଖୁ, ମକା ଇତ୍ୟାଦି ଚାଷ ପାଇଁ ବ୍ୟବହାର କରାଗଲେ ଦେଶରେ ଖାଦ୍ୟଶସ୍ୟର ଅଭାବ ଦେଖାଯିବ, ସେସବୁର ଦର ବଢ଼ିବ ଏବଂ ଖାଦ୍ୟଶସ୍ୟର ଆମଦାନୀ କରିବାକୁ ପଡ଼ିବ। ଏଥିପାଇଁ ଯଦି ଜଙ୍ଗଲଜମିକୁ ବ୍ୟବହାର କରାଯାଏ ଜୈବବିବିଧତାରେ ଅସନ୍ତୁଳନ ଦେଖାଦେବ। ଏସବୁ ପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ।

୨୦୨୩ ସେପ୍ଟେମ୍ବର ୯ ଓ ୧୦ରେ ଭାରତରେ ହୋଇଥିବା ଜି-୨୦ ସମ୍ମିଳନୀରେ ଏକ ଐତିହାସିକ ନିଷ୍ପତ୍ତି କ୍ରମେ ବିଶ୍ୱ ଜୈବଇନ୍ଧନ ସଂଗଠନ ସୃଷ୍ଟି କରାଯାଇଛି। ୧୯ଦେଶ ଓ ୧୨ ଅନ୍ତର୍ଜାତୀୟ ସଂସ୍ଥା ଏହି ସଂଗଠନର ସଦସ୍ୟ ହେବାକୁ ରାଜି ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜି-୨୦ ଗୋଷ୍ଠୀର ସଦସ୍ୟ ନ ଥିବା ଆଉ ୯ ଦେଶ ସହମତି ପ୍ରକାଶ କରିଛନ୍ତି। ଜୈବଇନ୍ଧନର ଉତ୍ପାଦକ ଦେଶମାନଙ୍କର ମିଳିତ ପ୍ରୟାସରେ ବିଶ୍ୱରେ ଶକ୍ତି ପରିବର୍ତ୍ତନ ପ୍ରକ୍ରିୟାକୁ ସୁଗମ କରିବା ଏହାର ମୌଳିକ ଉଦ୍ଦେଶ୍ୟ। ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ସ୍ୱଚ୍ଛ ଓ ନବୀକରଣୀୟ ଶକ୍ତି ଉତ୍ସ ଜୈବଇନ୍ଧନର ଉତ୍ପାଦନ ପାଇଁ ଆର୍ଥିକ, ବୈଷୟିକ ଓ ପରିଚାଳନାଗତ ସାହାଯ୍ୟ ସହଯୋଗ ଏବଂ ଏହାର ବଜାରୀକରଣ ପାଇଁ ଭାଗୀଦାରି ମାଧ୍ୟମରେ ପୃଥିବୀର ସବୁ ଦେଶରେ ଜୈବଇନ୍ଧନର ପ୍ରଚାର ପ୍ରସାର କରିବା ଏହି ସଂଗଠନର ଲକ୍ଷ୍ୟ। ଏହି ମିଳିତ ପ୍ରୟାସ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ବିରୋଧରେ ପ୍ରମୁଖ ଅସ୍ତ୍ର ହୋଇପାରିବ। ଏହି ସଂଗଠନର ସୃଷ୍ଟି ଭାରତ ପାଇଁ କେବଳ ଶକ୍ତିକ୍ଷେତ୍ରରେ ପରିବର୍ତ୍ତନ ଓ ସ୍ୱାବଲମ୍ବନଶୀଳତା ଆଣିବନି। ଏହା ଭାରତର ଅର୍ଥନୈତିକ ବିକାଶ ଓ ଭୂରାଜନୈତିକ ଗୁରୁତ୍ୱ ବୃଦ୍ଧିକରିବାରେ ସାହାଯ୍ୟ କରିବ।

SujataPraharaj<praharajs18@gmail.com>

## ପାଠକ ଶ୍ରେଷ୍ଠ ବିଚାରକ

### କଲେଜ ନିର୍ବାଚନ ହିଂସାମୁକ୍ତ ଭାବେ ହେଉ

ମହାଶୟ,

ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବୁଝିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚନ କରିବାକୁ ସରକାର ଅନୁମତି ଦେବା ଉଚିତ। ଏଥିପାଇଁ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି। ଅନେକ ବର୍ଷହେଲା କଲେଜ ନିର୍ବାଚନ ବନ୍ଦ ହୋଇଛି। କଲେଜରେ ନିର୍ବାଚନ ହେଉ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଛାତ୍ରୀଛାତ୍ରମାନେ ଅନୁଭବ କରନ୍ତୁ। ନିର୍ବାଚନକୁ ସରକାର ଅନୁମତି ଦେବା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ଚାହିଁବା ଉଚିତ ଯେ ନିର୍ବାଚନ ହିଂସାମୁକ୍ତ ଭାବେ ହେବ। ଶିକ୍ଷା ଅନୁଷ୍ଠାନରେ ନିର୍ବାଚନଜନିତ ହିଂସାକାଣ୍ଡ ହେଲେ ପବିତ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ନଷ୍ଟ ହେବ। ଆଉ ଅତୀତର ସ୍ମୃତିକୁ ଅଯଥାରେ ରୋମନ୍ଥନ ନ କରି କଲେଜରେ ନିର୍ବାଚନ କରିବା ପାଇଁ ବିନା ଦ୍ୱିଧାରେ ସରକାର ଅନୁମତି ଦିଅନ୍ତୁ। କାରଣ ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ କେହି ରାଷ୍ଟ୍ରନାୟିକା ନାୟକ ବାହାରି ପାରନ୍ତି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

"ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
"ଉଠ ବୀର ! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଅକ୍ଟୋବର ୧ରେ ମା' ହିଙ୍ଗୁଳାଙ୍କ ନୂଆଖାଇ

ତାଳଚେର,୨୮।୯(ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ତଥା ନବାନ୍ନ ପ୍ରସାଦ ଲାଗି ଆସନ୍ତା ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେବ। ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସେବାୟତ ଯୋଗ ଦେଇଥିଲେ। ମା' ହିଙ୍ଗୁଳାଙ୍କ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ପାଞ୍ଜି ଦେଖି ତିଥି ସ୍ଥିର କରିଥିଲେ। ପୂର୍ବାହ୍ନ ୧୧ଟା ୨୫ ମିନିଟରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମ ଦିଅଁଘରୁ ପୂଜାମଣ୍ଡପକୁ ଯାତ୍ରା କରିବେ। ପାରମ୍ପରିକ ଓ ବୈଦିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯିବା ସହ ଦିବା ୧ ଘଟିକାରେ ନବାନ୍ନ ପ୍ରସାଦ ଲାଗି କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ହାଡିବନ୍ଧୁ ଗଡନାୟକ, ଡିଲେଶ୍ୱର ସାମଲ, ବିନୟ କୁମାର ମହାନ୍ତି, ସୁରେଶ ଧର ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଟ୍ରଷ୍ଟ ବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ ସୂଚନା ଦେଇଛନ୍ତି।

## ୧୦୪ କେଜି ଗଞ୍ଜେଇ, ବୋଲେରୋ ଜବତ

ନନ୍ଦପୁର,୨୮।୯(ଶଙ୍କର ପୂଜାରୀ)

ନନ୍ଦପୁର ଉପଖଣ୍ଡ ଅଧୀନ ପାଡୁଆ ପୋଲିସ ହାଟଗୁଡା ଅଞ୍ଚଳରୁ ଚାଟୁଆ ସୀମାନ୍ତ ଦେଇ ଆନ୍ଧ୍ରକୁ ବୋଲେରୋ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଧରିଛନ୍ତି। ଏସଆଇ ହୃଷୀକେଶ ବେହିଆଙ୍କ ନେତୃତ୍ୱରେ ପାଟ୍ରୋଲିଂ ବେଳେ ଉକ୍ତ ବୋଲୋରୋ(ଓଡି ୨୨ ଏଫ ୮୨୬୨)କୁ ଯାଞ୍ଚ କରି ସେଥିରୁ ୧୦୪ କେଜି ଗଞ୍ଜେଇ ଜବତ କରିଛନ୍ତି। ଚାଲାଣକାରୀମାନେ ଉକ୍ତ ଗଞ୍ଜେଇକୁ ବୋଲେରୋ ଛାତରେ ସିକ୍ରେଟ ଚାମ୍ବର ନିର୍ମାଣ କରି ସେଥିରେ ଚାଲାଣ କରୁଥିଲେ। ଗଞ୍ଜେଇ ସହ ବୋଲେରୋକୁ ଜବତ କରାଯାଇଛି। ପୋଲିସକୁ ଦେଖି ଚାଲାଣକାରୀମାନେ ଗାଡିଛାଡି ପଳାଇଥିଲେ ବୋଲି ଏସ୍‌ଡିପିସ ସଞ୍ଜୟ ମହାପାତ୍ର କହିଛନ୍ତି। ପାଡୁଆ ଥାନାରେ କେସ୍ ନଂ. ୧୨୪/୨୩ରେ ମାମଲା ରୁଜୁ ହୋଇଛି।

# କ୍ରାୟୋ ଫର୍ ଗୁଡ୍ ଅଭିଯାନର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗୁଜରାଟର ଅହମ୍ମଦାବାଦରେ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପୁଅ ଓ ଝିଅଙ୍କ ମଧ୍ୟରେ ଲିଙ୍ଗଗତ ସମାନତା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ କ୍ରାୟୋ ଫର୍ ଗୁଡ୍ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନ କ୍ରୀଡ଼ାର ଶକ୍ତି ଏବଂ କ୍ରିକେଟର ଲୋକପ୍ରିୟତା ମାଧ୍ୟମରେ ଶିଶୁ କନ୍ୟାମାନଙ୍କୁ ସଶକ୍ତ କରିବା ସହ ଲିଙ୍ଗଗତ ସମାନତା ଉପରେ ସଚେତନତା ସୃଷ୍ଟି କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଆଇସିସି, ବିସିସିଆଇ, ୟୁନିସେଫ୍ ଏବଂ ଶିକ୍ଷା ମନ୍ତ୍ରଣାଳୟର ମିଳିତ ଭାଗୀଦାରିରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ୮ଟି ସିରିଜ୍ ବିଶିଷ୍ଟ କ୍ରିକେଟ୍ ଆଧାରିତ ଆନିମେସନ ଚଳଚ୍ଚିତ୍ର ମାଧ୍ୟରେ ଲିଙ୍ଗଗତ ସମାନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଝିଅମାନଙ୍କୁ ଲାଇଫ ସ୍କିଲ୍ ସହ ଯୋଡିବା ଏବଂ କ୍ରୀଡ଼ାରେ ସେମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଅଭିନବ ଅଭିଯାନକୁ ପ୍ରଶଂସା କରିବା ସହ ଧର୍ମେନ୍ଦ୍ର କହିଛନ୍ତି, ଭାରତର ଝିଅମାନେ ପୂର୍ବରୁ ଦେଶ ପାଇଁ ଗୌରବ ଆଣିଛନ୍ତି। ସାଇନା ନେହ୍ୱାଲ, ପିଭି ସିନ୍ଧୁ, ମେରି କମ୍, ଝୁଲଣ ଗୋସ୍ୱାମୀ, ମିତାଲି ରାଜ, ସ୍ମୃତି ମନ୍ଧାନାଙ୍କ ଭଳି ଝିଅ ଆମ ଦେଶର ଗୌରବ ବଢାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମହିଳା ସଶକ୍ତୀକରଣ ବିଶେଷ ଭାବେ ଝିଅମାନଙ୍କ ସଶକ୍ତୀକରଣ ଜାତୀୟ ଶିକ୍ଷାନୀତିର ମୂଳ ଆଧାର। ଆଜିର ପଦକ୍ଷେପ ନେତୃତ୍ୱ, ସମସ୍ୟାର ସମାଧାନର ସୂତ୍ର ବାହାର କରିବା, ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା, ନିଷ୍ପତ୍ତି ନେବାର ସାମର୍ଥ୍ୟ, ବୁଝାମଣା, ସମବେଦନା, ଟିମ୍ ୱାର୍କ ଏବଂ ଲକ୍ଷ୍ୟ ସ୍ଥିର କରିବା ଭଳି ଆବଶ୍ୟକ ଲାଇଫ୍ ସ୍କିଲ୍ ଉପରେ ଗୁରୁତ୍ୱ ଦେବ। ଏହି କାର୍ଯ୍ୟକ୍ରମରେ ଭାରତୀୟ ମହିଳା କ୍ରିକେଟ ଦଳର ଉପ ଅଧିନାୟକ ସ୍ମୃତି ମନ୍ଧାନା, ବିସିଆଇର ସେକ୍ରେଟାରି ଜୟ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୁଜଙ୍ଗ, ୨୮।୯ (ମନୋଜ ପ୍ରଧାନ)

କଟକ-ପାରାଦୀପ ରାଜ୍ୟ ରାଜପଥର କୁଜଙ୍ଗ ଥାନା ଅନ୍ତର୍ଗତ ପନ୍ଦର ନମ୍ବର ନିକଟସ୍ଥ ବଳିଆର ସିଂହ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଅନ୍ତର୍ଗତ ପାଟୁଲିପାଙ୍ଗ (ରଘୁନାଥପୁର) ଗ୍ରାମର ପ୍ରଭାକର ଭୋଳ (୫୨) ଓ ସେହି ଥାନା ଅନ୍ତର୍ଗତ ଛନ୍ଦା ଗ୍ରାମର ଜିତେନ୍ଦ୍ର ପାଳ (୫୪)। ପୁରୀରୁ ଜଗନ୍ନାଥ ଦର୍ଶନ ସାରି ଉଭୟେ ଏକ ମୋଟର ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗ ଅର୍ଥାତ୍ ପାରାଦୀପ ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ବାଇକ୍‌କୁ ଧକ୍କା ଦେଇ ପ୍ରାୟ ୧୫ ମିଟର ଦୂରତା ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଭାକର ଓ ଜିତେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ହାଇୱା ଚାଳକ ଜଣକ କୁଜଙ୍ଗ କୃଷି କାର୍ଯ୍ୟାଳୟ ନିକଟରେ ନିର୍ମାଣାଧୀନ ଜୁଡିସିଆଲ କମ୍ପ୍ଲେକ୍ସ ନିକଟରେ ଟ୍ରକ୍ ରଖି ଫେରାର ହୋଇଯାଇଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ପ୍ରଭାକର ଓ ଜିତେନ୍ଦ୍ରଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଦୁର୍ଘଟଣା ଏପରି ହୋଇଥିଲା ଯେ ମୃତକମାନଙ୍କୁ ଅଗ୍ନିଶମ ଗାଡ଼ିରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଓହ୍ଲାଉଥିବାବେଳେ ସେମାନଙ୍କ କେତେକ ଅଙ୍ଗପ୍ରତ୍ୟଙ୍ଗ ତଳେ ପଡ଼ିଯାଇଥିଲା। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି। ଖବରପାଇ ମୃତକଙ୍କ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଡାକ୍ତରଖାନାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଫେରାର ହାଇୱା ଚାଳକ ଜଣକ ଧରାପଡ଼ିବେ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

**URGENTLY REQUIRED**
**KEYSTONE SOLUTIONS**
For 33KV, 11KV & LT Network AMC Work under **ATHAGARH & DHENKANAL** Electrical Division of TPCODL.

| SL. NO. | POSITION | QUALIFICATION | EXPERIENCE |
|---|---|---|---|
| 1 | DIVISIONAL CO-ORDINATOR | Degree in Electrical Engineering | Minimum 5 yrs. of work Exp. in 33KV, 11KV & LT Power Distribution System |
| 2 | SAFETY ENGINEER | Post Diploma in Industrial Safety & Degree/Diploma in Electrical Engineering | Minimum 3 yrs. of Work Experience in the field of Electrical Safety. |
| 3 | SECTION SUPERVISOR | Dip. in Electrical Engg. having valid Supervisory Licence of ELBO | Minimum 2 yrs. of work experience. |
| 4 | LINEMAN (SKILLED) | ITI (Elect.) with valid ELBO Licence | Min. 2 yrs. Exp in Construction or Maintenance of 33/11/0.415 KV System |
| 5 | HELPER (UN-SKILLED) | Preferably 10th Pass, (ability to read & write & emphasis on safety) | Basic knowledge of Working in Power Distribution |

**Last date to Apply: 30.09.2023**
Interested candidates can send their resume to E-mail ID:
"asim.abhijit@keystoneinfrapower.com".
The candidates should apply online only.
**Contact Number: 8117042961**

**ଶ୍ରଦ୍ଧାଞ୍ଜଳି**



ଛାତ୍ରବତ୍ସଳ, ବର୍ଷୀଆନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ, ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ୮୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। କର୍ମମୟ ଜୀବନ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଜଗାଇ ହାଇସ୍କୁଲ, ଦୁବୁଲାଗଡ଼ି ହାଇସ୍କୁଲ ଏବଂ ମୟୂରଭଞ୍ଜ ଜିଲ୍ଲାର ଚିତ୍ରଡ଼ା ହାଇସ୍କୁଲ, ଯୁଗଳ ହାଇସ୍କୁଲ ଓ ସିଂହଟିଆ ଗ୍ରାମର ରାଧାକୃଷ୍ଣ ହାଇସ୍କୁଲ ଅନ୍ତର୍ଭୁକ୍ତ। ସେ ଅତ୍ୟନ୍ତ ଧର୍ମପରାୟଣ ଏବଂ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସହ ପ୍ରତି ଋତ୍ୱିକ ଥିଲେ। ତାଙ୍କ ବିୟୋଗରେ ତାଙ୍କର କର୍ମସ୍ଥଳୀ, ଜନ୍ମସ୍ଥାନ (ଭୋଗରାଇ ବ୍ଲକର କୁଲ୍ହା ଗ୍ରାମ) ଏବଂ ବିଭିନ୍ନ ସତ୍‌ସଙ୍ଗ କେନ୍ଦ୍ର ଓ ସତ୍‌ସଙ୍ଗ ବିହାରରେ ଶୋକସଭା ପାଳିତ ହୋଇଯାଇଛି।

**ଂ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ**
ଆବିର୍ଭାବ: ତା୦୫।୦୨।୧୯୪୦ | ତିରୋଧାନ: ତା୧୯।୦୯।୨୦୨୩
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନଗଣ

# ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କୁ ଅପହରଣ

## ଘଟଣାସ୍ଥଳରୁ ବାଇକ୍, ଚପଲ, ବ୍ୟାଗ୍ ଜବତ





ତନ୍ତିଆପାଳ ସାମୁଦ୍ରିକ ଥାନା ବାବର ନିକଟରେ ସ୍ୱାଗତଙ୍କ ବାଇକ୍। ଅପହୃତ ସ୍ୱାଗତ।

ମହାକାଳପଡ଼ା,୨୮।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ବାବର ବଜାର ନିକଟରୁ ରାଜନଗରସ୍ଥିତ ଭାରତ ଫାଇନାନ୍ସ ସଂସ୍ଥାର କଲେକସନ୍ ଏଜେଣ୍ଟ ସ୍ୱାଗତ ସାମଲ(୪୫) ବୁଧବାର ସନ୍ଧ୍ୟାରେ ଅପହରଣ କରାଯାଇଛି। ତେବେ ରାସ୍ତାରେ ସ୍ୱାଗତଙ୍କ ବାଇକ୍ ପଡିଥିବା ବେଳେ କିଛି ଦୂରରେ ଚପଲ ଓ ବ୍ୟାଗ ପଡ଼ିଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ତାଙ୍କର ପତ୍ତା ମିଳିନାହିଁ।

ଅପହୃତ ସ୍ୱାଗତ ସ୍ଥାନୀୟ ଅଞ୍ଚଳରୁ ଅର୍ଥ ଆଦାୟ କରି ଫେରିଥିବା ବେଳେ ତାଙ୍କ ପାଖରେ ୨ ଲକ୍ଷ ୬୫ ହଜାର ଟଙ୍କା ଥିଲା। ବାଇକ୍ ପାଖରେ ପଡ଼ିଥିବା ବ୍ୟାଗରେ କିନ୍ତୁ ଟଙ୍କା ନାହିଁ। ସ୍ଥାନୀୟ ଲୋକେ ବାଇକ୍‌ଟି ସ୍ୱାଗତଙ୍କର ଚିହ୍ନି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ସ୍ୱାଗତଙ୍କୁ ଫୋନ୍ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ ଅଫ୍ ଆସିଥିଲା। ପରିବାର ଲୋକେ ସ୍ୱାଗତଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ପରିବାର ପକ୍ଷରୁ ସ୍ୱାଗତଙ୍କ ବଡ଼ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ୱାଗତଙ୍କ ନିଜ ଘର ମହାକାଳପଡ଼ା ଥାନା ରାଜଗଡ଼ ଗ୍ରାମରେ ବୋଲି ଜଣାପଡିଛି। ଅପରପକ୍ଷେ ରାଜନଗରସ୍ଥିତ ଅର୍ଥ ଲଗାଣକାରୀ ସଂସ୍ଥାର ଶାଖା ପରିଚାଳକ ସୁନୀଲ କୁମାର ଦାସ ତନ୍ତିଆପାଳ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୪୦/୨୩ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପଡ଼ିଥିବା ସାମଗ୍ରୀକୁ ନିଜ ହେପାଜତକୁ ପୋଲିସ ନେଇଛି। ତୁରନ୍ତ ସ୍ୱାଗତଙ୍କୁ ଖୋଜି ଦେବାକୁ ପରିବାର ଲୋକେ ପୋଲିସକୁ ନିବେଦନ କରିଛନ୍ତି। ଜବତ ବାଇକ୍ ନଂ. ଓଡି ୨୯ ଜେ ୩୧୯୧ ବୋଲି ଜଣାପଡିଛି। ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲିକ କହିଛନ୍ତି।

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୨୬/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ମିନି ଅଡିଟୋରିୟମ୍ ଏବଂ ଲାଇବ୍ରେରି-ତଥା-ମଡେଲ ପୋଷ୍ଟ ଅଫିସ୍ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । **ଅଟକଳ ମୂଲ୍ୟ:** ଟ.୩୫,୩୪,୭୩୮.୦୦ । **ଅମାନତ ରାଶି:** ଟ.୭୦,୬୯୫.୦୦ । **ସମାପ୍ତି ଅବଧି:** ୨୪୦ (ଦୁଇଶହ ଚାଳିଶ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍‌ଆଇଟି ନଂ.୨୭/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ବ୍ରହ୍ମପୁର ଡିଭିଜନ, ଓଡ଼ିଶା ଅଧୀନରେ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । **ଅଟକଳ ମୂଲ୍ୟ:** ଟ.୬୩,୦୩,୪୯୪.୦୦ । **ଅମାନତ ରାଶି:** ଟ.୧,୨୬,୦୭୦.୦୦ । **ସମାପ୍ତି ଅବଧି:** ୧୮୦ (ଏକଶହ ଅଶୀ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍‌ଆଇଟି ନଂ.୨୯/ସିଡିବି/୨୦୨୩-୨୪। **କାର୍ଯ୍ୟର ନାମ:** ମୟୂରଭଞ୍ଜ ଡିଭିଜନ, ଓଡ଼ିଶା ଅଧୀନରେ ରାଇରଙ୍ଗପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । **ଅଟକଳ ମୂଲ୍ୟ:** ଟ.୪୨,୮୧,୫୨୧.୦୦ । **ଅମାନତ ରାଶି:** ଟ.୮୫,୬୩୦.୦୦ । **ସମାପ୍ତି ଅବଧି:** ୧୨୦ (ଏକ ଶହ କୋଡ଼ିଏ) ଦିନ । **ବିଡ୍ ଦାଖଲର ଶେଷ ତାରିଖ ଓ ସମୟ:** ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

# ପୋଖରୀରୁ ଉଦ୍ଧାର ହେଲା ୮ ଫୁଟର ବଉଳା କୁମ୍ଭୀର



ପୋଖରୀରୁ ଉଦ୍ଧାର କରାଯାଇଥିବା ବଉଳା କୁମ୍ଭୀରକୁ ଦୌଡିରେ ବାନ୍ଧି କି ରଖାଯାଇଛି।

ରାଜନଗର, ୨୮।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ହରିଶପୁର ଗାଁର ବାସୁଦେବ ଭୂୟାଁଙ୍କ ପୋଖରୀରେ ଗୁରୁବାର ସକାଳ ୬ଟାରେ ଏକ ୭ ଫୁଟ ୯ ଇଞ୍ଚର ବଉଳା କୁମ୍ଭୀରକୁ ବନ ବିଭାଗ ଉଦ୍ଧାର କରିଛି। କିଛିଦିନ ହେବ ଏହି ବଉଳା କୁମ୍ଭୀରଟି ପୋଖରୀରେ ରହିବା ସହ ରାସ୍ତା ଉପରେ ଯାଆସ କରୁଥିବା ଲୋକେ ଦେଖି ଭୟ ଓ ଆତଙ୍କରେ ଥିଲେ। ସକାଳେ ଗାଁର କେତେଜଣ ଲୋକ ଶୌଚ ହେବାକୁ ଯାଉଥିବା ସମୟରେ ପୋଖରୀରେ ଏହି କୁମ୍ଭୀରଟିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇବା ପରେ ରାଜନଗର ବନ ବିଭାଗର ବନପାଳ ବିଜୟ କୁମାର ପାତ୍ର, ଗୁପ୍ତି ବନପାଳ ବିଭୂତି ତରାଇ, ବରୁଣେଇ ବନରକ୍ଷୀ ଦୋଳ ଗୋବିନ୍ଦ ନାୟକ, ରାଜନଗର ବନରକ୍ଷୀ ବିଶ୍ୱ ରଞ୍ଜନ ତରାଇ ପ୍ରମୁଖ ବନ କର୍ମଚାରୀ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ପୋଖରୀରେ ଥିବା ବଉଳା କୁମ୍ଭୀରକୁ କାବୁ କରିଥିଲେ। ପରେ କୁମ୍ଭୀରକୁ ସାତଭାୟା ନିକଟରେ ଥିବା ବାଉଁଶଗଡ଼ ନଦୀରେ ଛଡ଼ା ଯାଇଥିବା ନେଇ ବନ ବିଭାଗ ସୂତ୍ରରୁ ପ୍ରକାଶ।

## ୭ ଫୁଟର ଅଜଗର ଉଦ୍ଧାର

ରାୟଗଡ଼ା,୨୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ଅଶୋକନଗର ଏକ ଘରୁ ୭ ଫୁଟ ଲମ୍ବର ଏକ ଅଜଗର ଉଦ୍ଧାର ହୋଇଛି । ସୂଚନା ମୁତାବକ ଅଶୋକନଗର ଜଣଙ୍କ ଘର ପଛ ପଟେ ଏକ ସାପ ଥିବା ଦେଖି ଅଟୋଚାଳକ ପ୍ରଦୀପ ସେନାପତିଙ୍କୁ ଫୋନ୍ କରିଥିଲେ। ପ୍ରଦୀପ ସେଠାକୁ ଯାଇ ସାପକୁ ଉଦ୍ଧାର କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି। ପ୍ରଦୀପ ଜଣେ ଅଟୋ ଚାଳକ ହୋଇଥିଲେ ମଧ୍ୟ ରାୟଗଡ଼ାରେ ସେ ଏକ ସାପ ଧରାଳି ଭାବେ ବେଶ୍ ପରିଚିତ। ରାୟଗଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ଯେଉଁଠାରେ ମଧ୍ୟ ସାପ ଧରିବାକୁ ହେଲେ ପ୍ରଦୀପଙ୍କ ମୋବାଇଲକୁ ଲୋକେ ଫୋନ୍ କରିଥାନ୍ତି। ଆଉ ଫୋନ୍ ଆସିବା ମାତ୍ରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଦୀପ ସେଠାରେ ପହଞ୍ଚି ଯାଇଥାନ୍ତି।



# ୩୧ କେଜି ଲଡୁ ୨୨ ଲକ୍ଷରେ ନିଲାମ

ତାଳଚେର,୨୮।(ମନୋଜ ନନ୍ଦ)

ତାଳଚେର ଗଣପର୍ବର ଅନ୍ତିମ ପର୍ଯ୍ୟାୟରେ ଗୁରୁବାର ଗଜାନନଙ୍କ ଆଜ୍ଞାମାଳ ଓ ୩୧.୬୦ କେଜି ଲଡୁ ନିଲାମ ଅତି ଆଡମ୍ବର ପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଜ୍ଞାମାଳ ଓ ଲଡୁକୁ ଫାଷ୍ଟଗେଟସ୍ଥିତ ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ବିରାଟ ଶୋଭାଯାତ୍ରାରେ ନିଲାମ ସ୍ଥଳକୁ ଅଣାଯାଇଥିଲା। ସନ୍ଧ୍ୟାରେ ଲଡୁ ନିଲାମ ପାଇଁ ବଡଦାଣ୍ଡସ୍ଥିତ ମେଲଣ ପଡିଆଠାରେ ଏକ ସଭା ଆୟୋଜିତ ହୋଇଥିଲା। କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଏହି ନିଲାମ ଡକା ଯାଇଥିଲା। ଲାଲବାଗ ରାଜା ସର୍ବାଧିକ ୨୨ ଲକ୍ଷ ୨୨ ହଜାର ୨ଶହ ୨୨ ଟଙ୍କାରେ ନିଲାମ ଡାକି ଲଡୁ ଓ ଆଜ୍ଞାମାଳ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ମାନସ ବାରିକ, ସାଧାରଣ ସମ୍ପାଦକ ଦିଲୀପ ପାଣି, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ରଞ୍ଜିତ ମହାପାତ୍ରଙ୍କ ସମେତ କେନ୍ଦ୍ରୀୟ ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ।



**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଫୋନ: ୦୬୭୪-୨୫୬୪୦୧୮, ଇ-ମେଲ: bom1182@mahabank.co.in
**ଡିମାଣ୍ଡ ନୋଟିସ୍**

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜ ପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ, କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା**ର ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡ଼ି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଏସ୍‌କେ ଟ୍ରାନ୍ସପୋର୍ଟ,** ପଞ୍ଜିକୃତ ଠିକଣା: ଜି-୩/୩୩, ଆଇଡି ମାର୍କେଟ୍ କମ୍ପ୍ଲେକ୍ସ, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ / **ଅଂଶୀଦାର/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିଶିର କୁମାର ମିଶ୍ର, ୨) ଶ୍ରୀମତୀ ସାଧନା ମିଶ୍ର,** ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ଏଚ୍/୧୫, ବଡଗଡ, ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୭୫୧୦୧୪ | ୧) କ୍ୟାଶ କ୍ରେଡିଟ୍ / ଟ. ୨୫,୦୦,୦୦୦/- ୨) ଜିଇସିଏଲ୍ (ଏମ୍‌ଏସ୍‌ଏମ୍‌ଇ)- କୋଭିଡ୍ ୧୯ / ଟ.୩,୩୦,୦୦୦/- ସମୁଦାୟ: ଟ.୨୮,୩୦,୦୦୦/- | ୧୮.୦୬.୨୦୨୩/ ୨୭.୦୭.୨୦୨୩ / ୨୭.୦୭.୨୦୨୩ ସୁଦ୍ଧା ଟ.୨୬,୫୨,୧୪୯/- +ସେବାବଦ ପରବର୍ତ୍ତୀ ସୁଧ | ୧) ପ୍ରାପ୍ତ ହେବାକୁ ଥିବା ବନ୍ଧକପ୍ରାପ୍ତ ଷ୍ଟକ୍, ୨) ଶ୍ରୀ ଶିଶିର କୁମାର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୨୦୩/୧୦୬୨, ଖାତା ନଂ.: ୨୭୨/୧୬୧, ପରିମିତ କ୍ଷେତ୍ର: ଏକର ୧.୦୦୦ ଡିସିମିଲି (୪୩୫୬୦ ବର୍ଗଫୁଟ), ମୌଜା: ଦାସପୁର, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୩ ଏବଂ ୨୬୯, ପଶ୍ଚିମ: ପ୍ଲଟ୍ ନଂ.: ୨୦୪, ଉତ୍ତର: ପ୍ଲଟ୍ ନଂ.: ୨୪୧, ଦକ୍ଷିଣ: ପ୍ଲଟ୍ ନଂ.: ୨୬୯ ଏବଂ ୨୦୩ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ଭବିଷ୍ୟତ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ / କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ୍ୟ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡ଼ିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ । **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ । **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ । **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନାଯୋଗ୍ୟଯେ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ତ୍ତିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୭.୦୭.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶ୍ୱ ହୃଦୟ ଦିବସ ଅବସରରେ ଏସ୍ଏଲ୍ଆର୍ ଫାଉଣ୍ଡେଶନ ପକ୍ଷରୁ ରାଲି, ମଧୁସୂଦନ ଦାସ ପାର୍କ, ସକାଳ ୬ଟା ୩୦।
- ରାଜ୍ୟସ୍ତରୀୟ ସେମିନାର, ପାନ୍ଥ ନିବାସ, ପୂର୍ବାହ୍ନ ୧୦ଟା।
- ଅଙ୍କୁର ଶିଶୁ ସାହିତ୍ୟ ଉତ୍ସବ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ପରିବେଶ ସୁରକ୍ଷା ଅଭିଯାନର ପ୍ରଥମ ବାର୍ଷିକୋତ୍ସବ, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଜିଲାସ୍ତରୀୟ ୬ଷ୍ଠ ରାଷ୍ଟ୍ରୀୟ ପୋଷଣ ମାହ କାର୍ଯ୍ୟକ୍ରମ, ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଖୋ-ଖୋ ଚାମ୍ପିୟନଶିପର ଉଦ୍‌ଘାଟନୀ ସମାରୋହ, ଖାନନଗର ହାଇସ୍କୁଲ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଉମାଶଙ୍କର ମିଶ୍ରଙ୍କ ରଚିତ ଦୁଇଟି ପୁସ୍ତକର ଉନ୍ମୋଚନ ଉତ୍ସବ, ସାରଳା ଭବନ, ସନ୍ଧ୍ୟା ୬ଟା ୩୦।
- ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ପକ୍ଷରୁ ନାଟକ ମା' ପରିବେଷଣ, ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟ, ବାରପଥର, ସନ୍ଧ୍ୟା ୭ଟା ୩୦।

# ରାଜ୍ୟ ସରକାର ୨ ସପ୍ତାହରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

### ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କର୍ମଚାରୀ ସ୍ଥାୟୀ ନିଯୁକ୍ତି ମାମଲା

କଟକ,୨୮।୯ (କାର୍ତ୍ତିକ ସାହୁ)

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ସଂରକ୍ଷଣ ଏବଂ ବୟସ ସୀମା କୋହଳ ଦାବି ଉପରେ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ୨ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାରୁ ଦୁଇ ସପ୍ତାହ ମଧ୍ୟରେ ଅନ୍ୟ ବିଭାଗ ଭଳି ୪୦% ସଂରକ୍ଷଣ ରଖିବା ଏବଂ ବୟସ ସୀମା କୋହଳ କରି ୪୫ ବର୍ଷ କରିବା ନିମନ୍ତେ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଅଧୀନରେ ଜଳ ବିଭାଜିକା ପରିଚାଳନା ସଦସ୍ୟ ଭାବେ ୨୦୧୦ ମସିହା ପରେ ୧୧ ଜଣ କର୍ମଚାରୀ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଠିକାରେ କାର୍ଯ୍ୟ କରିଥିଲେ। ଏହି ସଦସ୍ୟ ପଦବୀ ମୃତ୍ତିକା ସଂରକ୍ଷଣ ବର୍ଦ୍ଧିତ କର୍ମଚାରୀ ପଦବୀ ସହ ସମତୁଲ୍ୟ ଥିଲା। ଏହି ପଦବୀରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀଙ୍କ ବୟସ ୩୮ ବର୍ଷରୁ ଅଧିକ ଥିବାବେଳେ ୨୦୨୩ ଜୁନ୍ ୧୩ରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକାର ବିଭିନ୍ନ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନିଯୁକ୍ତିକୁ ବିରୋଧ କରି ଜଳ ବିଭାଜିକା ପରିଚାଳନା ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ପ୍ରତାପ କୁମାର ସ୍ୱାଇଁ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ପୂର୍ବ ବିଜ୍ଞପ୍ତିରେ ନିଯୁକ୍ତି ଲାଗି ସର୍ବାଧିକ ବୟସ ସୀମା ୪୫ ବର୍ଷ ରହିଥିଲା। ଏଥିସହ ସରକାରଙ୍କ କେତେକ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀଙ୍କ ଲାଗି ୪୦% ସଂରକ୍ଷଣ ସାଙ୍ଗକୁ ସର୍ବାଧିକ ବୟସ ସୀମା ୪୦ ବର୍ଷ ରହିଛି। ତେଣୁ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ବିଭାଗର ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ୪୦% ସଂରକ୍ଷଣ ରଖିବା ଏବଂ ସର୍ବାଧିକ ବୟସ ସୀମା ୪୫ ବର୍ଷକୁ ବୃଦ୍ଧି କରିବା ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଠିକା କର୍ମଚାରୀମାନେ ରାଜ୍ୟ ସରକାରଙ୍କ ନିକଟରେ ବହୁବାର ଏନେଇ ଦାବି କରିଥିଲେ। ସେସବୁ ପ୍ରକ୍ରିୟାରେ ବିଚାରାଧୀନ ଥିବାବେଳେ ଜଳ ବିଭାଜିକା ପରିଚାଳନା ସଦସ୍ୟ ପଦବୀ ଲାଗି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବା ଦ୍ୱାରା କାର୍ଯ୍ୟରତ ବହୁ କର୍ମଚାରୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ ବୋଲି ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଥିଲେ।



ବିଶ୍ୱ ହୃଦୟ ଦିବସ ଅବସରରେ ଗୁରୁବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ନିକଟରେ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ କମ୍ପାନୀର ଅଧିକାରୀ ଓ ଅନ୍ୟମାନେ।

## ଜମି ଦେବା ନାଁରେ ୫ ଲକ୍ଷ ଟଙ୍କା ଠକେଇ ସିଏଚ୍ଏସ୍ଇ ସେକ୍ସନ ଅଫିସରଙ୍କ ନାଁରେ ମାମଲା

ଭୁବନେଶ୍ୱର,୨୮।୯(ସୂର୍ଯ୍ୟକାନ୍ତ ବେହେରା)

ପଟିଆରେ ଜମି ଦେବାକୁ କହି ୫ ଲକ୍ଷ ଟଙ୍କା ନେଲେ, ହେଲେ ୨ବର୍ଷ ପରେ ଜମି ଦେଲେନାହିଁ କି ଟଙ୍କା ଫେରାଇଲେ ନାହିଁ। ଏନେଇ ଠକେଇର ଶିକାର ହୋଇଥିବା ସୁନକୁରୁ ଦଣ୍ଡସି ସୁବୁଦ୍ଧି ନାମକ ବ୍ୟକ୍ତି କୋର୍ଟରେ ଦାୟର କରିଥିବା ୧ ସିସି ମାମଲାର ନିର୍ଦ୍ଦେଶ ଆଧାରରେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ)ର ସେକ୍ସନ ଅଫିସର ଚକ୍ରଧର ଦାଶଙ୍କ ନାଁରେ ଦଫା ୨୯୪, ୪୨୦, ୫୦୬ରେ ଏକ ମାମଲା (ନଂ. ୩୭୬/୨୩) ରୁଜୁକରି ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସେକ୍ସନ ଅଫିସର ଚକ୍ରଧରଙ୍କ ସଂସ୍ପର୍ଶରେ ସୁନକୁରୁ କୌଣସି କାରଣରୁ ଆସିଥିଲେ। ଚକ୍ରଧର ଜମି କାରବାରରେ ଜଣେ ଏଜେଣ୍ଟ ଭାବେ ମଧ୍ୟ କାମ କରନ୍ତି। ଚକ୍ରଧର ପଟିଆରେ ୫ ଲକ୍ଷ ଟଙ୍କାର ଏକ ଭଲ ଜମି ଦେବାକୁ କହିବାରୁ ତାଙ୍କ ଉପରେ ବିଶ୍ୱାସ ରଖି ସୁନକୁରୁ ତାଙ୍କୁ ୨୦୨୦ ମସିହାରେ ବିଭିନ୍ନ ପର୍ଯ୍ୟାୟରେ ୫ ଲକ୍ଷ ଟଙ୍କା ଦେଇଥିଲେ। ତେବେ ଚକ୍ରଧର ଜମିରେ କିଛି ତ୍ରୁଟି ଥିବା ଦର୍ଶାଇ ତାହାକୁ ହସ୍ତାନ୍ତର କରି ନ ଥିଲେ। ଏନେଇ ସୁନକୁରୁ ଜମି ବାବଦକୁ ଦେଇଥିବା ଟଙ୍କା ମାଗିବାରୁ ଚକ୍ରଧର ସମୟ ଗଡ଼ାଇବା ସହ ଟଙ୍କା ଫେରସ୍ତ କରି ନ ଥିଲେ। ଏପରିକି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ବାଉନ୍ସର କିମ୍ବା ଗୁଣ୍ଡା ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସୁନକୁରୁ ଠକେଇର ଶିକାର ହୋଇଥିବା ଜାଣିବା ପରେ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେ କୋର୍ଟରେ ମାମଲା ଦାୟର କରିଥିଲେ।

## ଉନ୍ମୋଚନ ହେଲା ଲୋଗୋ, ପୋଷ୍ଟର, ମାସ୍କଟ୍

### ଓଡ଼ିଶା ପୋଲିସର 'ସାଇବର ସୁରକ୍ଷା ଅଭିଯାନ-୨୦୨୩'

■ ୩୦ରେ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୯(ସତ୍ୟଜିତ୍ ରାଉତ)

ଡିଜିଟାଲ୍ ଯୁଗରେ ସାଇବର ଅପରାଧ ବଡ଼ ସମସ୍ୟା ସୃଷ୍ଟି କରିଛି। ସାଇବର ଅପରାଧୀମାନେ ଲୋକଙ୍କୁ ବିଭିନ୍ନ ଜାଲରେ ଫସାଇ ଠକେଇ କରୁଛନ୍ତି। ବିଭିନ୍ନ ଟ୍ରେଡିଂ ଆପ୍ ଜରିଆରେ ଲୋକଙ୍କୁ ବିଭିନ୍ନ ଲୋଭନୀୟ ସ୍କିମ୍ ଦେଖାଇ ଠକେଇ କରୁଛନ୍ତି। ରାଜ୍ୟରେ ଲୋକଙ୍କ ମଧ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ବିଶେଷ ଜ୍ଞାନ ଏବଂ ସାଇବର ସେବା କ୍ଷେତ୍ରରେ ନିରାପତ୍ତା ନେଇ ସଚେତନତା କମ୍ ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି। ଏଭଳି ଅପରାଧ ଦୂର କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବିଭିନ୍ନ ସହଭାଗିତାରେ 'ସାଇବର ସୁରକ୍ଷା ଅଭିଯାନ-୨୦୨୩' ଆରମ୍ଭ ହୋଇଛି। ଏହି ଅଭିଯାନ ସାଇବର ଅପରାଧର ବିଭିନ୍ନ ଦିଗ ସଂକ୍ରାନ୍ତରେ ସଚେତନତା ସୃଷ୍ଟି କରିବା ସହ ଲୋକଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଇବ। ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ଡିଜି ସୁନୀଲ ବଂଶଲ ଏହି ଅଭିଯାନର ଲୋଗୋ, ମାସ୍କଟ୍ (ସାଇରା), ପୋଷ୍ଟର, ଥିମ୍ ସଙ୍ଗୀତ, ସାଇବର ସୁରକ୍ଷା ପରାମର୍ଶଦାତା ପୁସ୍ତିକା ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭିଡିଓର ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଆଇଜି ସଫିନ୍ ଅହମ୍ମଦ, ଏସ୍‌ବିଆଇ ସିଜିଏମ୍ ଚନ୍ଦ୍ରଶେଖର ଶର୍ମା, ୟୁକୋ ବ୍ୟାଙ୍କ ଜିଏମ୍ ଗୌତମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମରେ ପତାକା ଦେଖାଇ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିବେ। ଏହି ରଥ ଆସନ୍ତା ଦୁଇ ସପ୍ତାହ ଅର୍ଥାତ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ସଚେତନତାର ବାର୍ତ୍ତା ବାଣ୍ଟିବ। ସଚେତନତା ପାଇଁ ପ୍ରସ୍ତୁତ କରାଯାଇଥିବା ୨୨ଟି ଭିଡିଓକୁ ଏଲ୍ଇଡି ଦ୍ୱାରା ପ୍ରଦର୍ଶନ କରାଯିବ। ପ୍ରତିଦିନ ୨ଟି ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ଉପରେ କର୍ମଶାଳା କରାଯିବା ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସଚେତନତା ବାର୍ତ୍ତା ଓ ପାମ୍ପଲେଟ୍ ବଣ୍ଟନ କାର୍ଯ୍ୟକ୍ରମରେ ମିଶନ୍ ଶକ୍ତି, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଏନ୍‌ଜିଓର ସଦସ୍ୟମାନେ ଅଂଶଗ୍ରହଣ କରିବେ।



କାର୍ଯ୍ୟକ୍ରମରେ ଡିଜିପି ସୁନୀଲ ବଂଶଲ ଏବଂ ଅନ୍ୟ ଅତିଥିମାନେ।

## ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

ବାଲିପାଟଣା,୨୮।୯(ଅଭିମନ୍ୟୁ ନାୟକ): ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ବୁଧବାର ରାତିରେ ରୋଗୀଙ୍କ ସମ୍ପର୍କୀୟମାନେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା କରିବା ସହିତ ଉପସ୍ଥିତ ଡାକ୍ତରଙ୍କୁ ଗାଳିଗୁଲଜ କରିଛନ୍ତି। ଏନେଇ ଅଭିଯୋଗ ପରେ ଗୁରୁବାର ପୋଲିସ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲିପାଟଣା ଅଞ୍ଚଳର ମହେନ୍ଦ୍ର ଜେନା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଚିକିତ୍ସା କରୁଥିବା ଡାକ୍ତର ବି.ଏମ୍ ଶେଖର ପଣ୍ଡା ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ୧୦୮ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ମହେନ୍ଦ୍ରଙ୍କ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପଶି ପଶି ଭଙ୍ଗାରୁଜା କରିବା ସହିତ ଡାକ୍ତରଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଡାକ୍ତର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଡାକ୍ତର ଡାକ୍ତର ବି.ଏମ୍ ଶେଖର ପଣ୍ଡା କୁହନ୍ତି, ବିନା କାରଣରେ ଆମେ ରୋଷର ଶିକାର ହେଉଛୁ। ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ଆସିବା ପଛରେ ଆମର କଣ ଭୁଲ ବୋଲି ସେ ପ୍ରକାଶ କରିଛନ୍ତି।

## ଏଟିଏମ୍‌ରୁ ଲୁଟ ଉଦ୍ୟମ ପଣ୍ଡ, ସାଇରନ ଶୁଣି ଦୁର୍ବୃତ୍ତ ଫେରାର



ଭୁବନେଶ୍ୱର,୨୮।୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଝାରପଡ଼ାରେ ଥିବା ଏକ ଏଟିଏମ୍‌ରୁ ଲୁଟ ଉଦ୍ୟମ ପଣ୍ଡ ହୋଇଛି। କେତେଜଣ ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ଏଟିଏମ୍‌ରୁ ଲୁଟ ଉଦ୍ୟମ କରୁଥିବା ବେଳେ ପାଟ୍ରୋଲିଂ କରୁଥିବା ପିସିଆର୍ ସାଇରନ ଶୁଣି ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ରାତି ପ୍ରାୟ ୧ଟା ୩୦ରେ ଏଭଳି ଘଟଣା ଘଟିଛି। ଲୁଟ ଉଦ୍ୟମ ବେଳର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏଟିଏମ୍ କ୍ୟାଶ ଲକରକୁ ଦୁର୍ବୃତ୍ତମାନେ ଭାଙ୍ଗିଥିଲେ। ହେଲେ ସେଥିରୁ କୌଣସି ଟଙ୍କା ନେବାରେ ସକ୍ଷମ ହୋଇପାରିନଥିଲେ। ସୂଚନା ପାଇ ଲକ୍ଷ୍ମୀସାଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବାକୁ ଉଦ୍ୟମ ଚଳାଇଛି।

## ଜୀ ସାର୍ଥକରେ ପ୍ରସାରଣ ହେବ ୨ ନୂଆ ଧାରାବାହିକ

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ ସାର୍ଥକ ଦର୍ଶକଙ୍କ ପାଇଁ ନେଇ ଆସୁଛି ଆଉ ୨ଟି ନୂଆ ଧାରାବାହିକ। ଅକ୍ଟୋବର ୨ରୁ ଆରମ୍ଭ ହେବ ନୂଆ ମେଗା ଧାରାବାହିକ 'ଶକ୍ତି' ଏବଂ 'ସନ୍ଧ୍ୟା ରାଗିଣୀ'। 'ଶକ୍ତି' ହେଉଛି ଶକ୍ତି ମହାପାତ୍ର ନାମକ ଜଣେ ନିଷ୍ଠାପର ଓ ସ୍ୱାଭିମାନୀ ଝିଅର କାହାଣୀ। ନିଜ ପରିବାର ଏବଂ ଶିବରାଜଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା କଳି ଝଗଡ଼ା ମଧ୍ୟରେ ସେ ଫସିଯାଇଛି। ଗର୍ବୀ ତଥା ନିର୍ଦ୍ଦୟ ବ୍ୟବସାୟୀ ଶିବରାଜ ଶକ୍ତିକୁ ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ଯେତେବେଳେ ସେ ମନାକରେ, ସେତେବେଳେ ଶିବରାଜ ତାକୁ ହଇରାଣ କରିବାକୁ ସବୁବେଳେ ଚେଷ୍ଟା କରେ। ସେ ଶିବରାଜଙ୍କ ସହିତ ବିବାହ କରିବାକୁ ନିଷ୍ପତ୍ତି ନିଏ। ସେମାନଙ୍କର ସମ୍ପର୍କ ଶତ୍ରୁତା ପ୍ରେମକୁ ରୂପାନ୍ତରିତ ହେବ ? ସେମାନଙ୍କ ପରିବାର ମଧ୍ୟରେ କଳହର ଅନ୍ତ ଘଟିବ କି ? ଏଭଳି ଏକ କାହାଣୀକୁ ନେଇ ଏସ୍‌ପିପି ପ୍ରଡକ୍ସନର ଏହି ଧାରାବାହିକରେ ନାୟକ ନୀଲ ଥିବାବେଳେ ନାୟିକା ହୋଇଛନ୍ତି ମିତାଲି। ପ୍ରତ୍ୟେକ ସୋମବାରରୁ ଶୁକ୍ରବାର ସନ୍ଧ୍ୟା ୮ରେ ଏହା ପ୍ରସାରଣ ହେବ। ସେହିପରି ଓଡ଼ିଶାର ଏକ ଛୋଟ ଗାଁରେ ଦୁଇ ଭଉଣୀ ଯଶୋଦା ଓ ଦେବକୀ ଏକ ଭୁଲ୍ ବୁଝାମଣା ପାଇଁ ଅଲଗା ହୋଇଯାଇଥିଲେ। ଏହା ମଧ୍ୟରେ ୨୦ ବର୍ଷ ଚାଲିଯାଇଛି। ଦେବକୀଙ୍କ ଝିଅ ରାଗିଣୀ, ମା' (ଦେବକୀ)ଙ୍କ ମୃତ୍ୟୁ ପରେ ଯଶୋଦାଙ୍କ ପରିବାର ସହ ରହିବାକୁ ଆସନ୍ତି। ଯଶୋଦାଙ୍କ ଝିଅ 'ସନ୍ଧ୍ୟା' ପାରମ୍ପରିକ ଚଳଣି ସହ ଘରର ବଡ଼ମାନଙ୍କୁ ଗଭୀର ସମ୍ମାନ କରନ୍ତି। ଯଶୋଦା, ଜଣେ ସ୍ନେହୀ ମା' ଏବଂ ଦାୟିତ୍ୱବାନ ସ୍ତ୍ରୀ। ସେ ରାଗିଣୀଙ୍କୁ ଆପଣେଇ ନିଅନ୍ତି। ତେବେ କ'ଣ ଦୁଇ ଝିଅ ଏଥର ମିଶିପାରିବେ ନା ପୁଣି କିଛି ଭୁଲ୍ ବୁଝାମଣା ହେବ ଏହାକୁ ନେଇ ଧାରାବାହିକ 'ସନ୍ଧ୍ୟା ରାଗିଣୀ' ପ୍ରସାରଣ ହେବ। ପ୍ରଯୋଜକ ବିଜୟ କାଣ୍ଡୋଇଙ୍କ ଏହି ଧାରାବାହିକରେ ମୁଖ୍ୟ ଚରିତ୍ରରେ ନିତୁ ମିଶ୍ର, ଲିଟିସା ଓ ପ୍ରିୟଙ୍କା ରହିଛନ୍ତି। ଏହା ସନ୍ଧ୍ୟା ୬ଟା ୩୦ରେ ପ୍ରସାରଣ ହେବ। ଅନ୍ୟପକ୍ଷେ ବିବାହ ପରେ ପ୍ରେମର ନୂଆ କାହାଣୀ ନେଇ ଆସୁଛି ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକ 'ତୁ ମୋ ସାଥିରେ'। ପ୍ରତ୍ୟହ ସନ୍ଧ୍ୟା ୭ଟାରେ ଏହାକୁ ଦର୍ଶକ ଦେଖିପାରିବେ। ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ । ଏହି ମେଗା ଧାରାବାହିକଗୁଡ଼ିକ ମଧ୍ୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ ଆଶା ବ୍ୟକ୍ତ କରିଛନ୍ତି। ଚ୍ୟାନେଲ ମୁଖ୍ୟ କ୍ଲଷ୍ଟର ଅଫିସର ସମ୍ରାଟ ଘୋଷ କହିଛନ୍ତି, ଆମ ଦର୍ଶକଙ୍କର ଭଲ ପାଇବା ଓ ଆଶୀର୍ବାଦ ପାଇଁ ଆମେ ୧ ନମ୍ବରରେ ରହିପାରିଛୁ ।



## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମମତା


@ ଆଦିତ୍ୟ


@ ଶିଖା


@ ସ୍ୱର୍ଣ୍ଣପ୍ରଭା


@ କମଳଲୋଚନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟ ଶାସନ ସଚିବଙ୍କୁ ଏନ୍ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ୍

### ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଙ୍ଗ

ଭୁବନେଶ୍ୱର,୨୮।୯(ସତ୍ୟଜିତ୍ ରାଉତ)

ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସଙ୍ଗରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ୍ କରିଛନ୍ତି। ସୁପ୍ରିମକୋର୍ଟ ଓକିଲ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା କରାଯାଇଥିବା ପିଟିଶନ୍‌ର ଶୁଣାଣି କରି କମିଶନ ବୁଧବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୪ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ୍ ତାଙ୍କ ନୋଟିସ୍‌ରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୮ରୁ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। କେନ୍ଦ୍ରୀୟ ହାରରେ ଦରମା, ଜୁନିୟର ଶିକ୍ଷକଙ୍କୁ ନିୟମିତ ମାନ୍ୟତା ଓ ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡର୍‌ରୁ ହଟାଇବା ଆଦି ସେମାନଙ୍କ ଦାବି ରହିଛି। ଏହି ଆନ୍ଦୋଳନ ଯୋଗୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେବା ସହ ସେମାନେ ମଧ୍ୟାହ୍ନ ଭୋଜନରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ରାଧାକାନ୍ତ ଗତ ସେପ୍ଟେମ୍ବର ୧୮ରେ ଏନ୍ଏଚ୍ଆର୍‌ସିଙ୍କ ନିକଟରେ ପିଟିସନ୍ ଦାଖଲ କରିଥିଲେ।

## ତ୍ରୁଟି ସଂଶୋଧନ

୨୮।୯।୨୦୨୩ ଧରିତ୍ରୀ ମେଟ୍ରୋ ସଂସ୍କରଣର ପୃଷ୍ଠା ୬ରେ 'ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଅକ୍ଟୋବର ୧୦ତାରିଖ ମଧ୍ୟରେ ଶେଷ ହେବା ପରିବର୍ତ୍ତେ ଭୁଲ୍ ବଶତଃ ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଲେଖାଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ସଂକ୍ଷେପରେ

### ଆର୍ଆଇଙ୍କ ନାଁରେ ଟଙ୍କା ଆଦାୟ ଅଭିଯୋଗ

ଟାଙ୍ଗୀ,୨୮।୯(ରଘୁନାଥ ସାହୁ)

ଚିଲିକା ତହସିଲ ଅନ୍ତର୍ଗତ ଜରିପଡ଼ା ରାଜସ୍ୱ ନିରୀକ୍ଷକ(ଆର୍ଆଇ)ଙ୍କ ନାଁରେ ଟଙ୍କା ଆଦାୟ କରାଯାଉଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜରିପଡ଼ା, କଳକଳେଶ୍ୱର ଓ ଚଣ୍ଡେଶ୍ୱର ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଜରିପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଏଠାରେ ଦିବ୍ୟ ରଞ୍ଜନ ସାହୁ ଆର୍ଆଇ ଭାବେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ କାର୍ଯ୍ୟାଳୟରେ ଜଣେ ବେସରକାରୀ ବ୍ୟକ୍ତିଙ୍କୁ ଅମିନଭାବେ ପରିଚୟ ଦେଇ ବସାଇ ରଖୁଛନ୍ତି। ସେ ବ୍ୟକ୍ତି ଜଣଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କଠାରୁ କାର୍ଯ୍ୟ କରିବା ଆଳରେ ଆର୍ଆଇଙ୍କ ନାଁ କହି ଟଙ୍କା ଆଦାୟ କରୁଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ଜଣକ ନିଜ ନାମରେ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ନିଜ ପରିବାରର ସଦସ୍ୟଙ୍କ ନାମରେ ୩୦ ହଜାର ଟଙ୍କା ମିଛ ରିପୋର୍ଟ ଦର୍ଶାଇ ନେଇଥିବା ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳ ଓ ଚିଲିକା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ଦ୍ୱାରା ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏନେଇ ଆର୍ଆଇ ସାହୁ କହିଛନ୍ତି, ମୋ ନାଁରେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ଆସିବା ପରେ ଉକ୍ତ ବ୍ୟକ୍ତିଙ୍କୁ ଏଠାରୁ ବାହାର କରିଦିଆଯାଇଥିବା ସେ କହିଛନ୍ତି।

### ଜଳାତଙ୍କ ପ୍ରତିଷେଧକ ଟିକା କେନ୍ଦ୍ର ଖୋଲିବା ପାଇଁ ଦାବି

**ପୁରୁଣା ଭୁବନେଶ୍ୱର,୨୮।୯(ସୁବାସ ଚନ୍ଦ୍ର ପ୍ରଧାନ):** ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ସି ହସ୍ପିଟାଲରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଏବଂ ଜଳତାଙ୍କ ପ୍ରତିଷେଧକ ଟିକାକେନ୍ଦ୍ରର ବ୍ୟବସ୍ଥା ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ପୋଖରୀପୁଟ ଅଞ୍ଚଳର ରଶ୍ମୀ ରଞ୍ଜନ ସାହୁ କୁକୁର କାମୁଡ଼ାର ଶିକାର ହୋଇ ବିଏମ୍ସି ହସ୍ପିଟାଲକୁ ଗୁରୁବାର ଚିକିତ୍ସା ପାଇଁ ଆସିଥିଲେ। ଏଠାରେ କୁକୁର କାମୁଡା ଇଞ୍ଜେକ୍ସନ ଦିଆଯାଉ ନାହିଁ କହି ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଏନେଇ ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଛନ୍ତି, ଏହି ଚିକିତ୍ସାଳୟରେ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ରହିବା ନିତାନ୍ତ ଜରୁରୀ, ନଚେତ୍ ରୋଗୀଙ୍କ ଜୀବନ ଚାଲିଯିବ। ମହାନଗର ନିଗମ ଦ୍ୱାରା ପରିଚାଳିତ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଳାତଙ୍କ ପ୍ରତିଷେଧକ ଟିକାକେନ୍ଦ୍ର ଖୋଲିବା ପାଇଁ ବିଏମ୍ସି କମିଶନରଙ୍କୁ ସେ ପତ୍ର ମାଧ୍ୟମରେ ଦାବି କରିଛନ୍ତି।

# ବନ୍ଦ ହେଲା ୧ନଂ. ହାଟ

ଭୁବନେଶ୍ୱର,୨୮।୯(ବନ୍ଦନା ସେଠୀ)

ୟୁନିଟ୍-୨ ମାର୍କେଟ ବିଲ୍ଡିଂ ପରେ ଏବେ ୧ ନମ୍ବର ହାଟରେ ମାର୍କେଟ ଆସୋସିଏଶନ୍ ଏବଂ ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ଫୁଟ୍‌ପାଥ୍ ଉପରେ ଦୋକାନ କରିଥିବା ବ୍ୟବସାୟୀମାନେ ଦୋକାନ ଆୟତନର ଦୁଇଗୁଣ ବାହାରକୁ ଜବରଦଖଲ କରି ରଖୁଥିବାରୁ ଗ୍ରାହକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଏହାକୁ ନେଇ ଗୁରୁବାର ଉଭୟ ପକ୍ଷ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା ଏବଂ ପରେ ଘଟଣା ଥାନାକୁ ଯାଇଥିଲା। ତେବେ ସେଠାରେ କୌଣସି ସମାଧାନ ହୋଇପାରି ନ ଥିବାବେଳେ ଉକ୍ତ ଘଟଣା ପ୍ରତିବାଦରେ ଆସୋସିଏଶନ୍ ପକ୍ଷରୁ ୧ନମ୍ବର ମାର୍କେଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଭେଣ୍ଡିଂଜୋନ୍ ବ୍ୟବସାୟୀମାନେ ପୂର୍ବବତ୍ ରାସ୍ତାକୁ ଜବରଦଖଲ କରି ରଖିଥିବାରୁ ଏହାକୁ ଆସୋସିଏଶନ୍‌ର କେତେଜଣ ବ୍ୟବସାୟୀ ବାରଣ କରିଥିଲେ। ରାସ୍ତା ଛାଡ଼ି ବେପାର କରିବାକୁ ସେମାନେ କହିଥିଲେ। ଏଥିରେ ଭେଣ୍ଡିଂଜୋନ୍ ବ୍ୟବସାୟୀମାନେ ତାଙ୍କୁ ଖରାପ ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ, ଯାହାକୁ ନେଇ ଦୁଇପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟପକ୍ଷ ରାସ୍ତା ଉପରକୁ ଆସି କଥା କଟାକଟି ହୋଇଥିଲେ। ଫଳରେ ମାର୍କେଟରୁ ଏଜି ଛକ ଆଡକୁ ଥିବା ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ଗାଡ଼ିମୋଟର ଯିବା ଆସିବାରେ ମଧ୍ୟ ଅସୁବିଧା ହୋଇଥିଲା। ଏପରିକି ଭେଣ୍ଡିଂଜୋନ ବ୍ୟବସାୟୀମାନେ ହାଟ ଭିତରକୁ ଯାଉଥିବା ଗ୍ରାହକଙ୍କୁ ଛାଡ଼ି ନ ଥିଲେ। ଏହାକୁ ନେଇ ବିବାଦ ତୀବ୍ର ରୂପ ନେଇଥିଲା। ଅପରପକ୍ଷେ ଆସୋସିଏଶନ୍‌ର ବ୍ୟବସାୟୀମାନେ ଦୁର୍ବ୍ୟବହାର କରିଥିବା ଭେଣ୍ଡିଂଜୋନ୍ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ପରେ ଘଟଣାର ସମାଧାନ ପାଇଁ କ୍ୟାପିଟାଲ ଥାନାକୁ ଉଭୟ ପକ୍ଷ ଯାଇଥିଲେ। ଅପରାହ୍ନରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ମଧ୍ୟ ଘଟଣା ନେଇ ଅବଗତ କରାଯାଇଥିଲା। କମିଶନର ଶୁକ୍ରବାର ଅପରାହ୍ନ ୧୧ଟାରେ ଆସୋସିଏଶନ୍‌ର ସଦସ୍ୟଙ୍କୁ ବିଏମ୍ସିକୁ ଡାକିଥିବା ସୂଚନା ଦିଆଯାଇଛି। ଏନେଇ ଗୟାଧର କହିଛନ୍ତି, ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଏଭଳି କାମ ପାଇଁ ହାଟ ଭିତରେ ଥିବା ବ୍ୟବସାୟୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସେମାନଙ୍କ ସାହସ ବଢ଼ିବା ସହ ଜବରଦଖଲ ମଧ୍ୟ ବଢୁଛି। ତେଣୁ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ମାର୍କେଟ ବନ୍ଦ ରହିବ। ସେହିପରି ଏତେ ମାତ୍ରାରେ ବ୍ୟବସାୟୀଙ୍କ ପାଇଁ ପାର୍କିଂ ସୁବିଧା ନ ଥିବାରୁ ହାଟ ବ୍ୟବସାୟୀମାନେ ଏହା ସମ୍ମୁଖରେ ଥିବା ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରୁଥିଲେ। ମାତ୍ର ଗତ କିଛିଦିନ ହେବ ବିଏମ୍ସି ଏବଂ ଟ୍ରାଫିକ୍ ପୋଲିସ ପାର୍କିଂ ହୋଇଥିବା ଗାଡ଼ିଗୁଡ଼ିକୁ ଉଠାଇ ନେଉଛି। ଜରିମାନା ଆକାରରେ ୧୨ଶହ କିମ୍ବା ତା'ଠାରୁ ଅଧିକ ଟଙ୍କା ନେଉଛନ୍ତି। ବ୍ୟବସାୟୀଙ୍କୁ ବିଏମ୍ସି ସୁବିଧା ଯୋଗାଇପାରୁ ନ ଥିବାବେଳେ ସେମାନଙ୍କ ଉପରେ ଏଭଳି ଜୁଲମ୍ ବାବଦରେ ଶୁକ୍ରବାର ବୈଠକରେ ଉପସ୍ଥାପନ କରାଯିବ ବୋଲି ଗୟାଧର କହିଛନ୍ତି। ତେବେ ବ୍ୟବସାୟୀମାନଙ୍କ ମଧ୍ୟରେ ତାଳମେଳ ଠିକ୍ ରହୁ ନ ଥିବାବେଳେ ମାର୍କେଟ ବନ୍ଦ ରଖାଯିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



ମାର୍କେଟ ଆସୋସିଏଶନ୍ ଏବଂ ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଘଟଣାସ୍ଥଳରେ ଉତ୍ତେଜନା।

**ଆସୋସିଏଶନ୍-ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ**

**ଆଜି ବିଏମ୍ସି କମିଶନରଙ୍କ ସହ ଆଲୋଚନା**

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ

ବାଲୁଗାଁ,୨୮।୯(ସଂଗ୍ରାମ ପାଇକରାୟ)

**ଅଭିଯୁକ୍ତ ଗିରଫ**

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଚନ୍ଦ୍ରାପୁଟ ଗ୍ରାମର ଏକ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଏଥିରେ ଜଣେ ଏଏସ୍ଆଇ ଆହତ ହୋଇଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର ସୂର୍ଯ୍ୟକାନ୍ତ ଜାଲି। ସୂଚନା ମୁତାବକ, ଚନ୍ଦ୍ରାପୁଟ ଗ୍ରାମର ଧର୍ମେନ୍ଦ୍ର କେଇ ଏବଂ ସୂର୍ଯ୍ୟକାନ୍ତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ବିବାଦ ଥିଲା। ବୁଧବାର ରାତି ୮ଟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୂର୍ଯ୍ୟକାନ୍ତ ପନିକି ଧରି ଧର୍ମେନ୍ଦ୍ରଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏନେଇ ଧର୍ମେନ୍ଦ୍ର ପୋଲିସକୁ ଜଣାଇଥିଲେ। ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ, ଏଏସ୍ଆଇ ସୁକାନ୍ତ ପଟ୍ଟନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୂର୍ଯ୍ୟକାନ୍ତଙ୍କୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ସୂର୍ଯ୍ୟକାନ୍ତ ମାରଣାସ୍ତ୍ର ଦେଖାଇ ପୋଲିସକୁ ମଧ୍ୟ ଧମକ ଦେଇଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଏଏସ୍ଆଇ ପଟ୍ଟନାୟକ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟକାନ୍ତଙ୍କୁ କାବୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ କେସ ନଂ.୨୫୪/୨୩ ଏବଂ ଧର୍ମେନ୍ଦ୍ରଙ୍କ ଅଭିଯୋଗକ୍ରମେ ନଂ.୨୫୫/୨୩ ଦୁଇଟି ମାମଲା ରୁଜୁପରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି କବିବର




ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ।

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୭୫ତମ ଜୟନ୍ତୀ ବୁଧବାର ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ବିଜୟ କୁମାର ତ୍ରିପାଠୀ, ଉତ୍କଳ ସମ୍ମିଳନୀ ପକ୍ଷରୁ ଡ. ରାଧାନାଥ ପ୍ରହରାଜ, ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ୱଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କବିବର ରାଧାନାଥ ଶିକ୍ଷକତା କରିବା ସହ ଶିକ୍ଷା ପରିଦର୍ଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମେ ସେ ବଙ୍ଗଳା ଓ ପରବର୍ତ୍ତୀ ସମୟରେ ଓଡ଼ିଆରେ ଲେଖିବା ଆରମ୍ଭ କଲେ। ତାଙ୍କର ପ୍ରଥମ ଲେଖା ଥିଲା ବିବେକୀ। ପରେ ମେଘଦୂତ, କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଉଷା, ତୁଳସୀସ୍ତବକ, ଉର୍ବଶୀ, ଭାରତଗୀତିକା ଆଦି କାବ୍ୟ କବିତା ରଚନା କରି ଓଡ଼ିଶା ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। କଟକରେ ହୋଇଥିବା ଉତ୍କଳ ସାହିତ୍ୟ ସମାଜର ପ୍ରଥମ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ। ସେ ବିଭିନ୍ନ ଗଡ଼ଜାତକୁ ଗସ୍ତ କରି ସ୍ଥାନୀୟ ରାଜାମାନଙ୍କୁ ଭେଟି ସାହିତ୍ୟ ଆଲୋଚନା କରିବା ସହ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସହଯୋଗ କାମନା କରିଥିଲେ। ତାଙ୍କ ରଚନାରେ ଆଧୁନିକତା ସ୍ପଷ୍ଟବାଦିତାର ସ୍ୱର ପ୍ରତିଫଳିତ ହୋଇଥାଏ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ।



ଭଞ୍ଜକଳା ମଣ୍ଡପରେ ଗୁରୁବାର ଧାରାଶ୍ରୀ ରାଧା ଟ୍ରଷ୍ଟ ଏବଂ ଧାରାଶ୍ରୀ ରାଧା ପବ୍ଲିକେଶନ୍ ପକ୍ଷରୁ ଆୟୋଜିତ ବର୍ଷା ଉତ୍ସବରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ – ମୌସମ ନନ୍ଦ)

## ଏଟିଏମ୍‌ରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର,୨୮।୯(ସୂର୍ଯ୍ୟକାନ୍ତ ବେହେରା):** ଇନଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଛକରେ ଥିବା ଏକ ଏଟିଏମ୍ ଭିତରେ ଲାଗିଥିବା ଏସିରେ ବିଦ୍ୟୁତ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଛି। ଫଳରେ ଏଟିଏମ୍ ଭିତରେ ଥିବା ସମସ୍ତ ଇଣ୍ଟେରିୟମ ପ୍ଲାଇ ଏବଂ ଏସି ପୋଡ଼ି ପାଉଁଶ ହୋଇଯିବା ସହ ଏଟିଏମ ମଧ୍ୟ ପୋଡ଼ି କଳା ହୋଇଯାଇଛି। ତେବେ ଏଟିଏମ୍ ଲକର ଭିତରେ ଥିବା ସମସ୍ତ ଟଙ୍କା ସୁରକ୍ଷିତ ଥିବା ଜଣାପଡ଼ିଛି। ଲଗାତାର ଏସି ଚାଲିବା ଫଳରେ ସର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି।

# ମହିଳାଙ୍କ ନେତୃତ୍ୱ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୮।୯(ବନ୍ଦନା ସେଠୀ)

ଆକ୍ସନ୍‌ଏଡ୍ ଆସୋସିଏଶନ୍ ଏବଂ ସିସିଡବ୍ଲ୍ୟୁଡିର ମିଳିତ ଆନୁକୂଲ୍ୟରେ ରେଡ୍‌କ୍ରସ୍ ଭବନରେ ଦୁଇ ଦିବସୀୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ୟଙ୍ଗ୍ ଅର୍ବାନ ଓମେନ୍ ଫୋରମ୍‌ର ପ୍ରତିନିଧିଙ୍କୁ ପ୍ରଶିକ୍ଷିତ କରାଯାଇଥିଲା। ପ୍ରଶିକ୍ଷିକା ଭାବେ ସସ୍ମିତା ମଙ୍ଗରାଜ ଯୋଗଦେଇ ନେତୃତ୍ୱ ବିକାଶର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଆକ୍ସନ୍‌ଏଡ୍‌ର ଶୁଭେନ୍ଦୁ କୁମାର ରାୟ, ସାମାଜିକକର୍ମୀ ଉଷାରାଣୀ ବେହେରା, ସାଇବର ବିଶେଷଜ୍ଞ ବିନାୟକ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ନିଗ୍ଧା ଦାସ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଭାସ୍କର ଚନ୍ଦ୍ର ପ୍ରଧାନ ଅବଗତ କରାଇ ଥିଲେ। ଲକି ମହଲା ଧନ୍ୟବାଦ ଦେଇଥିଲେ। ସରସ୍ୱତୀ ପରିଡା, କୃଷ୍ଣଚନ୍ଦ୍ର ମହାନ୍ତ, ସୁଚରିତା ବେହେରା, ରେଣୁବାଳା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ମହିଳାମାନେ।

**ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

# ସ୍ନେହ, ବନ୍ଧୁତାର ବାର୍ତ୍ତା ଦେଲା 'ମାୟାପରୀ'

**ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ):** ଏକ ଜାହାଜରେ ଯାତ୍ରୀଙ୍କ ମନୋରଞ୍ଜନ ପାଇଁ ୫ଟି କଣ୍ଢେଇ ସଜାହୋଇ ରଖାଯାଇଥିଲା। ଏହି କଣ୍ଢେଇ ଆମ ସମାଜର ପାଞ୍ଚଟି ଚରିତ୍ର ଯଥା- ଶିକ୍ଷକ, ସୈନିକ, ଡାକ୍ତର, ବ୍ୟବସାୟୀ ଓ ବିବାହିତ ବୃଦ୍ଧଙ୍କୁ ପ୍ରତିପାଦନ କରୁଥିଲେ। ହଠାତ୍ ଜାହାଜଟି ସମୁଦ୍ରରେ ବୁଡ଼ିଯାଏ। ବୁଡ଼ିଯିବାର କାରଣ କେହି ଜାଣିପାରନ୍ତି ନାହିଁ। ଜାହାଜରେ ଥିବା କଣ୍ଢେଇଗୁଡ଼ିକ ଭାସି ଭାସି ସମୁଦ୍ର ମଝିରେ ଥିବା ଏକ ଜନଶୂନ୍ୟ ଦ୍ୱୀପରେ ଲାଗନ୍ତି। ସେହି ସମୟରେ ବରଫ ଝଡ଼ରେ ପଥହରା ହୋଇ ଏକ ନିରୀହ ପରୀ ଆସି ସେ ଦ୍ୱୀପରେ ପହଞ୍ଚେ। ପରୀ ସେହି ପାଞ୍ଚୋଟି କଣ୍ଢେଇ ସହିତ ବନ୍ଧୁତା ସ୍ଥାପନ କରେ। କିନ୍ତୁ ଧୂର୍ତ୍ତ ଓ ଚତୁର ଏହି ୫ ଚରିତ୍ର ଚତୁରତାର ସହ ପରୀର ଡେଣାଗୁଡ଼ିକୁ କାଢ଼ି ନିଅନ୍ତି। ଫଳରେ ପରୀ ନିଜର ଶକ୍ତି ସାମର୍ଥ୍ୟ ହରାଇବସେ। ପ୍ରକୃତରେ ଜାହାଜକୁ ପାଣିରେ ଜାଣିଶୁଣି ବୁଡ଼ାଇଥିଲା ଏକ ଦୁଷ୍ଟ ଭୂତୁଣୀ ରାଣୀ। ସେ ପରୀ ଓ ତା'ର ପାଞ୍ଚଟି କଣ୍ଢେଇକୁ ନଷ୍ଟ କରିବା ପାଇଁ ଆପ୍ରାଣ ଚେଷ୍ଟା ଆରମ୍ଭ କରେ। ସେହି ସମୟରେ ହିଂସା, ଦ୍ୱେଷ, ଘୃଣାକୁ ବିରୋଧ କରୁଥିବା ମାୟାପରୀ ନାମକ ଜଣେ ଯାଦୁକର ସେଠାରେ ପହଞ୍ଚି ନିରୀହ ପରୀକୁ ପର ଦାନ କରେ ଓ ସେହି ପାଞ୍ଚଟି କଣ୍ଢେଇଙ୍କ ଦେହରେ ଜୀବନ ଭରିଦିଏ। ଶେଷରେ ସେ ଦୁଷ୍ଟ ପରୀ କ୍ଷୁବ୍ଧ ହୋଇ ମାୟାପରୀ ନାମକ ଯାଦୁକର ପାଖରେ ଆତ୍ମସମର୍ପଣ କରେ। କାହାଣୀ ଶେଷରେ ପରୀ ଓ ପାଞ୍ଚଟି କଣ୍ଢେଇ ମିଳିମିଶି ମଣିଷ ସମାଜରେ ବାସ କରନ୍ତି। ଏଭଳି ଏକ ବିଷୟବସ୍ତୁକୁ ନେଇ ନାଟକ 'ମାୟାପରୀ' ଗୁରୁବାର କୋଲକାତା ଥିଏଲାଇଟ୍ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଅତନୁ ସରକାର ନାଟକର ନିର୍ଦ୍ଦେଶନା ଦେବା ସହ ରଚନା କରିଛନ୍ତି। ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ଏହି ବଙ୍ଗଳା ନାଟକ ଅବସରରେ ଅତିଥି ଭାବେ ନାଟ୍ୟକାର ମନୋଜ ପଟ୍ଟନାୟକ, ଲାଲା ବୀରେନ ପଟ୍ଟନାୟକ, ନଳିନୀ ନିହାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀ ପରିଚାଳନା କରିଥିବା ବେଳେ ଉପସଭାପତି ଜିତେନ୍ଦ୍ର ପଟ୍ଟନାୟକ ସହଯୋଗ କରିଥିଲେ।



ନାଟକ ମାୟାପରୀର ଏକ ଦୃଶ୍ୟ।

# ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ନେଇ ଆଲୋଚନା

**ଓଡ଼ିଶାରେ ମଧ୍ୟପ୍ରଦେଶର ୧୧ ଜଣିଆ ପ୍ରତିନିଧି ଦଳ**

ଭୁବନେଶ୍ୱର, ୨୮।୯(ଅସମାପିକା ସାହୁ)

ମଧ୍ୟପ୍ରଦେଶ ସରକାରଙ୍କ ୭ ଆଇଏଏସ୍ ଅଫିସରଙ୍କ ସମେତ ମୋଟ ୧୧ଜଣ ବରିଷ୍ଠ ଅଧିକାରୀଙ୍କ ଏକ ପ୍ରତିନିଧିଦଳ ୩ଦିନିଆ ଓଡ଼ିଶା ଗସ୍ତ ଶେଷ କରିଛନ୍ତି। ମଧ୍ୟପ୍ରଦେଶରୁ ଆସିଥିବା ଏହି ପ୍ରତିନିଧି ଦଳଙ୍କୁ ଓଡ଼ିଶା ଅର୍ବାନ ଏକାଡେମୀ (ଓୟୁଏ) ୫ଟି ପଦକ୍ଷେପ ଅନ୍ତର୍ଗତ ପରିମଳ ବ୍ୟବସ୍ଥାରେ ଫେକାଲ୍ ସ୍ଲେଜ୍ ଏବଂ ସେପ୍ଟେଜ୍ ମ୍ୟାନେଜମେଣ୍ଟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସହରୀ ଗ୍ରାମୀଣ କନଭର୍ଜେନ୍ସ ପାଇଁ ଓଡ଼ିଶା ମଡେଲ ବିଷୟରେ ଅବଗତ କରାଯାଇଥିଲା। ୨୫ ତାରିଖରେ ପ୍ରଥମେ ଓୟୁଏ କର୍ତ୍ତୃପକ୍ଷ ପ୍ରତିନିଧି ଦଳଙ୍କୁ ଓଡ଼ିଶା ଆପଣାଇଥିବା ପରିମଳ ବ୍ୟବସ୍ଥାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ ସେମାନଙ୍କୁ ଓଡ଼ିଶାର ସହରୀ ପରିବର୍ତ୍ତନ ଉପରେ ଆଲୋକପାତ କରାଇଥିଲେ। ଏଥିସହ ବିଭିନ୍ନ ସହରୀ ପରିମଳ ଏବଂ ଜଳ ଉତ୍ସର ବିକାଶ ଓ ସଂରକ୍ଷଣ ପ୍ରତି ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା। ପରିମଳ କ୍ଷେତ୍ରରେ ସୁଧାର ଆଣିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ମୋଡ୍‌ରେ ନିଆଯାଉଥିବା ବିଭିନ୍ନ କାର୍ଯକ୍ରମ ଏବଂ ସେଥିରୁ ରାଜ୍ୟ କିପରି ଲାଭବାନ ହୋଇପାରୁଛି ତାହା ଦର୍ଶାଇଥିଲେ।

ପୌର ନିର୍ଦ୍ଦେଶକ ତଥା ମିଶନ୍ ନିର୍ଦ୍ଦେଶକ ଏସ୍‌ବିଏମ୍ ସଂଗ୍ରାମଜିତ ନାୟକ ଏହି ଅବସରରେ ଉପସ୍ଥିତ ରହି ବିଭିନ୍ନ ଲୋକକେନ୍ଦ୍ରିକ କାର୍ଯ୍ୟକ୍ରମ, ଏଫ୍‌ଏସ୍‌ଏସ୍‌ଏମ୍ ମୂଲ୍ୟ ଶୃଙ୍ଖଳା, ଗରିମା, ଡାଇଟ୍ ପ୍ଲାଟଫର୍ମ ଏବଂ ରାଜ୍ୟରେ ସହରାଞ୍ଚଳ-ଗ୍ରାମୀଣ ସମ୍ମିଶ୍ରଣ ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକ ପରେ ମଧ୍ୟପ୍ରଦେଶରୁ ଆସିଥିବା ପ୍ରତିନିଧି ଦଳ ଭୁବନେଶ୍ୱରର ବାସୁଆଘାଇରେ ଓୟୁଏ ଏବଂ ଏଫ୍‌ଏସ୍‌ଟିପି ପରିଦର୍ଶନ କରିଥିଲେ। ଦ୍ୱିତୀୟ ଦିନରେ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଥିବା ୱେଲ୍‌ଥ ସେଣ୍ଟର ପରିଦର୍ଶନ କରିଥିଲେ। ପରେ ଜଟଣୀ, କୋଣାର୍କ ଏନଏସି ଅଞ୍ଚଳରେ କ୍ଷେତ୍ର ବୁଲି ସ୍ଥାନୀୟ ଜନସାଧାରଣ ଏବଂ ଏନ୍‌ଏସି ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟ ପ୍ରଣାଳୀକୁ ନେଇ ଆଲୋଚନା କରିଥିଲେ। ପରବର୍ତ୍ତୀ ଦିନ ସେମାନେ ପୁରୀର ଜଳ ବିଶୋଧନାଗାର ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ମଧ୍ୟପ୍ରଦେଶର ପ୍ରତିନିଧିଦଳ।

## ତ୍ରୁଟି ସଂଶୋଧନ

୨୮।୯।୨୦୨୩ ଧରିତ୍ରୀ ମେଟ୍ରୋ ସଂସ୍କରଣର ପୃଷ୍ଠା ୬ରେ 'ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଅକ୍ଟୋବର ୧୦ତାରିଖ ମଧ୍ୟରେ ଶେଷ ହେବା ପରିବର୍ତ୍ତେ ଭୁଲ୍ ବଶତଃ ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଲେଖାଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

# ଗଣେଶ ଭସାଣି ବେଳେ ପୋଲିସକୁ ଆକ୍ରମଣ

- ଡିଜେ ବନ୍ଦ ପାଇଁ ତାଗିଦା କରିବାରୁ ତୁମୁଳକାଣ୍ଡ
- ୩୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାଁରେ ମାମଲା

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ନନ୍ଦପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗଣେଶ ଭସାଣି ବେଳେ ଅଭାବନୀୟ ଘଟଣା ଘଟିଛି। ଡିଜେ ବନ୍ଦ କରିବାକୁ ତାଗିଦା କରିବାରୁ ଭସାଣିରେ ସାମିଲ ହୋଇଥିବା କେତେଜଣ ଯୁବକ ଏବଂ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏକାଧିକ ଯୁବକ ହଠାତ୍ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଖବରପାଇ ସଦର ଆଇଆଇସି କାହ୍ନୁଚରଣ ସ୍ୱାଇଁଙ୍କ ସମେତ ପୋଲିସ ଫୋର୍ସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ପୋଲିସ ନିଜ ଆଡୁ ଦଫା ୧୪୭, ୧୪୮, ୨୯୪, ୩୨୩, ୩୩୨, ୩୩୩, ୫୦୬, ୩୦୭, ୪୨୭, ୧୪୯ରେ ଏକ ମାମଲା (ନଂ.୨୭୪/୨୩) ରୁଜୁ କରିଛି। ଗ୍ରାମର ୩୦ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ନନ୍ଦପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗଣେଶ ଭସାଣି ଚାଲିଥିଲା। ଡିଜେ ଶବ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ କେତେଜଣ ଗ୍ରାମବାସୀ ଟୋଲ ଫ୍ରି ନମ୍ବରକୁ କଲ କରି ଜଣାଇଥିଲେ। ଖବରପାଇ ପୋଲିସ ପାଟ୍ରୋଲିଂ କରୁଥିବା ସଦର ଥାନା ଏସ୍ଆଇ ଜୟନ୍ତ କୁମାର ଭଞ୍ଜ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ଅସୁବିଧା ହେଉଥିବାରୁ ଡିଜେ ବନ୍ଦ କରିବାକୁ ପୋଲିସ ତାଗିଦା କରିଥିଲା। ଏହାକୁ ନେଇ ପୋଲିସ ଏବଂ ଯୁବକଙ୍କ ସହ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏହି ସମୟରେ କେତେଜଣ ଯୁବକ ହଠାତ୍ ପୋଲିସଙ୍କୁ ଆକ୍ରମଣ କରିଥିଲେ। ଏପରିକି ଗାଡ଼ିର ସମ୍ମୁଖ କାଚ ଭାଙ୍ଗି ଦେଇଥିଲେ। ଖବରପାଇ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏ ସମ୍ପର୍କରେ ସିଦ୍ଧାର୍ଥ କଟାରିଆ କହିଛନ୍ତି, ଗଣେଶ ଭସାଣି ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। କେତେଜଣ ଯୁବକ ପୋଲିସଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ମାମଲା ରୁଜୁ ହୋଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବୁଧବାର ରାତିରେ ବେଗୁନିଆ ଥାନା ଗଡ଼ମାଣିତ୍ରୀ ନିକଟ ଖଣିରେ ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରମଣରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଜଣେ ଗୁରୁତର ଭାବେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି। ଖୁବ୍ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍ପି କଟାରିଆ କହିଛନ୍ତି।

## ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ

### ଅଭିଯୁକ୍ତ ଗିରଫ

ବାଲୁଗାଁ,୨୮।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ଚନ୍ଦ୍ରାପୁଟ ଗ୍ରାମର ଏକ ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସ ଆକ୍ରମଣର ଶିକାର ହୋଇଛି। ଏଥିରେ ଜଣେ ଏଏସ୍ଆଇ ଆହତ ହୋଇଥିବା ବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର ସୂର୍ଯ୍ୟକାନ୍ତ ଜାଲି। ସୂଚନା ମୁତାବକ, ଚନ୍ଦ୍ରାପୁଟ ଗ୍ରାମର ଧର୍ମେନ୍ଦ୍ର କେଇ ଏବଂ ସୂର୍ଯ୍ୟକାନ୍ତଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପୂର୍ବରୁ ବିବାଦ ଥିଲା। ବୁଧବାର ରାତି ୮ଟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୂର୍ଯ୍ୟକାନ୍ତ ପନିକି ଧରି ଧର୍ମେନ୍ଦ୍ରଙ୍କୁ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏନେଇ ଧର୍ମେନ୍ଦ୍ର ପୋଲିସକୁ ଜଣାଇଥିଲେ। ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ, ଏଏସ୍ଆଇ ସୁକାନ୍ତ ପଟ୍ଟନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୂର୍ଯ୍ୟକାନ୍ତଙ୍କୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ସୂର୍ଯ୍ୟକାନ୍ତ ମାରଣାସ୍ତ୍ର ଦେଖାଇ ପୋଲିସକୁ ମଧ୍ୟ ଧମକ ଦେଇଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ଏଏସ୍ଆଇ ପଟ୍ଟନାୟକ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ସୂର୍ଯ୍ୟକାନ୍ତଙ୍କୁ କାବୁ କରାଯାଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ କେସ ନଂ.୨୫୪/୨୩ ଏବଂ ଧର୍ମେନ୍ଦ୍ରଙ୍କ ଅଭିଯୋଗକ୍ରମେ ନଂ.୨୫୫/୨୩ ଦୁଇଟି ମାମଲା ରୁଜୁପରେ ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)

ସ୍କୁଟି ଚୋରି ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ସନ୍ତୋଷ କୁମାର ବେହେରା। ସୂଚନା ମୁତାବକ, କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ ବଡ଼େଇବନ୍ଧ ଗ୍ରାମର ଜଗନ୍ନାଥ ବେହେରା ସାମଗ୍ରୀ କିଣିବା ପାଇଁ ଧଳାପଥର ବଜାରକୁ ବୁଧବାର ସନ୍ଧ୍ୟାରେ ଯାଇଥିଲେ। ସ୍କୁଟି ରଖି ଏକ ଦୋକାନରୁ ସାମଗ୍ରୀ କିଣୁଥିଲେ। ଏହି ସମୟରେ ତାଙ୍କ ସ୍କୁଟିକୁ ସନ୍ତୋଷ ଚୋରି କରି ନେଇ ପଳାଇଥିଲେ। ଗାଡିକୁ ଖୋଜାଖୋଜି କରି ନ ପାଇବାରୁ ଜଗନ୍ନାଥ ଧଳାପଥର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ବେଗୁନିଆ ଥାନାରେ ଏକ ମାମଲା (ନଂ.୩୪୫/୨୪) ରୁଜୁ ହୋଇଥିଲା। ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ଘଟଣାର ତଦନ୍ତ ଚଳାଇଥିଲେ।

## ସଂକ୍ଷେପରେ

### ବୋଲଗଡ଼ ବ୍ଲକ: ୩୪୮ ଛାତ୍ରୀଛାତ୍ର ଦେଲେ ମେଧାବୃତ୍ତି ପରୀକ୍ଷା

ବୋଲଗଡ଼,୨୮।୯(ଦେବବ୍ରତ ହୋତା)

ବୋଲଗଡ଼ ସ୍ଥିତ ସରକାରୀ ବାମନ ହାଇସ୍କୁଲ ଓ ପିଚୁକୁଲିସ୍ଥିତ ରଘୁନାଥଦେବ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ବ୍ଲକସ୍ତରୀୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସରକାରୀ ବାମନ ଉଚ୍ଚ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୧୧୪ ଜଣ ଛାତ୍ରୀଛାତ୍ର ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୧୦୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯ଜଣ ଅନୁପସ୍ଥିତ ଥିଲେ। ସେହିପରି ରଘୁନାଥ ଦେବ ହାଇସ୍କୁଲରେ ତୃତୀୟଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୭୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩ଜଣ ଅନୁପସ୍ଥିତ ଥିଲେ। ସେହିପରି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୬୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ଥିଲେ। ଏହି ବ୍ଲକସ୍ତରୀୟ ମେଧାବୃତ୍ତି ପରୀକ୍ଷାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସନାଥ ସ୍ୱାଇଁ ଓ ଅମିତା ମିଶ୍ର ସଞ୍ଚାଳନ କରିଥିଲେ। ବୋଲଗଡ଼ରେ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୀତବାସ ଲେଙ୍କା, ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା କୁମାରୀ ସାହୁ, ରାନୁମା ପ୍ରଧାନ, ଦୀପିକା ପ୍ରଧାନ ଓ ଦୀପ୍ତିମୟୀ ପରିଡ଼ା ପରିଚାଳନା କରିଥିଲେ। ସେହିପରି ପିଚୁକୁଲି ହାଇସ୍କୁଲରେ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ମହାପାତ୍ର ପରିଚାଳନା କରିଥିଲେ।

### ହୋମିଓପାଥିକ୍ ଚିକିତ୍ସକ ଭାଗ୍ୟଧର ବିଶ୍ୱାଳଙ୍କ ପରଲୋକ

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)

ହୋମିଓପାଥିକ୍ ଚିକିତ୍ସକ ଡା. ଭାଗ୍ୟଧର ବିଶ୍ୱାଳଙ୍କ ୭୬ ବର୍ଷ ବୟସରେ ବିଡିଏ କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ, ତିନିପୁଅ, ବୋହୂ, ନାତିନାତୁଣୀ, ସମ୍ପର୍କୀୟ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି ଭାଗ୍ୟଧର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ରାଜ୍ୟର ବିଭିନ୍ନ ହୋମିଓପାଥିକ୍ ଚିକିତ୍ସାଳୟରେ ସେ କାର୍ଯ୍ୟ କରିଛନ୍ତି। ଏଥିସହ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟରେ ସେ ନିଜକୁ ନିୟୋଜିତ ରଖିଥିଲେ। ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତଦେହକୁ ପ୍ରଥମେ ଜନ୍ମମାଟି କୁହୁଡ଼ି ନିଆଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଆଇନଜୀବୀ ଦେବବ୍ରତ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।



ଜଟଣୀ ଗଣେଶ ମହୋତ୍ସବର ଦଶମ ସନ୍ଧ୍ୟାରେ ଗୁରୁବାର ଚୈତନ୍ୟ ଫାଉଣ୍ଡେସନର ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

### ସ୍ୱାମୀ ଗିରଫ

ବେଗୁନିଆ,୨୮।୯(ହରପ୍ରସନ୍ନ ପଣ୍ଡା)

ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଗୁରୁବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ବ୍ରାହ୍ମଣପୁଟ ଗ୍ରାମର ନନ୍ଦିନୀ ନାୟକ(୧୯)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୪୪/୨୩) ରୁଜୁକରିବା ସହ ମୃତାଙ୍କ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ ନାୟକ। ସୂଚନା ମୁତାବକ, ଗଣେଶ ୧ ବର୍ଷ ପୂର୍ବେ ବେଗୁନିଆ ବ୍ଲକ ବାଘମାରୀ ଗ୍ରାମର ନନ୍ଦିନୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ନନ୍ଦିନୀଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ। ତେବେ ନିର୍ଯାତନା ଅସହ୍ୟ ହେବାରୁ ନନ୍ଦିନୀ ବାପଘର ଲୋକଙ୍କୁ ଜଣାଇଥିଲେ। ବୁଧବାର ରାତିରେ ଏକ କୋଠରିରେ ନନ୍ଦିନୀ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୃତାଙ୍କ ବାପା ଜୟକୃଷ୍ଣ ଗୁରୁବାର ବେଗୁନିଆ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଝିଅକୁ ମାରିଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହିଛନ୍ତି।

## ଆର୍ଆଇଙ୍କ ନାଁରେ ଟଙ୍କା ଆଦାୟ ଅଭିଯୋଗ

ଟାଙ୍ଗୀ,୨୮।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଚିଲିକା ତହସିଲ ଅନ୍ତର୍ଗତ ଜରିପଡ଼ା ରାଜସ୍ୱ ନିରୀକ୍ଷକ(ଆର୍ଆଇ)ଙ୍କ ନାଁରେ ଟଙ୍କା ଆଦାୟ କରାଯାଉଥିବା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଜରିପଡ଼ା, କଳକଳେଶ୍ୱର ଓ ଚଣ୍ଡେଶ୍ୱର ପଞ୍ଚାୟତର ଜନସାଧାରଣଙ୍କ ପାଇଁ ଜରିପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଏଠାରେ ଦିବ୍ୟ ରଞ୍ଜନ ସାହୁ ଆର୍ଆଇ ଭାବେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ କାର୍ଯ୍ୟାଳୟରେ ଜଣେ ବେସରକାରୀ ବ୍ୟକ୍ତିଙ୍କୁ ଅମିନଭାବେ ପରିଚୟ ଦେଇ ସର୍ବଦା ବସାଇ ରଖୁଛନ୍ତି। ସେ ବ୍ୟକ୍ତି ଜଣଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କଠାରୁ କାର୍ଯ୍ୟ କରିବା ଆଳରେ ଆର୍ଆଇଙ୍କ ନାଁ କହି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏପରିକି କୌଣସି କାର୍ଯ୍ୟରେ ବିଭିନ୍ନ ଗ୍ରାମକୁ ଆର୍ଆଇ ଯିବା ବେଳେ ଉକ୍ତ ବ୍ୟକ୍ତିଙ୍କୁ ବାଇକରେ ବସାଇ ନେଇଥାନ୍ତି। ୨୦୨୧ ସେପ୍ଟେମ୍ବରରେ ପ୍ରବଳ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ରାଶି ପ୍ରଦାନରେ ଜରିପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ବ୍ୟକ୍ତି ଜଣକ ନିଜ ନାମରେ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ନିଜ ପରିବାରର ସଦସ୍ୟଙ୍କ ନାମରେ ୩୦ ହଜାର ଟଙ୍କା ମିଛ ରିପୋର୍ଟ ଦର୍ଶାଇ ନେଇଥିବା ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳ ଓ ଚିଲିକା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ଉଚ୍ଚସ୍ତରୀୟ ପଦାଧିକାରୀଙ୍କ ଦ୍ୱାରା ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଆର୍ଆଇ ସାହୁ କହିଛନ୍ତି, କିଛିମାସ ହେବ ଏଠାରେ ଆର୍ଆଇ ଭାବେ ନିଯୁକ୍ତ ହୋଇଛି। ମୋ ନାଁରେ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ଆସିବା ପରେ ଉକ୍ତ ବ୍ୟକ୍ତିଙ୍କୁ ଏଠାରୁ ବାହାର କରିଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ମଦ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)

ବେଆଇନ ଭାବେ ମଦ ବିକ୍ରି କରିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର କୁଳମଣି ବେହେରା (୪୫)। ସୂଚନା ମୁତାବକ, କୁଳମଣି ଦୈନିକ ବିଭିନ୍ନ ଗ୍ରାମକୁ ଯାଇ ବିଦେଶୀ ମଦ ବିକ୍ରି କରୁଥିଲେ। ଗୁରୁବାର ସକାଳେ କୁଳମଣି ନିକଟ ରାଉତପଡା-ପରିଛଳ ରାସ୍ତାକଡରେ ବେପାର ଜମାଇଥିବା ଖବର ପୋଲିସକୁ ସୂଚନା ମିଳିଥିଲା। ବେଗୁନିଆ ପୋଲିସ ଟିମ୍ ପହଞ୍ଚି କୁଳମଣିଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ବିଦେଶୀ ମଦ ୮ ଲିଟର ୬୪୦ ମିଲିଲିଟର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୪୩/୨୩) ରୁଜୁ ହୋଇଛି।

## ପାନୀୟଜଳ ଯୋଗାଣ ବନ୍ଦ, ଲୋକେ ହଇରାଣ

ବୋଲଗଡ଼,୨୮।୯(ଦେବବ୍ରତ ହୋତା)


ଅଚଳ ହୋଇଥିବା ପାନୀୟଜଳ ପ୍ରକଳ୍ପ।

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ଦେଉଳି ଗ୍ରାମର ୪ଟି ୱାର୍ଡକୁ ଗତ ୧୦ଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଫଳରେ ପିଇବା ପାଣି ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଗ୍ରାମକୁ ତୁରନ୍ତ ପାନୀୟଜଳ ପୁନଃ ଯୋଗାଣ କରାଯିବାକୁ ଦାବି ହେଉଛି। ସୂଚନା ମୁତାବକ, ଦେଉଳି ଗ୍ରାମଠାରେ ବସୁଧା ଯୋଜନାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପଟି କିଛି ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇ ଦେଉଳି ଗ୍ରାମର ମଠସାହି, ନୂଆସାହି, ଦେଉଳି ସାହି, ବଡ଼ସାହି, ଗ୍ରାମ ବଜାର ଏବଂ ହାଟ ଅଞ୍ଚଳକୁ ପାଇପଯୋଗେ ପାନୀୟଜଳ ଯୋଗାଣ ହେଉଥିଲା। ଏଥିରେ ଗ୍ରାମର ପ୍ରାୟ ୨ ହଜାର ଜନସାଧାରଣ ଉପକୃତ ହେଉଥିଲେ। ତେବେ ପ୍ରକଳ୍ପରେ ଥିବା ପାଣି ପମ୍ପ ମୋଟର ଏବଂ ପ୍ୟାନେଲରେ ମରାମତି ହେଉଥିବାରୁ ପାନୀୟଜଳ ଯୋଗାଣ ବନ୍ଦ ଥିବା କୁହାଯାଉଛି। ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପରୁ ଦେଉଳି ଗ୍ରାମର ଦୁଇଟି ୱାର୍ଡକୁ ଗୋଟିଏ ଦିନ ଏବଂ ପରଦିନ ଆଉ ଦୁଇଟି ୱାର୍ଡ ଅଞ୍ଚଳକୁ ପାନୀୟଜଳ ଯୋଗାଣ ହେଉଥିଲା। ପ୍ରତିଦିନ ଗ୍ରାମର ସମସ୍ତ ୪ଟି ୱାର୍ଡ ଅଞ୍ଚଳକୁ ନିୟମିତ ପାନୀୟଜଳ ଯୋଗାଣ ପାଇଁ ଗ୍ରାମବାସୀ ଦାବିକରି ଆସୁଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ କହିଛନ୍ତି, ଦେଉଳି ଗ୍ରାମର ପାନୀୟଜଳ ଯୋଗାଣ ପ୍ରକଳ୍ପର ପାଣି ପମ୍ପ ମୋଟର ଏବଂ ପ୍ୟାନେଲ ବୋର୍ଡରେ ତ୍ରୁଟି ଯୋଗୁ ପାନୀୟଜଳ ଯୋଗାଣ ବ୍ୟାହତ ହୋଇଛି। ଖୁବ୍ଶୀଘ୍ର ମରାମତି କାର୍ଯ୍ୟ ଶେଷ କରାଯାଇ ପୁନଃ ପାନୀୟଜଳ ଯୋଗାଣ କରାଯିବ।

## ମହମ୍ମଦଙ୍କ ଜୟନ୍ତୀରେ ଶୋଭାଯାତ୍ରା



ଜଟଣୀ,୨୮।୯(ରବୀନ୍ଦ୍ର ନାଥ ମହାକଡ଼)

ମହମ୍ମଦଙ୍କ ଜୟନ୍ତୀ ଅବସରରେ ଗୁରୁବାର ଜଟଣୀ ସୁନ୍ନି ସମ୍ପ୍ରଦାୟ ପକ୍ଷରୁ ଏକ ଶୋଭାଯାତ୍ରା(ଜୁଲୁସ) ସହର ପରିକ୍ରମା କରିଥିଲା। ରେଡଙ୍ଗ କଲୋନୀ ମସଜିଦ ପକ୍ଷରୁ ଶୋଭାଯାତ୍ରା ମସଜିଦ ହବିବିଠାରୁ ବାହାରି ହରିଭାଇନା ଛକ ଠାରେ ପହଞ୍ଚିଥିଲା। ସେଠାରୁ ସହର ପରିକ୍ରମା କରି ପୁଣି ରେଡଙ୍ଗ କଲୋନୀ ସ୍ଥିତ ମସଜିଦ ହବିବି ଠାରେ ପହଞ୍ଚିଥିଲା। କୁଦିଆରୀ ମିଳତ କ୍ଲବ, ରାଜା ବଜାର, ବାଛରାପାଟଣା,ଇମାମବାଡ଼ା ଅଞ୍ଚଳର ଜୁଲୁସ ସହର ପରିକ୍ରମା କରିଥିଲା। ମ୍ୟୁନିସିପାଲିଟି ଛକଠାରେ ବିଜେଡି ଜିଲା ଉପସଭାପତି ବିଜୟ କୁମାର ଛୋଟରାୟ, ଦିବାକର ମଙ୍ଗରାଜ, ମହମ୍ମଦ ଅଜିଜୁଲା ସରିଫ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସେହିପରି ଦୁର୍ଗା ମାର୍କେଟ ନିକଟରେ ଜଟଣୀ ପୌରପରିଷଦର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ଜଟଣୀ ହବିବିଠାରେ ସମସ୍ତଙ୍କ ଲାଗି ଲଙ୍ଗରର(ପ୍ରସାଦ ସେବନ) ବ୍ୟବସ୍ଥା କରାଯାଇଥିବା ବେଳେ ରାତିରେ ମୌଲବୀମାନଙ୍କ ଦ୍ୱାରା ତକରିର(ପ୍ରବଚନ) କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

# ସାଇବର କ୍ରାଇମ୍ ରୋକିବ ସଚେତନତା

- ତୁରନ୍ତ ଟୋଲ୍ଫ୍ରି ନମ୍ବରକୁ କଲ୍ କରନ୍ତୁ
- ଆପ୍ ଡାଉନ୍ଲୋଡ ପୂର୍ବରୁ ସର୍ତ୍ତକ ରୁହନ୍ତୁ

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ ଏସ୍ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

ଦିନକୁଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଅଜ୍ଞାନତା କିମ୍ବା ସଚେତନତା ଅଭାବରୁ ଲୋକେ ସାଇବର ଠକଙ୍କ ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଉଛନ୍ତି। କେହି କିଛି ବୁଝିବା ପୂର୍ବରୁ କେଇ ମିନିଟ୍ ମଧ୍ୟରେ କଷ୍ଟ ଉପାର୍ଜିତ ଧନ ହରାଉଛନ୍ତି। ସାଇବର ଅପରାଧ ସମ୍ପର୍କରେ ଜନ ସଚେତନତା ଉଦ୍ଦେଶ୍ୟରେ ରାଜ୍ୟ ପୋଲିସ ପକ୍ଷରୁ ସାଇବର ଅପରାଧ ଅଭିଯାନ-୨୦୨୩ ଆରମ୍ଭ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରଠାରେ ଏହାର ଶୁଭାରମ୍ଭ କରିବେ। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାମାଞ୍ଚଳ, ସହରାଞ୍ଚଳରେ ସାଇବର ରଥ ପରିକ୍ରମା କରିବ। ସାଇବର ଅପରାଧ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ଏହି କ୍ରମରେ ଗୁରୁବାର ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନତା ଉଦ୍ଦେଶ୍ୟରେ ଖବରଦାତା ସମ୍ମିଳନୀ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍ପି ସିଦ୍ଧାର୍ଥ କଟାରିଆ ଯୋଗଦେଇଥିଲେ। ଏହି ଅବସରରେ ଏସ୍ପି କଟାରିଆ ସାଇବର ଅପରାଧ ସମ୍ପର୍କରେ ବୁଝାଇଥିଲେ। ନିଜେ ମଧ୍ୟ ଥରେ ସାଇବର ଅପରାଧର ଶିକାର ହୋଇଥିବା ଏସ୍ପି କଟାରିଆ ଏହାର ଅନୁଭୂତି ବ୍ୟାଖ୍ୟା କରି କହିଥିଲେ, ସାଧାରଣ ଲୋକଙ୍କ ଏ ସମ୍ପର୍କରେ କୌଣସି ଧାରଣା, ସଚେତନ ନ ଥିବାରୁ ଅନେକ ସମୟରେ ଲକ୍ଷାଧିକ ଟଙ୍କା ହରାଇବା ସତ୍ତ୍ୱେ ନୀରବ ରହିଯାଉଛନ୍ତି। ତେବେ ସାଇବର ଅପରାଧର ପ୍ରଥମ ୪୮ଘଣ୍ଟା ବହୁ ଗୁରୁତ୍ୱପୂର୍ଣ୍ଣ। ସମସ୍ୟାରେ ପଡ଼ିଲେ ସମୟ ଅପଚୟ ନ କରି ତୁରନ୍ତ ନିକଟ ଥାନା, ସାଇବର ଥାନା କିମ୍ବା ଜିଲା ପୋଲିସରେ ଥିବା ସାଇବର ସେଲ୍ରେ ଲିଖିତ ଅଭିଯୋଗ କରିପାରିବେ। ଏଥିଲାଗି ପ୍ରଥମେ ସାଇବର ଅପରାଧ ଟୋଲ ଫ୍ରି ନମ୍ବରକୁ କଲ କରି ନିଜ ସମସ୍ୟା ଜଣାନ୍ତୁ। ସିଧାସଳଖ ଭାବେ ମୋ ସହ ଦେଖା ହୋଇପାରିବେ। ଲୋକଙ୍କ ଶହେ ଟଙ୍କା ପାଇଁ ମଧ୍ୟ ପୋଲିସ ଲଢ଼େଇ କରିବ। ଆପଣଙ୍କ ଟଙ୍କା ଫେରି ନ ପାଇବା ପର୍ଯ୍ୟନ୍ତ ପ୍ରୟାସ କରାଯିବ। ଅକ୍ଟୋବର ୨ରୁ ସାଇବର ରଥ ଜିଲାରେ ପରିକ୍ରମା କରିବ। ସାଇବର ଅପରାଧ ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ବିଭିନ୍ନ ଶିକ୍ଷାନୁଷ୍ଠାନ, କଲେଜରେ ଏ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଆସନ୍ତା ୮ତାରିଖରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ମାରାଥନ, ୯ ତାରିଖରେ ମାସ କ୍ୟାମ୍ପେନ, ଘରକୁ ଘର ବୁଲି ସଚେତନ କରାଯିବ। ଏଥିରେ ସ୍ଥାନୀୟ ଯୁବପିଢି, କଲେଜ ଛାତ୍ରୀଛାତ୍ର, ସାମାଜିକ ଅନୁଷ୍ଠାନ, ଆଶା, ଅଙ୍ଗନୱାଡି କର୍ମୀଙ୍କୁ ମଧ୍ୟ ସାମିଲ କରାଯିବ। ଏମାନଙ୍କ ମାଧ୍ୟମରେ ଗ୍ରାମାଞ୍ଚଳସ୍ତରରେ ସଚେତନ କରାଯିବ। ସେହିପରି ୧୪ ତାରିଖ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାରେ ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯିବ। ଏଥିରେ ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସାମାଜିକ କର୍ମୀ, ମହିଳାଙ୍କୁ ସାମିଲ କରାଯିବ। ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ଅନେକ ସମୟରେ ସଚେତନତା ଅଭାବରୁ ସାଇବର ଠକାମିର ଶିକାର ହେଲେ କ'ଣ କରିବେ ଜାଣିପାରନ୍ତି ନାହିଁ। ମୋବାଇଲ ଫୋନରେ ବିଭିନ୍ନ ଆପ୍ ଡାଉନଲୋଡ କରିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ଆପ୍ ମାଧ୍ୟମରେ ଜଣେ ବ୍ୟକ୍ତିର ସମସ୍ତ ଡାଟା ମଧ୍ୟ ଚୋରି କରି ନେଉଛନ୍ତି। ସାଇବର ଅପରାଧ ପ୍ରତି ସଚେତନ ହେଲେ ଏହାକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍ପି କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍ପି କ୍ରାଇମ୍ ମୀନାକ୍ଷୀ ଠାକୁର, ଟାଉନ ଥାନାଧିକାରୀ ତାରିକ ଅହମ୍ମଦ, ଏସ୍ଆଇ ପଦ୍ମଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୮।୯।୨୦୨୩

| | |
|---|---|
| ୪,୮୦,୭୪୦ ଟଙ୍କା | |
| ସୁନା | ୫.୧୦୦ ଗ୍ରାମ୍ |
| ରୁପା | ୨୧.୭୩୦ ଗ୍ରାମ୍ |

# ସଚେତନ କରିବ ସାଇବର ରଥ

ପୁରୀ,୨୮।୯(ଅଜିତ୍ ମହାନ୍ତି)

ଦେଶ ତଥା ରାଜ୍ୟରେ ଦିନକୁଦିନ ସାଇବର ଅପରାଧୀଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଶିକ୍ଷିତ ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନେ ଅଧିକାଂଶ ସମୟରେ ସାଇବର ଠକେଇର ଶିକାର ହେଉଛନ୍ତି। ସମ୍ପ୍ରତି ଏହା ସରକାରଙ୍କଠାରୁ ଆରମ୍ଭ କରି ପୋଲିସ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଲୋକମାନଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପୋଲିସ ପକ୍ଷରୁ ସାଇବର ସେଲ୍ ଖୋଲାଯାଇଛି। ତେବେ ଅନେକ ବ୍ୟକ୍ତି ଏସମ୍ପର୍କରେ ସଚେତନ ନ ଥିବାରୁ ଠକେଇର ଶିକାର ହେଉଛନ୍ତି। ତେଣୁ ଲୋକମାନଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପର୍ଯ୍ୟଟନସ୍ଥଳୀ ପୁରୀରେ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଗୁରୁବାର ପୁରୀ ପୋଲିସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଅତିରିକ୍ତ ଏସ୍‌ପି ଦେବଦତ୍ତ ଚକ୍ର କହିଛନ୍ତି, ସମ୍ପ୍ରତି ସାଇବର ଅପରାଧ ଚିନ୍ତାର ବିଷୟ ଅଟେ। ଏକାଧିକ ପ୍ରକାର ସାଇବର ଅପରାଧ ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ବିଶେଷକରି ଶିକ୍ଷିତ ଲୋକମାନେ ଏହାର ଶିକାର ହେଉଛନ୍ତି। ତେବେ ଜନସାଧାରଣଙ୍କୁ ସଚେତନ କରିବାର ସମୟ ଆସିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ସେହିପରି ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ସାଇବର୍ କ୍ୟାମ୍ପେନିଂ ଆରମ୍ଭ ହେବାକୁ ଯାଉଛି। ଲୋକଙ୍କୁ ସଚେତନ କରିବା ପାଇଁ ଜିଲାରେ ସାଇବର ସଚେତନତା ରଥ ପରିକ୍ରମା କରିବ। ଉକ୍ତ ସାଇବର ରଥରେ ଭିଡିଓ ଏବଂ ଅଡିଓ ରହିବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲାରେ ଥିବା ସମସ୍ତ ଥାନାକୁ ଏହି ସଚେତନତା ରଥ ଭ୍ରମଣ କରିବ। ଆସନ୍ତା ଅକ୍ଟୋବର ୨ ତାରିଖଠାରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ସ୍କୁଲ, କଲେଜ, ବ୍ଲକ୍ ଅଫିସ, ସରକାରୀ କାର୍ଯ୍ୟାଳୟ, ମାର୍କେଟ ଆଦି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ରଥ ପକ୍ଷରୁ ସଚେତନା କାର୍ଯ୍ୟକ୍ରମ କରାଯିବ। ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଏହି ସଚେତନତା କାର୍ଯ୍ୟକ୍ରମ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଆରମ୍ଭ ହେବ। ସଚେତନତା ରଥ ପରିକ୍ରମା ସମୟରେ ବିଦ୍ୟାଳୟଗୁଡ଼ିକରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ୮ ତାରିଖରେ ମାରାଥନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୧୪ତାରିଖରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ କାର୍ଯ୍ୟକ୍ରମ କରାଯିବ। ଆଶାକର୍ମୀ ଏବଂ ଅନ୍ୟମାନଙ୍କୁ ନେଇ ଘରଘର ବୁଲି ସଚେତନତା ପତ୍ର ବଣ୍ଟନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସେହିପରି ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ଅନ୍‌ଲାଇନରେ ମଧ୍ୟ ଲୋକମାନଙ୍କୁ ସାଇବର କ୍ରାଇମ ଉପରେ ସଚେତନତା କରାଯିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା, ସମୁଦ୍ରକୂଳ ଥାନା ଏବଂ ସାଇବର ଥାନା ଅଧିକାରୀ ଉପସ୍ଥିତ ଥିଲେ।

# ଅଜଣା ପୋକ କାମୁଡ଼ାରେ ଅସୁସ୍ଥ ପର୍ଯ୍ୟଟକ ମେଡିକାଲରେ ଭର୍ତ୍ତି

ପୁରୀ,୨୮।୯(ଅଜିତ୍ ମହାନ୍ତି)

ରାଜ୍ୟରେ ସ୍କ୍ରବ ଟାଇଫସ୍ ରୋଗ ଏବେ ଚିନ୍ତା ବଢ଼ାଇଛି। ବିଭିନ୍ନ ଜିଲାରେ ଏହି ରୋଗ ମଣିଷଙ୍କଠାରେ ଦେଖିବାକୁ ମିଳୁଥିବାବେଳେ ପୁରୀରେ ଗୁରୁବାର ସନ୍ଧ୍ୟାରେ ଏଭଳି ଏକ ଘଟଣା ଦେଖାଦେଇଛି। ଏହା ପୁରୀବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ପୁରୀ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ଅଜଣା ପୋକ କାମୁଡ଼ାରେ ଅସୁସ୍ଥ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅଜଣା ପୋକ କାମୁଡ଼ାର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ସୁନ୍ଦରଗଡ଼ ଜିଲାର ଅମନ୍ ଦେହୁରୀ(୧୭)। ପୋକଟି ଅମନ୍‌ଙ୍କ ନାଭିକୁ କାମୁଡ଼ି ଦେଇଥିବା ଜଣାପଡ଼ିଛି। ତେବେ ଅମନ ଉକ୍ତ ପୋକକୁ ବୋତଲରେ ରଖି ହସ୍ପିଟାଲ ଆଣିବା ସହ ଡାକ୍ତରଙ୍କୁ ଦେଖାଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଅମନ୍ ତାଙ୍କ ଭାଇ ଆଶିଷ ଓ କିଛି ସାଙ୍ଗମାନଙ୍କ ସହ ବରଗଡ଼ରୁ ଭୁବନେଶ୍ୱର ଆସିଥିଲେ। ଆସିବା ସମୟରେ ଅମନ୍‌ଙ୍କୁ ଏହି ପୋକଟି ନାଭିକୁ କାମୁଡ଼ି ଦେଇଥିଲା। ତେବେ ଅଜଣା ପୋକଟି ଅମନ୍‌ଙ୍କ ନାଭିକୁ କାମୁଡ଼ିବାପରେ ତାଙ୍କୁ ପ୍ରଥମେ ଜ୍ୱର ହୋଇଥିଲା। ପରେ ସେ ଅଚେତ୍ ହୋଇଯାଇଥିଲେ। ପରେ ସେମାନେ ପୁରୀ ବୁଲିବାକୁ ଆସିଥିବାବେଳେ ଅମନଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କ ଭାଇ ତାଙ୍କୁ ପୁରୀ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ଅମନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଅମନ୍‌ଙ୍କ ରକ୍ତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି। ତେବେ ଶୁକ୍ରବାର ଏହାର ରିପୋର୍ଟ ଆସିବା ପରେ ଘଟଣା ଜଣାପଡ଼ିବ। ଡାକ୍ତରଙ୍କ କହିବା ଅନୁଯାୟୀ, ରୋଗୀଙ୍କ ରକ୍ତ ନମୁନା ନିଆଯାଇଛି ସମସ୍ତ ପ୍ରକାର ରୋଟିନ୍ ଷ୍ଟେଟ୍ ସହ ସ୍କ୍ରବ୍ ଟାଇଫସ୍‌ର ପରୀକ୍ଷା କରାଯିବ। ରିପୋର୍ଟ ଆସିବା ପରେ ରୋଗର କାରଣ ଜଣାପଡ଼ିବ। ସେହିପରି ପୋକକୁ ମଧ୍ୟ ଅନୁଧ୍ୟାନ କରାଯାଉଛି ବୋଲି ଡାକ୍ତର କହିଛନ୍ତି।

## ସଂକ୍ଷେପରେ

### ପାଣ୍ଡୁଲିପି ସଂଶୋଧନ ପାଇଁ ସୂଚନା

ପୁରୀ,୨୮।୯(ଅଜିତ୍ ମହାନ୍ତି)

୨୦୨୪-୨୫ ବର୍ଷ ନିମନ୍ତେ ଯେଉଁ ପଞ୍ଜିକାରମାନେ ମୁକ୍ତିମଣ୍ଡପ ପଣ୍ଡିତସଭା, ଶ୍ରୀଜଗନ୍ନାଥ ମନ୍ଦିର ଦ୍ୱାରା ପଞ୍ଜିକା ପାଣ୍ଡୁଲିପି ସଂଶୋଧନ କରିବା ପାଇଁ ଇଚ୍ଛୁକ ଅଛନ୍ତି, ସେମାନେ ନିଜ ପଞ୍ଜିକାର ୧୨ମାସର ସମ୍ପୂର୍ଣ୍ଣ ପାଣ୍ଡୁଲିପି ୨୦।୧୦।୨୩ ମଧ୍ୟରେ ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟାଳୟରେ ଦାଖଲ କରିବାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ଶ୍ରୀଜଗନ୍ନାଥ ମନ୍ଦିର ପୁରୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁମାନେ ଏନେଇ ଅଧିକ କିଛି ତଥ୍ୟ ଜାଣିବାକୁ ଚାହୁଁଛନ୍ତି ସେମାନେ ଅନୁଷ୍ଠାନର ସାଧାରଣ ସଂପାଦକ (ପ୍ରଫୁଲ୍ଲ କୁମାର ମିଶ୍ର)ଙ୍କୁ ଯୋଗାଯୋଗ କରିବା ପାଇଁ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

### ବିଜେଡି ପଦଯାତ୍ରା ପାଇଁ ପ୍ରସ୍ତୁତି

ପୁରୀ, ୨୮।୯(ଅଜିତ୍ ମହାନ୍ତି)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଅକ୍ଟୋବର ୨ତାରିଖରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ଗୁରୁବାର ବ୍ରହ୍ମଗିରିର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଦାସବର୍ମା ସୂଚନା ଦେଇ କହିଥିଲେ କି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପ୍ରତ୍ୟେକ ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଅକ୍ଟୋବର ୨ତାରିଖରେ ବ୍ରହ୍ମଗିରି ବ୍ଲକ ୨୮ନଂ ଜୋନ୍ ଚାପମାଣିକ ପଞ୍ଚାୟତ ବାବା ଭୀମେଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣଠାରୁ ପଦଯାତ୍ରା ଆରମ୍ଭହୋଇ ନିଆଜପୁର ପଞ୍ଚାୟତ ମା’ ବସନ୍ତାଇଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବ। ସେଠାରେ ଏକ ସଭା ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଆମ ସମସ୍ତଙ୍କ ମୂଳଲକ୍ଷ୍ୟ ବୋଲି ଦାସବର୍ମା କହିଥିଲେ। ବୈଠକରେ ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ବରିଷ୍ଠ ନେତା ପ୍ରଫୁଲ୍ଲ ଜେନା ବାବାଜୀ ସାମନ୍ତରାୟ, ପୂର୍ଣ୍ଣ ଜେନା, ବାଳକୃଷ୍ଣ ପେଣ୍ଡୋଇ, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ଜିଲା ପରିଷଦ ସଦସ୍ୟ ଜଗନ୍ନେଶ୍ୱର ସାହୁଙ୍କ ସମେତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



**ଶରତକୁ ଅପେକ୍ଷା:** ପୁରୀ ବାଇପାସ୍ ରାସ୍ତା ପାର୍ଶ୍ୱରେ ହସି ଉଠୁଥିବା କାଶତଣ୍ଡୀ ।

# ଡିଜେ ଶବ୍ଦରେ ହୃଦ୍‌ରୋଗୀଙ୍କ ମୃତ୍ୟୁ, କାର୍ଯ୍ୟାନୁଷ୍ଠାନ ଦାବି

କାକଟପୁର,୨୮।୯(ଶୁଭଦର୍ଶନ ମିଶ୍ର)



ଏବେ ପାର୍ବଣ ଋତୁ ଚାଲିଥିବାରୁ ସକାଳୁ ରାତି ପାହିବା ପର୍ଯ୍ୟନ୍ତ ଡିଜେର ଉତ୍କଟ ଶବ୍ଦରେ ସମଗ୍ର କାକଟପୁର ଅଞ୍ଚଳ କମ୍ପୁଛି। ଏଥିରେ ବୟସ୍କ ବ୍ୟକ୍ତି ଅଧିକ ପ୍ରଭାବିତ ହେଉଛନ୍ତି। ଏକ ଭସାଣି ଶୋଭାଯାତ୍ରାରେ ଡିଜେର ପ୍ରଚଣ୍ଡ ଶବ୍ଦରେ ଜଣେ ହୃଦ୍‌ରୋଗୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୮)। ଗତ କିଛିବର୍ଷ ତଳେ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏହି କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ସବୁ ଥାନା ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କିଛି ଅମାନିଆ ଅଧିକ ଜୋରରେ ଡିଜେ ବଜାଉଥିବାରୁ ସେମାନଙ୍କ ବାଦ୍ୟଯନ୍ତ୍ର ଅଧିକାଂଶ ସ୍ଥାନରେ ଜବତ କରାଯାଇଥିଲା। ହେଲେ କିଛି ଦିନ ପରେ ଏହା ପୁଣି ପୂର୍ବ ଅବସ୍ଥାକୁ ଫେରିଗଲା। ପୋଲିସ ଡିଜେ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଅମାନିଆ ଡିଜେ ବାଲା ବିଭିନ୍ନ ଶୋଭାଯାତ୍ରାରେ ଉଚ୍ଚ ସାଉଣ୍ଡରେ ଡିଜେ ବଜାଉଥିବାରୁ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏଥିପ୍ରତି ସ୍ଥାନୀୟ ପୋଲିସ ପ୍ରଶାସନ କଟକଣା ଲାଗୁ କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

## କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ନିଲମ୍ବିତ

କଣାସ,୨୮।୯(ବିଭୂତି ଭୂଷଣ ତ୍ରିପାଠୀ)

କାର୍ଯ୍ୟରେ ଅବହେଳା କରିଥିବାରୁ କଣାସ ବ୍ଲକ ଅଧୀନ ମନ୍ଦାକିନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଲାଟକେଶରୀ ବେହେରାଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ୍ ଘୋଷ ଉକ୍ତ ବିଦ୍ୟାଳୟରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟର ସମସ୍ତ କାଗଜପତ୍ର ତନଖି କରିବାକୁ ମାଗିଥିଲେ। ହେଲେ ପ୍ରଧାନ ଶିକ୍ଷକ କାଗଜପତ୍ର ଠିକ୍ ଭାବେ ଦେଖାଇ ନ ପାରିବାରୁ ଶିକ୍ଷାଧିକାରୀ ଘୋଷ ଅସନ୍ତୋଷ ପ୍ରକାଶ କରିଥିଲେ। ଚିଠି ସଂଖ୍ୟା ୯୮୪୭/୯୮୯୧ରେ କାର୍ଯ୍ୟରୁ ନିଲମ୍ବନ ନେଇ ଆଦେଶ ଦେଇଥିଲେ। ଏଥିସହ ଗଡ଼ବଳଭଦ୍ରପୁର ସାଧନକେନ୍ଦ୍ର ସଂଯୋଜକ ସର୍ବେଶ୍ୱର ଦାସ ଉକ୍ତ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟ ଅବହେଳା ସମ୍ପର୍କରେ ଉପରିସ୍ଥ ଶିକ୍ଷାଧିକାରୀଙ୍କୁ କାହିଁକି ଜଣାଇନାହାନ୍ତି ସେଥିପାଇଁ ତାଙ୍କର ଦରମା ବନ୍ଦ କରିଥିବା ଜଣାପଡିଛି।

## ଶହ ଶହ ଜବତ ଗାଡ଼ିରେ ମାଡ଼ିଗଲାଣି ଲତା

ଗୋପ,୨୮।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନାରେ ବର୍ଷ ବର୍ଷ ଧରି ଜବତ ହୋଇ ରହିଥିବା ଶହ ଶହ ବାଇକ୍ ଉପରେ ଲତା ମାଡ଼ିଥିବାବେଳେ ସେହି ଗାଡ଼ିଗୁଡ଼ିକ ଏବେ ଖତ ଖାଉଛି। ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, କିଛି ବର୍ଷ ହେବ ବିଭିନ୍ନ ଦୁର୍ଘଟଣା ଓ ଆପରାଧିକ ମାମଲାରେ ଶହ ଶହ ମୋଟର ସାଇକେଲ, ସ୍କୁଟି ସହିତ ଅନ୍ୟାନ୍ୟ ଗାଡ଼ି ଥାନା ପରିସରରେ ପଡ଼ି ରହିଛି। ଦୈନନ୍ଦିନ ବିଭିନ୍ନ ସମସ୍ୟା ନେଇ ଥାନାକୁ ଆସୁଥିବା ଲୋକେ ଏହାକୁ ଦେଖୁଛନ୍ତି। ରାଜ୍ୟ ସରକାର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ଜିଲା ପୋଲିସ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ବିଭିନ୍ନ ମୋକଦ୍ଦମାରେ ଜବତ ଗାଡ଼ି ରହିଛି। କୋର୍ଟ ନିର୍ଦ୍ଦେଶ ଆସିଲେ ଗାଡ଼ି ମାଲିକଙ୍କୁ ତାଙ୍କ ଗାଡ଼ି ଦିଆଯାଉଥିବା କହିଥିଲେ।

# ଅସହାୟ ରାଖାଲଙ୍କୁ ‘ସବୁଜ ଶାଖା’ର ସହାୟତା



ସବୁଜ ଶାଖାର ସଦସ୍ୟମାନେ ରାଖଲ ପରିଡାଙ୍କୁ ସହାୟତା ପ୍ରଦାନ କରୁଛନ୍ତି ।

ଅସ୍ତରଙ୍ଗ,୨୮।୯(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଛୁରୀଆନା ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ୯ମ ଶ୍ରେଣୀର ଛାତ୍ର ରାଖାଲ ପରିଡ଼ାଙ୍କ ଅସହାୟ ପରିବାରକୁ ଅସ୍ତରଙ୍ଗର ସ୍ୱେଚ୍ଛାସେବୀ ସଙ୍ଗଠନ ‘ସବୁଜ ଶାଖା’ ସହାୟତା ହାତ ବଢାଉଛି। ସବୁଜ ଶାଖାର ଉପଦେଷ୍ଟା ସାମାଜିକ କର୍ମୀ ଦିବାକର ଛାଟୋଇଙ୍କ ତତ୍ତ୍ୱାବଧାନରେ ରାଖଲଙ୍କ ଘରେ ୨ ମାସର ରାସନ ସାମଗ୍ରୀ ସହିତ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ରାଖଲଙ୍କ ବାପା ପର୍ଶୁରାମ ପରିଡ଼ା ବ୍ରେନଷ୍ଟୋକରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରୁ ଚିକିତ୍ସିତ ଅବସ୍ଥାରେ ଅର୍ଥାଭାବରୁ ଘରକୁ ଗୁରୁବାର ଫେରିଛନ୍ତି। ମା’ ବାସନ୍ତୀ କର୍କଟ ରୋଗରେ ପୀଡ଼ିତ ହୋଇ ଘରେ ଶଯ୍ୟାଶାୟୀ ଅଛନ୍ତି। ମାତ୍ର ୧୪ବର୍ଷର ରାଖଲ ବାପା, ମା’ଙ୍କ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ସଙ୍ଗଠନ ‘ସବୁଜ ଶାଖା’ର ଉପଦେଷ୍ଟା ହୃଷୀକେଶ ଛାଟୋଇ, ଦିବାକର ଛାଟୋଇ, ସଭାପତି ରମାକାନ୍ତ ବଡ଼ିଆ, ସମ୍ପାଦକ ହୃଷୀକେଶ ମୁଦୁଲି, ଦୁର୍ଗାଚରଣ ମହାରଣା, ପ୍ରଶାନ୍ତ ମୁଦୁଲିଙ୍କ ସହ ପରିବେଶବିତ୍ ସୋମ୍ୟ ରଞ୍ଜନ ବିଶ୍ୱାଳ ରାଖଲଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ହେଲେ ସରକାରୀ ସ୍ତରରେ ତାଙ୍କୁ ଏପର୍ଯ୍ୟନ୍ତ କିଛି ସହାୟତା ମିଳିପାରି ନାହିଁ। ତୁରନ୍ତ ରାଖଲଙ୍କ ପରିବାରକୁ ସହାୟତା ଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

**ମିଳିପାରିନାହିଁ ସରକାରୀ ସହାୟତା**

## ଅଙ୍ଗନୱାଡି ସହାୟିକାଙ୍କ ଡେଙ୍ଗୁରେ ମୃତ୍ୟୁ

ପିପିଲି,୨୮।୯(ଦୁର୍ଗା ମାଧବ ମିଶ୍ର)

ପିପିଲି ଏନ୍‌ଏସି ଅଞ୍ଚଳରେ ଜଣେ ଅଙ୍ଗନୱାଡ଼ି ସହାୟିକାଙ୍କ ଗୁରୁବାର ଡେଙ୍ଗୁରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଏନ୍‌ଏସି ଅଧୀନ ଭବାନୀପୁର ବଡ଼ବସ୍ତି ୩ ନଂ. ୱାର୍ଡର ୫୫ ବର୍ଷୀୟ ନରଗିସ୍ ବିବି ଅଙ୍ଗନୱାଡ଼ି ସହାୟିକା ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିଲେ। ଗତ ରବିବାର ହଠାତ୍ ଜ୍ୱର ଅନୁଭବ କରିବାରୁ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିଲା। ହେଲେ ରାସ୍ତାରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ୨ପୁଅ ଓ ଗୋଟିଏ ଝିଅ ଅଛନ୍ତି। ସେ ପରିବାରରେ ଏକମାତ୍ର ରୋଜଗାରକ୍ଷମ ଥିଲେ। ସରକାରୀ ସାହାଯ୍ୟ ପାଇଁ ପରିବାର ପକ୍ଷରୁ ଦାବି ହେଉଛି।

# ଧୁମଧାମରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିଲେ

ବଲଙ୍ଗା,୨୮।୯(କେଦାରେଶ୍ୱର ନନ୍ଦ)/ ପିପିଲି,(ଦୁର୍ଗା ମାଧବ ମିଶ୍ର)/ କଣାସ(ବିଭୂତି ଭୂଷଣ ତ୍ରିପାଠୀ)

ବଲଙ୍ଗା ଥାନା ଅଧୀନ ଉଚ୍ଛୁପୁର ପଞ୍ଚାୟତ ଶେରଗଡ଼ ବସ୍ତିରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବଲଙ୍ଗା ଭାଜପା ମଣ୍ଡଳ ସଭାପତି ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିମାପଡ଼ା ଭାଜପାର ବରିଷ୍ଠ ନେତା ଦିଲୀପ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଗଙ୍ଗାଧର ଜେନା, ପ୍ରଦୀପ ନାୟକ, ସନ୍ତୋଷ ରଥ ଯୋଗଦେଇ ଭାଇଚାରା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନୂଆଗୋପାଳପୁରଠାରେ ଏହି ପର୍ବରେ ବସ୍ତିର ସମସ୍ତ ଲୋକେ ନୂଆ ବସ୍ତ୍ର ପରିଧାନ କରି ଖୁସି ମନାଇଥିଲେ।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ପିପିଲିରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ପ୍ରାତଃ ସମୟରେ ପିପିଲି ଏନ୍‌ଏସି ଅଧୀନ ୭ ନମ୍ବର ୱାର୍ଡରେ ଥିବା ସାହି ମସ୍‌ଜିଦ,୯ ନମ୍ବର ୱାର୍ଡରେ ଥିବା ସିଦ୍ଧିକ ଆକବର ମସ୍‌ଜିଦ, ତେଇଶିପୁର ପଞ୍ଚାୟତ ଅଧୀନ ନୁଆଗୋଡ଼ିସ୍ଥିତ ମସ୍‌ଜିଦର ମୁସଲମାନ ଭାଇମାନେ ସମ୍ମିଳିତ ଭାବେ ଶୋଭାଯାତ୍ରାରେ ପିପିଲି ବଜାର ପରିକ୍ରମା କରିଥିଲେ। ପରେ ମସ୍‌ଜିଦ ଏକତ୍ର ରୁଣ୍ଡ ହୋଇ ସମୂହ ପ୍ରାର୍ଥନା ପରେ ପ୍ରସାଦ ସେବନ କରିଥିଲେ। ଜିଲାପରିଷଦ ଧରଣୀଧର ସାହୁ, ସରପଞ୍ଚଙ୍କ ପ୍ରତିନିଧି କେଶବ ସେନାପତି, ଯୁବନେତା ଜୟନ୍ତ ଦାଶ ସାମିଲ ହୋଇଥିଲେ। ହାଫିଜ୍ ଜିସାନ୍ ରଜା, ମିର ଆଜାଦ୍, ରୁସ୍ତୁମ ମହମ୍ମଦ, ସେଖ୍ ଅବଦୁଲ ହାକିମ, ସାବଜାନ ମହମ୍ମଦ, ସେଖ୍ ଅଲାଉଦ୍ଦିନ୍, ମିର ହାଲିମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

କଣାସ ବ୍ଲକର କଣାସ ଗ୍ରାମରେ ଅବସ୍ଥାପିତ ସମସ୍ତ ମୁସଲମାନ୍ ଭାଇମାନେ ମହମ୍ମଦଙ୍କ ଜନ୍ମ ଉତ୍ସବକୁ ଆଡ଼ମ୍ବରର ସହ ପାଳିଛନ୍ତି। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତ ମୁସଲମାନ୍ ଭାଇମାନେ ପ୍ରଭାତରୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରି ମସ୍‌ଜିଦରେ ପହଞ୍ଚି ଏକାଠି ପ୍ରାର୍ଥନା କରିଥିଲେ। ପରେ ଏକ ଜୁଲୁସ୍ ଶୋଭାଯାତ୍ରା ମସ୍‌ଜିଦରୁ ବାହାରି ଗୋଲା ବଜାରକୁ ଯାଇ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ଭାଇଚାରା ବଜାୟ ରଖିବାକୁ ପରସ୍ପରକୁ ଆଲିଙ୍ଗନ କରି ମିଠା ଖୁଆଇଥିଲେ। ସେଠାରୁ ଶୋଭାଯାତ୍ରା କଣାସ ବସ୍‌ଷ୍ଟାଣ୍ଡ ଦେଇ ମା’ କୁଞ୍ଜେଶ୍ୱରୀ ବଜାରରେ ପହଞ୍ଚିଥିଲା। ବଜାରର ସଭାପତିଙ୍କ ସମେତ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯୋଗଦେଇ ଚଦର ପ୍ରଦାନ କରିଥିଲେ। ପରେ ଶୋଭାଯାତ୍ରା ପିରବାବା ହଜରତ୍ ଇମାମ୍ ସାହାବା ମଗ୍ବାର ସରିଫଠାରେ ପହଞ୍ଚି ସେଠାରେ ଭୋଗରାଗ କରି ପ୍ରାର୍ଥନା କରିଥିଲେ। ଜୁମା ମହମ୍ମଦ, ମଜିଦ୍ ମହମ୍ମଦ, ଆନସର ମହମ୍ମଦ, ଶକାବତ୍ ମହମ୍ମଦ, ମହମ୍ମଦ ରାଫିକ୍, ସିଦ୍ଧିକ୍ ମହମ୍ମଦ, ମୋଜ ମହମ୍ମଦ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଶୋଭାଯାତ୍ରାରେ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।



# ସଂସ୍କୃତ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ

ପୁରୀ,୨୮।୯(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ପରିସରରେ ଅଦ୍ୱୈତ ବେଦାନ୍ତ ବିଭାଗ ପକ୍ଷରୁ ତ୍ରିଦିବସୀୟ ଶ୍ରୀ ଶଙ୍କରାଚାର୍ଯ୍ୟ ଉତ୍ତରବର୍ତ୍ତୀ ବେଦାନ୍ତ ଦର୍ଶନର ଦାର୍ଶନିକ ପ୍ରତିଚିତ୍ରଣ ବିଷୟରେ ରାଷ୍ଟ୍ରୀୟ ସଂଗୋଷ୍ଠୀର ଉଦ୍‌ଘାଟନ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦର ଆର୍ଥିକ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିବା ସହିତ ଶ୍ରୀ ଶଙ୍କରାଚାର୍ଯ୍ୟ କିପରି ବେଦାନ୍ତ ଦର୍ଶନର ପ୍ରତିଷ୍ଠା କରିଥିଲେ ଏବଂ ଆଧୁନିକ ସମାଜରେ ବେଦାନ୍ତର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦର ସଚିବ ବିଶିଷ୍ଟ ଦାର୍ଶନିକ ପ୍ରଫେସର ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ପରେ ଭାରତବର୍ଷରେ କିପରି ଭାବରେ ବେଦାନ୍ତ ଦର୍ଶନର ପ୍ରଚାର ପ୍ରସାର ହୋଇଥିଲା ସେ ବିଷୟରେ ଦୃଷ୍ଟିପାତ କରିଥିଲେ। ଜୀବ ଓ ଆତ୍ମାର ଅଭେଦ କଳ୍ପନା ହେଉଛି ବେଦାନ୍ତଦର୍ଶନ।



ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀରେ ଉପସ୍ଥିତ ଛାତ୍ରୀଛାତ୍ର ।

ସୁରେଶ୍ୱର ଆଚାର୍ଯ୍ୟ, ଏକନାଥ ମହାରାଜ, ଓଡିଶାର ଭୀମଭୋଇ ପ୍ରମୁଖ ସନ୍ଥମାନେ ଭାରତବର୍ଷରେ ଅବତରଣ କରି ଅଦ୍ୱୈତବାଦର ପ୍ରଚାର ପ୍ରସାର କରିଯାଇଛନ୍ତି ବୋଲି ମୁଖ୍ୟବକ୍ତା ପ୍ରଫେସର ଗୋଦାବରୀଶ ମିଶ୍ର ଏବଂ ବିଶିଷ୍ଟ ଅତିଥି ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଗୁଜରାଟର କୁଳପତି ପ୍ରଫେସର ସୁକାନ୍ତ କୁମାର ସେନାପତି ମତବ୍ୟକ୍ତ କରି କହିଥିଲେ। ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ହରିସିଂହ ଗୌର ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗାଧ୍ୟକ୍ଷ ପ୍ରଫେସର ଅମ୍ବିକା ଦତ୍ତ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସାରସ୍ୱତ ଅତିଥି ଭାବରେ ଯୋଗଦାନ କରି ଉପସ୍ଥିତ ରହିଥିଲେ । ଅଧ୍ୟାପକ ଡକ୍ଟର ଚନ୍ଦନ କୁମାର ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଜାତୀୟ ଚର୍ଚ୍ଚାସତ୍ରରେ ପ୍ରାୟ ୩୨ଜଣ ସଂସ୍କୃତ ଆଚାର୍ଯ୍ୟ ଭାରତ ବର୍ଷର ୧୨ଟି ରାଜ୍ୟରୁ ଆସି ଯୋଗଦାନ କରିଛନ୍ତି। ସେହିପରି ଶତାଧିକ ଅଧ୍ୟାପକ ନିଜ ନିଜର ଶୋଧପତ୍ର ପ୍ରସ୍ତୁତ କରିବେ ବୋଲି ସଂଯୋଜକ ଡକ୍ଟର ରାଧାକାନ୍ତ ପଣ୍ଡା ସୂଚନା ଦେଇ କହିଛନ୍ତି।

## ତ୍ରୁଟି ସଂଶୋଧନ

୨୮।୯।୨୦୨୩ ଧରିତ୍ରୀ ମେଟ୍ରୋ ସଂସ୍କରଣର ପୃଷ୍ଠା ୬ରେ 'ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ' ଶୀର୍ଷକ ଏକ ଖବର ପ୍ରକାଶ ପାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା ଅକ୍ଟୋବର ୧୦ତାରିଖ ମଧ୍ୟରେ ଶେଷ ହେବା ପରିବର୍ତ୍ତେ ଭୁଲ୍ ବଶତଃ ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଲେଖାଯାଇଛି। ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖିତ।

## ସଂକ୍ଷେପରେ

### ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

ମଙ୍ଗୁଳି–ଜଗତପୁର,୨୮।୯(ମାନସ ସାମଲ)

୩ ଦିନ ତଳେ ନିଖୋଜ ହୋଇଯାଇଥିବା ଜଣେ ଚାଷୀଙ୍କ ମୃତଦେହକୁ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ବ୍ରହ୍ମପୁର ପଞ୍ଚାୟତ ବନ୍ତୋ ଗ୍ରାମର ରମ୍‌ଜାନ୍ ଖାଁ। ସୋମବାର ଅପରାହ୍ନରେ ସେ ଘର ବାହାର ବୁଲାବୁଲି କରୁଥିଲେ। ହେଲେ ସନ୍ଧ୍ୟା ପରେ ତାଙ୍କୁ ପରିବାର ଲୋକେ ପାଇ ନ ଥିଲେ। ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ବିଲକୁ ଯାଇଥିବାବେଳେ ରମ୍‌ଜାନ୍‌ଙ୍କ ମୃତଦେହ ଧାନକ୍ଷେତରେ ପଡିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମୃତଦେହ ପଚିଶଢ଼ି ଯାଇଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ମୃତକଙ୍କ ପରିବାର ସଦସ୍ୟ ଓ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହଜାନ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ଘରକୁ ଆଣିଥିଲେ। ପରେ କବରସ୍ଥାନରେ ମୃତଦେହକୁ କବର ଦିଆଯାଇଥିଲା।

### ଦୁର୍ଘଟଣାରେ ଯୁବକ ମୃତ

କଟକ ସଦର,୨୮।୯(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲବନ୍ଧର କୁସିଙ୍ଗା ସେତୁଠାରେ ଗୁରୁବାର ଅପରାହ୍ନରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ବିଡାନାସୀ ଅଞ୍ଚଳର ସୁରଜ ଭୋଇ(୨୯)। ଏଥିରେ ଜଣେ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ସୁରଜ ଓ ଆହତ ଜଣଙ୍କ ଏକ ସ୍କୁଟିରେ କଟକରୁ ମାଛଗାଁ କେନାଲବନ୍ଧ ରାସ୍ତାରେ ଜଗତ୍‌ସିଂହପୁର ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ପୋଲରେ ପିଟି ହୋଇଯାଇଥିଲେ। ସୁରଜଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ମହିଳା କନ୍‌ଷ୍ଟେବଲଙ୍କ ପରଲୋକ

କଟକ ସଦର,୨୮।୯(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ଅର୍ଣ୍ଣମଣି ମୁର୍ମୁ(୪୨)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ରୋଗରେ ପୀଡିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଉକ୍ତ ଥାନାରେ କନ୍‌ଷ୍ଟେବଲ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଥାନା ଅଧିକାରୀ ବିପିନ ବିହାରୀ ହୋତା ଡାକ୍ତରଖାନାରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

କଟକ,୨୮।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଇଦ୍ ମିଲାଦୁନ୍ ନବି ପାଳନ ଅବସରରେ କଟକ ବକ୍ସିବଜାରସ୍ଥିତ ମସ୍ତାନ ଦରଘାଠାରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ବକ୍ସିବଜାରସ୍ଥିତ ଗୋପବନ୍ଧୁ ବାଗ୍‌ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ମୋକିମ ଯୋଗଦେଇ ବିଭିନ୍ନ ସାହି, ବସ୍ତି ଅଞ୍ଚଳରୁ ଜୁଲୁସ ଯାତ୍ରାରେ ସାମିଲ ହୋଇଥିବା ଶୋଭାଯାତ୍ରାକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ମହମ୍ମଦ ଜାକିର, ମହମ୍ମଦ ଅଲିମ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର, ଲିଜାରାଣୀ ରାଉତଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଜନଜାତି ମହିଳାଙ୍କ ଭାଗୀଦାରିରେ ଜୀବନଶୈଳୀ ବଦଳିବ'

କଟକ,୨୮।୯ (କାର୍ତ୍ତିକ ସାହୁ)




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜନଜାତି ଚାଷୀ ନେଲେ ଗୁଣାତ୍ମକ ବିହନ ଉତ୍ପାଦନ ତାଲିମ**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଜନଜାତି ଚାଷୀଙ୍କ ନିମନ୍ତେ ୩ ଦିନିଆ ଗୁଣାତ୍ମକ ଧାନ ବିହନ ଉତ୍ପାଦନ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। କୃଷି ଉତ୍ପାଦନ ଇନ୍‌କ୍ୟୁବେଶନ୍ ସେଣ୍ଟର ଅନ୍ତର୍ଗତ 'ଧାନରେ ଗୁଣାତ୍ମକ ବିହନ ଉତ୍ପାଦନ' ଉପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଜନଜାତି ଚାଷୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଜାତୀୟ ଖାଦ୍ୟ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଜନଜାତି ମହିଳା ଚାଷୀ ଚାଷକାର୍ଯ୍ୟରେ ଭାଗୀଦାରି ହେଲେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଜନଜାତି ବହୁଳ ଅଞ୍ଚଳରେ ଧାନ ଚାଷର ବିକାଶ ହେବା ସହ ସେମାନଙ୍କର ଜୀବିକା ଓ ଜୀବନଶୈଳୀରେ ଉନ୍ନତି ହୋଇପାରିବ ବୋଲି ଡ. ନାୟକ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ, ବିହନ ଚୟନ, ଫସଲ କୀଟ–ପୋକ ପରିଚାଳନା, ଫସଲ ରୋଗ ପରିଚାଳନା, ବିହନ ସଂରକ୍ଷଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ଧାନର ମୂଲ୍ୟ ବୃଦ୍ଧି ଉପରେ ତାଲିମ ଦିଆଯିବ। ସେମାନେ ସିଧାସଳଖ ଧାନ ବିହନ ଉତ୍ପାଦନ ଉପରେ ପ୍ରଶିକ୍ଷଣ ନେବେ। ସେମାନଙ୍କୁ ଅନୁଷ୍ଠାନର ଫାର୍ମ ଏବଂ ଅନ୍ୟ ସୁବିଧା ବିଷୟରେ ଅବଗତ କରାଯିବ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜି.ଏ.କେ. କୁମାର ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ । ଫସଲ ଉନ୍ନୟନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ବିଷ୍ଣୁ ଚରଣ ମାରାଣ୍ଡି, ସମାଜ ବିଜ୍ଞାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ସୁଦୀପ୍ତ ପାଲ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରଧାନ ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଣ୍ଡଳ ଧନ୍ୟବାଦ ଦେଇଥିଲେ ।

# 'ଓଡ଼ିଆ ସାହିତ୍ୟରେ କବିବରଙ୍କ ଅବଦାନ ଅତୁଳନୀୟ'

କଟକ,୨୮।୯ (କାର୍ତ୍ତିକ ସାହୁ)

କବିବର ରାଧାନାଥ ରାୟଙ୍କ ଜୟନ୍ତୀ ଉପଲକ୍ଷେ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ରାଧାନାଥଙ୍କ ଭାଷା ଜ୍ଞାନ ଓ ସୃଜନ ନୈପୁଣ୍ୟ ଅନନ୍ୟ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଡ. ବାଟୁ ପ୍ରଧାନ କହିଥିଲେ, ଓଡ଼ିଆ ସାହିତ୍ୟରେ କବିବରଙ୍କ ଅବଦାନ ଅତୁଳନୀୟ। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ଡ. ନିବେଦିତା ଗୁରୁ ସଭାପତିତ୍ୱ କରିଥିବାବେଳେ ପ୍ରଫେସର ଡ. ଉତ୍ତମକାନ୍ତି ଜେନା ଅନୁଷ୍ଠାନର ଶତବାର୍ଷିକୀ ସଂକ୍ରାନ୍ତୀୟ ବିବିଧ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପୂର୍ବତନ ଛାତ୍ର ସଂସଦ ସଭ୍ୟ ଶୁଭବ୍ରତ ମହାପାତ୍ର ଓ ସୁରଭୀ ଦ୍ୱିବେଦୀଙ୍କ ସହ ଅନ୍ୟମାନେ ରାଧାନାଥଙ୍କ ଚେତନା ସମ୍ବଳିତ କବିତା ପାଠ କରିଥିଲେ। ସହକାରୀ ଅଧ୍ୟାପିକା ଡ. ମାନିନୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ସଂସଦ ସଭ୍ୟ ନଳିନୀକାନ୍ତ ପଣ୍ଡା, ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କବିବରଙ୍କ ଜୟନ୍ତୀ ଅବସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଧାନାଥ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗଜେନ୍ଦ୍ର କୁମାର ପାଣି, ଉମାଶଙ୍କର ମିଶ୍ର, ତ୍ରିଲୋଚନ ମହାକୁଳ, ବିଜୟ ପଟ୍ଟନାୟକ, ଗୌତମ ଚନ୍ଦ୍ର କର, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ବ୍ରହ୍ମାନନ୍ଦ ମହାନ୍ତି, ରାଧାଶ୍ୟାମ ରାଉଳ, ତପନ କୁମାର ସ୍ୱାଇଁ ପ୍ରମୁଖ ରାଧାନାଥଙ୍କ କାବ୍ୟକବିତା ଓ ଗଦ୍ୟ ସାହିତ୍ୟର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ମୁରଲୀଧର ଶତପଥୀ ପ୍ରାରମ୍ଭିକ ସୂଚନା ଓ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ୨ରୁ ସାଇବର ସୁରକ୍ଷା ଅଭିଯାନ




କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ।

କଟକ,୨୮।୯ (କାର୍ତ୍ତିକ ସାହୁ)

ସାଇବର ଅପରାଧ ନିୟନ୍ତ୍ରଣ ପରିପ୍ରେକ୍ଷୀରେ ରାଜ୍ୟରେ ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରୁ ହେବାକୁ ଥିବା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଜିଲା ପ୍ରଶାସନର ପ୍ରସ୍ତୁତି ଶେଷ ହୋଇଛି। ଅଭିଯାନର ସବିଶେଷ ବିବରଣୀର ପୂର୍ବାଭ୍ୟାସ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁବାର ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଉନ୍ମୋଚନ କରିଛନ୍ତି। କଟକ ଆରକ୍ଷୀ ଅଧୀକ୍ଷକ(ଗ୍ରାମାଞ୍ଚଳ) ମିହିର କୁମାର ପଣ୍ଡାଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲୋଗୋ, ମାସ୍କଟ, ଥିମ୍ ବ୍ୟାକଡ୍ରପ, ଥିମ୍ ସଙ୍ଗୀତ, ତଥା ଶିଶୁ ପୋର୍ଣ୍ଣଗ୍ରାଫି ଏବଂ ବ୍ୟାଙ୍କ ଲୋନ୍ ଠକାମି ସମ୍ବନ୍ଧୀୟ ୨ଟି ଭିଡିଓ ଉନ୍ମୋଚିତ ହୋଇଛି। ଦେଶରେ ପ୍ରଥମ କରି ଓଡ଼ିଶା ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଓଡ଼ିଶା ପୋଲିସ ଅପରାଧ ନିୟନ୍ତ୍ରଣ ଶାଖାର ଏହି ଜନସଚେତନତା ଅଭିଯାନ ଏକ ବଡ଼ କାର୍ଯ୍ୟକ୍ରମ ବୋଲି ଜିଲାପାଳ କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ସମାଜର ପ୍ରତିବର୍ଗର ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ(ଗ୍ରାମାଞ୍ଚଳ) ପଣ୍ଡା ଆସନ୍ତା ଅକ୍ଟୋବର ୨ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ, ସାଇବର ସେଲ୍‌ର ନୋଡାଲ ଅଧିକାରୀ ତଥା ଡିଏସ୍‌ପି ଅଶ୍ୱିନୀ କୁମାର ସାହୁ, ଡିଏସ୍‌ପି ସ୍ମୃତିରଞ୍ଜନ କର, ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ, ସାଇବର ସେଲ ଇନ୍‌ଚାର୍ଜ କୃତ୍ତିବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ମହୋତ୍ସବ

କଟକ,୨୮।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ମୋକିମ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ୱିଣ୍ଡସର ପ୍ୟାଲେସଠାରେ ଗଣେଶ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଏ ଅଞ୍ଚଳର ସମସ୍ତ କ୍ଲବ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଯୁବ ସମାଜ ଆଗକୁ ଆସି ସିଡିଏର ଉନ୍ନତି କରିବା ସହ କଟକର ଭାଇଚାରା ପରମ୍ପରା ଆଗକୁ ନେବା ପାଇଁ ଆହ୍ୱାନ ଜଣାଇଥିଲେ। ଯୁବନେତା ଆର୍ଯ୍ୟବୀର ଲେଙ୍କା ସ୍ୱାଗତ ଭାଷଣ ଓ ମୋକିମ ଫାଉଣ୍ଡେଶନର ଟ୍ରଷ୍ଟି ତଥା ଯୁବ ଉଦ୍ୟୋଗୀ ମହମ୍ମଦ ଅଲିମ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୁନ୍ଦର ଗଣେଶ ମୂର୍ତ୍ତି, ପେଣ୍ଡାଲ, ଗଣେଶ ପୂଜା ସହ ଯେଉଁ କ୍ଲବ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ କରିଥିଲେ ସେମାନଙ୍କୁ ମୋକିମ ଫାଉଣ୍ଡେଶନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ସୁବାଶିଷ ମିଶ୍ର, ନିତ୍ୟାନନ୍ଦ ରାଉତରାୟଙ୍କ ଉପସ୍ଥିତିରେ ସମସ୍ତ କ୍ଲବ୍‌ର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ




ମଙ୍ଗୁଳି–ଜଗତପୁର,୨୮।୯ (ମାନସ ସାମଲ)

ଆସନ୍ତା ଅକ୍ଟୋବର ୨ରୁ ନଭେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ୬ଟି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ଶାହାଜାନଙ୍କ ଅଧ୍ୟକ୍ଷତାରେ ଶଙ୍କରପୁରସ୍ଥିତ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ଭୋଗରା ସରପଞ୍ଚ ଦିଲ୍ଲୀପ କୁମାର ଦାଶ ଓ ରାଧାକିଶୋରପୁର ସରପଞ୍ଚ ବିନୋଦ ମାଝି ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଙ୍ଗଠନ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରମେଶ ହାତୀ, ଧର୍ମାନନ୍ଦ ମହାରଣା, ପ୍ରଶାନ୍ତ ବେହେରା, ବିଦ୍ୟାଧର ରାଉତ, ଅଶୋକ ପରିଡ଼ା ସଭା ପରିଚାଳନାରେ ସହଯୋଗ କରିଥିବାବେଳେ ସରୋଜ ଖଟୁଆ ଧନ୍ୟବାଦ ଦେଇଥିଲେ।

# ଲୁଟ୍ ଘଟଣା, ଫେରାର ଅଭିଯୁକ୍ତ ଗିରଫ

କଟକ,୨୮।୯ (କାର୍ତ୍ତିକ ସାହୁ)

**ବାଇକ୍ ଓ ଦେଢ଼ଲକ୍ଷ ଟଙ୍କା ଜବତ**

ମାଲ୍‌ଗୋଦାମ ଥାନା ଅଧୀନ ଓଭରବ୍ରିଜ୍‌ଠାରେ ଘଟିଥିବା ଲୁଟ୍ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଲାଲବାଗ ଥାନା ଅନ୍ତର୍ଗତ କାଫଲାବଜାର ଅଞ୍ଚଳର ରହେମତ ଅଲ୍ଲୀ। ତାଙ୍କଠାରୁ ଦେଢଲକ୍ଷ ଟଙ୍କା, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ବିଦ୍ୟାଧରପୁରର ସୁନା ବ୍ୟବସାୟୀ ଆଦିତ୍ୟ ମହାରଣା ବଣିଆ ସାହିଠାରେ ଥିବା ତାଙ୍କର ଅଳଙ୍କାର ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ମାଲଗୋଦାମ ଓଭରବ୍ରିଜ୍ ଉପରେ ୭/୮ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ସାଢ଼େ ୭ ଲକ୍ଷ ଟଙ୍କା, ଦୁଇଟି ସୁନାଚେନ୍ ଓ ଇଲେକ୍ଟ୍ରିକ ବାଇକ୍ ଲୁଟି ନେଇଥିଲେ। ଏନେଇ ସେ ମାଲଗୋଦାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ଗତ ୨୧ ତାରିଖରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତେବେ ରହେମତ ଫେରାର୍ ହୋଇଯାଇଥିଲେ। ପୋଲିସ ତାଙ୍କୁ ଜାଣିବା ପାଇଁ ସେ ବ୍ୟବହାର କରୁଥିବା ମୋବାଇଲ୍‌କୁ ଟ୍ରାକ୍ କରୁଥିଲା। ସେ ଗୁରୁବାର ଘରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା।

# ଋଣ ଅର୍ଥ ପରିଶୋଧ କରୁନାହାନ୍ତି ଏସ୍‌ଏଚ୍‌ଜି ମହିଳା

କଟକ ସଦର,୨୮।୯ (ସୁଶାନ୍ତ କୁମାର ଜେନା)

ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ରାଷ୍ଟ୍ରାୟତ୍ତ ଓ ଗ୍ରାମ୍ୟ ବ୍ୟାଙ୍କ ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ କରୁଛନ୍ତି। ଏହି ଅର୍ଥରେ ଏସ୍‌ଏଚ୍‌ଜି ମହିଳାମାନେ ପୁରୁଷଙ୍କ ଭଳି ସ୍ୱାବଲମ୍ବୀ ହୋଇପାରିବେ। ମାତ୍ର କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୫୨ଟି ଏସ୍‌ଏଚ୍‌ଜି ଋଣ ନେଇ କିସ୍ତି ପ୍ରଦାନ କରୁନାହାନ୍ତି। ବୋଧପୁର ପଞ୍ଚାୟତରେ ଏକ ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜି ସଭ୍ୟାଙ୍କ ମଧ୍ୟରେ ଏହାକୁ ନେଇ ବିବାଦ ଉପୁଜିଥିଲା। ଏ ସମ୍ପର୍କରେ ବ୍ଲକ ମିଶନ ଶକ୍ତି ବିଭାଗ ତଦନ୍ତ କରିବାରୁ ଏସ୍‌ଏଚ୍‌ଜି ମହିଳା ଋଣ ଅର୍ଥ ପରିଶୋଧ କରୁ ନ ଥିବା ଜଣାପଡିଥିଲା। ସେହିପରି ଅନ୍ୟ ପଞ୍ଚାୟତରେ ମଧ୍ୟ ଋଣ ଖିଲାପକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି। ଗୋଷ୍ଠୀର ପଦାଧିକାରୀମାନେ ଅନ୍ୟ ସଭ୍ୟାମାନଙ୍କୁ ନ ଜଣାଇ ବ୍ୟକ୍ତିଗତ ଫାଇଦା ଉଠାଉଥିବା ତଦନ୍ତବେଳେ ଜଣାପଡିଛି। ଯାହା ବ୍ୟାଙ୍କ ଓ ଜୀବିକା ମିଶନ କର୍ମଚାରୀମାନଙ୍କ ଚିନ୍ତା ବଢାଇ ଦେଇଛି।

ଉକ୍ତ ବ୍ଲକରେ ୧୮୮୧ଟି ଏସ୍‌ଏଚ୍‌ଜି ସର୍ବନିମ୍ନ ୧ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ଗ୍ୟାରେଣ୍ଟିରେ ନେଇଛନ୍ତି। ସେଥିପାଇଁ ବ୍ୟାଙ୍କ ତରଫରୁ ସହଜ ମାସିକିଆ କିସ୍ତି ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଧାରିତ ଅବଧିରେ ଋଣ ଶୁଝିଲେ ରାଜ୍ୟ ମିଶନ ଶକ୍ତି ବିଭାଗ ସୁଧ ଛାଡ଼ କରିବ। ଏହାଛଡା ୨୦୨୨ରୁ ରାଜ୍ୟ ସରକାର ପଞ୍ଚାୟତସ୍ତରୀୟ ସଂଘ ପାଣ୍ଠି ବାବଦକୁ ପ୍ରତି ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଏହି ପାଣ୍ଠିରୁ କ୍ଷୁଦ୍ର ବ୍ୟବସାୟ ପାଇଁ ମହିଳାମାନେ ୧ ପ୍ରତିଶତ ସୁଧରେ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ଋଣ ନେଇପାରିବେ। ବ୍ୟାଙ୍କ ଓ ସଂଘ ଋଣ ନେବା ପରେ ଅନେକ ଏସ୍‌ଏଚ୍‌ଜି ଆଉ ବ୍ୟାଙ୍କ ଯାଉ ନ ଥିବା ଅଭିଯୋଗ ହେଉଛି। ଏପରି କି ସେମାନଙ୍କ ମାସିକିଆ ସଭ୍ୟ ଚାନ୍ଦା ମଧ୍ୟ ବ୍ୟାଙ୍କରେ ଜମା କରୁନାହାନ୍ତି। ବ୍ଲକ କର୍ତ୍ତୃପକ୍ଷ ଏହି ସମସ୍ତ ଋଣ ପ୍ରଦାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୁପାରିସ କରୁଛନ୍ତି। ଋଣ ନେଇ ପରିଶୋଧ କରୁ ନ ଥିବା ମହିଳାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମିଶନ ଶକ୍ତି ସଂଯୋଜକ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଏ ନେଇ କଟକ ସଦର ବ୍ଲକ ଏସ୍‌ଏଚ୍‌ଜି ସଂଯୋଜିକା ନିବେଦିତା ରାଉତରାୟ କହିଛନ୍ତି, ଋଣ ପରିଶୋଧ କରୁ ନ ଥିବା ଏସ୍‌ଏଚ୍‌ଜି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଲେ ତଦନ୍ତ କରାଯିବ। ସେହିପରି ବ୍ଲକ ଜୀବିକା ମିଶନ ଶକ୍ତି କାର୍ଯ୍ୟକ୍ରମ ପରିଚାଳକ ସୋନାଲି ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ମାଷ୍ଟର ବୁକ୍ କିପରମାନଙ୍କ ସହିତ କଥା ହୋଇ ଅଭିଯୋଗର ସତ୍ୟତା ଯାଞ୍ଚ କରିବି ବୋଲି କହିଥିଲେ।



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ କଟକ ବକ୍ସିବଜାରଠାରେ ଗୁରୁବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।




ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ ପାଳନ ଓ ବିଭିନ୍ନ ଦାବି ନେଇ ଗୁରୁବାର କଟକ କଲେଜ ଛକଠାରେ ଏସ୍‌ଏଫ୍‌ଆଇ ଓ ଡିୱାଇଏଫ୍‌ଆଇ ପକ୍ଷରୁ ଅନୁଷ୍ଠିତ ସଭା।

## ଏ ବର୍ଷର ସ୍ଲୋଗାନ

ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' ବା ୱାର୍ଲ୍ଡ ହାର୍ଟ ଡେ। ତେବେ ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏକ ସ୍ଲୋଗାନ ଘୋଷଣା କରାଯାଏ। ସେହି ଅନୁସାରେ ଏବର୍ଷର ସ୍ଲୋଗାନ ରହିଛି 'ହୃତ୍‌ପିଣ୍ଡ ଉପଯୋଗ କରି ହୃତ୍‌ପିଣ୍ଡ ବିଷୟରେ ଜାଣ'। ଏହା ଅର୍ଥ ହେଲା ଯେ ଏହି ରୋଗ ବିଷୟରେ ଆମେ ସଚେତନ ରହିବା ହେଉଛି ପ୍ରଥମ କଥା। ହୃଦ୍‌ସମ୍ପର୍କିତ ସମସ୍ୟାର ଲକ୍ଷଣ ଜଣାପଡ଼ିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ହୃଦରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଉକ୍ତ ଦିବସରେ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏଥିରେ ହୃଦ୍‌ରୋଗ ବିଶେଷଜ୍ଞମାନେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସୂଚନା ଦେଇ ଜନସାଧାରଣଙ୍କୁ ସତର୍କ କରାଇଥାଆନ୍ତି।

## ହୃଦ୍‌ରୋଗ ଓ ଖାଦ୍ୟ



ହୃଦ୍‌ରୋଗ ପରି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଆମେ ନିଜର ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ବିଶେଷଭାବରେ ଆମେ ଯଦି ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ତେବେ ଏଭଳି ସମସ୍ୟା ଦେଖାଯିବାର କମ୍ ଆଶଙ୍କା ରହିଛି। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ଯେତେ କମ୍ ଖାଇବେ ତାହା ସେତେ ଭଲ। ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରେ କୋଲେଷ୍ଟରଲ ପରିମାଣ ଅଧିକ ରହିଛି। ତେଣୁ ଏଭଳି ଖାଦ୍ୟ ଆଦୌ ଅନୁକୂଳ ନୁହେଁ। ସେହିପରି ଅଧିକ ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟରେ ଥିବା ଶ୍ୱେତସାର ଶରୀରରେ ଚର୍ବି ପରିମାଣ ବଢ଼ାଇ ଦେଇଥାଏ। ଏଭଳି ଖାଦ୍ୟ ମଧ୍ୟ ହୃଦ୍‌ରୋଗ ସୃଷ୍ଟି କରିବାର ଯଥେଷ୍ଟ କାରଣ ରହିଛି। ବେଶି ଲୁଣ, ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ୍ ତେଲ ବ୍ୟବହାର କରନ୍ତୁ। ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

# ନିଜ ହାତରେ ନିୟନ୍ତ୍ରଣ

ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃଦଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟଆଟାକ୍ ଯାହାକୁ "ଆକ୍ୟୁଟୋ ମାଇଓକାର୍ଡିଆଲ୍ ଇସେମିଆ(ଏଏମ୍‌ଇ)" କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ(ବ୍ଲକେଜ) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।



*ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଅନେକ ସମୟରେ କୌଣସି ଛାତିରେ ଯନ୍ତ୍ରଣା ହୋଇ ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।*

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାଳନ କରାଉଥିବା ଧମନୀକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦ୍‌ଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟେରଲ୍, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା, କାଭା ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମ ସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟର କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଅନେକ ସମୟରେ ଛାତିରେ କୌଣସି ଯନ୍ତ୍ରଣା ହୋଇ ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

-ଡା. ରାମଚନ୍ଦ୍ର ରାଉତ
ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

## ସତର୍କତା ଜରୁରୀ...



ହୃଦ୍‌ଘାତ(ହାର୍ଟ ଆଟାକ୍) କେତେବେଳେ ଆସିବ ତାହା ଆକଳନ କରିବା କଷ୍ଟକର। ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲ ନେଇ ଚିକିତ୍ସା କରାଇବା ନିହାତି ଦରକାର। ହଠାତ୍ ଛାତିରେ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁସଇଁ ଲାଗିବା ହେଉଛି ହୃଦ୍‌ରୋଗର ପ୍ରାରମ୍ଭିକ ଲକ୍ଷଣ। ସଚେତନତା ଅଭାବରୁ ଏକ ଚତୁର୍ଥାଂଶ ଲୋକ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ହିଁ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଅନ୍ୟପକ୍ଷରେ ମଧୁମେହ, ରକ୍ତଚାପ କିମ୍ବା କୋଲେଷ୍ଟରଲ ପରିମାଣ ଅଧିକ ବଢ଼ିଗଲେ ଏଭଳି ଆଶଙ୍କା ଦେଖାଦେଇଥାଏ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା' ଜେଜେଙ୍କଠାରୁ ବି ଆସିପାରେ। ଅତ୍ୟଧିକ ପରିମାଣରେ ନିଶାଦ୍ରବ୍ୟ ସେବନ ମଧ୍ୟ ହୃଦ୍‌ରୋଗର ଅନ୍ୟତମ କାରଣ। ସବୁଠାରୁ ଖାସ୍ କଥା ହେଲା ହୃଦ୍‌ରୋଗର ଚିକିତ୍ସା ଯଦି ୧୨ଘଣ୍ଟା ଭିତରେ କରାଯାଏ, ତେବେ ଚିକିତ୍ସା ଫଳପ୍ରଦ ହେବାର ଆଶା ବଢ଼ିଯାଏ। ଯଦି କୌଣସି ବ୍ୟକ୍ତିଙ୍କର ଛାତି ଯନ୍ତ୍ରଣା କିମ୍ବା ଧଇଁସଇଁ ହେବା ହଠାତ୍ ଦେଖାଯାଏ, ତୁରନ୍ତ ସେମାନେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।

SATYASAI MEDICAL COLLEGE HOSPITAL & RESEARCH CENTRE
AFFILIATED WITH UTKAL UNIVERSITY
ADMISSION OPEN
Course : Bachelor in Naturopathy & Yogic Science (BNYS)
Heart Treatment without surgery in Naturopathy
WORLD HEART DAY 29 SEPTEMBER
Eligibility : +2 Sc. with Biology having 50% marks in aggregate
(NEET is not mandatory for this year instructed by Govt. of India, Govt. of Odisha)
Affiliated with Utkal University,
Recognized by Dept. of Health & Family Welfare, Odisha
Keshura Balighata, Po-Bankuala, Bhubaneswar, Odisha
Contact : 9090961706, www.ssmedicalcollege.edu.in

Sunshine HOSPITAL
NABH PRE ACCREDITED
WORLD HEART DAY
Angiogram Package
@ ₹11,999/- Now ₹4,999/-
CABG @ ₹1.8Lakh
HEART SCREENING PACKAGE
- RBS
- ECG
- Serum Urea
- Lipid Profile
- Echo Screening
- Cardiology Consultation
₹2,900/- Now ₹799/-
Offer Valid Till : 15th Oct 2023
For Appointment 9338102104
FREE Cardiac Treatment for BSKY Patients
SUNSHINE HOSPITAL - LAXMISAGAR SQUARE, BHUBANESWAR - 06

WORLD HEART DAY 29th SEP
Apollo HOSPITALS HEART INSTITUTES
APOLLO HOSPITALS, BHUBANESWAR
INTRODUCES
CARDIAC PACKAGE FOR PREVENTIVE CARDIAC HEALTH
29th Sept - 31st Dec 2023
LEVEL - 1
Apollo Healthy Heart
Package Rs. 6000/-
Rs. 1999/-
Package includes
ECG, ECHO, RBS, Lipid Profile, Urine, Cardiac Consultation
LEVEL - 2
Apollo Cardiac Risk Analysis
Package Rs. 25000/-
Rs. 15000/-
Package includes
Latest AI based CT Angio on Revolution ™ - Maxima
NOTE * These schemes are available on weekdays only.
Apollo Hospitals, 251, Sainik School Road, Bhubaneswar-751007
EMERGENCY : 0674 666 0666
For Registration Contact :
Mr. Narsasingh - 7008166735
Mr. Birendra - 9337735507
Mr. Soubhagya - 8018722617

WORLD HEART DAY 29th SEP
CARE HOSPITALS
We are the CAREtakers of your heart
Care for your heart with the pioneers in cardiac care in Odisha.
Discover the region's most accomplished team of cardiac experts working tirelessly to provide breakthrough care every day.
Leveraging advanced technology and working collaboratively, we challenge the limits and push ourselves to deliver the finest cardiac outcomes that are at par with the best in the world.
Odisha's highest number of:
Cardiac surgeries
CTVS surgeries
Complex cardiac procedures
First in Odisha to introduce:
PTCA and Angioplasty
TAVR and IVUS
Paediatric cardiology
Cardiac surgery to treat children with CHD
Electrophysiology
Prachi Enclave, Bhubaneswar
0674 61 65 656
www.carehospitals.com

# ହୃତ୍‌ପିଣ୍ଡକୁ ରଖନ୍ତୁ ସୁସ୍ଥ

ଏବେ ସାରା ପୃଥିବୀରେ ହୃଦ୍‌ରୋଗ ହିଁ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି ଏବଂ ଏହା ସବୁଠାରୁ ବଡ଼ ଘାତକ ରୋଗ ଭାବରେ ମଧ୍ୟ ଚିହ୍ନିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୧କୋଟି ୭୦ ଲକ୍ଷରୁ ଅଧିକ ଲୋକ ଅସ୍ୱାଭାବିକ ଭାବରେ ହୃଦ୍‌ରୋଗ ଓ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। ଏମିତି କି ଆଜିକାଲି ଅଳ୍ପ ବୟସର ଯୁବତୀଯୁବକମାନେ ମଧ୍ୟ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି।

ଗୋଟିଏ ଘଡ଼ି ଯେମିତି ସମୟକୁ ସୂଚିତ କରି ସବୁବେଳେ ଟିକ୍ ଟିକ୍ କରି ଚାଲିଥାଏ ସେମିତି ହୃତ୍‌ପିଣ୍ଡ ମଧ୍ୟ ଆଦୌ ବିଶ୍ରାମ ନ ନେଇ ସାରାଜୀବନ ସ୍ପନ୍ଦିତ ହେଉଥାଏ। ବେଳେବେଳେ ଏଇ ସୁସ୍ଥ ହୃତ୍‌ପିଣ୍ଡ ଧୂମପାନ ଓ ନିଶା ସେବନ, ମାନସିକ ଚାପ, ଶାରୀରିକ ପରିଶ୍ରମର ଅଭାବ, ମଧୁମେହ ରୋଗ, ମେଦବହୁଳତା, ଜଙ୍କଫୁଡ୍ ଓ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଇବା ତଥା ବିଶ୍ରାମର ଅନିୟମିତତା ଯୋଗୁ ରୁଗ୍‌ଣ ହୋଇଯାଏ। ତେଣୁ ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ତଥା ହୃଦ୍‌ରୋଗକୁ ଏଡ଼ାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ହେଉଛି 'ବିଶ୍ୱ ହୃତ୍‌ପିଣ୍ଡ ଦିବସ'ର ମୂଳ ଲକ୍ଷ୍ୟ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତଥା ବିଶ୍ୱ ହୃତ୍‌ପିଣ୍ଡ ଫେଡେରେଶନ୍‌ର ମିଳିତ ଆନୁକୂଲ୍ୟରେ ୧୯୯୯ ମସିହାଠାରୁ ସାରା ପୃଥିବୀରେ ଏହି ଦିବସ ପାଳନ କରାଯାଉଛି। ଚଳିତବର୍ଷ ପାଇଁ ଏହାର ମୁଖ୍ୟ ବାର୍ତ୍ତା ହେଉଛି ନିଜ ହୃତ୍‌ପିଣ୍ଡ ସହ ଅନ୍ୟମାନଙ୍କ ହୃତ୍‌ପିଣ୍ଡର ମଧ୍ୟ ଯତ୍ନ ନିଅ। ଏହି ବାର୍ତ୍ତାର ତିନୋଟି ସ୍ତମ୍ଭ ହେଉଛି–

**ୟୁଜ୍ ହାର୍ଟ ଫର୍ ହ୍ୟୁମାନିଟି:** ସମାଜର ନିମ୍ନ ଓ ମଧ୍ୟବିତ୍ତ ପରିବାରର ହୃଦ୍‌ରୋଗୀଙ୍କ ପାଇଁ ସାହାଯ୍ୟ ଯୋଗାଇବା।

**ୟୁଜ୍ ହାର୍ଟ ଫର୍ ନେଚର:** ସାରା ପୃଥିବୀର ବାୟୁ ପ୍ରଦୂଷଣ ଯୋଗୁ ଶତକଡ଼ା ୨୫ ପ୍ରତିଶତ ହୃଦ୍‌ରୋଗୀ ମୃତ୍ୟୁବରଣ କରିଥା'ନ୍ତି। ତେଣୁ ହୃଦ୍‌ରୋଗ କମାଇବା ପାଇଁ ବାୟୁ ପ୍ରଦୂଷଣ କମାଇବା।

**ୟୁଜ୍ ହାର୍ଟ ଫର୍ ୟୁ:** ନିଜ ମାନସିକ ସ୍ୱାସ୍ଥ୍ୟର ବିଶେଷ ଭାବେ ଯତ୍ନ ନେବା। କାରଣ ମାନସିକ ଚାପ ହିଁ ହୃଦ୍‌ରୋଗ, ହୃଦ୍‌ଘାତ ଓ ମସ୍ତିଷ୍କାଘାତ ପାଇଁ ମୁଖ୍ୟତଃ ଦାୟୀ ହୋଇଥାଏ।

> ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୧କୋଟି ୭୦ ଲକ୍ଷରୁ ଅଧିକ ଲୋକ ଅସ୍ୱାଭାବିକ ଭାବରେ ହୃଦ୍‌ରୋଗ ଓ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। ଏମିତି କି ଆଜିକାଲି ଅଳ୍ପ ବୟସର ଯୁବତୀଯୁବକମାନେ ମଧ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି।

ହୃଦ୍‌ରୋଗ ମୁଖ୍ୟତଃ ଜନ୍ମଗତ ହୃଦ୍‌ରୋଗ ଏବଂ ଆନୀତ ହୃଦ୍‌ରୋଗ, ଯାହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ହୃତ୍‌ପିଣ୍ଡ ଧମନୀରେ ରକ୍ତ ପ୍ରବାହରେ ବାଧା ସୃଷ୍ଟି ହୋଇ ଯେଉଁ ହୃଦ୍‌ରୋଗ ହୁଏ (କରୋନାରୀ ଆର୍ଟେରୀ ଡିଜିଜ୍) ଏବଂ ରକ୍ତଚାପ ଜନିତ ହୃଦ୍‌ରୋଗ ଓ ଆଣ୍ଠୁ ଗଣ୍ଠିଜନିତ ହୃଦ୍‌ରୋଗ (ରିଉମାଟିକ୍ ହାର୍ଟଜନିତ ହୃଦ୍‌ରୋଗ ଓ ତତ୍ ଜନିତ ଜଟିଳତା)।

ଏବେ ଭାରତରେ ହୃଦ୍‌ରୋଗୀଙ୍କର ସଂଖ୍ୟା ବହୁଗୁଣରେ ବଢ଼ିଚାଲିଛି, କାରଣ ଦ୍ରୁତ ସହରୀକରଣ, ପରିବର୍ତ୍ତିତ ଜୀବନଶୈଳୀ ଓ ମାନସିକ ଚାପ ବୃଦ୍ଧି। ଏହାଛଡ଼ା ଭାରତୀୟଙ୍କର ହୃଦ୍ ଧମନୀ ବିଦେଶୀଙ୍କ ଧମନୀ ଅପେକ୍ଷା ଛୋଟ ଓ ଅଣଓସାରିଆ ହୋଇଥାଏ। ତେଣୁ କୋଲେଷ୍ଟେରଲ୍‌ର ପରିମାଣ ବଢ଼ିଗଲେ ଏହାର କାନ୍ଥରେ ପ୍ଲାକ୍ ଭର୍ତ୍ତି ହୋଇଯାଏ ଏବଂ ଜମାଟ ବାନ୍ଧି ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ହୃଦ୍‌ଘାତ କରିଥାଏ।

**କାରଣ:** ହୃଦ୍‌ରୋଗର ମୁଖ୍ୟ କାରଣ ଧୂମପାନ। ଧୂମପାନ ଓ ନିଶା ସେବନ ହୃଦ୍‌ରୋଗ ଆଶଙ୍କା ଶତକଡ଼ା ୨୫ ବଢ଼ାଇ ଦେଇଥାଏ ଓ ଏହା ୧୫–୨୫ ବର୍ଷ ଆୟୁଷ କମାଇଦିଏ। ଧୂମପାନ ଦ୍ୱାରା ଶରୀରକୁ ଯେଉଁ ନିକୋଟିନ୍ ପ୍ରବେଶ କରିଥାଏ ସେଥିରେ ୪୦୦୦ରୁ ଅଧିକ ବିଷ ଥାଏ। ଯେଉଁମାନେ ପରୋକ୍ଷ ଭାବରେ ଧୂମପାନ କରନ୍ତି ସେମାନେ ମଧ୍ୟ ହୃଦ୍‌ରୋଗ ଭୋଗିଥାନ୍ତି। ଏମାନଙ୍କୁ ଅଚାନକ ହୃଦ୍‌ଘାତ ହୋଇଥାଏ।

- ମଦ୍ୟପାନ ଓ ଥଣ୍ଡା ପାନୀୟରେ ଥିବା ଆଲ୍‌କୋହଲ୍ ହୃତ୍‌ପିଣ୍ଡର ମାଂସପେଶୀକୁ ନଷ୍ଟ କରିଦିଏ। ରକ୍ତଚାପ ବୃଦ୍ଧି ପାଇଲେ ହୃଦ୍‌ରୋଗର ଆଶଙ୍କା ବଢ଼ିଯାଏ।
- ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚରକ୍ତଚାପ ରୋଗ ମଧ୍ୟ ହୋଇଥାଏ। ଅପର ପକ୍ଷରେ ଉଚ୍ଚରକ୍ତଚାପ ହେଲେ, ବେଶି ଲୁଣ ଖାଇଲେ ରକ୍ତଚାପ ଆହୁରି ବଢ଼ିଯାଏ ଏବଂ ହୃଦ୍‌ଘାତ ହୋଇଥାଏ।
- ମଧୁମେହ ରୋଗ ଓ ରକ୍ତରେ ଅତ୍ୟଧିକ ଚର୍ବି ବା କୋଲେଷ୍ଟେରଲ୍ ହୃଦ୍‌ରୋଗର ଆଶଙ୍କା ବଢ଼ାଇ ଦେଇଥାଏ। ବିଶେଷକରି ଯେଉଁ ପରିବାରରେ ଉଚ୍ଚରକ୍ତଚାପ, ମଧୁମେହ ଓ ଅଚାନକ ହୃଦ୍‌ରୋଗଜନିତ ମୃତ୍ୟୁ (ସଡ଼ନ କାର୍ଡିଆକ୍ ଆରେଷ୍ଟ)ର ଇତିହାସ ଥାଏ ସେମାନେ ସତର୍କ ରହିବା ଆବଶ୍ୟକ।



## କିପରି ନିୟନ୍ତ୍ରଣ କରିବେ

➤ଜୀବନ ଶୈଳୀରେ ପରିବର୍ତ୍ତନ କରି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ଫଳ ସହିତ ତଟକା ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହା ସହ ଲୁଣ ଏବଂ ତେଲ ପରିମାଣ କମାଇବା ଭଲ।

➤ଏହାଛଡ଼ା ନିୟମିତ ଓଟ୍ ଖାଆନ୍ତୁ। ଏହା ଏକ ତନ୍ତୁଯୁକ୍ତ (ହାଇ ଫାଇବର ଫୁଡ୍) ଖାଦ୍ୟ। ଏହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ରୋଗ ଓ ମଧୁମେହ ରୋଗରୁ ରକ୍ଷା କରିଥାଏ। ଏଥିରେ ଥିବା ବିଟା ଗ୍ଲୁକୋଜ୍ ନାମକ ତନ୍ତୁ, ଅଦରକାରୀ କୋଲେଷ୍ଟେରଲ୍‌କୁ କମାଇ ଦେଇଥାଏ। ଓଟ୍ ହେଉଛି ଏକମାତ୍ର ଖାଦ୍ୟ, ଯାହା ରକ୍ତରେ ଥିବା ଭଲ ଓ ଖରାପ କୋଲେଷ୍ଟେରଲ୍ ଏଚ୍.ଡି.ଏଲ୍. ଓ ଏଲ୍.ଡି.ଏଲ୍.କୁ ନିୟନ୍ତ୍ରଣ ରଖିଥାଏ। ସୋୟାବିନ ମଧ୍ୟ କୋଲେଷ୍ଟେରଲ୍ ଓ ଫ୍ରିରାଡିକଲ୍‌କୁ କମାଇ ଦେଇଥାଏ।

➤ନିୟମିତ ଶରୀରରୁ ଝାଳ ବୋହିବା ଭଳି ବ୍ୟାୟାମ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ।

➤ତମାଖୁ ସେବନ, ମଦ୍ୟପାନ, ବର୍ଗର, ପିଜା ଭଳି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ।

➤ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅତ୍ୟଧିକ ରାଗିବା ଦ୍ୱାରା ବିଭିନ୍ନ ରୋଗ ସହିତ ହୃଦ୍‌ଘାତର ଶିକାର ହେବାକୁ ପଡ଼ିଥାଏ। ତେଣୁ ମନକୁ ଅବସାଦମୁକ୍ତ ଓ ଖୁସିରେ ରଖନ୍ତୁ।

**– ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ**
ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ
ମୋ: ୯୪୩୭୦୫୧୦୦୭

## ବଢୁଛି ହୃଦ୍‌ରୋଗଜନିତ ମୃତ୍ୟୁ ସଂଖ୍ୟା

ଚିକିତ୍ସା ବିଜ୍ଞାନ ଯେତେ ଉନ୍ନତି କରୁଛି ସେହିପରି ବିଭିନ୍ନ ପ୍ରକାରର ରୋଗ ସେମାନଙ୍କର କାୟା ବିସ୍ତାର କରୁଛନ୍ତି। ତନ୍ମଧ୍ୟରୁ ଚିନ୍ତାର କାରଣ ସାଜିଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମରେ ଅନିୟମିତତା ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ। ଅନ୍ୟପକ୍ଷରେ ବର୍ତ୍ତମାନ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ବିଶେଷଭାବରେ ସେମାନଙ୍କର ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ଦାୟୀ।

## ନିଦ୍ରାହୀନତାରୁ ହୃଦ୍‌ରୋଗ



ହୃଦ୍‌ରୋଗ ପଛରେ ଅନେକ କାରଣ ରହିଛି। ରକ୍ତ ସଞ୍ଚାଳନରେ ବାଧା, ମେଦବହୁଳତା ଏପରିକି ରକ୍ତରେ ଶର୍କରା ପରିମାଣ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲେ ଏଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥା ଯୋଡ଼ାଯାଇଛି। ହୃଦ୍‌ରୋଗ ଲାଗି ଆଉ କ'ଣ କାରଣ ରହିଛି ସେ ବିଷୟରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଲାଗିରହେ ଏବଂ ସେ ନିଦ୍ରାହୀନତାର ସମ୍ମୁଖୀନ ହୁଅନ୍ତି ତେବେ ତାଙ୍କଠାରେ ହୃଦରୋଗର ଲକ୍ଷଣ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଦୀର୍ଘସମୟ ଧରି ନିଦ୍ରାହୀନତା ସମସ୍ୟାର ସାମ୍ନା କରିଥିବା କେତେକ ବ୍ୟକ୍ତିଙ୍କଠାରେ ସେମାନେ ହୃଦରୋଗର ଲକ୍ଷଣ ଦେଖିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୬–୭ ଘଣ୍ଟା ଶାନ୍ତ ମନରେ ଶୋଇବା ନିହାତି ଦରକାର।



# ୬୫ବର୍ଷ ପରେ ବି ମୌଳିକ ସୁବିଧାରୁ ଦୂରରେ

## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ବେଗୁନିଆ,୨୮।୯(ହରପ୍ରସନ୍ନ ପଣ୍ଡା)**

ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଗୁରୁବାର ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ ବ୍ରାହ୍ମଣପୁଟ ଗ୍ରାମର ନନ୍ଦିନୀ ନାୟକ(୧୯)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୪୪/୨୩) ରୁଜୁକରିବା ସହ ମୃତାଙ୍କ ସ୍ୱାମୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ ନାୟକ। ଗଣେଶ ୧ ବର୍ଷ ପୂର୍ବେ ବେଗୁନିଆ ବ୍ଲକ ବାଘମାରୀ ଗ୍ରାମର ନନ୍ଦିନୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ନନ୍ଦିନୀଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ। ତେବେ ନିର୍ଯାତନା ଅସହ୍ୟ ହେବାରୁ ନନ୍ଦିନୀ ବାପଘର ଲୋକଙ୍କୁ ଜଣାଇଥିଲେ। ବୁଧବାର ରାତିରେ ଏକ କୋଠରିରେ ନନ୍ଦିନୀ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୃତାଙ୍କ ବାପା ଜୟକୃଷ୍ଣ ଗୁରୁବାର ବେଗୁନିଆ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଝିଅକୁ ମାରିଦେଇଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ।

### ୨୫ଜଣଙ୍କ ଚକ୍ଷୁ ପରୀକ୍ଷା, ମାଗଣା ଚଷମା ବଣ୍ଟନ

**ବାରଙ୍ଗ,୨୮।୯ (ଲିଙ୍ଗରାଜ ରାଉତ)**

ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଚକ୍ଷୁ ଚିକିତ୍ସକ ନ ଥିବାରୁ ଚକ୍ଷୁ ଚିକିତ୍ସା ହୋଇପାରି ନ ଥିଲା। ଏହି କେନ୍ଦ୍ରରେ ଏବେ ନୂତନ ଭାବେ ଆପ୍ଥେଲିକ୍ ଆସିଷ୍ଟାଣ୍ଟ କାର୍ଯ୍ୟଭାର ଗ୍ରହଣ କରିବା ପରେ ଚକ୍ଷୁ ଚିକିତ୍ସା ସୁବିଧା ହେବାରେ ଲାଗିଛି। ଏହି ଆସିଷ୍ଟାଣ୍ଟଙ୍କ ଦ୍ୱାରା ଗୁରୁବାର ୨୫ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ବଣ୍ଟନ କରାଯାଇଛି। ଏହାଦ୍ୱାରା ବହୁ ବରିଷ୍ଠ ନାଗରିକ ଉପକୃତ ହୋଇପାରିଥିବା ଜଣାପଡିଛି।

### ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

**ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)**

ସ୍କୁଟି ଚୋରି ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଖଣ୍ଡପଡ଼ା ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ସନ୍ତୋଷ କୁମାର ବେହେରା। ସୂଚନା ମୁତାବକ, କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ ବଡ଼େଇବନ୍ଧ ଗ୍ରାମର ଜଗନ୍ନାଥ ବେହେରା ସାମଗ୍ରୀ କିଣିବା ପାଇଁ ଧଳାପଥର ବଜାରକୁ ବୁଧବାର ସନ୍ଧ୍ୟାରେ ଯାଇଥିଲେ। ସ୍କୁଟି ରଖି ଏକ ଦୋକାନରୁ ସାମଗ୍ରୀ କିଣୁଥିଲେ। ଏହି ସମୟରେ ତାଙ୍କ ସ୍କୁଟିକୁ ସନ୍ତୋଷ ଚୋରି କରି ନେଇ ପଳାଇଥିଲେ। ଗାଡିକୁ ଖୋଜାଖୋଜି କରି ନ ପାଇବାରୁ ଜଗନ୍ନାଥ ଧଳାପଥର ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ବେଗୁନିଆ ଥାନାରେ ଏକ ମାମଲା (ନଂ.୩୪୫/୨୪) ରୁଜୁ ହୋଇଥିଲା। ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ଘଟଣାର ତଦନ୍ତ ଚଳାଇଥିଲେ।

## ଆମ ହାଟ ବଜାର

### ସବୁଜି ମାର୍କେଟ କମ୍ପ୍ଲେକ୍ସ ଡିଜାଇନ୍

**ଭୁବନେଶ୍ୱର, ୨୮।୯ (ବନ୍ଦନା ସେଠୀ)**

ଭୁବନେଶ୍ୱରର ପ୍ରଥମ ହାଟ ଭାବେ ୧୯୫୮ରେ ଆରମ୍ଭ ହୋଇଥିଲା ୧ନଂ. ହାଟ। ସହର ଏବଂ ଆଖପାଖ ଉପକଣ୍ଠ ଅଞ୍ଚଳର ହଜାର ହଜାର ଲୋକ ଏହା ଉପରେ ନିର୍ଭର କରୁଛନ୍ତି। ୧୯୭୨ରେ ଜିଏ ବିଭାଗ ପ୍ରଥମେ ୯୫୨ଜଣ ବ୍ୟବସାୟୀଙ୍କୁ ଆଲଟ୍‌ମେଣ୍ଟ କରିଥିଲା। ଧିରେ ଧିରେ ବ୍ୟବସାୟୀଙ୍କ ସଂଖ୍ୟା ବଢିବା ସହ ଏବେ ହାଟ ମଧ୍ୟରେ ୨୯୪୦ ବ୍ୟବସାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୪୪୦ଜଣ ବିଭିନ୍ନ ବ୍ୟବସାୟୀ ଥିବାବେଳେ ୧୫ଶହ କଞ୍ଚା ପରିବା ବ୍ୟବସାୟୀ ରହିଛନ୍ତି। ସମ୍ପୃକ୍ତ ଜାଗା ଜିଏ ବିଭାଗର ହୋଇଥିବାବେଳେ ୧୯୮୪ରେ ଜିଏ ବିଭାଗ ଏହାକୁ ବିଏମ୍‌ସିକୁ ହସ୍ତାନ୍ତର କରିଥିଲା। ୨୦୦୮ରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବା ଏହି ହାଟ ଏବେ ୬୫ବର୍ଷରେ ପଦାର୍ପଣ କରିଛି। ମାତ୍ର ସହରର ପୁରାତନ ହାଟ ହୋଇଥିଲେ ବି ଏଠାରେ ଆଜି ବି ମୌଳିକ ସୁବିଧା କୋଶ ଦୂରରେ। ୨୦୧୧-୧୨ରେ ହାଟର ଉନ୍ନତୀକରଣ ପାଇଁ ବିଏମ୍‌ସି ଯୋଜନା କରିଥିଲା। ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୨୦୧୪ରେ ଜିଏ ବିଭାଗ ମୋଟ୍ ୩ଏକର ୮୨୨ ଡିସିମିଲ ଜାଗାକୁ ଅର୍ବାନ ଡିପାର୍ଟମେଣ୍ଟକୁ ପ୍ରଦାନ କରିଥିଲା। ମାତ୍ର ଇତିମଧ୍ୟରେ ୯ବର୍ଷ ବିତିଯାଇଥିଲେ ବି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ପାରିନାହିଁ। ଇତି ମଧ୍ୟରେ ବିଏମ୍‌ସି କମିଶନର ବଦଳିବା ସହ ମାର୍କେଟ କମ୍ପ୍ଲେକ୍ସର ଡିଜାଇନ୍ ଥରକୁ ଥର ବଦଳୁଛି। ଏପରିକି ଚଳିତ ବର୍ଷ ଏନେଇ ବିଏମ୍‌ସି କର୍ପୋରେଶନ୍‌ରେ ପ୍ରସ୍ତାବ ଦିଆଯାଇଥିଲେ ବି ଶେଷ ମୁହୂର୍ତ୍ତରେ ତାହାକୁ ପାସ୍ ନ କରି ଅଟକାଇ ଦିଆଯାଇଛି। ସେହିପରି ମାର୍କେଟ ମଧ୍ୟରେ ଥିବା କଞ୍ଚା ପରିବା ବ୍ୟବସାୟୀଙ୍କୁ ଭଗବାନପୁରକୁ ଉଠାଇବା ନେଇ ପ୍ରସ୍ତାବ ରହିଥିଲେ ବି ତାହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ୧୯୮୪ ଜିଏ ବିଭାଗ ଦେଇଥିବା ନିର୍ଦ୍ଦେଶରେ ମାର୍କେଟ ମଧ୍ୟରେ ପନିପରିବା ହୋଲ୍‌ସେଲ୍ ବ୍ୟବସାୟ କରାଯାଇ ପାରିବନାହିଁ, ଟ୍ରକ୍, ଲରି, ମିନିଟ୍ରକ୍ ଭଳି ଭାରିଯାନ ଏହା ମଧ୍ୟକୁ ପ୍ରବେଶ କରିପାରିବ ନାହିଁ, ମାର୍କେଟର ଉତ୍ତର ଗେଟ୍ ବା ରାଜପଥ ଆଡକୁ ଥିବା ଗେଟ୍ ଖୋଲା ରହିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ମାତ୍ର ଏଥିମଧ୍ୟରୁ କୌଣସି ନିୟମକୁ ବିଏମ୍‌ସି ପାଳନ କରୁନାହିଁ। ଫଳରେ ହାଟରେ ଉଠାଦୋକାନୀଙ୍କ ଜବରଦଖଲ ବଢି ଚାଲିଛି। ଏହି ସମସ୍ୟା ବାଦ୍ ଏତେବଡ ହାଟରେ ପିଇବା ପାଇଁ ପାଣି ବ୍ୟବସ୍ଥା କିମ୍ବା ଶୌଚାଳୟ ନାହିଁ।

ହାଟ ଭିତରକୁ ଯିବା ବାଟରେ ଏକ ୱାଟର କିଓସ୍କ ଥିବାବେଳେ ତାହା ଭାଙ୍ଗିରୁଜି ଅଚଳ ହୋଇପଡିଛି। ସେହିପରି ଶୌଚାଳୟ ନ ଥିବାରୁ ପୁରୁଷମାନେ ଖୋଲାମେଲାରେ ଏପରିକି ଗାଡି ପାର୍କିଂ କଡ଼ରେ ପରିସ୍ରା କରୁଛନ୍ତି। ଏଥିଯୋଗୁ ମହିଳାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାଟ ଭିତରେ ଅପରିଷ୍କାର ପାଣି ଜମୁଥିବାବେଳେ ବର୍ଷାଦିନେ କାଦୁଅରେ ଚାଲିକି ଯିବାକୁ ପଡୁଛି। ହାଟ ଭିତରକୁ ଯିବା ପାଇଁ ୨ଟି ବାଟ ଥିବାବେଳେ ସେଗୁଡିକ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ଦୋକାନର ଆୟତନ ଯେତିକି ତାର ଦୁଇଗୁଣ ବାହାରକୁ ଜବରଦଖଲ ହୋଇଛି। ସ୍ଥିତି ଏପରି ରହିଛି ଯଦି ନିଆଁ ଲାଗିବା ଭଳି କୌଣସି ଅଘଟଣ ଘଟେ ତେବେ ଭିତରକୁ ଦମକଳ ଗାଡ଼ି ଯାଇପାରିବ ନାହିଁ। ତେଣୁ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



ବନ୍ଦ ଅବସ୍ଥାରେ ପଡ଼ିରହିଥିବା ୱାଟର କିଓସ୍କ।

### ଏମାନେ ଯାହା କହନ୍ତି...


ଏତେ ପୁରୁଣା ହାଟ ହୋଇ ମଧ ଏଠାରେ ଗୋଟିଏ ବି ଶୌଚାଳୟ ନାହିଁ। ବିଏମ୍‌ସି ବ୍ୟବସାୟୀଙ୍କଠାରୁ ଟିକସ ନେଉଥିବାବେଳେ ମୌଳିକ ସୁବିଧା ଯୋଗାଇ ପାରୁନାହିଁ। ହାଟ ଭିତରେ ଷ୍ଟ୍ରିଟ୍ ଲାଇଟ୍ ନାହିଁ। ମାର୍କେଟ ଆସୋସିଏଶନ୍ ପକ୍ଷରୁ ୨ଟି ବୋରିଂ କରାଯାଇଥିବାବେଳେ ତାହା ଏତେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ବିଏମ୍‌ସି ଜିଏ ବିଭାଗର କୌଣସି ନିର୍ଦ୍ଦେଶ ମାନୁନାହିଁ।
**-ଗୟାଧର ସ୍ୱାଇଁ, ସଭାପତି, ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ**


ହାଟ ଭିତରକୁ ବାଟ ନାହିଁ। ଫୁଟ୍‌ପାଥ୍ ଉପରେ ବ୍ୟବସାୟୀ ଜବରଦଖଲ କରିଥିବାବେଳେ ଭିତର ଅପରିଷ୍କାର ହୋଇ ରହୁଛି। ବର୍ଷାଦିନେ ପରିବା ହାଟକୁ ପଶିଗଲେ ପଚା ପରିବା ଏବଂ ପରିସ୍ରା ଗନ୍ଧରେ ନାକ ଫାଟିଯାଉଛି। ଏ ଦିଗରେ ବିଏମ୍‌ସି ଦୃଷ୍ଟି ଦେବା ଉଚିତ।
**-ଅମିତ କୁମାର ପ୍ରଧାନ, ରାଜଧାନୀବାସୀ**


ମହିଳାମାନଙ୍କ ମୌଳିକ ଆବଶ୍ୟକତା ଉପରେ କେହି ଧ୍ୟାନ ଦେଉନାହାନ୍ତି। ମାର୍କେଟରେ ଶୌଚାଳୟ ରହିବା ଏକ ସାଧାରଣ କଥା କିନ୍ତୁ ସ୍ମାର୍ଟସିଟିର ସବୁଠାରୁ ବଡ଼ ମାର୍କେଟରେ ତାହା ନାହିଁ। ହାଟରେ ଥିବା ଖାଲି ସ୍ଥାନ, ଗାଡ଼ି ପାର୍କିଂସ୍ଥଳ ଏଗୁଡିକୁ ଶୌଚାଳୟ ଭାବେ ବ୍ୟବହାର କରାଯାଉଛି।
**-ବିଶ୍ୱରୂପା ପଣ୍ଡା, ରାଜଧାନୀବାସୀ**


ହାଟ ଭିତରକୁ ଗଲାବେଳକୁ ପାଣି କାଦୁଅରେ ଯିବାକୁ ପଡୁଛି। ଜବରଦଖଲ କାରଣରୁ ଯାତାୟାତରେ ସମସ୍ୟା ହେଉଛି। ଅଘଟଣ ଘଟିଲେ ଆମ୍ବୁଲାନ୍ସ କିମ୍ବା ଦମକଳ ଯିବାପାଇଁ ସୁବିଧା ନାହିଁ। ବିଏମ୍‌ସି ପକ୍ଷରୁ ମଧ ହାଟକୁ ନିୟମିତ ସଫା କରାଯାଉନାହିଁ।
**-କବିରାଜ ସ୍ୱାଇଁ, ସଭାପତି, ରାଜଧାନୀ କଞ୍ଚା ପରିବା ବ୍ୟବସାୟୀ ମହାସଂଘ**



ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଗୁରୁବାର ଭୁବନେଶ୍ୱର ୟୁନିଟ୍-୩ ମସ୍‌ଜିଦ୍ ପରିସରରୁ ସତ୍ୟନଗର ଅଭିମୁଖେ ବାହାରିଥିବା ଶୋଭାଯାତ୍ରା

# ସଂଶୋଧିତ ସୋସାଇଟିସ୍ ରେଜିଷ୍ଟ୍ରେଶନ ଆକ୍ଟ ନାଗରିକ ସଙ୍ଗଠନର ସ୍ୱତନ୍ତ୍ରତା ସଙ୍କୁଚିତ କରିବ

**ଭୁବନେଶ୍ୱର,୨୮।୯ (ବନ୍ଦନା ସେଠୀ)**

ବିଧାନସଭା ଦ୍ୱାରା ୨୦୨୧ରେ ପାରିତ ସୋସାଇଟିସ୍ ରେଜିଷ୍ଟ୍ରେଶନ ଆକ୍ଟର ସଂଶୋଧନ ଓ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହୀତ ନିୟମାବଳୀ ନାଗରିକ ସଙ୍ଗଠନଗୁଡିକର ସ୍ୱତନ୍ତ୍ରତା ସଙ୍କୁଚିତ କରିବା ସହିତ ଅଯଥା ଚାପ ସୃଷ୍ଟି କରିବ। ଆଇନ ସଂଶୋଧନ ହେବା ପୂର୍ବରୁ ସରକାର ନାଗରିକ ସଙ୍ଗଠନଗୁଡ଼ିକର ମତାମତ ନ ଲୋଡ଼ି ଏକତରଫା ଭାବେ ଆଇନ ପ୍ରଣୟନ କରିଛନ୍ତି, ଯାହାକି ଏକ ଗଣତନ୍ତ୍ର ରାଷ୍ଟ୍ରପାଇଁ ଶୁଭଙ୍କର ନୁହେଁ ବୋଲି ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଗୁରୁବାର ଗୀତଗୋବିନ୍ଦ ସଦନରେ ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଡ. ବିକାଶ ଦାସଙ୍କ ପୌରୋହିତ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ ଡ. ସ୍ମିତା ମହାନ୍ତି ଯୋଗଦେଇଥିଲେ। ନୂତନ ନିୟମ ଅନୁଯାୟୀ, ସମିତି ପଞ୍ଜୀକରଣ ଆଇନ ଅଧୀନରେ ପଞ୍ଜୀକୃତ ହୋଇଥିବା ନାଗରିକ ସଙ୍ଗଠନ ଏବେ ପ୍ରତି ୫ ବର୍ଷରେ ନବୀକରଣ କରିବେ। ଏଥିସହ ପ୍ରତ୍ୟେକ ସଙ୍ଗଠନ ନିଜର ଆୟ ବ୍ୟୟର ବାର୍ଷିକ ଅଡିଟ୍ କରି ନିବନ୍ଧକଙ୍କ ପାଖରେ ଦାଖଲ କରିବେ।

ସଙ୍ଗଠନ ମଧ୍ୟରେ କୌଣସି ବିବାଦ ହେଲେ ତାହା କେବଳ ଦେୱାନୀ ଅଦାଲତରେ ବିଚାର ହେବ। ତେବେ ଏହି ଦିଗରେ ସମିତିଗୁଡ଼ିକ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ଡ. ମହାନ୍ତି ମତ ଦେଇଥିଲେ। ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଏହାର ନିୟମାବଳୀର ତର୍ଜମା କରିଥିଲେ। ସ୍ୱେଚ୍ଛସେବୀ ସଙ୍ଗଠନ ସମୂହର ଏକ ପ୍ରତିନିଧି ମଣ୍ଡଳୀ ସମ୍ମିଳନୀରେ ଗୃହୀତ ପ୍ରସ୍ତାବଗୁଡ଼ିକ ଉପରେ ଆଧାରିତ ଏକ ୫ଦଫା ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ ବୋଲି ଡ. ଦାସ ସୂଚନା ଦେଇଥିଲେ। ସମ୍ମିଳନୀରେ ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ପ୍ରଫୁଲ୍ଲ ସାହୁ, ଆଇନାର ସ୍ନେହ ମିଶ୍ର, ପିକକ୍‌ର ରଞ୍ଜନ ମହାନ୍ତି, ଉତ୍କଳ ସେବକ ସମାଜର ଅମିୟ ଭୂଷଣ ବିଶ୍ୱାଳ, ଗ୍ରାମ ଉତ୍‌ଥାନର ଗୋବିନ୍ଦ ଦାସ, ସେବା ଜଗତର ସତ୍ୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଂଶୋଧିତ ଆଇନ ସମ୍ପର୍କରେ ନିଜର ମତ ପୋଷଣ କରିଥିଲେ। ରାଜ୍ୟରୁ ୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଗୀତଗୋବିନ୍ଦ ସଦନରେ ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ଗଣେଶ ଭସାଣି ବେଳେ ପୋଲିସକୁ ଆକ୍ରମଣ

- ଡିଜେ ବନ୍ଦ ପାଇଁ ତାଗିଦା କରିବାରୁ ତୁମୁଳକାଣ୍ଡ
- ୩୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାଁରେ ମାମଲା

**ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ନନ୍ଦପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗଣେଶ ଭସାଣି ବେଳେ ଅଭାବନୀୟ ଘଟଣା ଘଟିଛି। ଡିଜେ ବନ୍ଦ କରିବାକୁ ତାଗିଦା କରିବାରୁ ଭସାଣିରେ ସାମିଲ ହୋଇଥିବା କେତେଜଣ ଯୁବକ ଏବଂ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏକାଧିକ ଯୁବକ ହଠାତ୍ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଖବରପାଇ ସଦର ଆଇଆଇସି କାହ୍ନୁଚରଣ ସ୍ୱାଇଁଙ୍କ ସମେତ ପୋଲିସ ଫୋର୍ସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ପୋଲିସ ନିଜ ଆଡୁ ଦଫା ୧୪୭, ୧୪୮, ୨୯୪, ୩୨୩, ୩୩୨, ୩୩୩, ୫୦୬, ୩୦୭, ୪୨୭, ୧୪୯ରେ ଏକ ମାମଲା (ନଂ.୨୭୪/୨୩) ରୁଜୁ କରିଛି। ଗ୍ରାମର ୩୦ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନନ୍ଦପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଗଣେଶ ଭସାଣି ଚାଲିଥିଲା। ଡିଜେ ଶବ୍ଦ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ କେତେଜଣ ଗ୍ରାମବାସୀ ଟୋଲ ଫ୍ରି ନମ୍ବରକୁ କଲ କରି ଜଣାଇଥିଲେ। ଖବରପାଇ ପୋଲିସ ପାଟ୍ରୋଲିଂ କରୁଥିବା ସଦର ଥାନା ଏସ୍ଆଇ ଜୟନ୍ତ କୁମାର ଭଞ୍ଜ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ଅସୁବିଧା ହେଉଥିବାରୁ ଡିଜେ ବନ୍ଦ କରିବାକୁ ପୋଲିସ ତାଗିଦା କରିଥିଲା। ଏହାକୁ ନେଇ ପୋଲିସ ଏବଂ ଯୁବକଙ୍କ ସହ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏହି ସମୟରେ କେତେଜଣ ଯୁବକ ହଠାତ୍ ପୋଲିସଙ୍କୁ ଆକ୍ରମଣ କରିଥିଲେ। ଏପରିକି ଗାଡ଼ିର ସମ୍ମୁଖ କାଚ ଭାଙ୍ଗି ଦେଇଥିଲେ। ଖବରପାଇ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏ ସମ୍ପର୍କରେ ସିଦ୍ଧାର୍ଥ କଟାରିଆ କହିଛନ୍ତି, ଗଣେଶ ଭସାଣି ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। କେତେଜଣ ଯୁବକ ପୋଲିସଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ମାମଲା ରୁଜୁ ହୋଇଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବୁଧବାର ରାତିରେ ବେଗୁନିଆ ଥାନା ଗଡ଼ମାଣିତ୍ରୀ ନିକଟ ଖଣିରେ ଚଢ଼ାଉ ବେଳେ ମାଫିଆଙ୍କ ଆକ୍ରମଣରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଜଣେ ଗୁରୁତର ଭାବେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କଟାରିଆ କହିଛନ୍ତି।

# ଜାଗେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଟ୍ରଷ୍ଟର ସଦସ୍ୟାସଦସ୍ୟମାନେ।

**ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)**

ଜାଗେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ଉତ୍ସବ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ବିଷ୍ଣୁପ୍ରିୟା ସାମନ୍ତରାୟଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏବଂ ସମ୍ମାନିତ ଅତିଥି ଭାବେ ଜୟ ଓଡ଼ିଶାର ସଭାପତି ରୁଦ୍ରନାରାୟଣ ସାମନ୍ତରାୟ, ସଖା ପ୍ରତିଷ୍ଠାତା ସାଧନା ମିଶ୍ର, ରାମଚନ୍ଦ୍ର ରାଉତ, ସମାଜସେବୀ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କାମେଶ୍ୱର ପଣ୍ଡାଙ୍କ ଲିଖିତ 'ମହାତୀର୍ଥ - ବିରଜା କ୍ଷେତ୍ର' ନାମକ ପତ୍ରିକା ଉନ୍ମୋଚନ ହୋଇଥିଲା। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ସମାଜସେବୀ ତଥା ମହିଳା ଆସୋସିଏଶନଗୁଡିକୁ ସମ୍ମାନିତ କରି ଆଗକୁ ବଢିବାକୁ ଉତ୍ସାହିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରିବେଷଣରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଦୃଷ୍ଟିହୀନ, ମୂକ ଓ ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସେହିପରି ଜାଗେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନଙ୍କ ମଧ୍ୟରେ ଆୟୋଜିତ ଝୋଟି, ହୁଳହୁଳି ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# 'ଜନଜାତି ମହିଳାଙ୍କ ଭାଗୀଦାରିରେ ଜୀବନଶୈଳୀ ବଦଳିବ'

### ଜନଜାତି ଚାଷୀ ନେଲେ ଗୁଣାତ୍ମକ ବିହନ ଉତ୍ପାଦନ ତାଲିମ

**କଟକ,୨୮।୯ (କାର୍ତ୍ତିକ ସାହୁ)**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଜନଜାତି ଚାଷୀଙ୍କ ନିମନ୍ତେ ୩ ଦିନିଆ ଗୁଣାତ୍ମକ ଧାନ ବିହନ ଉତ୍ପାଦନ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। କୃଷି ଉତ୍ପାଦନ ଇନ୍‌କୁବେଶନ୍ ସେଣ୍ଟର ଅନ୍ତର୍ଗତ 'ଧାନରେ ଗୁଣାତ୍ମକ ବିହନ ଉତ୍ପାଦନ' ଉପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଜନଜାତି ଚାଷୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଜାତୀୟ ଖାଦ୍ୟ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଜନଜାତି ମହିଳା ଚାଷୀ ଚାଷକାର୍ଯ୍ୟରେ ଭାଗୀଦାରି ହେଲେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଜନଜାତି ବହୁଳ ଅଞ୍ଚଳରେ ଧାନ ଚାଷର ବିକାଶ ହେବା ସହ ସେମାନଙ୍କର ଜୀବିକା ଓ ଜୀବନଶୈଳୀରେ ଉନ୍ନତି ହୋଇପାରିବ ବୋଲି ଡ. ନାୟକ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ, ବିହନ ଚୟନ, ଫସଲ କୀଟ-ପୋକ ପରିଚାଳନା, ଫସଲ ରୋଗ ପରିଚାଳନା, ବିହନ ସଂରକ୍ଷଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ଧାନର ମୂଲ୍ୟ ବୃଦ୍ଧି ଉପରେ ତାଲିମ ଦିଆଯିବ। ସେମାନେ ସିଧାସଳଖ ଧାନ ବିହନ ଉତ୍ପାଦନ ଉପରେ ପ୍ରଶିକ୍ଷଣ ନେବେ। ସେମାନଙ୍କୁ ଅନୁଷ୍ଠାନର ଫାର୍ମ ଏବଂ ଅନ୍ୟ ସୁବିଧା ବିଷୟରେ ଅବଗତ କରାଯିବ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜି.ଏ.କେ. କୁମାର ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ । ଫସଲ ଉନ୍ନୟନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ବିଷ୍ଣୁ ଚରଣ ମାରାଣ୍ଡି, ସମାଜ ବିଜ୍ଞାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ସୁଦୀପ୍ତ ପାଲ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରଧାନ ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଣ୍ଡଳ ଧନ୍ୟବାଦ ଦେଇଥିଲେ ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ତରଳ ସାର ପ୍ରୟୋଗ କର୍ମଶାଳା

ନିରାକାରପୁର,୨୮।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଗଣେଶ ପଡ଼ିଆଠାରେ ଇଫ୍‌କୋ ସାର କମ୍ପାନୀ ପକ୍ଷରୁ ତରଳ ଡିଏପି, ୟୁରିଆ, ପଟାସ, ଅଣୁସାର ଆଦି ପ୍ରୟୋଗ ଉପରେ ଦିନିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଞ୍ଚଳର ଚାଷୀ ବିପିନ ଜୟସିଂହ ଏଥିରେ ପୌରୋହିତ୍ୟ କରିଥିଲେ। ଚାଷୀ ରବୀନ୍ଦ୍ର ରାଉତରାୟ ଓ ଇଫ୍‌କୋର ଡିଲର ଉପସ୍ଥିତ ରହି ଚାଷୀଙ୍କୁ ଏହାର ପ୍ରୟୋଗ ଫଳରେ ଉପକାର ସମ୍ପର୍କରେ ସୂଚନା ଦେଇଥିଲେ। ଡମ୍ବରୁଧର ପରିଡ଼ା, ଅଇଁଠା ରାଉତରାୟ, ରବି ମାଝି, ବିପିନ ରାଉତରାୟ, କାବୁ ପ୍ରଧାନ, ପ୍ରଭା ବେହେରା, ସନ୍ତୋଷ ବେହେରା, ଭାସ୍କର ପ୍ରଧାନ, ବିଜୟ ଜୟସିଂହ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୮ଜଣ ଚାଷୀଙ୍କୁ ଡେମୋ ପାଇଁ ମାଗଣାରେ କିଛି ଔଷଧ କିଟ୍ ଉପକରଣ ପ୍ରଦାନ କରାଯାଇଛି। ନିରାକାରପୁର ପଞ୍ଚାୟତର ନାଏବ ସରପଞ୍ଚ ସ୍ୱପ୍ନେଶର ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଓଡ଼ିଶାରେ ମଧ୍ୟପ୍ରଦେଶର ପ୍ରତିନିଧି ଦଳ

ଭୁବନେଶ୍ୱର, ୨୮।୯(ଅସମାପିକା ସାହୁ)

ମଧ୍ୟପ୍ରଦେଶ ସରକାରଙ୍କ ୭ ଆଇଏଏସ୍ ଅଫିସରଙ୍କ ସମେତ ମୋଟ ୧୧ଜଣ ବରିଷ୍ଠ ଅଧିକାରୀଙ୍କ ଏକ ପ୍ରତିନିଧିଦଳ ୩ଦିନିଆ ଓଡ଼ିଶା ଗସ୍ତ ଶେଷ କରିଛନ୍ତି। ମଧ୍ୟପ୍ରଦେଶରୁ ଆସିଥିବା ଏହି ପ୍ରତିନିଧି ଦଳଙ୍କୁ ଓଡ଼ିଶା ଅର୍ବାନ ଏକାଡେମୀ (ଓୟୁଏ) ୫ଟି ପଦକ୍ଷେପ ଅନ୍ତର୍ଗତ ପରିମଳ ବ୍ୟବସ୍ଥାରେ ଫେକାଲ୍ ସ୍ଲେଜ୍ ଏବଂ ସେପ୍ଟେଜ୍ ମ୍ୟାନେଜମେଣ୍ଟ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସହରୀ ଗ୍ରାମୀଣ କନଭର୍ଜେନ୍ସ ପାଇଁ ଓଡ଼ିଶା ମଡେଲ ବିଷୟରେ ଅବଗତ କରାଯାଇଥିଲା। ୨୫ ତାରିଖରେ ପ୍ରଥମେ ଓୟୁଏ କର୍ତ୍ତୃପକ୍ଷ ପ୍ରତିନିଧି ଦଳଙ୍କୁ ଓଡ଼ିଶା ଆପଣାଇଥିବା ପରିମଳ ବ୍ୟବସ୍ଥାର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ ସେମାନଙ୍କୁ ଓଡ଼ିଶାର ସହରୀ ପରିବର୍ତ୍ତନ ଉପରେ ଆଲୋକପାତ କରାଇଥିଲେ। ଏଥିସହ ବିଭିନ୍ନ ସହରୀ ପରିମଳ ଏବଂ ଜଳ ଉତ୍ସର ବିକାଶ ଓ ସଂରକ୍ଷଣ ପ୍ରତି ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା। ପରିମଳ କ୍ଷେତ୍ରରେ ସୁଧାର ଆଣିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ମୋଡ୍‌ରେ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସେଥିରୁ ରାଜ୍ୟ କିପରି ଲାଭବାନ ହୋଇପାରୁଛି ତାହା ଦର୍ଶାଇଥିଲେ। ପୌର ନିର୍ଦ୍ଦେଶକ ତଥା ମିଶନ୍ ନିର୍ଦ୍ଦେଶକ ଏସ୍‌ବିଏମ୍ ସଂଗ୍ରାମଜିତ ନାୟକ ଏହି ଅବସରରେ ଉପସ୍ଥିତ ରହି ବିଭିନ୍ନ ଲୋକକେନ୍ଦ୍ରିକ କାର୍ଯ୍ୟକ୍ରମ, ଏଫ୍‌ଏସ୍‌ଏସ୍‌ଏମ୍ ମୂଲ୍ୟ ଶୃଙ୍ଖଳା, ଗରିମା, ଡାଇଟ୍ ପ୍ଲାଟଫର୍ମ ଏବଂ ରାଜ୍ୟରେ ସହରାଞ୍ଚଳ-ଗ୍ରାମୀଣ ସମ୍ମିଶ୍ରଣ ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକ ପରେ ମଧ୍ୟପ୍ରଦେଶରୁ ଆସିଥିବା ପ୍ରତିନିଧି ଦଳ ଭୁବନେଶ୍ୱରର ବାସୁଆଘାଇରେ ଓୟୁଏ ଏବଂ ଏଫ୍‌ଏସ୍‌ଟିପି ପରିଦର୍ଶନ କରିଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଭାଗବତ ଟୁଙ୍ଗି

**ଆଜି ଭାଗବତ ଦେବଙ୍କ ଜନ୍ମ**

- ସରକାରଙ୍କ ପୁନରୁଦ୍ଧାର ଯୋଜନା ବାଟବଣା
- ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି



ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ଶ୍ରୀମଦ୍ ଭାଗବତ ଦେବଙ୍କ ଜନ୍ମ। ହିନ୍ଦୁଧର୍ମର ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ଗ୍ରନ୍ଥ ହେଉଛି ଶ୍ରୀମଦ୍ ଭାଗବତ। ତାଳପତ୍ର ପୋଥିରେ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥାବଳୀକୁ ପୂଜାର୍ଚ୍ଚନା ଓ ପାଠ କରାଯାଉଥିଲା। ସଞ୍ଜ ନଇଁଲେ ଗାଁ ଗହଳିରେ ରହିଥିବା ଭାଗବତ ଟୁଙ୍ଗିରେ ଭାଗବତର ପ୍ରଥମ ଛନ୍ଦ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ପଦ ଗୁଞ୍ଜରିତ ହେଉଥିଲା।ଶ୍ରଦ୍ଧାଳୁମାନେ ଏକାଠି ହେବା ସହ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବାନ୍ଧି ରଖୁଥିଲେ। ଏଥିସହ ଭାଗବତ ପଦ ଶୁଣି ଶ୍ରଦ୍ଧାଳୁମାନେ କ୍ଳାନ୍ତି ଦୂର କରୁଥିଲେ। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ରହିଥିବା କେତେକ ଭାଗବତ ଟୁଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏଠାରେ ସରକାରଙ୍କ ପୁନରୁଦ୍ଧାର ଯୋଜନା ଯେପରି ବାଟବଣା ହୋଇଯାଇଛି।

ପ୍ରକାଶ ଯେ, ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଯୋଜନା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଶ୍ରଦ୍ଧାଳୁମାନଙ୍କୁ ଉତ୍ସାହିତ କରିବା ପାଇଁ ସହାୟତା ରାଶି ୫୦ ହଜାର ଟଙ୍କାକୁ ବଢ଼ାଯାଇଥିଲା। ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ବହି ଯୋଗାଇ ଦିଆଯିବ। ଅନ୍ୟାନ୍ୟ ଆନୁଷଙ୍ଗିକ ସହ ମାଇକ୍ ସେଟ କିଣାଯିବ ବୋଲି ନିର୍ଦ୍ଦେଶାବଳୀ ଲାଗୁ କରାଯାଇଥିଲା। ଏହାର ଦାୟିତ୍ୱ ଜିଲା ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ୧୬୨ଟି ଟୁଙ୍ଗି ମଧ୍ୟରୁ ୧୭ଟି ଟୁଙ୍ଗିର ପୁନରୁଦ୍ଧାର ପାଇଁ ଶ୍ରଦ୍ଧାଳୁମାନେ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ପରେ ପ୍ରଥମ ପର୍ଯ୍ୟାୟରେ ୬ଟି, ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ଏବଂ ୩ୟ ପର୍ଯ୍ୟାୟରେ ଆଉ ୧୨ଟି ଟୁଙ୍ଗି ଚୟନ କରାଯାଇଥିଲା। ଟୁଙ୍ଗିର ସଭାପତି, ସମ୍ପାଦକ ଚୟନ କରାଯାଇ ବିଡିଓଙ୍କ ସହିତ ମିଳିତ ବ୍ୟାଙ୍କ ପାସବୁକ ଖୋଲିବାରେ ପ୍ରଶାସନ ପକ୍ଷରୁ ବହୁ ବିଳମ୍ବ କରାଯାଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୬ରେ ୬ଟି, ୨୦୧୭ରେ ୭ଟି ଏବଂ ୨୦୧୮ରେ ୧୨ଟି ଟୁଙ୍ଗିକୁ ସହାୟତା ପ୍ରଦାନ କରାଯାଇଥିଲା ବୋଲି ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏହା ପରେ ସରକାରଙ୍କ ଏହି ଯୋଜନା ୫ବର୍ଷ ହେଲା କାର୍ଯ୍ୟକାରୀ ନ ହୋଇ ଫାଇଲରେ ଡୋରି ବନ୍ଧା ହୋଇଛି। ଏ ସମ୍ପର୍କରେ ଶ୍ରଦ୍ଧାଳୁ ବନ ବିହାରୀ ପଣ୍ଡା କୁହନ୍ତି, ସରକାରଙ୍କ ଟୁଙ୍ଗି ପୁନରୁଦ୍ଧାର ଯୋଜନା ମହତ୍ ଆଭିମୁଖ୍ୟ ଥିଲା। ତେବେ ପ୍ରଶାସନର ଅବହେଳା ଯୋଗୁ ଏହି ଯୋଜନା ବାଟବଣା ହୋଇଯାଇଛି। ସେହିପରି ଦୀନବନ୍ଧୁ ବିଶ୍ୱାଳ କହିଛନ୍ତି, ସରକାରଙ୍କ ପକ୍ଷରୁ ଅନୁଧ୍ୟାନ କରାଯାଇ ପୁଣି ଏହି ପୁନରୁଦ୍ଧାର ଯୋଜନାକୁ ଗୁରୁତ୍ୱ ଦିଆଯାଉ ବୋଲି ଦାବି କରିଛନ୍ତି।




ଜଟଣୀ: ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ଶ୍ରୀ ଗଜନାଥ ଚେତନା ମଞ୍ଚରେ ଭଜନ ପରିବେଷଣ କରାଯାଉଛି।

# ବନ୍ଦ ହେଲା ୧ନଂ. ହାଟ

**ଆସୋସିଏଶନ-ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ**

ଭୁବନେଶ୍ୱର,୨୮।୯(ବନ୍ଦନା ସେଠୀ)

ୟୁନିଟ୍-୨ ମାର୍କେଟ ବିଲ୍ଡିଂ ପରେ ଏବେ ୧ ନମ୍ବର ହାଟରେ ମାର୍କେଟ ଆସୋସିଏଶନ ଏବଂ ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ଫୁଟ୍‌ପାଥ୍ ଉପରେ ଦୋକାନ କରିଥିବା ବ୍ୟବସାୟୀମାନେ ଦୋକାନ ଆୟତନର ଦୁଇଗୁଣ ବାହାରକୁ ଜବରଦଖଲ କରି ରଖୁଥିବାରୁ ଗ୍ରାହକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଏହାକୁ ନେଇ ଗୁରୁବାର ଉଭୟ ପକ୍ଷ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା ଏବଂ ପରେ ଘଟଣା ଥାନାକୁ ଯାଇଥିଲା। ତେବେ ସେଠାରେ କୌଣସି ସମାଧାନ ହୋଇପାରି ନ ଥିବାବେଳେ ଉକ୍ତ ଘଟଣା ପ୍ରତିବାଦରେ ଆସୋସିଏଶନ ପକ୍ଷରୁ ୧ନମ୍ବର ମାର୍କେଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ଭେଣ୍ଡିଂ ଜୋନ୍ ବ୍ୟବସାୟୀମାନେ ପୂର୍ବବତ୍ ରାସ୍ତାକୁ ଜବରଦଖଲ କରି ରଖିଥିବାରୁ ଏହାକୁ ଆସୋସିଏଶନର କେତେଜଣ ବ୍ୟବସାୟୀ ବାରଣ କରିଥିଲେ। ରାସ୍ତା ଛାଡ଼ି ବେପାର କରିବାକୁ ସେମାନେ କହିଥିଲେ। ଏଥିରେ ଭେଣ୍ଡିଂ ଜୋନ୍ ବ୍ୟବସାୟୀମାନେ ତାଙ୍କୁ ଖରାପ ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ, ଯାହାକୁ ନେଇ ଦୁଇପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟପକ୍ଷ ରାସ୍ତା ଉପରକୁ ଆସି କଥା କଟାକଟି ହୋଇଥିଲେ। ଫଳରେ ମାର୍କେଟରୁ ଏଜି ଛକ ଆଡକୁ ଥିବା ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଯାଇଥିଲା। ଗାଡ଼ିମୋଟର ଯିବା ଆସିବାରେ ମଧ୍ୟ ଅସୁବିଧା ହୋଇଥିଲା। ଏପରିକି ଭେଣ୍ଡିଂ ଜୋନ୍ ବ୍ୟବସାୟୀମାନେ ହାଟ ଭିତରକୁ ଯାଉଥିବା ଗ୍ରାହକଙ୍କୁ ଛାଡ଼ି ନ ଥିଲେ। ଏହାକୁ ନେଇ ବିବାଦ ତୀବ୍ର ରୂପ ନେଇଥିଲା। ଅପରପକ୍ଷେ ଆସୋସିଏଶନ୍‌ର ବ୍ୟବସାୟୀମାନେ ଦୁର୍ବ୍ୟବହାର କରିଥିବା ଭେଣ୍ଡିଂ ଜୋନ୍ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ପରେ ଘଟଣାର ସମାଧାନ ପାଇଁ କ୍ୟାପିଟାଲ ଥାନାକୁ ଉଭୟ ପକ୍ଷ ଯାଇଥିଲେ। ଅପରାହ୍ନରେ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ମଧ୍ୟ ଘଟଣା ନେଇ ଅବଗତ କରାଯାଇଥିଲା। କମିଶନର ଶୁକ୍ରବାର ଅପରାହ୍ନ ୧୧ଟାରେ ଆସୋସିଏଶନର ସଦସ୍ୟଙ୍କୁ ବିଏମ୍‌ସିକୁ ଡାକିଥିବା ସୂଚନା ଦିଆଯାଇଛି। ଏନେଇ ଗୟାଧର କହିଛନ୍ତି, ଭେଣ୍ଡିଂ ଜୋନ୍ ବ୍ୟବସାୟୀଙ୍କ ଏଭଳି କାମ ପାଇଁ ହାଟ ଭିତରେ ଥିବା ବ୍ୟବସାୟୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ସେମାନଙ୍କ ସାହସ ବଢ଼ିବା ସହ ଜବରଦଖଲ ମଧ୍ୟ ବଢୁଛି। ତେଣୁ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ମାର୍କେଟ ବନ୍ଦ ରହିବ।

### ମଳୟ ସଭାପତି, ଆଦିତ୍ୟ ସମ୍ପାଦକ

କୃଷ୍ଣପ୍ରସାଦ,୨୮।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସରପଞ୍ଚ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ଅବସରରେ ହରିପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା ସଭାପତି, ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା ଉପସଭାପତି, ନୂଆପଡ଼ା ସରପଞ୍ଚ କବିତା ଜେନା କାର୍ଯ୍ୟକାରୀ ସଭାପତି, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ସମ୍ପାଦକ, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ସହ-ସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡ଼ାଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ସରପଞ୍ଚ ସଂଘର ନିଷ୍ପତ୍ତିକ୍ରମେ ୧୫ ଦଫା ଦାବି ପୂରଣ ନ ହେବା ଯାଏ ସରପଞ୍ଚ ସଂଘ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ହୋଇଛି।

### ରାସେଶ୍ୱରୀ ଦେବୀଙ୍କ ସପ୍ତଦିବସୀୟ ପ୍ରବଚନ

ଟାଙ୍ଗୀ,୨୮।୯(ରଘୁନାଥ ସାହୁ)

କୁହୁଡ଼ି କଲ୍ୟାଣ ମଣ୍ଡପଠାରେ କୃପାଳୁଜୀ ମହାରାଜଙ୍କ ପଟଶିଷ୍ୟା ରାସେଶ୍ୱରୀ ଦେବୀଙ୍କ ସପ୍ତଦିବସୀୟ ଆଧ୍ୟାତ୍ମିକ ପ୍ରବଚନ ଆରମ୍ଭ ହୋଇଯାଇଛି। ପ୍ରଫେସର ଶ୍ରୀଧର ମହାପାତ୍ର ଓ ଡ. ଚନ୍ଦ୍ରଶେଖର ଦାଶ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏଲ୍‌ଇଡି ମାଧ୍ୟମରେ ରାସେଶ୍ୱରୀ ଦେବୀଙ୍କ ଦିବ୍ୟବାଣୀ ରସଧାରାକୁ ଶତାଧିକ ଶ୍ରଦ୍ଧାଳୁ ଶ୍ରବଣ କରିଥିଲେ। ଏହି ଦିବ୍ୟବାଣୀ ଧାରା କାର୍ଯ୍ୟକ୍ରମ ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଚାଲିବ। ଆଖପାଖ ଅଞ୍ଚଳର ଗ୍ରାମବାସୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ଭ୍ରାତୃତ୍ୱ ଭାବ ବଜାୟ ରଖିବାକୁ ଆହ୍ୱାନ



ବେଗୁନିଆ,୨୮।୯(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଗୁରୁବାର ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ରାଉତପଡା ଗ୍ରାମ ସ୍ଥିତ ସୁନି ସମ୍ପ୍ରଦାୟର ମୁସଲିମ ପରିବାର ଆଡ଼ମ୍ବରରେ ପାଳନ କରିଥିବା ବେଳେ କୁଶପଲ୍ଲୀ, ସରଧାପୁର, ପଙ୍ଗାରସିଂହ ମସଜିଦ ପରିସରରେ ପାଳିତ ହୋଇଥିଲା। ସକାଳେ ମସଜିଦ ପରିସରରେ ସୁନି ସମ୍ପ୍ରଦାୟର ଭାଇମାନେ ଏକାଠି ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇବା ପରେ ମହାପୁରୁଷ ମହମ୍ମଦଙ୍କ ଜୀବନି ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ମହମ୍ମଦଙ୍କ ଶାନ୍ତିର ବାର୍ତ୍ତାକୁ ପ୍ରସାର ଓ ପ୍ରଚାର ପାଇଁ ଏକ ବାଇକ ଶୋଭାଯାତ୍ରା ହୋଇଥିଲା। ଶେଖ ଅବଦୁଲ ଜଲିଲଙ୍କ ଅଧ୍ୟକ୍ଷତାରେ ସମୂହ ନମାଜ ପାଠ ସହ ବିଶ୍ୱର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରାଯାଇଥିଲା।

### ସହର ପରିକ୍ରମା କରି ବାର୍ତ୍ତା ବାଣ୍ଟିଲେ



ନିରାକାରପୁର, ୨୮।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଖଜୁରୀପଡା, ରାମେଶ୍ୱର, ଛଣଗିରି, ଗୟାବନ୍ଧ, ମେହେରାବପୁର ଆଦି ଅଞ୍ଚଳରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ସମସ୍ତ ମୁସଲମାନ ସମ୍ପ୍ରଦାୟର ଭାଇ ଓ ଭଉଣୀମାନେ ସ୍ନାନ ପରେ ନୂତନବସ୍ତ୍ର ପରିଧାନକରି ମସଜିଦରେ ଏକତ୍ରିତ ହୋଇଥିଲେ। ପୁରୁଷମାନେ ମସଜିଦରେ ନମାଜ ପାଠ କରୁଥିବା ବେଳେ ମହିଳାମାନେ ଘରେ ନମାଜ ପାଠ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ନିଜ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପୁଣି ମସଜିଦରେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ପରେ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମସଜିଦକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

### ମହମ୍ମଦ ଜୟନ୍ତୀ ପାଳିତ

ବୋଲଗଡ଼,୨୮।୯(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଫାସୀଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମରେ ଥିବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମସଜିଦର ସଭାପତି ଜାବାରୀ ଖାଁଙ୍କ ନେତୃତ୍ୱରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଟାଙ୍ଗୀସାହି ମସଜିଦ ଠାରେ ବରେଲି ସମ୍ପ୍ରଦାୟର ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବା ସହ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ। ପରେ ମସଜିଦ ଠାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହା ହେଉଛି ଏକ ଭାଇଚାରାର ପର୍ବ । ଧର୍ମଗୁରୁ ମହମ୍ମଦଙ୍କୁ ମନେ ରଖିବା ପାଇଁ ଏହି ପର୍ବ ପାଳନ କରିବା ସହ ମୁସଲମାନ ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ମସଜିଦର ସମ୍ପାଦକ ପାପୁ ଅଲ୍ଲୀ ଖାଁଙ୍କ ସମେତ ଅସଲାମ ମହମ୍ମଦ, ସୁହେଲ ଖାଁ, ମୁଜାଫର ଖାଁ, ଇଲାଜ ଖାଁ ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ମାଣିକାଗୋଡା, କଡବ ଓ ଜାମୁସାହି ଠାରେ ଥିବା ବରେଲି ସମ୍ପ୍ରଦାୟର ମୁସଲମାନମାନେ ମଧ୍ୟ ମହମ୍ମଦଙ୍କ ଜୟନ୍ତୀ ପାଳନ କରିଥିଲେ।

## 'ଜନଜାତି ମହିଳାଙ୍କ ଭାଗୀଦାରିରେ ଜୀବନଶୈଳୀ ବଦଳିବ'




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୨୮।୯ (କାର୍ତ୍ତିକ ସାହୁ)

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଜନଜାତି ଚାଷୀଙ୍କ ନିମନ୍ତେ ୩ ଦିନିଆ ଗୁଣାତ୍ମକ ଧାନ ବିହନ ଉତ୍ପାଦନ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। କୃଷି ଉତ୍ପାଦନ ଇନ୍‌କ୍ୟୁବେଶନ୍ ସେଣ୍ଟର ଅନ୍ତର୍ଗତ 'ଧାନରେ ଗୁଣାତ୍ମକ ବିହନ ଉତ୍ପାଦନ' ଉପରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଜନଜାତି ଚାଷୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଜାତୀୟ ଖାଦ୍ୟ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ପାଇଁ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଜନଜାତି ମହିଳା ଚାଷୀ ଚାଷକାର୍ଯ୍ୟରେ ଭାଗୀଦାରି ହେଲେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର ଜନଜାତି ବହୁଳ ଅଞ୍ଚଳରେ ଧାନ ଚାଷର ବିକାଶ ହେବା ସହ ସେମାନଙ୍କର ଜୀବିକା ଓ ଜୀବନଶୈଳୀରେ ଉନ୍ନତି ହୋଇପାରିବ ବୋଲି ଡ. ନାୟକ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଗୁଣାତ୍ମକ ବିହନ ଉତ୍ପାଦନ, ବିହନ ଚୟନ, ଫସଲ କୀଟ-ପୋକ ପରିଚାଳନା, ଫସଲ ରୋଗ ପରିଚାଳନା, ବିହନ ସଂରକ୍ଷଣ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଏବଂ ଧାନର ମୂଲ୍ୟ ବୃଦ୍ଧି ଉପରେ ତାଲିମ ଦିଆଯିବ। ସେମାନେ ସିଧାସଳଖ ଧାନ ବିହନ ଉତ୍ପାଦନ ଉପରେ ପ୍ରଶିକ୍ଷଣ ନେବେ। ସେମାନଙ୍କୁ ଅନୁଷ୍ଠାନର ଫାର୍ମ ଏବଂ ଅନ୍ୟ ସୁବିଧା ବିଷୟରେ ଅବଗତ କରାଯିବ। ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜି.ଏ.କେ. କୁମାର ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ । ଫସଲ ଉନ୍ନୟନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ବିଷ୍ଣୁ ଚରଣ ମାରାଣ୍ଡି, ସମାଜ ବିଜ୍ଞାନ ବିଭାଗର ବରିଷ୍ଠ ବୈଜ୍ଞାନିକ ଡ. ସୁଦୀପ୍ତ ପାଲ ଯୋଗଦେଇଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରଧାନ ବୈଜ୍ଞାନିକ ଡ. ବିଶ୍ୱଜିତ୍ ମଣ୍ଡଳ ଧନ୍ୟବାଦ ଦେଇଥିଲେ ।

## ରାଧାନାଥଙ୍କ ନାଁରେ ବିଶ୍ୱବିଦ୍ୟାଳୟ, ଚେୟାର ପ୍ରତିଷ୍ଠା ହେଉ

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ ପରିସରରେ କବିବର ରାଧାନାଥଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଯୋଗଦେଇ ରାଧାନାଥଙ୍କ ସାହିତ୍ୟ ସାଧନା, ଆଧୁନିକ କାବ୍ୟଯୁଗ ଓ ତାଙ୍କର ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ ଓ ପ୍ରାଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇ କବିଙ୍କର ଜୀବନଦର୍ଶନ ଉପରେ ଆଲୋକପାତ କରିଥିଲେ। ରାଧାନାଥଙ୍କୁ ଅଦ୍ୟାବଧି ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇ ନାହିଁ ବୋଲି ମତପ୍ରକାଶ ପାଇଥିଲା। ସଭାପତିତ୍ୱ ଭାଷଣରେ ଦାସ କହିଥିଲେ, ରାଧାନାଥଙ୍କ କାବ୍ୟ ପ୍ରତିଭା ଯୁଗ ଯୁଗ ଧରି ଓଡ଼ିଆ ପାଠକଙ୍କୁ ଉଲ୍ଲସିତ କରିଆସିଛି । ତାଙ୍କ ରଚିତ ଭାରତ ଗୀତିକାର ଉଚ୍ଚ ପ୍ରଶଂସକ ଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ। ବ୍ୟାସ କବି ଫକୀରମୋହନ, ଗଙ୍ଗାଧର ମେହେର ଓ ସନ୍ଥକବି ଭୀମଭୋଇଙ୍କ ନାମରେ ବିଶ୍ୱ ବିଦ୍ୟାଳୟ ରାଜ୍ୟ ସରକାର ସ୍ଥାପନ କରିଛନ୍ତି । ସେହିପରି ରାଧାନାଥଙ୍କ ନାମରେ ଏକ ବିଶ୍ୱବିଦ୍ୟାଳୟ ଓ କବିବର ଚେୟାର ପ୍ରତିଷ୍ଠା ସହିତ କେନ୍ଦ୍ର ସରକାର ତାଙ୍କ ସ୍ମୃତିରେ ଡାକଟିକେଟ, ଲଫାପା ଉନ୍ମୋଚନ କରିବାକୁ ସଂସଦ ପକ୍ଷରୁ ଦାବି କରାଯାଇଛି। ସଭାରେ ସମ୍ପାଦକ ଶିଶୁ ସାହିତ୍ୟିକ ବିଭୁ ପ୍ରସାଦ ହରିଚନ୍ଦନ ସ୍ୱାଗତ ଅଭିଭାଷଣ ଓ ଡ.ଯୋଗେଶ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କୈଳାସ ମହାରଣା, ଡ. ବୃନ୍ଦାବନ ପଣ୍ଡା, ଆଶିଷ ରାୟ, ନୀଳାଦ୍ରିଭୂଷଣ ଜଗଦ୍ଦେବ, ଗାଳ୍ପିକ ତପନ ମହାପାତ୍ର, କବି ନାରାୟଣ ଦାସ, ପ୍ରଦୀପ ବେହେରା ଓ ବିଜୟ ସାମନ୍ତସିଂହାର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ରାଧାନାଥଙ୍କ ସମ୍ପର୍କରେ ଡ. ଚପଳା ପଣ୍ଡା, ପ୍ରିୟଦର୍ଶିନୀ ମହାରଣା, ବାସୁଦେବ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ଦିବ୍ୟଲୋଚନା ଭାଗିମଲ୍ଲ ପ୍ରମୁଖ ନିଜସ୍ୱ କବିତା ଆବୃତ୍ତି କରିଥିଲେ। ଖୋର୍ଦ୍ଧାର ବିଶିଷ୍ଟ ସାହିତ୍ୟିକ ତ୍ରୈଲୋକ୍ୟନାଥ ରଥଙ୍କ ବିୟୋଗରେ ନୀରବ ପ୍ରାର୍ଥନା ଓ ସ୍ମୃତିଚାରଣ କରାଯାଇଥିଲା। ଉପସଭାପତି ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

**ପୁଷ୍ପାଳକ ନିଯୋଗର ନୂତନ ସଭାପତି, ସମ୍ପାଦକ ଚୟନ**

ପୁରୀ,(ଅଜିତ୍ ମହାନ୍ତି): ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଲ୍ୟ ଖଳା ପ୍ରାଙ୍ଗଣରେ ପୁଷ୍ପାଳକ ନିଯୋଗର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନିଯୋଗର ପୂର୍ବତନ ସଭାପତି ରାମଚନ୍ଦ୍ର ସିଂହାରୀ ଏବଂ ସମ୍ପାଦକ ରବି ନାରାୟଣ କରଙ୍କ ଅଧକ୍ଷତାରେ ବିଗତ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇଥିଲା। ପରେ ସମସ୍ତଙ୍କ ଉପସ୍ଥିତିରେ ୨୦୨୨-୨୩ର ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ ହୋଇଥିଲା। ପରେ ସର୍ବସମ୍ମତିକ୍ରମେ ନୂତନ କାର୍ଯ୍ୟକର୍ତ୍ତା ନିଯୋଗର ଚୟନ କରାଯାଇଥିଲା। ନିଯୋଗର ସର୍ବସମ୍ମତିକ୍ରମେ ସଭାପତି ଭାବେ ମହାବରୀ ସିଂହାରୀ ଓ ସମ୍ପାଦକ ଭାବେ ହରେକୃଷ୍ଣ ସିଂହାରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ସାଧାରଣ ସଭାରେ ନିଯୋଗର ନୂତନ ଉପଦେଷ୍ଟା ଓ ପରିଚାଳନା କମିଟିର ସଭ୍ୟଙ୍କୁ ମନୋନୀତ କରାଯାଇଥିଲା।

**ସଂକ୍ଷେପରେ**

## ୨ରୁ ପଦଯାତ୍ରା ପାଇଁ ପ୍ରସ୍ତୁତି




ନିମାପଡ଼ା,୨୮।୯(ବିଚିତ୍ରାନନ୍ଦ ସାହୁ)

ରାଜ୍ୟ ସରକାରଙ୍କ ବିକାଶ ହିଁ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ଆଶାତୀତ ସଫଳତା ଆଣିଦେବ। ନିର୍ବାଚନରେ ନିମାପଡ଼ା ସମେତ ରାଜ୍ୟରେ ବିଜେଡି ବିପୁଳ ସଂଖ୍ୟାରେ ବିଜୟ ହାସଲ କରି ପୁନଶ୍ଚ ସରକାର ଗଠନ କରିବ। ନିମାପଡ଼ାଠାରେ ଆୟୋଜି ଏକ ଖବରଦାତା ସମ୍ମିଳନୀରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଦଳ ପକ୍ଷରୁ ନିମାପଡ଼ା ଓ ଗୋପ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପଦଯାତ୍ରା, ଦଳୀୟ ନେତୃବୃନ୍ଦମାନଙ୍କ ପ୍ରଶିକ୍ଷଣ ଶିବିର, ନିର୍ବାଚନମଣ୍ଡଳୀର ୨୨ଟି ଜୋନ୍‌ରେ ଯୁବଛାତ୍ର, ମହିଳା ସମାବେଶ ଆୟୋଜିତ ହେବା ସହ ପ୍ରତ୍ୟକ ୱାର୍ଡସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ୍ କରାଯିବ ବୋଲି ସମ୍ମିଳନୀରେ ବିଜେଡି ନେତୃବୃନ୍ଦମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶମୁଖୀ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରତ୍ୟକ ଗାଁଗଣ୍ଡା, ସହର ବଜାରର ଲୋକଙ୍କ ପାଖରେ ପହଞ୍ଚାଇବାକୁ ନେତୃବୃନ୍ଦମାନେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଦଳର ସାଙ୍ଗଠନିକ କାର୍ଯ୍ୟକୁ ନିଷ୍ଠାର ସହ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ନେତୃବୃନ୍ଦମାନେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଦାସିଆ ପୀଠରେ ଚାରା ରୋପଣ

ପୁରୀ,୨୮।୯(ଅଜିତ୍ ମହାନ୍ତି)

ଗଛ ବି କଥା କହେ। ଗଛ ବି ମଣିଷର ଭାବରେ ବିକଶିତ ହୁଏ। ଏଣୁ ଆମକୁ ଅମ୍ଳଜାନ ଦେଇ ବଞ୍ଚାଉଥିବା ଗଛକୁ ଅଧିକରୁ ଅଧିକ ଭଲପାଇବା ମଣିଷର କର୍ତ୍ତବ୍ୟ ହେଉ ବୋଲି କହିଛନ୍ତି ପ୍ରକୃତିବନ୍ଧୁ ବଦ୍ରି ମିଶ୍ର। ବାଲିଗାଁର ମହିଳା-ଶିଶୁମାନଙ୍କୁ ପରିବେଶ ସୁରକ୍ଷା ଉପରେ ଉଦ୍‌ବୋଧନ ଦେଇ ମିଶ୍ର କହିଥିଲେ ଯେ, ଗାଁ ଗାଁରେ ବୃକ୍ଷରୋପଣ ଆମର ଧର୍ମ ହେବା ଉଚିତ୍। ଏହି ଅବସରରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ଦାସିଆ ପୀଠ ବାଲିଗାଁରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ସହ ବୃକ୍ଷରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମ କରୁଥିବା ଏହି ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବଦ୍ରି ମିଶ୍ର, ମାନସ ଦାସ, ହେମନ୍ତ ନାୟକ, ବିଜୟ କୁମାର ମହାପାତ୍ର, ହେମନ୍ତ ସେଠୀ, ଡାକ୍ତର ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଡାକ୍ତର ସୁନୀଲ କୁମାର ତରାଇ, ଅଜିତ୍ ମଲୁଆଲ, ରଞ୍ଜିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଡାକ୍ତର ସୌମ୍ୟରଞ୍ଜନ, ସୁନୀଲ ଏବଂ ଅଜିତ ବୃକ୍ଷର ଔଷଧୀୟ ଗୁଣ ସମ୍ପର୍କରେ ମଧ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# କୁକୁର କାମୁଡ଼ିଲେ ତୁରନ୍ତ ଚିକିତ୍ସା କରନ୍ତୁ

**ବିଶ୍ୱ ଜଳାତଙ୍କ ଦିବସ**

ପୁରୀ,୨୮।୯(ଅଜିତ୍ ମହାନ୍ତି)




ଜିଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଜିଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ୨୦୨୩ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତା ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶ୍ୱ ଜଳାତଙ୍କ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। କିପରି ଭାବରେ ପଶୁ କାମୁଡ଼ିବା ଦ୍ୱାରା ଏହି ଜଳାତଙ୍କ ରୋଗ ଭୟଙ୍କର ହୋଇପାରେ ଏବଂ ଠିକ୍ ସମୟରେ ଚିକିତ୍ସା ନ କଲେ ଏହା ଦ୍ୱାରା ରୋଗୀ ମୃତ୍ୟୁମୁଖରେ ମଧ ପଡ଼ିଥାଏ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହିତ ପୋଷା ପଶୁମାନଙ୍କ ଯୋଗୁଁ ଜଳାତଙ୍କରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ଟୀକା ନେଇଯିବା ଉଚିତ୍ ବୋଲି କହିଥିଲେ। ଉକ୍ତ ସଭାରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ମନୋଜ କୁମାର ମହାନ୍ତି ବୁଲା କୁକୁର ବା ପୋଷା କୁକୁର କାମୁଡ଼ିଲେ ସଙ୍ଗେ ସଙ୍ଗେ ଉକ୍ତସ୍ଥାନକୁ ଭଲଭାବରେ ସାବୁନରେ ଧୋଇ ଦେବା ଉଚିତ ଏବଂ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଇବାକୁ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ ମଧ ଜଳାତଙ୍କ ରୋଗର ଭୟାବହତା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡାକ୍ତର ଦୀପକ କୁମାର ସାହୁ ଯୋଗଦେଇ ଜଳାତଙ୍କ ରୋଗର ନିରାକରଣ, ପ୍ରତିକାର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସ୍ୱାସ୍ଥ୍ୟବିଭାଗ ତରଫରୁ ଜିଲା ସ୍କୁଲରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା। ସେଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଡାକ୍ତର ସୁଜାତା ମିଶ୍ର ପୁରସ୍କୃତ କରିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ପରିଚାଳକ ଟି. ନାରାୟଣ ରାଓ, ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଡାଟା ମ୍ୟାନେଜେର ଦୀପକ କୁମାର ମହାପାତ୍ର ଏବଂ ସହକାରୀ ପରିଚାଳକ (ଆଶା) ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ସହକାରୀ ପରିଚାଳକ (ତାଲିମ) ମନୋଜ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ଲିଖିତ ପୁସ୍ତକ 'ବିଚକ୍ଷଣ ବାଗ୍ମୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ବିଚକ୍ଷଣ ବାଗ୍ମୀ ପୁସ୍ତକ ଉନ୍ମୋଚିତ

କଣାସ,୨୮।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତ ନୂଆଗାଁ ଗ୍ରାମର କବି କସ୍ତୁରୀ ଦିଲୀପ ଶ୍ରୀଚନ୍ଦନଙ୍କ ଲିଖିତ ପୁସ୍ତକ 'ବିଚକ୍ଷଣ ବାଗ୍ମୀ' ବୁଧବାର ସଂସ୍କୃତି ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ପ୍ରସାଦ ହରିଚନ୍ଦନ, ପଦ୍ମଶ୍ରୀ ପ୍ରଭାକର ମହାରଣା, ବାବା ବିଭୂତି ଦାସ ମହାରାଜ, କଣ୍ଠଶିଳ୍ପୀ ଗୀତା ଦାସ, ଅଧ୍ୟାପକ ଶଶାଙ୍କ ଚୁଡ଼ାମଣି ପ୍ରମୁଖ ଏହି ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। ପୁସ୍ତକରେ ୩୬ଟି ଅଧ୍ୟାୟରେ କୁମାର କବିଙ୍କ ସମ୍ପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ସୂଚନା ଥାଉକି, ଶ୍ରୀଚନ୍ଦନଙ୍କ ପୂର୍ବରୁ ୧୯ଟି ପୁସ୍ତକ ପ୍ରକାଶ ପାଇଛି।

# ଆନ୍ତର୍ଜାତିକ ନିରାପଦ ଗର୍ଭପାତ ଦିବସ

ପୁରୀ, ୨୮।୯(ଅଜିତ୍ ମହାନ୍ତି)

ଆନ୍ତର୍ଜାତିକ ନିରାପଦ ଗର୍ଭପାତ ଦିବସ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ପରିସରରେ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସୁରକ୍ଷିତ ଗର୍ଭପାତ ଦ୍ୱାରା ମାତୃମୃତ୍ୟୁକୁ ଅନେକାଂଶରେ କମାଇ ଦେଇ ହେବ ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଶୁଭେନ୍ଦୁ ବିକାଶ ପଟ୍ଟନାୟକ, ରଜତ ମଞ୍ଜରୀ ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ମନୋଜ କୁମାର ମହାନ୍ତି , ଦୀପକ କୁମାର ସାହୁ, ଟି. ନାରାୟଣ ରାଓ ପ୍ରମୁଖ ଯୋଗଦେଇଥିଲେ। ୨୦୨୧ରେ ସଂଶୋଧିତ ଏମ୍‌ଟିପି ଅଧିନିୟମ ୧୯୭୧ ଅନୁଯାୟୀ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ଆଇନସମ୍ମତ ବୋଲି ସୂଚନା ଦେଇଥିଲେ। ଗର୍ଭପାତ ଯେତେଶୀଘ୍ର ହେବ ସେତିକି ସହଜ, ସୁରକ୍ଷିତ ଓ ସରଳ ହେବ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥିଲେ। ସୁରକ୍ଷିତ ଗର୍ଭପାତ କରାଇବାରେ ଉପଯୁକ୍ତ ସମୟ ଓ ବିଧି ରହିଛି । ୯ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା, ୧୨ ସପ୍ତାହ ମଧ୍ୟରେ ଏମ୍‌ଭିଏ ପଦ୍ଧତି ଦ୍ୱାରା, ୧୨ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା ଗର୍ଭପାତ କରାଯାଇଥାଏ। ଏହି ସୁରକ୍ଷିତ ଗର୍ଭପାତ କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଏ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର କୁମାର ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ଭଗତ ସିଂଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

ପୁରୀ,୨୮।୯(ଅଜିତ୍ ମହାନ୍ତି)




ଭଗତ ସିଂଙ୍କ ଜୟନ୍ତୀରେ ଆୟୋଜିତ ଶିବିରରେ ଜଣେ ଯୁବତୀ ରକ୍ତଦାନ କରୁଛନ୍ତି ।

ଶହୀଦ ଭଗତ ସିଂଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଜିଲା କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ପୁରୀବାସୀ ସ୍ୱେଚ୍ଛାକୃତ ଭାବେ ସହିଦ୍ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ରକ୍ତଦାନ କରିଥିବା ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଯୁବକମାନଙ୍କ ଦଳ ଏବଂ ସବୁବେଳେ ଶହୀଦ ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ। ଅତିକମ୍ ବୟସରୁ ଦେଶ ପାଇଁ ଲଢ଼ି ବଳିଦାନ ଦେଇଥିଲେ ସିଂ। ଏହିଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟେ ଜୟନ୍ତୀକୁ ଆମ୍ ଆଦ୍‌ମୀ ପାର୍ଟି ସେବାକାର୍ଯ୍ୟ ବା ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ କରୁଛି ବୋଲି ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି। ଶିବିରରେ ପ୍ରାୟ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସେବା ସଂଗଠନର ସଦସ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାହିଭାଇ ସଂଗଠନ ସଭାପତି ଅଜୁ ମିଶ୍ର, ଉର୍ଜବାନ ଓଡ଼ିଶାର ସଭାପତି ସନ୍ତୋଷ ସେନାପତି ଏବଂ ସମ୍ପାଦିକା ନିହାରିକା ତ୍ରିପାଠୀ, ଲାୟନ୍ସ କ୍ଲବ୍‌ର ପୂର୍ବତନ ସଭାପତି ଶିବ ସେନାପତି, ଜିଲା ସ୍କୁଲ ଆଥ୍‌ଲେଟିକ ଟ୍ରେନର ଜୟନ୍ତ ବେହେରା ଅତିଥିଭାବେ ଉପସ୍ଥିତ ରହି ସମସ୍ତ ରକ୍ତଦାନ କରୁଥିବା ସାଥୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ସହ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଆଜିଠାରୁ ସପ୍ତମ ଦିବସୀୟ ପ୍ରବଚନ ଆରମ୍ଭ

ପିପିଲି,୨୮।୯(ପ୍ରଭାତ ମହାପାତ୍ର)

ପିପିଲି ବଜାରସ୍ଥିତ ମା' କନକ ଦୁର୍ଗା ଦେବୀ ମଣ୍ଡପରେ ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ଦିବସୀୟ ପ୍ରବଚନ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବେଦ, ଉପନିଷଦ, ଭଗବତ୍ ଗୀତାର ସାର ଗର୍ଭକ ତତ୍ତ୍ୱ ଦର୍ଶନ ଉପରେ ଜଗଦ୍‌ଗୁରୁ ଶ୍ରୀ କୃପାଳଜୀ ମହାରାଜଙ୍କ ପ୍ରିୟ ଶିଷ୍ୟା ତଥା ସନାତନ ପ୍ରବଚିକା ସାଧ୍ୱୀ ରାସେଶ୍ୱରୀ ଦେବୀଜୀଙ୍କ ଦର୍ଶନ ଆଧାରିତ ପ୍ରବଚନ ଏଲ୍‌ସିଡି ମାଧ୍ୟମରେ ଚାଲୁ ରହିବ। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମ ହେବ। ଶ୍ରୋତାଙ୍କ ଆଗମନ ନିମନ୍ତେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଷ୍ଠାନକୁ ନିମନ୍ତ୍ରଣ ସହିତ ଅନେକ ବୁଦ୍ଧିଜୀବୀଙ୍କୁ ସମ୍ପର୍କ କରାଯାଇଛି। ଏକ ଆୟୋଜନ ସମିତି ଗଠନ କରାଯାଇ ପିପିଲିରେ ଏହି ଆଧ୍ୟାତ୍ମିକ ପ୍ରଚନ କାର୍ଯ୍ୟକ୍ରମର ସୁବ୍ୟବସ୍ଥା କରାଯାଇଛି।

## ହୋମିଓପାଥିକ୍ ଚିକିତ୍ସକ ଭାଗ୍ୟଧର ବିଶ୍ୱାଳଙ୍କ ପରଲୋକ

ଖୋର୍ଦ୍ଧା,୨୮।୯(ପ୍ରଭାତ ପାଣିଗ୍ରାହୀ)

ହୋମିଓପାଥିକ୍ ଚିକିତ୍ସକ ଡା. ଭାଗ୍ୟଧର ବିଶ୍ୱାଳଙ୍କ ୭୬ ବର୍ଷ ବୟସରେ ବିଡିଏ କଲୋନୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ଭାଗ୍ୟଧର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ରାଜ୍ୟର ବିଭିନ୍ନ ହୋମିଓପାଥିକ୍ ଚିକିତ୍ସାଳୟରେ ସେ କାର୍ଯ୍ୟ କରିଛନ୍ତି। ଏଥିସହ ବିଭିନ୍ନ ସମାଜମଙ୍ଗଳ କାର୍ଯ୍ୟରେ ସେ ନିଜକୁ ନିୟୋଜିତ ରଖିଥିଲେ।

# ଟ୍ରାକ୍ଟରରୁ ଯନ୍ତ୍ରାଂଶ ଚୋରି, ଜଣେ ଗିରଫ

ଗୋପ,୨୮।୯(ଭାରତୀ ଭୂଷଣ ଉପାଧ୍ୟାୟ)

୩ ଟ୍ରାକ୍ଟରରୁ ଯନ୍ତ୍ରାଂଶ ଚୋରି ମାମଲାରେ ଗୋପ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଥାନା ଅଧୀନ ଏରବଙ୍ଗ ଗାଁର ଶିବପ୍ରସାଦ ବରାଳ (୩୪)। ଏନେଇ ପୋଲିସ ୩୮୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୨୫ ତାରିଖ ବିଳମ୍ବିତ ରାତ୍ରରେ ଏରବଙ୍ଗ ଗାଁର ଟ୍ରାକ୍ଟର (ଓଡି୦୨ବି ଏକ୍ସ୫୫୩୨/ ଓଡି ୧୩ କ୍ୟୁ ୯୯୧୮/ଓଡି ୦୨-୪୬୪୧)ରୁ ୨ ଅଭିଯୁକ୍ତ ପ୍ରାୟ ୫୦ ହଜାରରୁ ଅଧିକ ଟଙ୍କାର ଯନ୍ତ୍ରାଂଶ ଚୋରି କରି ଗୋପ ବଜାରର ଏକ କବାଡିଆ ଦୋକାନରେ ବିକ୍ରି କରିଥିଲେ। ଏନେଇ ୩ ଟ୍ରାକ୍ଟର ମାଲିକ ଥାନାରେ ଅଭିଯୋଗ କରିଥିଲେ। ପରେ ଶିବପ୍ରସାଦଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ସେ ଚୋରା ଜିନିଷ କବାଡ଼ିଆ ଦୋକାନରେ ବିକ୍ରି କରିଥିବା ସହ ଅନ୍ୟ ଅଭିଯୁକ୍ତଙ୍କ ନାମ କହିଥିଲେ। ଅଭିଯୁକ୍ତଙ୍କ ବୟାନରେ ପୋଲିସ କବାଡିଆ ଦୋକାନୀଙ୍କୁ ଡାକି ପଚାରିବାରେ ସେ ଚୋରି ଟ୍ରାକ୍ଟର ଯନ୍ତ୍ରାଂଶ ରଖିଥିବା ମାନିଥିଲେ। ସୂଚନାଯୋଗ୍ୟ, ବାରମ୍ବାର ବିଭିନ୍ନ ଜିଲାରୁ ବଡ଼ ବଡ଼ ବସ୍, ଟ୍ରକ ଚୋରି ହୋଇ ଏହି ସବୁ କବାଡିଆ ଦୋକାନରେ କଟା ଯାଇ ରାଜ୍ୟ ବାହାରକୁ ପଠାଇ ଦିଆଯାଉଛି। ଏପରି କି କିଛିଦିନ ତଳେ ଯାଜପୁର ଜିଲାରୁ ଏକ ୧୦ଚକିଆ ଟ୍ରକ ଚୋରି ଅଭିଯୋଗରେ ପୋଲିସ ଗାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଭଳି ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ବି ପୋଲିସ କେମିତି ଅଭିଯୁକ୍ତଙ୍କୁ ଛାଡିଲା ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଥିପ୍ରତି ଜିଲା ଏସ୍‌ପି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କୁ ପଚାରିବାରେ, ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇଥିବାବେଳେ ଫେରାର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି କହିଥିଲେ। ହେଲେ କବାଡିଆ ଉପରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

# ଟ୍ରକ ମାଲିକ, ଚାଳକଙ୍କୁ ଆକ୍ରମଣ, ଲୁଟ୍ ଅଭିଯୋଗରେ ଅଭିଯୁକ୍ତ ଗିରଫ

ନିମାପଡ଼ା,୨୮।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଖେଲାର ବଜାରଠାରେ ଥିବା ଏକ ପେଟ୍ରୋଲ୍ ପମ୍ପରେ ଟ୍ରକ ମାଲିକଙ୍କୁ ଗାଳିଗୁଲଜ ସହ ଚାଳକଙ୍କୁ କଟୁରିରେ ଆକ୍ରମଣ ଏବଂ ୪୦ ହଜାର ଟଙ୍କା ଲୁଟ୍ ଅଭିଯୋଗରେ ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ଗରପଦା ଗ୍ରାମର ଜୟଦେବ ପ୍ରଧାନ। ଆକ୍ରମଣରେ ଡ୍ରାଇଭର ବାଲିପାଟଣା ଥାନା ଅଞ୍ଚଳର ନୀହାର ରଞ୍ଜନ ରାଉତରାୟଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଛି। ତାଙ୍କୁ ଗାଡ଼ି ମାଲିକ ଓ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପୋଲିସ ୩୫୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୟଦେବଙ୍କ ବିରୋଧରେ ପୂର୍ବରୁ ଏକ ଘରପୋଡ଼ି ଓ ଏକ ବାଇକ୍ ଚୋରି ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପୋଲିସ କହିଛି।

ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ହରିଶପୁର ଗ୍ରାମର ଟ୍ରକ ମାଲିକ ସୁକାନ୍ତ ରାଉତରାୟ ଓ ଡ୍ରାଇଭର ନୀହାର ଗତ ୨୬ ତାରିଖ ରାତିରେ ଖେଲାର ପେଟ୍ରୋଲ ପମ୍ପରେ ଗାଡ଼ିରେ ତେଲ ପକାଉଥିଲେ। ଏହି ସମୟରେ ଜୟଦେବ ଟ୍ରକ୍‌କୁ ଅଟକାଇ ମାଲିକ ଓ ଡ୍ରାଇଭରଙ୍କୁ ମଦ ଏବଂ ଦାଦାବଟି ମାଗିଥିଲେ। ସେମାନେ ଦାଦା ବଟି ଦେବାକୁ ମନା କରିବାରୁ ଜୟଦେବ ଏକ ଧାରୁଆ କଟୁରିରେ ନୀହାରଙ୍କ ମୁଣ୍ଡ ଏବଂ ହାତକୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କ ବେକରୁ ସୁନା ଚେନ ନେଇ ଯାଇଥିଲେ। ଏଥିସହ ଟ୍ରକରୁ ୪୦ ହଜାର ଟଙ୍କା ନେଇଯାଇଥିଲେ। ଏନେଇ ସୁକାନ୍ତ ଥାନାରେ ଅଭିଯୋଗ କରିଛନ୍ତି।

# ଭାଜପାରେ ଯୋଗଦେଲେ ୨ଶହ ବିଜେଡି କର୍ମୀ

ନିମାପଡ଼ା,୨୮।୯(ବିଚିତ୍ରାନନ୍ଦ ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଭାଜପାର ମୁଖ୍ୟଲକ୍ଷ୍ୟ। ଖୁବ୍‌ଶୀଘ୍ର ନିମାପଡ଼ା ସମେତ ରାଜ୍ୟର ଅହଂକାରୀ, ଭ୍ରଷ୍ଟାଚାରୀ ଶାସନର ଅବସାନ ଘଟିବ। ନିମାପଡ଼ାଠାରେ ଭାଜପା ପକ୍ଷରୁ ଆୟୋଜିତ ଏକ ମିଶ୍ରଣ ପର୍ବରେ ଭାଜପା ବରିଷ୍ଠ ନେତା ଦିଲୀପ ନାୟକ ଯୋଗଦେଇ ଏହା କହିଛନ୍ତି। ଏଥିରେ ଅତିଥି ଭାବେ ନାୟକଙ୍କ ବ୍ୟତୀତ ଭାଜପା ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ମଣ୍ଡଳ ସଭାପତି ମାନସ ପ୍ରଧାନ, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ନିରଞ୍ଜନ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ପ୍ରଶାନ୍ତ ସ୍ୱାଇଁ, ସନ୍ତୋଷ ରଥ, ଅଜୟ ଭୋଇ, ଶୁଭଜିତ୍ ବାରିକ୍, ଗଙ୍ଗାଧର ଜେନାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ବୁଥ୍‌ସ୍ତରରୁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ, କ୍ରିୟାଶୀଳ କରିବା, ଦଳୀୟ କାର୍ଯ୍ୟକ୍ରମକୁ ଠିକ୍ ଭାବେ ତ୍ୱରାନ୍ୱିତ କରିବା ଦିଗରେ ପ୍ରତ୍ୟେକ କର୍ମୀ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମାରୋହରେ ନିମାପଡ଼ା ଅଧୀନ ଶାଇଁସ ଶାସନ ଗ୍ରାମ ପଞ୍ଚାୟତର ପ୍ରାୟ ୨ଶହ ବିଜେଡି କର୍ମୀ ଦଳ ତ୍ୟାଗ କରି ରାମଚନ୍ଦ୍ର ରଥ, ନନ୍ଦ କିଶୋର ସ୍ୱାଇଁ, ଆନନ୍ଦ ଖଟୋଇ, ମଙ୍ଗୁଳି ମାଝି, ଉଦୟନାଥ ଜେନା, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇଛନ୍ତି। ଅତିଥିମାନେ ଦଳରେ ଯୋଗଦେଇଥିବା କର୍ମୀଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ପ୍ରାୟ୨୫୦ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ଭାଜପାରେ ଯୋଗଦେଇଥିବା ବିଜେଡି କର୍ମୀ।

# ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ସାକ୍ଷୀଗୋପାଳ,୨୮।୯(ଭରତ ରାଉତ)

ସେପ୍ଟେମ୍ବର ପହିଲାରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ପୋଷଣ ମାସ ପାଳନ ଅବସରରେ ସତ୍ୟବାଦୀ ବ୍ଲକ ଅଧୀନ ବୀର ରାମଚନ୍ଦ୍ରପୁର, କାଦୁଆ, ସାଣ୍ଡରା, ଦାସ ବିଦ୍ୟାଧରପୁର କ୍ଲଷ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା ମହିଳା, ଛାତ୍ରୀଛାତ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ବାଲିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ମାସ ଗୁରୁବାର ପାଳିତ ହୋଇଯାଇଛି। ଦେଶରୁ କୁପୋଷଣ ଦୂର କରି ଏକ ସୁସ୍ଥ ଭାରତ ଗଠନ ନିମନ୍ତେ ସମସ୍ତ ଗର୍ଭବତୀ, କିଶୋରୀଙ୍କୁ ସାଧାରଣତଃ ଘରେ ପ୍ରତିଦିନ ବ୍ୟବହୃତ ହେଉଥିବା ଶସ୍ୟ, ଡାଲି, ତେଲ, ଘିଅ, ପନିପରିବା ଓ ଫଳର ସୁସ୍ୱାଦୁ ପୋଷକଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ଜନ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ସ୍ଥାନୀୟ ସରପଞ୍ଚ ବର୍ଷା ରାଣୀ ସେଠୀ, ବାଲିସାହି ଚନ୍ଦ୍ରକୋଟ ସ୍କୁଲ ପ୍ରଧାନ ଶିକ୍ଷକ ବିଜୟ ସାହୁ, ବ୍ଲକ ମହିଳା ସୁପରଭାଇଜର ପୀୟୂଷରାଣୀ ପଣ୍ଡା, ଯୋଗ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।



# ନଭେମ୍ବର ୪ରେ କୋଣାର୍କ ଅବରୋଧ କରିବ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି

**ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଦାବି**

କୋଣାର୍କ,୨୮।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସମେତ ଏହାର ଆଖପାଖ ଅଞ୍ଚଳର ୧୦ଟି ମୌଜାର ଜମିଜମା ସମସ୍ୟାର ସମାଧାନ ଓ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ଦାବିରେ କୋଣାର୍କ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ହେଲେ ମଧ ଏହି ସମସ୍ୟାର ସମାଧାନ ଏଯାବତ୍ ହୋଇପାରିନାହିଁ । ଏନେଇ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ପ୍ରଜାମାନେ ନଭେମ୍ବର ୪ ତାରିଖରେ କୋଣାର୍କକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାକୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ସମସ୍ୟାର ସମ୍ମୁଖୀନ ହୋଇଥିବା କୋଣାର୍କ, ମାଧିପୁର, ବେରୁହଁ, ସୁତନ, ତରକୋର, ଖାଲକଟାପାଟଣା, ବାଙ୍ଗୋରବରପଦା, ଗଡ଼ବାଙ୍ଗୋର, ଭୁଆଁ ଓ ଜୁଣେଇଁ ରାଜସ୍ୱ ଗ୍ରାମର ପ୍ରଜାମାନେ ପ୍ରଶାସନର ଏତାଦୃଶ ବେଆଇନ କାର୍ଯ୍ୟକୁ ଘୋର ବିରୋଧ କରୁଛନ୍ତି। ଲୋକଙ୍କ ମାଲିକାନା ସ୍ୱତ୍ୱକୁ ଖାରଜ କରି ସରକାରୀ ଖାତାରେ ରଖିବା ଫଳରେ ପୁରୁଷାନୁକ୍ରମିକ ଭାବେ ଭୋଗ ଦଖଲରେ ଥିବା ବାସିନ୍ଦା ସେମାନଙ୍କ ଭିଟାମାଟି ହରାଇବା ନିଶ୍ଚିତ ହୋଇଛି। ରାଜସ୍ୱ ବିଭାଗର ଏପରି ଅବିଚାର ବିରୋଧରେ ଭୂ-ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇଥିବା କମିଟି ସଭାପତି ସୁକାନ୍ତ ମହନ୍ତି ସୂଚନା ଦେଇଛନ୍ତି। ଦାବି ପୂରଣ ନ ହେବାଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏ ଅଞ୍ଚଳର ବାସିନ୍ଦାମାନେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ପାଇପାରୁ ନ ଥିବାବେଳେ ଗୃହ ନିର୍ମାଣ, ମାଛ ଚାଷ ପାଇଁ ପୋଖରୀ ଖୋଳା, ଉଦ୍ୟାନ କୃଷି, କୁକୁଡ଼ା ଓ ଗୋ ପାଳନ ଇତ୍ୟାଦି ପାଇଁ ବ୍ୟାଙ୍କରୁ ଋଣ ପାଇପାରୁ ନାହାନ୍ତି। ଏତଦ୍‌ବ୍ୟତୀତ ନିଜସ୍ୱ ଜମିଜମା ସମ୍ବନ୍ଧୀୟ କାଗଜପତ୍ର ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନିମନ୍ତେ ଜାତିଗତ ପ୍ରମାଣପତ୍ର, ଆବାସ ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣ ଓ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ପ୍ରମାଣପତ୍ର ମିଳିପାରୁ ନାହିଁ। ଏନେଇ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ ଓ ଗୋପ ତହସିଲଦାରଙ୍କୁ ଲିଖିତ ଭାବେ ପୂର୍ବରୁ ଅବଗତ କରାଯାଇଛି।

**ସଂକ୍ଷେପରେ**

## ଡେଙ୍ଗୁ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର

ବାଙ୍କୀ,୨୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବ୍ଲକସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟଚିକିତ୍ସା ଅଧିକାରୀ ଡ.ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲାପରିଷଦ ସଭ୍ୟା ମିନତୀ ମହାପାତ୍ର ଏବଂ ଆଶିଷ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଟକରୁ ଆସିଥିବା ଡାକ୍ତର କୌଶିକ ପାଣ୍ଡି, ଟେକ୍ନିସିଆନ୍ ରାମଚନ୍ଦ୍ର ଖଟୁଆ ଏବଂ ତାଙ୍କ ଦଳ ସମୁଦାୟ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶୁଭଲକ୍ଷ୍ମୀ ମାହନ୍ତ ପ୍ରଥମେ ରକ୍ତ ଦାନ କରି ଥିଲେ। ଚିକିତ୍ସାଧିନ ଥିବା ଡେଙ୍ଗୁ ରୋଗୀଙ୍କ ଉଦ୍ଦେଶ୍ୟରେ ଏହି ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ୭ ଜଣ ବ୍ୟକ୍ତି ଇଚ୍ଛାକୃତ ଭାବେ ଅଙ୍ଗଦାନ କରିବା ପାଇଁ ସହମତି ପ୍ରକାଶ କରି ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜିକରଣ କରିଥିଲେ। ଶିବିରକୁ ଜନସମ୍ପ୍ରସାରଣ ଅଧିକାରୀ ମହାନ୍ତଙ୍କ ସମେତ ବ୍ଲକ ଆକାଉଣ୍ଟ ମ୍ୟାନେଜର ଅନୀତା ମହାରଣା ଏବଂ ଫାର୍ମାସିଷ୍ଟ ଉମାକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ ।

## ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷାଙ୍କ ପରଲୋକ

**ଆଠଗଡ,୨୮।୯(ସତ୍ୟପ୍ରସାଦ ରଥ):** ଆଠଗଡ ଏନଏସିର ପୂର୍ବତନ ଉପାଧ୍ୟକ୍ଷା ତଥା ଆଠଗଡ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀଙ୍କ ମା' ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ରାଧାନାଥ ପୁର ଶାସନସ୍ଥିତ ବାସଭବନରେ ଗୁରୁବାର ପୂର୍ବାହ୍ନରେ ପରଲୋକ ଘଟିଛି। ଲକ୍ଷ୍ମୀପ୍ରିୟା ୨୦୦୨ରେ ଆଠଗଡ ଏନ୍‌ଏସି ଅନ୍ତର୍ଗତ ୬ନଂ.ୱାର୍ଡରୁ ବିଜେଡିରୁ ପ୍ରାର୍ଥୀ ହୋଇ ଏନ୍‌ଏସିର ଉପାଧ୍ୟକ୍ଷା ଭାବେ ପଦାସୀନ ଥିଲେ। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ



ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର, ଭାଜପା ନେତା ବ୍ରଜେନ୍ଦ୍ର ରାଏ, ଆଠଗଡ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରାଉତ, କେଶବ ଜେନା, ସ୍ଥାନୀୟ କାଉନସିଲର ସିପ୍ରା ଦାଶ, ଅଲୂପ ଦାଶ,ଓକିଲ ସଂଘ ସମ୍ପାଦକ ବନ ବିହାରୀ ସାହୁ, ପୂର୍ବତନ ସଭାପତି ସତେନ ପଣ୍ଡା ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପରେ ବିଜେଡି କାର୍ଯ୍ୟାଳୟର ସୂର୍ଯ୍ୟ ଭବନରେ ଏନଏସି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଆଠଗଡ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ପୂର୍ବାହ୍ନ ୧୧ଟାରେ ଆଠଗଡ ରାଧାନାଥପୁର ଶାସନର ପୂର୍ବତନ କାଉନସିଲର ରବିନାରାୟଣ ମିଶ୍ରଙ୍କ ପରଲୋକ ଘଟିଛି। ପୁରୀ ସ୍ୱର୍ଗଦାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଅଣ୍ଡା ବଦଳରେ ପୋକରା ସୋୟାବିନ୍ ତରକାରି

■ ଅଙ୍ଗନୱାଡି କେନ୍ଦ୍ରରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଷଣ
■ ଉପଜିଲାପାଳଙ୍କ ନିକଟରେ ଅଭିଭାବକଙ୍କ ଅଭିଯୋଗ

ବାଙ୍କୀ,୨୮।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ରଘୁନାଥ ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ ଜଳଖିଆ ଓ ମଧ୍ୟାହ୍ନ ଭୋଜନରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଦିଆଯାଉଥିବା ଗୁରୁବାର ଅଭିଯୋଗ ହୋଇଛି। ଏପରିକି ଅଣ୍ଡା ବଦଳରେ ପୋକରା ସୋୟାବିନ୍ ବଡି ତରକାରି ଦିଆଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ଶ୍ୟାମସୁନ୍ଦର ସାହୁ, ଶେଷନ ସେନାପତି, ବେବିନା ସାହୁ, ଜୟନ୍ତ ସାହୁ, ରାମଚନ୍ଦ୍ର ସାହୁ,



ଅଭିଭାବକମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।



ପୋକରା ସୋୟାବିନ ତରକାରି।

ନାରଣ ସାହୁ ଓ ପ୍ରଧୀର ସେଠୀ ପ୍ରମୁଖ ଅଭିଭାବକମାନେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଅଙ୍ଗନୱାଡି କର୍ମୀ ଓ ପାଚିକାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ଜେନାଙ୍କ ପକ୍ଷରୁ ସମନ୍ୱିତ ଶିଶୁବିକାଶ ଅଧିକାରୀଙ୍କୁ ଚିଠି କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ଜେନା ପ୍ରକାଶ କରିଛନ୍ତି।




ବଡ଼ମ୍ବା ବ୍ଲକ ସାନବାରସିଂ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମାଣ୍ଡିଆ ରୋଷେଇ ପ୍ରତିଯୋଗିତାରେ ଭାଗନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ।

# ବୁଡ଼ିଯାଉଥିବା ମାଣ୍ଡିଆ ଚାଷକୁ ପୁନର୍ବାର କରାଯାଉ

**ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ଉପଲକ୍ଷେ ରୋଷେଇ ପ୍ରତିଯୋଗିତା**

ବଡ଼ମ୍ବା,୨୮।୯(ମାୟାଧର ମଲ୍ଲିକ)

ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ପାଳନ ଅବସରରେ ଗୁରୁବାର ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସାନବାରସିଂ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଏକ ମାଣ୍ଡିଆ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ତଥା ଜିଲା କୃଷି ବିଭାଗ ଓ ନିଗମ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ବୁଡ଼ି ଯାଉଥିବା ମାଣ୍ଡିଆ ଚାଷ ପୁନର୍ବାର କରିବାକୁ କହିଥିଲେ।

ଏଥିସହ ଚାଷୀଙ୍କୁ ରୋଜଗାରକ୍ଷମ କରିବାକୁ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ମଙ୍ଗୁଳି ସାହୁ, ସୁଶାନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର ବୋଲି କହିଥିଲେ। ବ୍ଲକର ପ୍ରାୟ ୧୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଣ୍ଡିଆ ରୋଷେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ଚରଣ ନାୟକ, ଜିଲା କୃଷି ଅଧିକାରୀ ପର୍ଶୁରାମ ରାଉତ, ଜିଲା ଯୋଜନା ଅଧିକାରୀ ଅସୀମା ମିଶ୍ର, ଅତିରିକ୍ତ ଜିଲା କୃଷି ଅଧିକାରିଣୀ ମୋନାଲିସା ବେହେରା, ଉଦ୍ୟାନ କୃଷି ବିଭାଗ ଅଧିକାରୀ ସୁଜତା ସେଠୀ, ବଡ଼ମ୍ବା ବ୍ଲକ କୃଷି ଅଧିକାରୀ ଶିବାଶିଷ ମିଶ୍ର, ସହକାରୀ କୃଷି ଅଧିକାରିଣୀ ସ୍ମରଣିକା ବିଶ୍ୱାଳ, ବିଳାସିନୀ ମହାପାତ୍ର, ଗ୍ରାମ କୃଷି ସେବକ ଅଜିତ କିଷାନ, ଗୌତମ ନାଏକ ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷ ଓ ଏହାର ବିକ୍ରି ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ପରିଶେଷରେ ମାଣ୍ଡିଆ ରୋଷେଇ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କଟକ ଜିଲା କୃଷି ଅଧିକାରୀ ପର୍ଶୁରାମ ରାଉତ ଧନ୍ୟବାଦ ଦେଇଥିଲେ। ନିଗମ ଅନୁଷ୍ଠାନର ସରୋଜ ସାମଲ, ଦାଶରଥି ସେନାପତି, କିଶାନ ପ୍ରଧାନ, ଜ୍ୟୋତିରଞ୍ଜନ ମଲ୍ଲିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୮।୯(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଡ଼କ୍ଷୀର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ଏହି ଗ୍ରାମର ସୁନାକର ସାମଲଙ୍କ ସ୍ତ୍ରୀ ସରସ୍ୱତୀ ବେହେରା। ତାଙ୍କ ବାପ ଘର ଏହି ଥାନା ଅନ୍ତର୍ଗତ ଗୋପପୁର ଗ୍ରାମରେ ହୋଇଥିବାବେଳେ ସେ କିଛି ବର୍ଷ ପୂର୍ବେ ସୁନାକରଙ୍କୁ ପ୍ରେମ ବିବାହ କରିଥିଲେ। ଏବେ ସରସ୍ୱତୀଙ୍କ ୨ ପୁତ୍ର ସନ୍ତାନ ଅଛନ୍ତି। ଶାଶୁଘର ଲୋକଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ସରସ୍ୱତୀ କୌଣସି କାରଣରୁ ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସ୍ୱାମୀ ସୁନାକର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏସମ୍ପର୍କରେ ଥାନାରେ ମାମଲା (ନଂ.୧୬/୨୦୨୩) ରୁଜୁ ହୋଇଥିବା ଥାନା ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି।

## ୨ ସାମାଜିକ କର୍ମୀଙ୍କ ଅକାଳ ବିୟୋଗ

ନିଶ୍ଚିନ୍ତକୋଇଲି,୨୮।୯
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ସାଧୁପୁର ଗ୍ରାମର ସାମାଜିକ କର୍ମୀ ତଥା କବି ସାରଦା ପ୍ରସାଦ ନାୟକ(୫୮)ଙ୍କର କର୍କଟ ରୋଗରେ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି। ସାରଦା ଆଇଆରବିଏନରେ ଚାକିରି କରି ଦେଶ ସେବା କରିଥିଲେ। ନିକଟରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। କିଛିଦିନ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଗୁରୁବାର ସକାଳେ ତାଙ୍କର ପରଲୋକ ହୋଇଯାଇଥିଲା। ସେହିପରି ବୁହାଲୋ ଗ୍ରାମର ସାମାଜିକ କର୍ମୀ ରଘୁନାଥ ମୁଦୁଲି(୮୦)ଙ୍କ ତାଙ୍କ ବାସଭବନରେ ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ସଂସ୍କାର କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ବିନୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ

କଟକ,୨୮।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସହରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାହି ମସ୍‌ଜିଦ୍ କମିଟି ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତେ ନିଜ ସାହି ପରିକ୍ରମା କରିବା ପରେ ମାତାମଠ ଛକଠାରେ ଏକାଠି ହୋଇଥିଲେ। ସେଠାରୁ ଏକତ୍ରିତ ଭାବେ ଶୋଭାଯାତ୍ରାରେ ବାହାରି ବକ୍ସିବଜାର, ସୁତାହାଟ ଦେଇ କଦମ-ଇ-ରସୁଲଠାରେ ପହଞ୍ଚିଥିଲେ। ସେଠାରେ ସାମୁହିକ ପ୍ରାର୍ଥନା କରାଯାଇଥିଲା। ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଏହି ପର୍ବରେ ସାମିଲ ହୋଇଥିଲେ।

**ମଙ୍ଗୁଳି-ଜଗତପୁର (ମାନସ ସାମଲ):** ଜଗତପୁର ଥାନା ଅଧୀନ ଗୁଜରପୁରଠାରେ ମହାପୁରଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଗୁଜରପୁର, ଭୟରପୁର, ଚମ୍ପତି ଗ୍ରାମର ମୁସଲମାନ ଲୋକେ ନୂଆବସ୍ତ୍ର ପରିଧାନ ସହ ଉତ୍ସବରେ ଯୋଗଦେଇଥିଲେ। ସକାଳେ ଜୁଲୁସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ପୀରବଜାରସ୍ଥିତ ପୀରବାବାଙ୍କ ଦରଘାରେ ଚାଦର ଚଢାଯାଇଥିଲା। ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାରିସ ପାକ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା ଗୁଜରପୁର ଚେକ୍‌ଗେଟ୍ ତ୍ରିନାଥ ବଜାରଠାରେ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ବାବା କାଶିମ ୱାରିସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର, ସମ୍ମାନିତ ଅତିଥି ଭାବେ ମେହମତୁଲା ହବିବ, ମାଷ୍ଟର ଜିକରୁଲା ଫିରଦୋଶି, ମୌଲାନା ଆବିଦ ହୋସେନ, ଗୁଜରପୁର ଗ୍ରାମ ମୁରବି ମୁସ୍ତାକିମ ଖାଁ, ପୂର୍ବତନ ସେନା ଅଧିକାରୀ ଦେବେନ୍ଦ୍ରନାଥ ପଣ୍ଡା, ବରିଷ୍ଠ ନାଗରିକ ବୀରକିଶୋର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିମନ୍ତ୍ରିତ ଅତିଥି, ଶୋଭାଯାତ୍ରାରେ ଯୋଗଦେଇଥିବା ବିଭିନ୍ନ କମିଟି ସଭାପତି ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଷ୍ମନ୍ତ ବେହେରା, ଲକ୍ଷ୍ମୀଧର ସ୍ୱାଇଁ, ଗୁଲାମ ୱାରିସ, ସେକ୍ ହାସିମ, କମାଲ ୱାରିସ, ବାସିଦ ୱାରିସ, ଜମିଲ ୱାରିସ, ସେକ୍ ଆକବର, ସୁରେନ୍ଦ୍ର ପରିଡା, ପ୍ରଦୀପ୍ତ ପରିଡା, ସୁଦାମ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଚୌଦ୍ୱାର ରୁପଯାତ୍ରା ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସେକ୍ ସାଜିଦ୍ ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅନ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, କାଉନସିଲର ସବିତା ମାହାଳି, ସୁଜାତା ସାହୁ, ଅର୍ଜୁନ ପଣ୍ଡା, ବିମଳ କୁମାର ବେଉରା, ରାଜୀବ ମହାନ୍ତି, ହରିହର ପରିଡା ଯୋଗଦେଇଥିଲେ। ଏହି ଅବସରରେ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜୁଲୁସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ସନ୍ଧ୍ୟାରେ ସମୁହ କୋରାନ ପାଠ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମ୍ପାଦକ ନସିମ୍‌ଉଦ୍ଦିନ ଖାଁ, ମଦ୍ରାସା ସମ୍ପାଦକ ସେକ୍ ସବିରଉଦ୍ଦିନ, ନସିମ ଖାନ୍, ସେକ୍ ଇସ୍‌ମାଇଲ, ଏମ୍‌ଡି ରାଜଉଦ୍ଦିନ,ଐଶାନ ନକିବ୍ ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗ ପୁଅକୁ ଧରି ଭଙ୍ଗା ଚାଳିଆରେ ଗୌରୀ



ସାଲେପୁର, ୨୮।୯(ଅରବିନ୍ଦ ଭୂୟାଁ)

ଜୀବନ ଯୁଦ୍ଧରେ ହାରି ନାହାନ୍ତି ସ୍ୱାମୀ ପରିତ୍ୟକ୍ତା ମହିଳା। ନିଜର ଦିବ୍ୟାଙ୍ଗ ପୁତ୍ରକୁ ଧରି ଭଙ୍ଗା ଚାଳିଆରେ ବଞ୍ଚିବାକୁ ସଂଘର୍ଷ ଜାରି ରଖିଛନ୍ତି। ପେସାରେ ମାଳି ହୋଇଥିବାରୁ ଫୁଲ ତୋଳି ଗାଁରେ ଥିବା ବିଭିନ୍ନ ଦୋକାନରେ ଦେଇ ଯାହା କିଛି ରୋଜଗାର କରନ୍ତି ସେଥିରେ ଦୁଃଖ କଷ୍ଟରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ସାଲେପୁର ବ୍ଲକ ପୁରୁଣାହାଟ ପଞ୍ଚାୟତ ସମିତଙ୍ଗା ଗ୍ରାମର ଗୌରୀ ରଣା ଶିଶୁପୁତ୍ରକୁ ଧରି ଜୀବନ ଯୁଦ୍ଧରେ ସଂଗ୍ରାମ କରୁଛନ୍ତି। ଗୌରୀଙ୍କ ବାପା ବାଇଧର ରଣା କିଛିବର୍ଷ ତଳେ ଝିଅକୁ ବିବାହ କରାଇ ସ୍ୱାମୀଙ୍କୁ ପାଖରେ ରଖିଥିଲେ। କିଛିଦିନ ବିତିଗଲା ପରେ ସ୍ୱାମୀ ଶ୍ୱଶୁର ଓ ସ୍ତ୍ରୀ ଗୌରୀଙ୍କୁ ମାରଧର କରୁଥିଲେ। ଦିନେ କୁଆଡେ ଘରୁ ପଳାଇଯାଇଥିଲେ। ଇତିମଧ୍ୟରେ ଗୌରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଗୌରଙ୍କ ଶିଶୁ ପୁତ୍ରକୁ ଇତିମଧ୍ୟରେ ୯ ବର୍ଷ ହୋଇଥିଲେ ମଧ୍ୟ ସେ କଥା କହି ପାରୁନି କି ଚାଲି ପାରୁନାହିଁ। ଅପରପକ୍ଷେ ସ୍ୱାମୀ ଘରୁ ଗଲା ପରେ ବୃଦ୍ଧ ବାଇଧର ନିଜର କୌଳିକ ବୃତ୍ତି ଫୁଲ ତୋଳି ଓ ଦିନମଜୁରି ଭାବେ କାର୍ଯ୍ୟ କରି ଅର୍ଥ ରୋଜଗାର କରୁଥିଲେ। କିନ୍ତୁ ବାଇଧର ଏକ ବର୍ଷ ହେବ ଆରପାରିକୁ ଚାଲି ଯାଇଛନ୍ତି। ଉକ୍ତ ଦିନଠାରୁ ଗୌରୀ ଜୀବନରେ କଳାମେଘର ଛାୟା ମାଡି ଆସିଛି। ଗୌରୀ ନିଜର ଭିନ୍ନକ୍ଷମ ପୁତ୍ରକୁ ଧରି ଭଙ୍ଗା ଚାଳିଆ ଘରେ ଦୁଃଖ କଷ୍ଟରେ ଚଳୁଛନ୍ତି। ଗୌରୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ସାଲେପୁର ସିଡିପିଓ ସୁଷମା ମହାପାତ୍ର କହିଛନ୍ତି, ମୋ ପାଖରେ ସୂଚନା ନାହିଁ ଆପଣଙ୍କଠାରୁ ଜାଣିବାକୁ ପାଇଲୁ। ଘଟଣାର ତଦନ୍ତ କରି ସରକାର ଯୋଜନାରେ ଯାହା କିଛି ସୁବିଧା ଅଛି ତାଙ୍କୁ ତୁରନ୍ତ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

## 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ' ନାଟକ ମଞ୍ଚସ୍ଥ

**ମାଣିଆବନ୍ଧ,୨୮।୯(ଅଖିଳକୁମାର ସାହୁ)** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରାକସାହିସ୍ଥିତ ଚୈତନ୍ୟ ଦେବ ନାଟ୍ୟ ସଂସଦ ତରଫରୁ ସାମାଜିକ ନାଟକ 'ଜୁଇରେ କାନ୍ଦୁଛି ଜିଅନ୍ତା ଶବ' ମଞ୍ଚସ୍ଥ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାହି ସଭାପତି ଦେବାନନ୍ଦ ପାଳ, ସମ୍ମାନିତ ଅତିଥିଭାବେ ନିରଞ୍ଜନ ପାତ୍ର, ବିଶ୍ୱମ୍ଭର ପାତ୍ର, ଲକ୍ଷ୍ମୀଧର ପାତ୍ର, ସନ୍ତୋଷ ପାତ୍ର, ଦେବରାଜ କରଣ, ବାବୁଲି ଚନ୍ଦ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନିର୍ଦ୍ଦେଶକ ସୂର୍ଯ୍ୟମଣି ଦାସଙ୍କ ନିର୍ଦ୍ଦେଶନା ଓ ଜ୍ଞାନ ରଞ୍ଜନ ପାତ୍ରଙ୍କ ସହ ନିର୍ଦ୍ଦେଶନାରେ ଆୟୋଜିତ ଏହି ନାଟକର ମୁଖ୍ୟ ଭୂମିକାରେ ପରମାନନ୍ଦ ପାତ୍ର, ଆନନ୍ଦ ପାଳ, ବିଜୟ ସାହୁ, କୁସୁମକାନ୍ତ ସାହୁ, ଅଶୋକ ସାହୁ, ମୁନା ପାଳଙ୍କ ସମେତ ଅନୁଷ୍ଠାନର ଛୋଟବଡ଼ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ମୁଖ୍ୟ ପରିଚାଳକ ପ୍ରଶାନ୍ତ ଦେବତା, ସହ ପରିଚାଳକ ଅଖିଳ କୁମାର ସାହୁ, ପରିଚାଳକ ଭାବେ ଶ୍ରୀକାନ୍ତ ଦାସ ନିଜ ଦାୟିତ୍ୱ ବହନ କରିଥିଲେ।



ନାଟକ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବର୍ଷାଦିନେ ରାସ୍ତା ପାର୍ଶ୍ୱରୁ ମାଟି ତାଡ଼ି କାମ

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**
■ ଅବଧି ସରିବା ପରେ ଚାଲିଛି କାମ
■ ଶିଳାନ୍ୟାସକୁ ନେଇ ଦ୍ୱନ୍ଦ୍ୱ

ମାହାଙ୍ଗା, ୨୮।୯ (ଯଯାତୀ ସିଂହ)

ବର୍ଷାଦିନେ ମାଟି ମିଳିବନି ବୋଲି କୌଣସି ମାଟି ପୋତା କାମ ହୋଇ ନ ଥାଏ। କିନ୍ତୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ନିର୍ମାଣାଧୀନ ରାସ୍ଥାରେ ବର୍ଷାଦିନେ ମାଟି ପୋତା ହେଉଛି। ସରକାର ନିର୍ମାଣାଧୀନ ରାସ୍ତାର ଉଭୟପାର୍ଶ୍ୱରେ ମାଟି ପୋତିବା ପାଇଁ ଟଙ୍କା ଦେଉଛନ୍ତି। କିନ୍ତୁ ଏଠି ସେଇ ରାସ୍ତା କଡରୁ ଜେସିବି ସହାୟତାରେ ମାଟି ତଡ଼ା ଯାଇ ପକାଯାଉଛି। ସୂଚନା ମୁତାବକ କଟକ ଜିଲା ମାହାଙ୍ଗା ବ୍ଲକ ରାଣୀଗୋଡାଠାରୁ ଗୋକନ ଭାୟା ହାଟପଡା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪.୧୭ କିମି ଅନ୍ତର୍ଭୁକ୍ତ କରାଯାଇଛି। ୧୯୧.୧୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଜଣେ ଠିକାଦର ବିଭୁରଞ୍ଜନ ପରିଡ଼ା କାର୍ଯ୍ୟାଦେଶ ପାଇଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ୧୨।୩।୨୦୨୩ରେ ଶିଳାନ୍ୟାସ ବିଧାୟକ ପ୍ରତାପ ଜେନା



କରିଥିଲେ। ମାତ୍ର ଶିଳାନ୍ୟାସ ଫଳକରେ ଲେଖାଥିଲା ରାଣୀଗୋଡାଠାରୁ ଓଷଙ୍ଗ ଭାୟା ହାଟପଡା। ରାସ୍ତା ଶିଳାନ୍ୟାସ ବେଳେ ବିଧାୟକ ଜେନା କହିଥିଲେ, କାଲିଠାରୁ ରାସ୍ତାର କାମ ଆରମ୍ଭ ହେବ। ଶିଳାନ୍ୟାସକୁ ଦୀର୍ଘଦିନ ପରେ ଏହି ନୂତନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। କିଛିମାସ ପରେ ଏହି ରାସ୍ତା ନିର୍ମାଣ ବଦଳରେ ମରାମତି କରାଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ମରାମତି କାମ ସରିବା ପରେ ବିଭାଗ ପକ୍ଷରୁ ରାସ୍ତା କଡରେ ସୂଚନା ଫଳକ ପୋତା ହୋଇଥିଲା। ଏହି ସୂଚନା ଫଳକରେ ଲେଖାଥିଲା ରାଣୀଗୋଡାଠାରୁ ଗୋକନ ଭାୟା ଯଶୁଆପୁର, ହାଟପଡ଼ା। ଅପରପକ୍ଷେ ୧୯।୯।୨୦୨୨ରେ ଏହି କାର୍ଯ୍ୟ ଆରମ୍ଭ ହୋଇ ୧୮।୬।୨୦୨୩ରେ ଶେଷ ହୋଇଥିବା ସୂଚନା ଫଳକରେ ଲେଖା ଯାଇଛି। ତେବେ ଏଠାରେ ସାଧାରଣରେ ପ୍ରଶ୍ନ ଉଠୁଛି ବିଭାଗ ପକ୍ଷରୁ ଯଦି ଏହି ରାସ୍ତା କାର୍ଯ୍ୟ ୧୯।୯।୨୦୨୨ରୁ ଆରମ୍ଭ ହୋଇଥିଲା ତେବେ କାମ ଆରମ୍ଭ ହେବାର ୬ ମାସ ପରେ ୧୨।୩।୨୦୨୩ରେ ବିଧାୟକ ଜେନା କିପରି ଏହାର ଶିଳାନ୍ୟାସ କଲେ।

ଏବେ ବର୍ଷାଦିନେ ଠିକାଦାରଙ୍କ ପକ୍ଷରୁ ଏହି ରାସ୍ତାର କିଛିଅଂଶ ଉପରେ ପ୍ରଥମେ ମେଟାଲ ମହରମ ପକାଇଥିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ମାଟି ତାଡି ପୋତା କାର୍ଯ୍ୟ ଚାଲିଛି। ସବୁ ଜାଣିଶୁଣି ବିଭାଗ ପକ୍ଷରୁ କିପରି ଠିକାଦାରଙ୍କୁ ରାସ୍ତା ପାର୍ଶ୍ୱ ମାଟି କାମ ପାଇଁ ଅନୁମତି ଦିଆଯାଇଛି ଓ କାହା ଅନୁମତିରେ କେନାଲ କଡ଼ରୁ ଜେସିବି ଲଗାଇ ଠିକାଦାର ମାଟି ତାଡି ନେଉଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟ ଶେଷ ଅବଧି ସରିବା ପରେ ଠିକାଦାରଙ୍କ ରାସ୍ତା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଘୋର ବିରୋଧ କରାଯାଇଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ସାହୁଙ୍କୁ ପଚାରିବାରେ ବର୍ଷାଦିନେ ମାଟି କାମ ହୋଇପାରିବ ନାହିଁ। ଯଦି ଠିକାଦାର ରାସ୍ତା କଡ଼ରୁ ମାଟି ତାଡି ପକାଉ ଥିବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଜୟ ସାହୁଙ୍କୁ ପଚାରିବାରେ ସମ୍ପୃକ୍ତ ଠିକାଦାରଙ୍କୁ ମାଟି କାମ କରିବାକୁ ବନ୍ଦ କରାଯାଇଛି ବୋଲି ସେ କହିଛନ୍ତି। ତେବେ ଠିକାଦାରଙ୍କୁ ମାଟି କାମ କାହା ଅନୁମତିରେ କରୁଛନ୍ତି, ଏପରି ବେନିୟମ ଭାବେ ରାସ୍ତା ତାଡ଼ି ମାଟି କାମ କରାଯାଉଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ଧାରଣାରେ ବସିଲେ ଗୋପାଳପୁର ବିଧାୟକ

## ପ୍ରଶ୍ନ ପଚାରିବାକୁ ସୁଯୋଗ ମିଳିଲାନି

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ପ୍ରଶ୍ନକାଳରେ ପ୍ରଶ୍ନ ପଚାରିବାକୁ ସୁଯୋଗ ନ ମିଳିବାରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଧାନସଭାରେ ଧାରଣା ଦେଇଥିଲେ। ଗୁରୁବାର ପ୍ରଶ୍ନୋତ୍ତର ସୁରୁଖୁରୁରେ ଚାଲିଥିଲା। ପ୍ରଥମେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ଦେଇଥିଲେ। ଏହାପରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଉତ୍ତର ଦେଇଥିଲେ। ବାଚସ୍ପତି ପ୍ରମିଳା ମଲ୍ଲିକ ଉଭୟ ଶାସକ ଓ ବିରୋଧୀ ଦଳର ଜଣଙ୍କ ପରେ ଜଣେ ସଦସ୍ୟଙ୍କୁ ପ୍ରଶ୍ନ ପଚାରିବାକୁ ଡାକିଥିଲେ। ଗୋପାଳପୁର ବିଧାୟକ ପ୍ରଶ୍ନ କରିବାକୁ ବାଚସ୍ପତିଙ୍କ ଅନୁମତି ଲୋଡ଼ିଥିଲେ। ମାତ୍ର ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିଲେ। ପ୍ରଶ୍ନକାଳ ଶେଷ ହୋଇ ଯାଇଥିଲା। ବାଚସ୍ପତି ତାଙ୍କୁ ଅନୁମତି ନ ଦେବାରୁ ସେ ଗୃହରେ କଡ଼ା ପ୍ରତିବାଦ କଲେ। ପ୍ରଥମେ ନିଜ ଆସନରେ ଛିଡ଼ା ହୋଇ ସ୍ପିକର ମାଡାମ, ସ୍ପିକର ମାଡାମ କାହିଁକି ମତେ ପ୍ରଶ୍ନ ପଚାରିବାକୁ ଦିଆଗଲା ନାହିଁ ବୋଲି କହିଲେ। ବାଚସ୍ପତି କୌଣସି ଉତ୍ତର ନ ଦେବାରୁ ସେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ତଳେ ଧାରଣାରେ ବସିଥିଲେ। ଏହାର ପ୍ରତିବାଦ କରିବାକୁ ସେ ବିରୋଧୀ ଦଳ ନେତା ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଅନୁରୋଧ କରିଥିଲେ। ଅନୁମତି ନ ଦେବା ଯାଏ ଗୃହରୁ ଉଠିବି ନାହିଁ ବୋଲି କହିଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ତାଙ୍କୁ ସମର୍ଥନ ଜଣାଇ କହିଥିଲେ, ସେ ବିଜେଡିରେ ନ ଥିଲେ ମଧ୍ୟ ସେ ଜଣେ ସ୍ୱାଧୀନ ବିଧାୟକ, ତାଙ୍କୁ କହିବାକୁ ସୁଯୋଗ ଦିଆଯାଉ। ପାତରଅନ୍ତର କରା ନ ଯାଉ। ଏହାପରେ ବାଚସ୍ପତି ଆଗାମୀ ଦିନରେ କହିବାକୁ ଅନୁମତି ଦେବେ ବୋଲି କହିବା ସହ ପ୍ରଦୀପଙ୍କୁ ନିଜ ଆସନକୁ ଫେରିଯିବାକୁ ଅନୁରୋଧ କରିଥିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ସେ ନିଜ ଆସନକୁ ଚାଲି ଯାଇଥିଲେ ଓ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ମେଣ୍ଟାଲ ହେଲ୍‌ଥ ମନ୍ତବ୍ୟକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ ବିରୋଧୀଙ୍କୁ ଜନବିରୋଧୀ କହିବା, ସିଏମ୍‌ଓ ଏବଂ ୫-ଟି ସଚିବ ପ୍ରସଙ୍ଗକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ଶାସକ ଦଳର ମେଣ୍ଟାଲ ଡିଜଅର୍ଡର ମନ୍ତବ୍ୟକୁ ନେଇ ବିରୋଧୀ ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଶୂନ୍ୟକାଳ ପରେ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ ଘୋଷଣା କରାଯାଇଥିଲା।

ଗୁରୁବାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ସିଏମ୍‌ଓ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବିବୃତିରେ କହିଲେ, ଅଭିଯୋଗ ଶୁଣିବାକୁ ସିଏମ୍‌ଓକୁ ଲୋକଙ୍କ ପାଖକୁ ପଠାଯାଇଛି। ବରଗଡ଼ର ଏକ ସଭାରେ ସମ୍ବଲପୁରୀ ଭାଷାରେ ସଚିବଙ୍କୁ ପଠାଇଥିବା କଥା କହିଲେ। ସିଏମ୍‌ଓ କହିଲେ କ'ଣ ଜଣେ ଅଫିସରଙ୍କୁ ବୁଝାଏ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଦରମା କାହିଁକି ନେବେ। କଲେଜ ପିଲାଙ୍କୁ ସଭାକୁ ବୋହିବାକୁ କ'ଣ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଖର୍ଚ୍ଚ କଥା ଦେଲେ। ସଭା ପାଇଁ ଟେଣ୍ଟ ଲଗାଇବା, ଗାଡ଼ିରେ ଲୋକଙ୍କୁ ଆଣିବା ପାଇଁ କେତେ ଖର୍ଚ୍ଚ ହୋଇଛି ସେ କଥା କହିଲେ ନାହିଁ। ଜେ.ବି. ପଟ୍ଟନାୟକଙ୍କ ବେଳେ ଜଣେ ମନ୍ତ୍ରୀ ସୁପର ଚିଫ୍ ମିନିଷ୍ଟର ଥିଲେ। ଏବେ ଜଣେ ଅଫିସର ଅଛନ୍ତି। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଲୋୟର ପିଏମ୍‌ଜିରେ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର କର୍ମଚାରୀ ଧାରଣାରେ ବସିଛନ୍ତି। ସେମାନଙ୍କ ପାଖକୁ କାହିଁକି ସିଏମ୍‌ଓ ଯାଉନାହାନ୍ତି। ଜରି ବିଛେଇବା, ଲୋକଙ୍କୁ ବୋହିବା, ମହିଳାମାନଙ୍କୁ ସଭାକୁ ଆଣିବାକୁ ମନ୍ତ୍ରୀ, ବିଧାୟକଙ୍କୁ କ'ଣ ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳଙ୍କୁ ଜନବିରୋଧୀ କୁହାଯାଉଛି। ବିଶ୍ୱବିଦ୍ୟାଳୟରେ ବହୁ ପଦବୀ ଖାଲିପଡ଼ିଛି। ମନ୍ତ୍ରୀ କହିଲେ, କୋର୍ଟରେ ଷ୍ଟେ ଯୋଗୁ ନିଯୁକ୍ତି ଦିଆଯାଇପାରୁନି। ମନ୍ତ୍ରୀ ବୋଧେ ଜାଣିନାହାନ୍ତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ ଷ୍ଟେ ଦେଇନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ।

ଶାସକ ଦଳ ସଭ୍ୟ ଅରୁଣ ସାହୁ ବିରୋଧୀଙ୍କ ଆକ୍ଷେପକୁ ନିଜସ୍ୱ ଶୈଳୀରେ ଜବାବ ଦେଇଥିଲେ। ସେ କହିଥିଲେ, ଜିରୋ ଆୱାର ୩୦ ମିନିଟ୍‌ରୁ ବିରୋଧୀ ଦଳଙ୍କୁ ୨୫ ମିନିଟ୍ ଦିଆଯାଉଛି। ବିରୋଧୀ ସଦସ୍ୟମାନେ ଜ୍ଞାନ ବିତରଣ କରୁଛନ୍ତି। ଏହା ଜ୍ଞାନ ବିତରଣ ସଭା ନୁହେଁ। ନିଜ ଜ୍ଞାନ ନିଜ ପାଖରେ ରଖନ୍ତୁ। ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ଏଠି ଆଲୋଚନା ହେବା ଦରକାର। ବିରୋଧୀ ଆଣିଥିବା ସୁପର ଚିଫ୍ ମିନିଷ୍ଟର ମନ୍ତବ୍ୟକୁ ବିବରଣୀରୁ ବାଦ୍ ଦିଆଯାଉ। ୫-ଟି ଏକ ଚିନ୍ତାଧାରା। ଏତିକି କ'ଣ ବିରୋଧୀ ଦଳ ସଦସ୍ୟମାନେ ବୁଝିପାରୁନାହାନ୍ତି। ବିରୋଧୀ ଦଳଙ୍କୁ ଲକ୍ଷ୍ୟକରି କହିଲେ, ଆପଣମାନଙ୍କ ଜୀବନକାଳରେ ଯେତିକି କାମ ହୋଇ ନ ଥିଲା ୫-ଟି ଯୋଗୁ ତାହା ଶତ ପ୍ରତିଶତ ହୋଇଛି। ବିରୋଧୀ ଦଳଙ୍କ ମେଣ୍ଟାଲ ହେଲ୍‌ଥ ଭଲ ନାହିଁ। ସୁସ୍ଥ ମସ୍ତିଷ୍କ ନେଇ ଆସନ୍ତୁ। ମସ୍ତିଷ୍କ ଆଗ ଠିକ୍ କରନ୍ତୁ। ତା'ପରେ ଆଲୋଚନା କରନ୍ତୁ। ଅରୁଣଙ୍କଠାରୁ ଏହା ଶୁଣି ବିରୋଧୀ ଭାଜପା କୋପାନଳ। ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କଲେ। ବିବରଣୀରୁ ମେଣ୍ଟାଲ ହେଲ୍‌ଥ ଶବ୍ଦ ବାଦ୍ ଦିଆଯାଉ ବୋଲି ଦାବି କଲେ। ବାଚସ୍ପତି କହିଲେ, ଏହାକୁ ତର୍ଜମା କରିବି। ଭାଜପା ସଦସ୍ୟମାନେ ନିଜ ଦାବିରୁ ହଟି ନ ଥିଲେ। ହଟ୍ଟଗୋଳ ଦେଖି ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ୧୨ଟା ୧୨ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଯୋଗୁ ଗୃହକୁ ସନ୍ଧ୍ୟା ୬ଟା ଯାଏ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ ଘୋଷଣା କରାଯାଇଥିଲା। ପାଟିତୁଣ୍ଡ ମଧ୍ୟରେ ବିଧାନସଭାରେ ଗୃହ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ପାରିତ ହୋଇଥିଲା।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୁରୁବାର ୧୩ ଦଫା ଦାବି ନେଇ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ମନୋରଞ୍ଜନ)

# ଚଳିତ ବର୍ଷ ୧୭ ଜିଲାରେ ଖେଳପଡ଼ିଆ, ଷ୍ଟାଡିୟମ ନିର୍ମାଣ ହେବ: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୨୮।୯ (ଅନିଲ ଦାସ)

ଚଳିତ ଆର୍ଥିକ ବର୍ଷରେ ୧୭ ଜିଲାରେ ଉନ୍ନତମାନର ଖେଳପଡ଼ିଆ ଏବଂ ଷ୍ଟାଡିୟମ ନିର୍ମାଣ କରାଯିବ। କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଗୁରୁବାର ଶୂନ୍ୟକାଳରେ ମନ୍ତ୍ରୀ କହିଛନ୍ତି ଯେ ବାଲେଶ୍ୱରଠାରେ ଏକ ସୁଇମିଂ ପୁଲ୍ ନିର୍ମାଣ କରାଯାଉଥିବା ବେଳେ ବରଗଡ଼ରେ ଜିଲା ଷ୍ଟାଡିୟମ, ଭଦ୍ରକରେ ନେହେରୁ ଷ୍ଟାଡିୟମର ବିକାଶ ଓ ବଗୁରାଇ ସୁଇମିଂ ପୁଲ୍ ନିର୍ମାଣ କରାଯିବ। ସେହିପରି ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, ନୟାଗଡ଼ରେ ସୁଇମିଂ ପୁଲ୍ ନିର୍ମାଣ କରାଯିବ। ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର, ରମେଶ ସାଏ, ଦେବେଶ ଆଚାର୍ଯ୍ୟ, ନୃସିଂହ ସାହୁ, ସୁଧୀର ସାମଲ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ସି.ଏସ୍. ରାଜନ ଏକ୍କା, ଭାଜପା ସଭ୍ୟ ମୋହନ ମାଝି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସନାତନ ବିଜୁଳି ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଜ ନିର୍ବାଚନମଣ୍ଡଳୀରେ ସୁଇମିଂ ପୁଲ୍, ହକି, ଫୁଟ୍‌ବଲ ଓ କ୍ରିକେଟ ଷ୍ଟାଡିୟମ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀ କହିଥିଲେ, ମୁଖ୍ୟମନ୍ତ୍ରୀ କ୍ରୀଡ଼ା ବିକାଶ ପାଇଁ ପ୍ରତ୍ୟେକ ଜିଲାରେ ମିନିଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏଥିସହିତ ଫୁଟ୍‌ବଲକୁ ପ୍ରୋତ୍ସାହନ ଦେବାକୁ ଫୁଟ୍‌ବଲ ଏକାଡେମୀ କରାଯାଇଛି। ସ୍କୁଲ ପିଲାମାନଙ୍କୁ ଏଥିରେ ସାମିଲ କରାଯାଇ ତାଲିମ ଦିଆଯାଉଛି।

# ୭ଦଫା ଦାବିରେ ଏଲିମେଣ୍ଟାରି ଶିକ୍ଷକ ସଂଘର ବିକ୍ଷୋଭ




## ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଭୁବନେଶ୍ୱର,୨୮।୯
(ଅନୁରାଧା ମହାରଣା)

୭ଦଫା ଦାବି ନେଇ ଓଡ଼ିଶା ଏଲିମେଣ୍ଟାରି ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ସନ୍ଧ୍ୟାରେ ସଂଘର ୫ ଜଣିଆ ପ୍ରତିନିଧି ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଭେଟି ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏଲିମେଣ୍ଟାରି ବିଦ୍ୟାଳୟଗୁଡ଼ିକରୁ ଠିକା ନିଯୁକ୍ତି ଉଚ୍ଛେଦ, ସମସ୍ତ ଶିକ୍ଷକଙ୍କୁ ମୂଳ ନିଯୁକ୍ତି ଦିନଠାରୁ କାର୍ଯ୍ୟକାଳ ଗଣନା କରି ସ୍ଥାୟୀ କରାଯିବା ସହ ପଦୋନ୍ନତି, ଗ୍ରାଚ୍ୟୁଇଟି ତଥା ସମସ୍ତ ସରକାରୀ ସୁବିଧା ପ୍ରଦାନ, କେନ୍ଦ୍ରୀୟ ହାରରେ ବେତନ ଦେବା, ଦୀର୍ଘ ୧୭ ବର୍ଷ ଧରି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କର ଚାକିରି ସ୍ଥାୟୀ କରାଯାଇ ଚାକିରି ସର୍ତ୍ତାବଳୀ ଲାଗୁ କରିବା ଆଦି ଦାବି ରହିଛି। ସେହିପରି ୨୦୦୧ ମସିହାରୁ ଡିପିଇପି-୧ରେ ନିଯୁକ୍ତ ପାରା ଶିକ୍ଷକମାନଙ୍କୁ ୨୦୦୯ ମସିହାଠାରୁ ଜୁନିୟର ଶିକ୍ଷକ ଭାବେ ଗଣନା କରି ଏଲିମେଣ୍ଟାରି ଶିକ୍ଷକ ମାନ୍ୟତା ପ୍ରଦାନ, ବିଏଡ୍, ଏମଏଡ୍ ଡିଗ୍ରୀଧାରୀଙ୍କୁ ବିଭାଗୀୟ ପରୀକ୍ଷା ଜରିଆରେ ମାଧ୍ୟମିକ ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପଦୋନ୍ନତି ଦେବା ସହ ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ ପାଇଁ ଦାବି କରାଯାଇଛି। ତେବେ ସଂଘର ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଦାସଙ୍କ ନେତୃତ୍ୱରେ ସଭାପତି ଧନଞ୍ଜୟ ନାୟକ, ଅନସୂୟା ସାମଲ, ପ୍ରଶାନ୍ତ କୁମାର ଚୌଧୁରୀ ଓ ନର୍ମଦା ରାଉତ ପ୍ରମୁଖ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକ ସଂଘର ଦାବିଗୁଡ଼ିକ ତର୍ଜମା କରାଯିବା ସହ ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଗୃହ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଖର୍ଚ୍ଚଦାବି ପାରିତ

## ■ ବିକାଶକୁ ବିରୋଧ କରିଥିବା ନେତା ଗୃହକୁ ଫେରିପାରି ନାହାନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ମୋର ଅଭିଜ୍ଞତା କହୁଛି ଯେଉଁମାନେ ଗୃହରେ ଲୋକମାନଙ୍କ ପାଇଁ କାମ କରିଛନ୍ତି ସେମାନେ ପୁଣି ଥରେ ଏ ଗୃହକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଏବଂ ଯେଉଁମାନେ ଅପରାଧକୁ ନେଇ ରାଜନୀତି କରୁଛନ୍ତି ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି ସେମାନେ ଗୃହକୁ ଆସିପାରିନାହାନ୍ତି । ଗୁରୁବାର ଗୃହ ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳଙ୍କୁ ଏହା କହିଛନ୍ତି। ଲୋକମାନେ ବିରୋଧୀ ଦଳଙ୍କ ଆଚରଣକୁ ଦେଖୁଛନ୍ତି । ସେମାନେ କିପରି ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଆମ ସରକାର ଓଡ଼ିଶାକୁ ନୂତନ ଓଡ଼ିଶା ଏବଂ ସଶକ୍ତ ଓଡ଼ିଶାରେ ରୂପାନ୍ତର କରିବା କାର୍ଯ୍ୟ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଏବଂ ଓଡ଼ିଶାବାସୀଙ୍କ ସହଯୋଗରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଓ ନିୟନ୍ତ୍ରଣରେ ରହିଛି। ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରହିଛି। ରାଜ୍ୟରେ ଛାତ୍ର ଅଶାନ୍ତି, ଶିଳ୍ପ, ଶ୍ରମିକ, କୃଷି ଆଦିକୁ ନେଇ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହୋଇ ନାହିଁ। ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଚଳିତ ବର୍ଷ ଓଡ଼ିଶା ପୋଲିସରେ ୫ ହଜାର ନିଯୁକ୍ତି ଦିଆଯାଇଛି। ପୋଲିସରେ ଆହୁରି ୩ ହଜାର ୩୦୦ ପଦବୀ ଏବଂ ଅଗ୍ନିଶମ ଓ କାରାଗାର ବିଭାଗରେ ପ୍ରାୟ ୧ ହଜାର ପଦବୀ ପୂରଣ ପାଇଁ ଅନୁମୋଦନ ହୋଇଛି।



ଏସ୍‌ସି,ଏସ୍‌ଟି ଆଇନ ଅଧୀନରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପୀଡ଼ିତଙ୍କୁ ନିର୍ଦ୍ଧାରିତ ସମୟରେ କ୍ଷତିପୂରଣ ଦେବା ପାଇଁ ୫-ଟି ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ପୋଲିସ ପକ୍ଷରୁ ଗତ ଅଗଷ୍ଟ ମାସରେ 'ମାନଭ' ନାମରେ ଏକ ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ଅପରାଧ ଏବଂ ବିଶେଷକରି ମହିଳାଙ୍କ କ୍ଷେତ୍ରରେ ହେଉଥିବା ଅପରାଧ ପାଇଁ ରାଜ୍ୟ ସରକାର ଶୂନ ସହନଶୀଳ ନୀତି ଆପଣାଇଛନ୍ତି। ଅତ୍ୟନ୍ତ କ୍ଷୋଭର ବିଷୟ ଯେ ପ୍ରତ୍ୟେକ ସମ୍ବେଦନଶୀଳ ଘଟଣାରେ ରାଜନୀତି କରାଯାଉଛି। ପୀଡ଼ିତଙ୍କ ପାଇଁ ଏହା ଅନ୍ୟାୟ। ରାଜ୍ୟବାସୀଙ୍କ ପାଇଁ ପୋଲିସ କର୍ମଚାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି। ଜଣେ ମହିଳା ପୋଲିସ କର୍ମଚାରୀଙ୍କୁ ଅସଦାଚରଣ କରାଗଲା, ଯାହାକି କୌଣସି ସଭ୍ୟ ସମାଜ ସହ୍ୟ କରିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ମଧ୍ୟରେ 'ମୋ ସରକାର' ଆସ୍ଥାଭାଜନ ହୋଇପାରିଛି। ରାଜ୍ୟରେ ୩ଟି ନିଯୁକ୍ତି ସଂସ୍ଥା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଚଳିତ ବର୍ଷ ଉକ୍ତ ସଂସ୍ଥା ଦ୍ୱାରା ୧୨ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଇଛି।

ଦୁର୍ନୀତି କ୍ଷେତ୍ରରେ ସରକାରୀ କର୍ମଚାରୀଙ୍କୁ ଦଣ୍ଡିତ କରିବାରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ସର୍ବାଗ୍ରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଲୋଚନା ଶେଷରେ ଗୃହ ବିଭାଗର ୪୮୨ କୋଟି ୧୩ ଲକ୍ଷ ୩୬ ହଜାର ଏବଂ ସାଧାରଣ ପ୍ରଶାସନ ବିଭାଗର ୪୧ କୋଟି ୭୫ ଲକ୍ଷ ୯୯ ହଜାର ଟଙ୍କା ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ବିଧାନସଭାରେ ବାଚନିକ ମତଦାନରେ ପାରିତ ହୋଇଛି।

# ବିଜୁ ଯୁବବାହିନୀ ପାଇଁ ଖର୍ଚ୍ଚ ହୋଇଛି ୧୮୩ କୋଟି

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ବିଜୁ ଯୁବବାହିନୀ ଯୋଜନାରେ ୨ ବର୍ଷରେ ୧୮୩ କୋଟି ଖର୍ଚ୍ଚ ହୋଇଛି। ୨୦୧୮-୧୯ରେ ଏହି ଯୋଜନା ଆରମ୍ଭ ହୋଇଥିଲା। ୨୦୧୮-୧୯ରେ ୧୫୯ କୋଟି ୮୯ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୨୦୧୯-୨୦ରେ ୨୩ କୋଟି ୭୭ ଲକ୍ଷ ୫୨ ହଜାର ୨୪୪ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହାପରେ ୨୦୨୦-୨୧ରୁ କୌଣସି ବ୍ୟୟବରାଦ ହୋଇନି କି କୌଣସି କାର୍ଯ୍ୟକ୍ରମ ହୋଇନି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାର କାନ୍ତି ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ୧୩ ଦଫା ଦାବିରେ ଗର୍ଜିଲେ ଆଶାକର୍ମୀ

ଭୁବନେଶ୍ୱର,୨୮।୯
(ଅନୁରାଧା ମହାରଣା)

ମାସିକ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ପ୍ରଭୃତି ୧୩ ଦଫା ଦାବିରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଗୁରୁବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଆଶାକର୍ମୀ ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗର୍ଜିଛନ୍ତି। ଜାତୀୟ ଶ୍ରମ ସମ୍ମିଳନୀରେ ନିଷ୍ପତ୍ତି ଅନୁଯାୟୀ ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ପେନ୍‌ସନ୍, ସାମାଜିକ ନିରାପତ୍ତା, ମାସିକ ଭତ୍ତା ପ୍ରଦାନ, ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ବୟସସୀମା ନ ରଖି ସମସ୍ତଙ୍କୁ ପେନସନଭୁକ୍ତ କରିବା, ଆଶାକର୍ମୀଙ୍କ ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି ସହିତ ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି, ମାସିକିଆ ଭତ୍ତା ଧାର୍ଯ୍ୟ କରିବା ସହ ସର୍ବନିମ୍ନ ମାସିକ ଭତ୍ତା ୨୧ ହଜାର ଟଙ୍କା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ପୂର୍ବରୁ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ଆସୋସିଏଶନ ପକ୍ଷରୁ ୭ ଦଫା ଦାବିରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଚଳିତ ବର୍ଷ ବିଧାୟକ ଉନ୍ନୟନ ପାଣ୍ଠି ଯୋଜନା ଅର୍ଥ ବଢ଼ିବ ନାହିଁ: ମନ୍ତ୍ରୀ

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ପାଣ୍ଠି ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି: ସାଲୁଜା

ଭୁବନେଶ୍ୱର,୨୮।୯
(ଅନିଲ ଦାସ)

୨୦୨୩-୨୪ ଆର୍ଥିକ ବର୍ଷରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଯୋଜନାରେ ସମସ୍ତ ଜିଲାକୁ ୪୪୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଚଳିତ ବର୍ଷ ବିଧାୟକ ପାଣ୍ଠି ବୃଦ୍ଧି କରିବାର କୌଣସି ପ୍ରସ୍ତାବ ନାହିଁ। ବିଜେଡି ସଭ୍ୟ ଅରବିନ୍ଦ ଢାଲିଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସ୍ୱତନ୍ତ୍ର ପ୍ରୋବଲେମ ଫଣ୍ଡ ବା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଦାନ ନିର୍ବାଚନମଣ୍ଡଳୀ ଅନୁଯାୟୀ ଦିଆଯାଇ ନ ଥାଏ। ଏହି ଅର୍ଥ ଏମ୍‌ପି, ବିଧାୟକ, ଅନ୍ୟାନ୍ୟ ଜନପ୍ରତିନିଧି, ସରକାରୀ ଅଧିକାରୀ, ଜିଲାପାଳ କିମ୍ବା ସାଧାରଣ ନାଗରିକମାନଙ୍କ ପ୍ରସ୍ତାବ ଉପରେ ବଣ୍ଟନ କରାଯାଇଥାଏ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ଏହି ଅର୍ଥକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ନିର୍ବାଚନମଣ୍ଡଳୀ ଅନୁଯାୟୀ ଆବଣ୍ଟନ କରାଯାଉନାହିଁ । ମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଯେ କେହି ଆବେଦନ କରିପାରିବେ। ନିର୍ବାଚନମଣ୍ଡଳୀ ଅନୁଯାୟୀ ଆବଣ୍ଟନ ହୁଏ ନାହିଁ। ବିଜେଡି ସଭ୍ୟ ଅରବିନ୍ଦ ଢାଲି ବିଧାୟକ ଉନ୍ନୟନ ପାଣ୍ଠି ୧୦ କୋଟିକୁ ବୃଦ୍ଧି କରିବାକୁ ଦାବି କରିଥିବା ବେଳେ ପଦ୍ମନାଭ ବେହେରା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶିକୁ ୫୦ ଲକ୍ଷ, ଭାଜପା ସଭ୍ୟ ଭାସ୍କର ମଢ଼େଇ ୧ କୋଟିକୁ ବୃଦ୍ଧି କରିବାକୁ କହିଥିଲେ। ଭାଜପା ସଭ୍ୟ କୁସୁମ ଟେଟେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ବଣ୍ଟନରେ ପାତରଅନ୍ତର ହେଉଥିବା କହିଥିଲେ।

## ସଂକ୍ଷେପରେ

### କାବେରୀ ଜଳବିବାଦ: ଆଜି କର୍ଣ୍ଣାଟକ ବନ୍ଦ



**ବେଙ୍ଗାଲୁରୁ,୨୮।୯:** ତାମିଲନାଡୁକୁ କାବେରୀ ନଦୀଜଳ ଛଡ଼ାଯିବାକୁ ବିରୋଧ କରି ଶୁକ୍ରବାର କର୍ଣ୍ଣାଟକ ବନ୍ଦ କରିବାକୁ କନ୍ନଡ ସପକ୍ଷବାଦୀ ଏବଂ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ଡାକରା ଦିଆଯାଇଛି। ଏହି ବନ୍ଦ ବେଳେ କର୍ଣ୍ଣାଟକର ଦକ୍ଷିଣ ଭାଗରେ ସାଧାରଣ ଜୀବନଯାତ୍ରା ବ୍ୟାଘାତ ହୋଇପାରେ। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ଲାଗି ଆହ୍ୱାନ ଦିଆଯାଇଛି। ଏହି ସମୟରେ ବେଙ୍ଗାଲୁରୁ ଟାଉନ୍ ହଲ୍‌ରୁ ସହରର ଫ୍ରିଡମ୍ ପାର୍କ ପର୍ଯ୍ୟନ୍ତ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯିବ, ଯେଉଁଥିରେ ରାଜ୍ୟର ସବୁ ବର୍ଗର ଲୋକେ ଭାଗନେଇପାରନ୍ତି। ରାଜ୍ୟ ଦେଇ ଯାଇଥିବା ସମସ୍ତ ରାଜପଥ, ଟୋଲ୍ ଗେଟ୍, ରେଳ ସେବା ଓ ବିମାନବନ୍ଦର ବନ୍ଦ ଲାଗି ଉଦ୍ୟମ କରାଯିବ। ବନ୍ଦକୁ ବିରୋଧୀ ଦଳ ଭାଜପା ଏବଂ ଜେଡିଏସ୍ ସମର୍ଥନ ଜଣାଇଛନ୍ତି।

### ହସ୍ପିଟାଲରେ ଗୁଳିମାଡ଼: ୨ ମୃତ

**ରୋଟେରଡାମ୍,୨୮।୯**

ନେଦରଲାଣ୍ଡସ୍‌ର ରୋଟେରଡାମ୍‌ସ୍ଥିତ ୟୁନିଭର୍ସିଟି ହସ୍ପିଟାଲ କ୍ୟାମ୍ପସରେ ଥବା ଏକ ଶ୍ରେଣୀଗୃହ ଓ ପାଖରେ ଥିବା ଏକ ଘରେ ଗୁରୁବାର ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଜଣେ ୩୯ ବର୍ଷୀୟ ମହିଳା ଓ ଜଣେ ୪୬ ବର୍ଷୀୟ ଶିକ୍ଷକ। ମୃତ ମହିଳାଙ୍କ ୧୪ ବର୍ଷର ଝିଅ ଗୁଳିମାଡ଼ରେ ଗୁରୁତର ହୋଇଛନ୍ତି। ଗୁଳି ଚଳାଇଥିବା ୩୨ ବର୍ଷୀୟ ଯୁବକ ଜଣକ ସେହି ୟୁନିଭର୍ସିଟିର ଛାତ୍ର। ସେ ପ୍ରଥମେ ମହିଳାଙ୍କ ଘରେ ନିଆଁ ଲଗାଇବା ପରେ ମେଡିକାଲ ସେଣ୍ଟର ୟୁନିର୍ଭସିଟି ହସ୍ପିଟାଲ ଶ୍ରେଣୀଗୃହରେ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇଥିଲେ। ଅଭିଯୁକ୍ତଙ୍କୁ ହସ୍ପିଟାଲ ନିକଟରୁ ଗିରଫ କରାଯାଇଛି। ତେବେ ସେ କ'ଣ ପାଇଁ ଏଭଳି ହିଂସାତ୍ମକ କାଣ୍ଡ ଭିଆଇଲେ ତାହା ସେ ଜାଣନ୍ତି ନାହିଁ।

# ସାହାଯ୍ୟ ପାଇଁ ୮ କି.ମି. ବୁଲିଥିଲେ ପୀଡ଼ିତା

## ଉଜ୍ଜୟିନୀ ବଳାତ୍କାର ମାମଲା

### ଅଟୋ ଡ୍ରାଇଭର ଗିରଫ ପରେ ଫେରାର ହେବାକୁ ଉଦ୍ୟମ

**ଭୋପାଳ,୨୮।୯**

ମଧ୍ୟପ୍ରଦେଶର ଉଜ୍ଜୟିନୀରେ ବଳାତ୍କାରର ଶିକାର ହେବା ପରେ ପୀଡ଼ିତାଙ୍କ ଦେହରେ ପ୍ରାୟତଃ ଲୁଗା ନ ଥିଲା। ରକ୍ତସ୍ରାବ ହେଉଥିବାବେଳେ ସେ ଘର ଘର ବୁଲି ସାହାଯ୍ୟ ମାଗୁଥିଲେ। ଏହିପରି ଭାବେ ସେ ୮ କି.ମି. ବୁଲିଥିଲେ। ଶେଷରେ ଏକ ଆଶ୍ରମର ଜଣେ ପୂଜାରୀ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ। ସେ ତାଙ୍କୁ ପୋଷାକ ଦେବା ପରେ ପୋଲିସକୁ ଫୋନ୍ କରିଥିଲେ। ପୋଲିସ ୨୦ ମିନିଟ ପରେ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏହାର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ପରେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି।

ଉଜ୍ଜୟିନୀ ବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରଥମେ ଟେକ୍ନିକାଲ ସର୍ଭିଲାନ୍ସର ସହାୟତା ନିଆଯାଇଥିଲା। ସିସିଟିଭି ଫୁଟେଜ୍‌କୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଫୁଟେଜରେ ଦେଖିବାକୁ ମିଳିଛି ଯେ, ଏହି ସ୍ୱଳ୍ପବୟସ୍କା ବିବସ୍ତ୍ର ଝିଅଙ୍କୁ ଜଣେ ଅଟୋ ଡ୍ରାଇଭର ବଳାତ୍କାର ପରେ ଘଉଡ଼ାଇ ଦେଇଥିଲେ। ଏକ ଅଟୋରେ ରକ୍ତ ଛିଟା ଦେଖି ଡ୍ରାଇଭରଙ୍କ ଉପରେ ସନ୍ଦେହ ହେବାରୁ ବୁଧବାର ତାଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିଲା। ତେବେ ଗିରଫ ଅଟୋ ଡ୍ରାଇଭର ଭରତ ସୋନି ଗୁରୁବାର ପୋଲିସ ହେପାଜତରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୀଡ଼ିତାଙ୍କୁ ସେ ଯେଉଁ ସ୍ଥାନରେ ବଳାତ୍କାର କରିଥିଲେ, ପୋଲିସ ପ୍ରମାଣ ସଂଗ୍ରହ ପାଇଁ ତାଙ୍କୁ ସେଠାକୁ ନେଇଥିଲା। ସୁବିଧା ଦେଖି ସେ ଫେରାର ହେବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ଟିମ୍ ତାଙ୍କୁ କାବୁ କରିଛି। ଏହି ସମୟରେ ସେ ସିମେଣ୍ଟ ରାସ୍ତାରେ ଖସିପଡ଼ିବାରୁ ତାଙ୍କ ହାତ ଓ ଗୋଡ଼ରେ କ୍ଷତ ହୋଇଥିବା ଏସ୍‌ପି ସଚିନ ଶର୍ମା ସୂଚନା ଦେଇଛନ୍ତି।

ଅସ୍ତ୍ରୋପଚାର ପରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି। ସେ ବର୍ତ୍ତମାନ କିଛି କହିବା ଅବସ୍ଥାରେ ନାହାନ୍ତି। ଇତିମଧ୍ୟରେ ମଧ୍ୟପ୍ରଦେଶର ଅନ୍ୟ ଏକ ଜିଲାରେ ଜଣେ ନାବାଳିକା ନିଖୋଜ ଥିବା ନେଇ ଥାନାରେ ଏତଲା ଦିଆଯାଇଛି। ସମ୍ପୃକ୍ତ ନାବାଳିକା ଏହି ପୀଡ଼ିତା କି ନୁହନ୍ତି ସେ ନେଇ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତଦନ୍ତ ଚଳାଇଛି। ଅନ୍ୟ ୩ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି।




> ୨୦୧୯ରୁ ୨୦୨୧ ମଧ୍ୟରେ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ସର୍ବାଧିକ ମହିଳା ଓ ଝିଅ ନିଖୋଜ ହୋଇଥିବା ମାମଲା ରୁଜୁ ହୋଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟାନୁସାରେ ୨୦୨୧ରେ ମଧ୍ୟପ୍ରଦେଶରେ ଦେଶର ସବୁଠୁ ବେଶି ୬,୪୬୨ ବଳାକାର ମାମଲା ହୋଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ୫୦% ଥିଲେ ନାବାଳିକା।



ମହମ୍ମଦ ଜୟନ୍ତୀ ଅବସରରେ ଡେରାଡୁନ୍‌ରେ ଗୁରୁବାର ଅନୁଷ୍ଠିତ ବିଶାଳ ଶୋଭାଯାତ୍ରା।

## ମହିଳା ସଂରକ୍ଷଣ ବିଲ୍‌ରେ ସ୍ୱାକ୍ଷର କଲେ ରାଜ୍ୟ ସଭା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ପାରିତ ନୂଆ ମହିଳା ସଂରକ୍ଷଣ ବିଲ୍‌କୁ ଆଇନରେ ପରିଣତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୋହର ଜରୁରୀ। ରାଷ୍ଟ୍ରପତିଙ୍କ ନିକଟକୁ ନାରୀଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ପଠାଇବା ପୂର୍ବରୁ ଗୁରୁବାର ରାଜ୍ୟ ସଭା ଉପାଧ୍ୟକ୍ଷ ଜଗଦୀପ ଧନକର ଏଥିରେ ସ୍ୱାକ୍ଷର କରିଛନ୍ତି। ଗତ ୨୨ରେ ପାରିତ ଏହି ସମ୍ବିଧାନ ସଂଶୋଧନ ବିଧେୟକରେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ଆସନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି।

# ପଞ୍ଜାବ ବିଧାୟକ ସୁଖପାଲ୍ ଗିରଫ

### ବିରୋଧୀଙ୍କ ସ୍ୱର ଚାପିଦେବାକୁ ଉଦ୍ୟମ ହେଉଛି: କଂଗ୍ରେସ

**ନୂଆଦିଲ୍ଲୀ,୨୮।୯(ପି.ଟି.)**



ବିଧାୟକ ତଥା କିଷାନ କଂଗ୍ରେସ ସଭାପତି ସୁଖପାଲ୍ ସିଂ ଖଇରାଙ୍କୁ ୨୦୧୫ ଡ୍ରଗ୍ସ ମାମଲାରେ ଗିରଫ କରାଯାଇଥିବାରୁ ପଞ୍ଜାବର ଏଏପି ସରକାରଙ୍କୁ କଂଗ୍ରେସ ସମାଲୋଚନା କରିଛି। ଏହା ପ୍ରତିଶୋଧ ରାଜନୀତିର ପ୍ରମାଣ। ବିରୋଧୀଙ୍କ ସ୍ୱର ଚାପିଦେବା ପାଇଁ ଶାସନରେ ଥିବା ଲୋକେ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ କହିଛନ୍ତି। ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ କହିଛନ୍ତି। ସମୁଦାୟ କଂଗ୍ରେସ ପରିବାର ସୁଖପାଲଙ୍କ ପଛରେ ଅଛନ୍ତି। ଆମେ କେବେ ମୁଣ୍ଡ ନୁଆଁଇବୁ ନାହିଁ, ଲଢ଼ିବୁ ଏବଂ ଜିତିବୁ ବୋଲି ସର୍ବପୁରାତନ ଦଳ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଉଭୟ କଂଗ୍ରେସ ଏବଂ ଏଏପି ଇଣ୍ଡିଆ ମେଣ୍ଟରେ ରହିଥିବାବେଳେ ଦିଲ୍ଲୀ ଏବଂ ପଞ୍ଜାବରେ ସେମାନେ ପରସ୍ପର ବିରୋଧୀ ଭାବେ କାର୍ଯ୍ୟ କରୁଛନ୍ତି।

## ମଣିପୁର ମୁଖ୍ୟମନ୍ତ୍ରୀଙ୍କ ଘରେ ଆକ୍ରମଣ ଉଦ୍ୟମ

**ଇମ୍ଫାଲ,୨୮।୯**

ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଘରେ ଗୁରୁବାର ରାତିରେ ଆକ୍ରମଣ ଉଦ୍ୟମ ହୋଇଛି। ରାଜଧାନୀ ଇମ୍ଫାଲରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବା ସତ୍ତ୍ୱେ ତାଙ୍କ ପୈତୃକ ବାସଭବନକୁ ଲୋକେ ଟାର୍ଗେଟ କରିବାକୁ ଯାଇ ବ୍ଲାଙ୍କ୍ ଫାୟାରିଂ କରିଥିଲେ। ତେବେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ୧୦୦ ମିଟର ଦୂରରୁ ଘଉଡ଼ାଇ ଦେଇଥିଲେ। ବୀରେନ୍ ଇମ୍ଫାଲ କେନ୍ଦ୍ରସ୍ଥଳରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ଅବସ୍ଥାନ କରନ୍ତି। ଆକ୍ରମଣ ଉଦ୍ୟମ ବେଳେ ପୈତୃକ ଘରେ କେହି ନ ଥିଲେ।

## ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

### ଯୋଗାଣ ନିଗମ ଏମ୍‌ଡିଙ୍କୁ ହାଜର ନିର୍ଦ୍ଦେଶ ଦେଇଥିଲେ

**ନୂଆଦିଲ୍ଲୀ,୨୮।୯**

ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି)ଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍‌ର ଜବାବ ରଖିବା ଲାଗି ବ୍ୟକ୍ତିଗତ ଭାବେ ହାଜର ହେବା ନିମନ୍ତେ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କ'ଣ ପାଇଁ ତାଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗରେ ମୋକଦ୍ଦମା ଚଳା ନ ଯିବ, କାରଣ ଦର୍ଶାଇବାକୁ ଏମ୍‌ଡିଙ୍କୁ ହାଇକୋର୍ଟ କହିଥିଲେ। ଯୋଗାଣ ନିଗମ ଏମ୍‌ଡିଙ୍କ ପିଟିଶନ୍‌ର ଶୁଣାଣି କରି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବାବୁଲାଲ୍ ଅଗ୍ରୱାଲଙ୍କୁ ନୋଟିସ ଜାରି କରିଛନ୍ତି। ଅଗ୍ରୱାଲ ଓଡ଼ିଶା ସରକାର, ବଲାଙ୍ଗୀର ଜିଲାପାଳଙ୍କ ବିରୋଧରେ ହାଇକୋର୍ଟରେ ଆବେଦନ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୦କୁ ଧାର୍ଯ୍ୟ ହୋଇଛି।

ଖବର ଅନୁଯାୟୀ ଯୋଗାଣ ନିଗମ ଏମ୍‌ଡି ନିୟମର ଉଲ୍ଲଂଘନ କରି ଆପରାଧିକ ମାମଲା ଥିବା ଅବନିକାନ୍ତ ସାଇଙ୍କୁ ବଲାଙ୍ଗୀର ଜିଲାରେ ପରିଚାଳନା ଠିକାଦାର ନିଯୁକ୍ତ କରିଥିଲେ। ଏମ୍‌ଡିଙ୍କ ଏଭଳି ନିଯୁକ୍ତିକୁ ବାବୁଲାଲ୍ ଅଗ୍ରୱାଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କ'ଣ ପାଇଁ ଏମ୍‌ଡିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର ନ ହେବ, କାରଣ ଦର୍ଶାଇବା ନିମନ୍ତେ ଅକ୍ଟୋବର ୩ରେ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ଗତ ୨୨ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ଛାତ୍ରଙ୍କୁ ସହପାଠୀ ଦ୍ୱାରା ମାଡ଼ ମରାଇ ଶିକ୍ଷୟିତ୍ରୀ ଗିରଫ

**ସମ୍ଭାଲ,୨୮।୯:** ଉତ୍ତରପ୍ରଦେଶର ସମ୍ଭାଲ ଜିଲାରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଜଣେ ହିନ୍ଦୁ ଛାତ୍ରଙ୍କୁ ତାଙ୍କ ମୁସଲମାନ ସହପାଠୀଙ୍କ ଦ୍ୱାରା ମାଡ଼ ମରାଇ ସ୍କୁଲ୍ ଶିକ୍ଷୟିତ୍ରୀ ଗିରଫ ହୋଇଛନ୍ତି। ସାମ୍ପ୍ରଦାୟିକ ଘୃଣାକୁ ବଢ଼ାଇବା ଅଭିଯୋଗରେ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ଆସ୍‌ମୋଲି ଥାନା ଅନ୍ତର୍ଗତ ଦୁଗାୱାର ଗ୍ରାମରେ ଥିବା ଏକ ଘରୋଇ ସ୍କୁଲ୍‌ରେ ଗୁରୁବାର ଏହି ଘଟଣା ଘଟିଛି। ଏକ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଶ୍ରେଣୀ ଶିକ୍ଷୟିତ୍ରୀ ସାଇସ୍ତା ରାଗିଯାଇ ହିନ୍ଦୁ ଛାତ୍ରଙ୍କୁ ଚାପୁଡ଼ା ମାରିବାକୁ ଜଣେ ମୁସଲମାନ ଛାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ତାଙ୍କ ପୁଅଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିବା ଛାତ୍ରଙ୍କ ବାପା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ମୁଜାଫରନଗରରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ମୁସଲମାନ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ସହପାଠୀଙ୍କ ଦ୍ୱାରା ମାଡ଼ ମରାଇ ନିଲମ୍ବିତ ହୋଇଥିଲେ।

## ସ୍ତ୍ରୀ ହତ୍ୟା ମାମଲା, ସ୍ୱାମୀଙ୍କୁ ଆଜୀବନ ଜେଲ

**ପାରଳାଖେମୁଣ୍ଡି, ୨୮।୯ (ଗିରିଧାରୀ ପରିଛା)**

ଗଜପତି ଜିଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ବାଦପୁର ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ। ଅଭିଯୁକ୍ତ ସ୍ୱାମୀ ହେଲେ ସୁବାସ ଚନ୍ଦ୍ର ନାୟକ। ୨୦୧୯ ଏପ୍ରିଲ ୫ରେ ଆର.ଉଦୟଗିରି ଟାଙ୍ଗିଲିପଦର ଗ୍ରାମର ସୁବାସ ନାୟକ ସ୍ତ୍ରୀ ରୁନିତା ଓ ଝିଅ ମାମୁନିଙ୍କୁ ସାଙ୍ଗରେ ନେଇ ବଡ଼ପଦା ସ୍କୁଲରେ ଝିଅର ଆଡ୍‌ମିଶନ କରିବାକୁ ଯାଇଥିଲେ। ଚାନ୍ଦିପୁଟ ଛକ ନିକଟସ୍ଥ ବାଦପୁର ଗ୍ରାମ ନିକଟରେ ଶୌଚ ଯିବା ବାହାନାରେ ଅଟକିଥିଲେ। ସେଠାରେ ଝିଅ ସମ୍ମୁଖରେ ଏକ ଧାରୁଆ ଅସ୍ତ୍ରରେ ରୁନିତାଙ୍କ ଗଳାକାଟି ହତ୍ୟା କରିଥିଲେ। ପରେ ଝିଅକୁ ନେଇ ତାଙ୍କ ମାଉସୀଙ୍କ ଘରେ ଛାଡ଼ି ଦେଇଥିଲେ। ପରଦିନ ସକାଳେ ସୁନିତାଙ୍କ ବାପା ଆରତ ନାୟକ ଖୋଜାଖୋଜି କରିବା ପରେ ମାମୁନି ମାଉସୀଙ୍କ ଘରେ ଥିବା ଜାଣିବାକୁ ପାଇଥିଲେ। ସେଠାକୁ ଯାଇ ନାତୁଣୀ ମାମୁନିଙ୍କ ପାଖରୁ ସବୁ କଥା ଶୁଣିବା ପରେ ସେ ଆର.ଉଦୟଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ ଗିରଫ କରିଥିଲା। ୧୪ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥି ସହିତ ଅତିରିକ୍ତ ୧୦ହଜାର ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୨୦୧ ପାଇଁ ଦୁଇ ବର୍ଷ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ହୋଇଥିବା ସରକାରୀ ଓକିଲ ଶରତ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ନାରୀ ନିର୍ଯାତନା, ଅଭିଯୋଗ ସହ ସଚେତନତା ଜରୁରୀ

**ମହିଳାଙ୍କ ସାମାଜିକ, ଆର୍ଥିକ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ କମିବାରେ ନାଁ ଧରୁନି। ରାଜ୍ୟ ମହିଳା କମିଶନରେ ନାରୀ ନିର୍ଯାତନା ନେଇ ପ୍ରତିମାସରେ ଶତାଧିକ ମାମଲା ପଞ୍ଜୀକୃତ ହେଉଥିବାବେଳେ ଏବେ ୫ହଜାରରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସଂଖ୍ୟା ସର୍ବାଧିକ ରହିଛି। ଅପରପକ୍ଷରେ ସଚେତନତା ମାଧ୍ୟମରେ ଏହାର ମୂଳୋତ୍ପାଟନ କରିବାକୁ ପ୍ରୟାସ ଜାରି ରହିଥିବା କମିଶନ ପକ୍ଷରୁ କୁହାଯାଇଛି।**

**ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)**

ଯୁଗ ପରିବର୍ତ୍ତନ ଅନୁସାରେ ମାନସିକତାରେ ପରିବର୍ତ୍ତନ ହେଉ ନ ଥିବା ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଏବେବି ମହିଳାମାନେ ନିର୍ଯାତିତ ହେଉଛନ୍ତି। ମହିଳା କମିଶନରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ଓଡ଼ିଶାରେ ସର୍ବାଧିକ ନାରୀ ନିର୍ଯାତନା ସାମ୍ନାକୁ ଆସୁଛି। ଘରୋଇହିଂସା, ଯୌତୁକ ନିର୍ଯାତନା ତଥା ହତ୍ୟା, ସନ୍ଦେହଜନକ ମୃତ୍ୟୁ, ବିବାହ ପାଇଁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା, ବଳାତ୍କାର, ଅପହରଣ, ସମ୍ପତ୍ତି ଅଧିକାର, ଯୌନ ନିର୍ଯାତନା, କର୍ମକ୍ଷେତ୍ରରେ ନିର୍ଯାତନା, ମୌଖିକ ଅସଦାଚରଣ ସହ ଅନ୍ୟାନ୍ୟ ଅଧିକାର କ୍ଷୁଣ୍ଣ ହେବା ଭଳି ଅଭିଯୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ଏଭଳି ଘଟଣା ଉପକୂଳ ଓଡ଼ିଶାରୁ ଅଧିକ ହେଉଥିବା ରିପୋର୍ଟ ହେଉଛି। ୨୦୧୮-୧୯ ମସିହା ତଥ୍ୟ ଅନୁସାରେ କେବଳ ଭୁବନେଶ୍ୱରରୁ ୩୫୩, କଟକ ୨୬୪, ଖୋର୍ଦ୍ଧା ୨୫୦, ପୁରୀରୁ ୨୩୦ ମାମଲା ରହିଛି। ୨୦୧୯-୨୦ ବର୍ଷରେ ଭୁବନେଶ୍ୱରରୁ ୩୯, କଟକରୁ ୨୫୨, ଖୋର୍ଦ୍ଧାରୁ ୨୩୭ ଏବଂ ପୁରୀରୁ ୨୦୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୦-୨୧ ବର୍ଷରେ ଭୁବନେଶ୍ୱରରୁ ୨୯୩, କଟକରୁ ୨୧୮, ଖୋର୍ଦ୍ଧାରୁ ୨୦୦ ଏବଂ ପୁରୀରୁ ୧୬୦ ମାମଲା ପଞ୍ଜୀକୃତ ହୋଇଛି। ୨୦୨୧-୨୨ ବର୍ଷରେ ଭୁବନେଶ୍ୱରରୁ ୨୬୨, କଟକରୁ ୧୯୯, ଖୋର୍ଦ୍ଧାରୁ ୧୭୯ ଏବଂ ପୁରୀରୁ ୧୪୮ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨-୨୩ ବର୍ଷରେ ଭୁବନେଶ୍ୱରରୁ ୩୩୮, କଟକରୁ ୨୨୫, ଖୋର୍ଦ୍ଧାରୁ ୧୯୯ ଏବଂ ପୁରୀରୁ ୧୫୧ ଅଭିଯୋଗ ହୋଇଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଆଦି ଜିଲାରୁ ପ୍ରତିବର୍ଷ ଶତାଧିକ ମାମଲା ମହିଳା କମିଶନରେ ପଞ୍ଜିକରଣ କରାଯାଉଛି। ପ୍ରତି ଜିଲାରୁ ପ୍ରତିବର୍ଷ ଏଭଳି ଅଭିଯୋଗ ଆସୁଥିଲେ ମଧ୍ୟ ଉପକୂଳ ଓଡ଼ିଶାରେ ଅପେକ୍ଷାକୃତ ଏହି ସଂଖ୍ୟା ଯଥେଷ୍ଟ ଅଧିକ ରହୁଛି। ୧୯୯୩ରେ ମହିଳା କମିଶନ ପ୍ରତିଷ୍ଠା ପରଠାରୁ ୨୦୨୩ ଅଗଷ୍ଟ ମଧ୍ୟରେ ସମୁଦାୟ ୮୦ ହଜାର ୭୭ ଅଭିଯୋଗ ଆସିଥିବାବେଳେ ସେଥିରୁ ୭୪ ହଜାର ୯୮୦ ମାମଲାର ସମାଧାନ ହୋଇଛି। ୫,୦୯୭ ମାମଲା ବିଚାରାଧୀନ ରହିଛି।




### ଘରୋଇ ହିଂସାଜନିତ ମାମଲା ଅଧିକ

ରାଜ୍ୟରେ ମହିଳା ନିର୍ଯାତନା କ୍ଷେତ୍ରରେ ସର୍ବାଧିକ ଘରୋଇ ହିଂସା ମାମଲା ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ହିଂସା ମାମଲା ୧,୦୭୮ ରହିଥିବାବେଳେ ଯୌତୁକଜନିତ ମାମଲା ୭୭୦ଟି ରହିଛି। ଏହା ପଛକୁ ମହିଳା ଅଧିକାର କ୍ଷୁଣ୍ଣ ନେଇ ୨୯୬ ଜଣ ଅଭିଯୋଗ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ମଧ୍ୟ ୯୩୯ଟି କେବଳ ଘରୋଇ ହିଂସା ଅଭିଯୋଗ ହୋଇଛି। ଯୌତୁକଜିନିତ ନିର୍ଯାତନା ନେଇ ୬୯୪ ଏବଂ ମହିଳା ଅଧିକାର କ୍ଷୁଣ୍ଣ ନେଇ ୩୬୦ ମାମଲା ସହ ଅନ୍ୟାନ୍ୟ ମାମଲା ରହିଛି। ୨୦୨୦-୨୧ରେ ୮୪୬ ଘରୋଇ ହିଂସା ମାମଲା, ୪୯୩ ଯୌତୁକଜନିତ ହିଂସା, ୩୧୯ଟି ମହିଳା ଅଧିକାର କ୍ଷୁଣ୍ଣ ନେଇ ଅଭିଯୋଗ ପଞ୍ଜୀକୃତ ହୋଇଛି। ସେହିପରି ୨୦୨୧-୨୨ ବର୍ଷରେ ୮୦୩ଟି ଘରୋଇ ହିଂସା ମାମଲା, ୪୬୪ଟି ଯୌତୁକ ଜନିତ ନିର୍ଯାତନା ଓ ୩୩୨ଟି ମହିଳା ଅଧିକାର କ୍ଷୁଣ୍ଣ ହୋଇଥିବା ଅଭିଯୋଗ ରହିଥିବା ଜଣାପଡ଼ିଛି।



କମିଶନ ଅଧକ୍ଷା ଭାବେ ଯୋଗ ଦେବାବେଳେ ପ୍ରାୟ ୧୨ ହଜାର ମାମଲା ରହିଥିବା ବେଳେ ବର୍ତ୍ତମାନ ପ୍ରାୟ ୪ହଜାର ୭୦୦ ମାମଲା ରହିଛି। ମହିଳା କମିଶନକୁ ଆସୁଥିବା ମାମଲାଗୁଡ଼ିକର କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। କାଉନ୍‌ସେଲିଂ ମାଧ୍ୟମରେ ଅଧିକାଂଶ ମାମଲା ସମାଧାନ ହେଉଥିବାବେଳେ କିଛି ମାମଲା ଥାନା ବା କୋର୍ଟ ଜରିଆରେ ସମାଧାନ କରାଯାଉଛି। ବିଶେଷକରି ନିର୍ଯାତିତା ମହିଳାଙ୍କୁ ନ୍ୟାୟ ଦେବା ସହ ମହିଳାଙ୍କ ପ୍ରତି ନିର୍ଯାତନା କିପରି ସମ୍ପୂର୍ଣ୍ଣ ବନ୍ଦ ହୋଇପାରିବ ସେନେଇ କମିଶନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ସବୁ ଜିଲା ଓ ବ୍ଲକରେ କମିଶନ ପକ୍ଷରୁ ଏନେଇ କରାଯାଉଥିବା କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଆଇନଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ସ୍କୁଲ କଲେଜର ଛାତ୍ରୀଛାତ୍ର ଯୋଗ ଦେଉଛନ୍ତି। ଏଥିରେ ଘରୋଇ ହିଂସା ହେଉ ବା ମହିଳାଙ୍କ ଅନ୍ୟାନ୍ୟ ଅଧିକାର କ୍ଷୁଣ୍ଣ ଦିଗରେ ଅବଗତ କରାଯାଉଛି। କୌଣସି ବ୍ୟକ୍ତି ବା ଅନୁଷ୍ଠାନ ମହିଳାଙ୍କ ପ୍ରତି ଆଇନ ବିରୋଧୀ ଆଚରଣ କଲେ ତୁରନ୍ତ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଉଛି ଯାହାଦ୍ୱାରା ମହିଳାଙ୍କ ପ୍ରତି ଦୁର୍ବ୍ୟବହାର କରିବାକୁ କେହି ସାହସ କରିବେ ନାହିଁ।

**- ମିନତୀ ବେହେରା, ରାଜ୍ୟ ମହିଳା କମିଶନ ଅଧକ୍ଷା**



ପୁରୁଷ ଓ ମହିଳାଙ୍କ ମଧ୍ୟରେ ଭୁଲ୍ ବୁଝାମଣା, ସଚେତନତାର ଅଭାବ, ଅସାଧୁ ଲୋକଙ୍କ ମଧ୍ୟରେ ଆଇନ ପ୍ରତି ଭୟ ନ ଥିବାରୁ ରାଜ୍ୟରେ ମହିଳାଙ୍କ ପ୍ରତି ଅନ୍ୟାୟ ବା ହିଂସା ବଢୁଛି। ରାଜ୍ୟରେ ସାଇବର ଅପରାଧ ବଢୁଥିଲେ ମଧ ମହିଳା କମିଶନରେ ସେହି ଅନୁପାତରେ ମାମଲା ପଞ୍ଜୀକୃତ ହେଉନାହିଁ। ବିଶେଷକରି ଉପକୂଳ ଓଡ଼ିଶାରେ ମହିଳା ନିର୍ଯାତନା ସମ୍ପର୍କିତ ମାମଲା ଅଧିକ ରହୁଛି। ଏହାର କାରଣ ଏହି ସବୁ ଅଞ୍ଚଳରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବା ସହ ଅନ୍ୟ ଅଞ୍ଚଳ ଅପେକ୍ଷା ପୀଡ଼ିତାମାନେ ଅଧିକ ସଚେତନ ହୋଇ କମିଶନ ନିକଟରେ ଅଭିଯୋଗ କରୁଛନ୍ତି। ତେଣୁ ଏହି ସାମାଜିକ ବ୍ୟାଧିକୁ ସଚେତନତା ମାଧ୍ୟମରେ ରୋକା ଯାଇପାରିବ। ବିଶେଷକରି ପୁରୁଷମାନେ ମାନସିକତାରେ ପରିବର୍ତ୍ତନ ଆଣିବା ସହ ମହିଳାମାନେ ଅଧିକାର ପାଇଁ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି।

**- ଅନୁରାଧା ଦାଶ, ସାମାଜିକ କର୍ମୀ**



ମହିଳା ବିରୋଧୀ କାର୍ଯ୍ୟକଳାପ ପାଇଁ ପରିବାର ବା କର୍ମକ୍ଷେତ୍ରରେ ଅନେକ ସମୟରେ ମହିଳାମାନେ ନିଜେ ଦାୟୀ ଅଟନ୍ତି। ପରିବାରରେ ଭୁଲବୁଝାମଣା କ୍ରମେ ଘରୋଇ ହିଂସାରେ ପରିଣତ ହୁଏ। ସେହିପରି ଅନେକ ସମୟରେ କମ୍ ବୟସରୁ ଝିଅମାନଙ୍କୁ ପରିବାର ଲୋକ ରୋଜଗାର ପାଇଁ ବାହାରକୁ ପଠାଇଦିଅନ୍ତି। ଭୁଲ ଠିକ୍ ବିଚାରଶକ୍ତି ଅଭାବରୁ ଝିଅମାନେ ଭୁଲ ବାଟରେ ପାଦ ଦିଅନ୍ତି ଅଥବା କୌଣସି ଅପରାଧର ଶିକାର ହୁଅନ୍ତି। ପରିବାରରୁ ସଚେତନତା ଆରମ୍ଭ ହେଲେ ଏପରି ହିଂସା ବା ଅପରାଧ ରୋକା ଯାଇପାରିବ। ଅନେକ ସମୟରେ ଝିଅମାନେ ପୁରୁଷମାନଙ୍କ ନାମରେ ମିଥ୍ୟା ଅଭିଯୋଗ କରୁଥିବା ମଧ୍ୟ ନଜିର ରହିଛି। ତେଣୁ ସେସବୁ ମାମଲାକୁ ବାଦ୍ ଦେଲେ ରାଜ୍ୟରେ ମହିଳା ହିଂସାର ତାଲିକା ଛୋଟ ହୋଇପାରେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ବା ମନାନ୍ତର ହେଲେ ସେଥିରେ ପରିବାର ଲୋକ ଉଭୟଙ୍କୁ ନିଜେ ସମାଧାନ କରିବାକୁ ସୁଯୋଗ ଦେବା ଉଚିତ୍।

**- ଜୟଶ୍ରୀ ମହାପାତ୍ର, ସାମାଜିକ କର୍ମୀ**

# ‘ଇରମ ତ୍ୟାଗ, ସଂଗ୍ରାମର ମାଟି’

ବାସୁଦେବପୁର, ୨୮।୯
(ନାରାୟଣ ପ୍ରସାଦ ବାରିକ୍)

ଇରମ ହେଉଛି ପବିତ୍ର, ତ୍ୟାଗ ଓ ସଂଗ୍ରାମର ମାଟି। ଏଠି ଆତ୍ମବଳିଦାନ ଦେଇଥିବା ୨୯ଜଣ ଶହୀଦଙ୍କ ପାଇଁ ରାଜ୍ୟ ଓ ଦେଶ ଗର୍ବିତ। ଶହୀଦ ମାଟି ଇରମକୁ ଆସି ତାଙ୍କ ଜୀବନ ଧନ୍ୟ ହୋଇଛି। ମହିଳା ଶହୀଦ ପରିବେୱା ଆମ ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଆଦର୍ଶ ବୋଲି ଗୁରୁବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଇରମଠାରେ ୮୧ତମ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ପୂର୍ବାହ୍ନରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶହୀଦ ପୀଠରେ ସମାଧିସ୍ଥଳ, ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ପତାକା ଉତ୍ତୋଳନ କରିଥିଲେ। ୯ଟା ବେଳେ ଜିଲା ପୋଲିସ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନରେ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ଇରମରେ ପହଞ୍ଚି ସମାଧିପୀଠ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଅନୁଦାନରେ ନିର୍ମିତ ଏକମାତ୍ର ନାରୀ ଶହୀଦ ପରିବେୱାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ପରେ ମେଳଣପଡ଼ିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ଇରମର ଅବଦାନ ଅତୁଳନୀୟ। ଏହି ମାଟିରୁ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାମଞ୍ଚରେ ଇରମ ସରପଞ୍ଚ ସାବିତ୍ରୀ ବଳ, ସମିତିସଭ୍ୟା ଲଗ୍ନିକା ମଲିକ ଉପସ୍ଥିତ ଥିବାବେଳେ ଭାଗୀରଥି ମହାନ୍ତି ସଭାପତିତ୍ୱ କରିଥିଲେ। ରଞ୍ଜନ ନାୟକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅଜୟ ପଣ୍ଡାଙ୍କ ଲିଖିତ ‘ପଥେ ପଥେ ଇରମ’ ପୁସ୍ତିକା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଛାତ୍ରୀ ଆଦ୍ୟାଶା ଦାଶ ଆଙ୍କିଥିବା ରାଜ୍ୟପାଳଙ୍କର ଏକ ଫଟୋ ମଞ୍ଚରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ଶହୀଦ ସ୍ମୃତି କମିଟି ପକ୍ଷରୁ ରତିକାନ୍ତ ରାୟ, ରତିକାନ୍ତ ପତି, ଗଙ୍ଗାଧର ଘଡ଼େଇ ପ୍ରମୁଖ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ଭାଜପାର ବରିଷ୍ଠ ନେତା ଦୀନବନ୍ଧୁ ପତି, ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶହୀଦ ତୀର୍ଥଯାତ୍ରୀ ସଭାପତି ତ୍ରୈଲୋଚନ ଜେନା, ସମ୍ପାଦକ ବସନ୍ତ କୁମାର ଦାଶ, ‘ସ୍ରଷ୍ଟା ଓ ସୃଷ୍ଟି’ ପକ୍ଷରୁ ସଭାପତି ଦୁଃଶାସନ ରାଉତ, କବି ପ୍ରହ୍ଲାଦ ବାରିକ, ଖବରଦାତା ନାରାୟଣ ପ୍ରସାଦ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ବାଞ୍ଛାନିଧି ମହାନ୍ତି, ସଂଗ୍ରାମୀ ନୀଳମଣି ରାଉତରାୟ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ପୌରାଧ୍ୟକ୍ଷା ନିବେଦିତା ବେହେରା। ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ, ରଙ୍ଗରାଗ ସାହିତ୍ୟ ପତ୍ରିକା ସମ୍ପାଦକ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।


ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ସହ ଅନ୍ୟ ଅତିଥିମାନେ ଶହୀଦ ପୀଠରେ ମାଲ୍ୟାର୍ପଣ କରୁଛନ୍ତି।

- ୮୧ତମ ଶହୀଦ ସ୍ମୃତି ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଜ୍ୟପାଳ
- ଉନ୍ମୋଚନ ହେଲା ଶହୀଦ ପରିବେୱାଙ୍କ ପ୍ରତିମୂର୍ତ୍ତି

**ନକଲି ଜାତିଗତ ପ୍ରମାଣପତ୍ର ମାମଲା**

## ସରପଞ୍ଚ, ଆର୍‌ଆଇଙ୍କ ସମେତ ୫ ଗିରଫ

**ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ):** ନକଲି ଜାତିଗତ ପ୍ରମାଣପତ୍ର ପ୍ରସ୍ତୁତି ଅଭିଯୋଗରେ ବରଗଡ଼ ଜିଲା ଭଟଲି ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ବିରପାଲ ସିଂ, ବବ୍ଲେଶ କୁମାର, ରବିକାନ୍ତ, ଭଟଲି ତହସିଲ ଅଧୀନ ସୁକୁଡା ଆର୍‌ଆଇ ସନ୍ଦୀପ କୁମାର ଶତପଥୀ ଏବଂ ସରପଞ୍ଚ ମନୋରଞ୍ଜନ ଦୋରା। ସେମାନଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୨୨୫।୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗିରଫ ଉତ୍ତର ପ୍ରଦେଶର ୩ ଅଭିଯୁକ୍ତ ନିଜକୁ ଓଡିଶାର ବାସିନ୍ଦା ଦର୍ଶାଇ ଅନୁସୂଚିତ ଜନଜାତି ବର୍ଗର ଜାତିଗତ ପ୍ରମାଣପତ୍ର ହାତେଇଥିଲେ। ସେହିପରି ଏହି ଜାଲିଆତିରେ ଗିରଫ ହୋଇଥିବା ଆର୍‌ଆଇ ଏବଂ ସରପଞ୍ଚ ସହଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଆବଶ୍ୟକ ପ୍ରମାଣ ଯୋଗାଡ କରି ସେମାନଙ୍କୁ ଗିରଫ କରିଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଆସିକା ବ୍ଲକ ଅଧ୍ୟକ୍ଷାଙ୍କ ଦେଢ଼ଶୁର ମୃତ

**କୋଦଳା, ୨୮।୯ (ଅମିତ ପଟ୍ଟନାୟକ):** ଗଞ୍ଜାମ ଜିଲା କୋଦଳା ଥାନା ଦାନପୁର ଗ୍ରାମରେ ଗୁରୁବାର ଗଣେଶ ପୂଜା ଭୋଜି ଚାଲିଥିବା ବେଳେ କୌଣସି କଥାକୁ ନେଇ ସଂଘର୍ଷରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆସିକା ଥାନା ବରଗାଁର ସୁନୀଲ ନାହାକ। ସେ ଆସିକା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକଙ୍କ ଦେଢ଼ଶୁର। ସୁନୀଲଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଦାନପୁର ଗ୍ରାମରେ ଭୋଜି କାର୍ଯ୍ୟକ୍ରମରେ ତାଙ୍କୁ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରାଯାଇଥିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ କୋଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଡାକ୍ତରଖାନା ପରିସରରୁ ନବବିବାହିତା ନିଖୋଜ

**ସୋନପୁର, ୨୮।୯ (ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରୁ ଜଣେ ନବବିବାହିତା ନିଖୋଜ ହୋଇଥିବା ସୋନପୁର ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ନବ ବିବାହିତାଙ୍କ ସ୍ୱାମୀ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଲିଆମୁଣ୍ଡା ଗ୍ରାମର ସତ୍ୟ କର୍ଣ୍ଣ(୨୪) ଏହି ଅଭିଯୋଗ କରିଛନ୍ତି। ସୋନପୁର ଥାନାରେ ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି। ୨୨ ବର୍ଷୀୟା ନବବିବାହିତା ନିଜର ସ୍ୱାସ୍ଥ୍ୟ ଖରାପ ଥିବା ଦେଖାଇ ସ୍ୱାମୀଙ୍କ ସହିତ ସକାଳେ ଘରୁ ଡାକ୍ତରଖାନା ଆସିଥିଲେ। ମହିଳା ଜଣକ ଡାକ୍ତରଖାନା ଫାଟକ ପାଖରେ ଛିଡା ହୋଇଥିବା ବେଳେ ସ୍ୱାମୀ ସତ୍ୟ ଆଉଟଡୋରକୁ ଟିକେଟ୍ କରିବା ପାଇଁ ଯାଇଥିଲେ। ଏହି ସୁଯୋଗରେ ମହିଳା ତାଙ୍କ ପ୍ରେମିକଙ୍କ ସହିତ ଫେରାର ମାରିଥିବା ସନ୍ଦେହ କରାଯାଉଛି। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବଡ଼ବାପାଙ୍କୁ ପନିକିରେ ହାଣି ହତ୍ୟା

ଡୁଙ୍ଗୁରିପାଲି, ୨୮।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଁଆଁ ଗ୍ରାମ ପଞ୍ଚାୟତ ଅଧୀନ ସାଲେପାଲି ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି । ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଉକ୍ତ ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରକାଶ ଯେ, ଅପରାହ୍ନ ୪ଟା ସମୟରେ ସାଲେପାଲି ଗ୍ରାମର ନବୀନ ଭୁଏ (୫୦) ଭାତ ଖାଉଥିବା ବେଳେ ତାଙ୍କ ସାନଭାଇଙ୍କ ବଡ଼ପୁଅ ହଠାତ୍ କୌଣସି କାରଣରୁ ଏକ ପନିକିରେ ତାଙ୍କ ବେକକୁ ଚୋଟ ପକାଇଥିଲା। ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିତ୍କାର ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ରୁଣ୍ଡ ହୋଇଯିବା ଦେଖି ଅଭିଯୁକ୍ତ ସେଠାରୁ ଫେରାର ମାରିଥିଲା । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜାଖୋଜି କରି ଗ୍ରାମରୁ ଧରିଥିବା ବେଳେ ଥାନାକୁ ନେଇ ଅଟକ ରଖିଛି । ହତ୍ୟାକାଣ୍ଡରେ ବ୍ୟବହୃତ ପନିକି ଜବତ ହୋଇନାହିଁ। ଖବର ଲେଖା ହେବା ବେଳକୁ ନିହତ ନବୀନଙ୍କ ମୃତଦେହ ଘରେ ପଡିରହିଛି। ହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ । ତିନି ଭାଇ ମଧ୍ୟରେ ନବୀନ ହେଉଛନ୍ତି ବଡ । ପୋଲିସ ହତ୍ୟା ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରଖିଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରକାଶ କରିଛନ୍ତି।

# ପୋଲିସ ଅବହେଳାରୁ ଅଭିଯୁକ୍ତଙ୍କୁ ଜାମିନ

- ୧୨୦ ଦିନରେ ଅଭିଯୋଗ ଫର୍ଦ୍ଦ ଦାଖଲ ହେଲାନି
- ପାଲା ଗାୟିକାଙ୍କୁ ନିର୍ମମ ହତ୍ୟା ଘଟଣା

କେନ୍ଦୁଝର, ୨୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସ୍ପେଶାଲ କୋର୍ଟରେ ମାମଲା ରୁଜୁ ହେବାର ୧୨୦ ଦିନ ମଧ୍ୟରେ କୋର୍ଟରେ ଚାର୍ଜଶିଟ (ଅଭିଯୋଗ ଫର୍ଦ୍ଦ) ଦାଖଲ କରିବାର ନିୟମ ରହିଛି। ନଚେତ୍ ଅଭିଯୁକ୍ତ ଜାମିନ ବା ଖଲାସ ହେବା ସମ୍ଭାବନା ରହିଥାଏ। ଏଣୁ ଏଥିପାଇଁ ପୋଲିସ ଗୁରୁତ୍ୱ ଦେଇ ଠିକ୍ ସମୟରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥାଏ ଅଥବା ପୂର୍ବରୁ ସୂଚନା ଦେଇଥାଏ। କିନ୍ତୁ ପଣ୍ଡାପଡ଼ା ଥାନା ଅଞ୍ଚଳରେ ପାଲା ଗାୟିକାଙ୍କୁ ହତ୍ୟା ଘଟଣାରେ ପୋଲିସ ନିର୍ଦ୍ଧାରିତ ସମୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିପାରିନାହିଁ। ଫଳରେ ବୁଧବାର ହତ୍ୟା ଅଭିଯୁକ୍ତଙ୍କୁ ସହଜରେ ଜାମିନ ମିଳିଯାଇଛି। ପୋଲିସ ବିଭାଗରେ ଏଭଳି ଅବହେଳା ଯୋଗୁ ଜଣେ ହତ୍ୟା ଅଭିଯୁକ୍ତ ଗିରଫର ୧୨୧ ଦିନରେ ଜାମିନ ପାଇବା ସମସ୍ତଙ୍କୁ ଚକିତ କରିଛି।

ପ୍ରକାଶ ଯେ, ପଣ୍ଡାପଡ଼ା ଥାନା ଅଞ୍ଚଳ ବିନିଦା ଗ୍ରାମର ପାଲା ଗାୟିକା ସତ୍ୟଭାମା ସିଂ(୪୫)ଙ୍କୁ ୨୮ ମେ ୨୦୨୩ରେ ପଥରରେ ଛେଚି ହତ୍ୟା ହୋଇଥିଲା। ଘଟଣାରେ ପୋଲିସ ଏକ ମାମଲା(ନଂ ୮୬/୨୦୨୩)/ ୨୯ ମେ ୨୦୨୩ରେ ଦଫା ୩୦୨ରେ ରୁଜୁକରି ନାରାୟଣ ସାହୁ (୫୩)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଙ୍କ ଘର କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳରେ ହୋଇଥିବା ବେଳେ ସେ ବାୟକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ ୧୨୦ ଦିନ ମଧ୍ୟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରି ପାରି ନ ଥିଲେ। ଫଳରେ ୧୨୧ ଦିନରେ କୋର୍ଟରେ ଜାମିନ ପିଟିଶନ ଦାଖଲ ପରେ ସିଆର୍‌ପିସି ଧାରା ୧୬୭(୨) ଅନୁଯାୟୀ କୋର୍ଟ ଅଭିଯୁକ୍ତଙ୍କୁ ଜାମିନ ଦେଇଥିବା ତାଙ୍କ ପକ୍ଷରୁ ଲଢୁଥିବା ଓକିଲ ସୁମନ୍ତ ସାହୁ କହିଛନ୍ତି। ଏ ନେଇ ପଣ୍ଡାପଡ଼ା ଥାନା ଅଧିକାରୀ ଅବିନାଶ ପରିଡ଼ା କହିଛନ୍ତି, ଦିନକ ପୂର୍ବରୁ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରାଯାଇଛି। ତେବେ କାହିଁକି ଜାମିନ ମିଳିଲା ସେ ଜାଣିନାହାନ୍ତି। ଅନ୍ୟପକ୍ଷରେ କୋର୍ଟରେ ଥିବା ସବ୍‌ଇନ୍ସପେକ୍ଟର ଆଶୁତୋଷ ମହାନ୍ତି କହିଛନ୍ତି, ବିଳମ୍ବରେ ଅଭିଯୋଗ ଫର୍ଦ୍ଦ ପହଞ୍ଚିଥିଲା। ତେବେ ଏହାର ତର୍ଜମା କରାଯାଉଛି।

## ହତ୍ୟା ମାମଲାରେ ୩ ଜଣଙ୍କୁ ଆଜୀବନ କାରାଦଣ୍ଡ

ହିଞ୍ଜିଳିକାଟୁ, ୨୮।୯(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଧୀନ ସାରୁ ଗ୍ରାମରେ ୨୦୧୭ରେ ହୋଇଥିବା ଏକ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଏହା ଅନାଦାୟ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଗୁରୁବାର ହିଞ୍ଜିଳିଠାରେ ଅନୁଷ୍ଠିତ ସର୍କିଟ କୋର୍ଟରେ ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ଦିଲି ଦାଶ, ରାମରଥ ଦାଶ ଓ ସୁଧୀର ଦାଶ। ୨୦୧୭ ଏପ୍ରିଲ ୩୦ ତାରିଖରେ ସାରୁ ଗାଁ କୋଠଘରେ ଶୁକଦେବ ନାହାକ ଏବଂ ୩ ଅଭିଯୁକ୍ତ ଦିଲି, ରାମରଥ ଓ ସୁଧୀର ତାସ୍ ଖେଳୁଥିଲେ। ଖେଳକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ରାତିରେ ଅଭିଯୁକ୍ତମାନେ ଶୁକଦେବଙ୍କ ଘରେ ପଶି ତାଙ୍କ ପେଟରେ ଛୁରି ଭୁସିଦେଇ ଫେରାର ହୋଇଯାଇଥିଲେ। ଶୁକଦେବଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିଞ୍ଜିଳି ପରେ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଶୁକଦେବଙ୍କ ସ୍ତ୍ରୀ ଝିଲି ନାହାକ ୨୦୧୭ ମେ ୧ ତାରିଖରେ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ. ୬୯/୧୭ରେ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ତତ୍କାଳୀନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କରିଥିଲେ। ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତମାନଙ୍କୁ ଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ଡମ୍ବୀନାଥ ସାହୁ ମାମଲା ପରିଚାଳନା କରୁଥିଲେ।

# ଗର୍ଭ ଧାନରେ ଚକଡ଼ାପୋକ



ପାଟଣା, ୨୮।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳରେ ଚଳିତ ବର୍ଷ ଖରିଫ ଋତୁ ଧାନଚାଷ ଆରମ୍ଭରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ ପଛେଇଯାଇଥିଲା। ଏବେ ଧାନ ଫୁଲ ଧରିବା ପୂର୍ବରୁ ଚକଡ଼ା ପୋକ/ମାଟିଆଗୁଣ୍ଡି ପୋକ ଲାଗିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଧାନର ଗର୍ଭ ଅବସ୍ଥାରେ ଏହି ପୋକ ଲାଗିବାରୁ ମଳା ମଳା ପୋଡ଼ିଯାଉଛି। ପାଟଣା ବ୍ଲକ୍‌ର ବୁଢ଼ୀ କାପୁଡି, ଡେଣୁଆ, ମୁରୁସୁଆଁ ପଞ୍ଚାୟତ ସହ ମୂଷା ଖୋରି ପଞ୍ଚାୟତ ରଥପଡ଼ା, କେନ୍ଦେଇପଶି ପଞ୍ଚାୟତର ସିଳିଦା, କେନ୍ଦୁଆପଡ଼ା ଚକରେ ଚକଡ଼ା ପୋକ ଲାଗିଥିବା ବ୍ଲକ୍ କୃଷି ଅଧିକାରୀ ପରେଶ ଦାଶ କହିଛନ୍ତି। ବ୍ଲକ୍‌ରେ ପ୍ରାୟ ୧୨ ଏକରରୁ ଉର୍ଦ୍ଧ୍ୱ ଜମିକୁ ଚକଡ଼ା ପୋକ ଗ୍ରାସିଥିବାରୁ ଚାଷ ନଷ୍ଟହେବା ଆଶଙ୍କା ଦେଖାଦେଇଛି। କୃଷି ଅଧିକାରୀ ଓ ସହାକାରୀ କୃଷି ଅଧିକାରୀ ବର୍ଷା ବୈଶାଳୀ କ୍ଷେତ୍ର ପରିଦର୍ଶନ କରି ପୋକ ମାରିବା ପାଇଁ କୀଟନାଶକ, ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସ ପ୍ରୟୋଗ ଉପରେ ପରାମର୍ଶ ଦେଇଛନ୍ତି। ଚାଷୀମାନେ କୃଷି ବିଭାଗ ସହ ପରାମର୍ଶ କରିବାକୁ କୃଷି ଅଧିକାରୀ କହିଛନ୍ତି। ଏ ନେଇ ଜିଲାସ୍ତରରୁ ବିଶେଷଜ୍ଞ ଟିମ୍ ପଠାଇବାକୁ ବ୍ଲକ୍ କୃଷି ଅଧିକାରୀ ପତ୍ର ଲେଖିଥିବା କହିଛନ୍ତି।

**କ୍ଷେତ୍ର ପରିଦର୍ଶନକଲେ କୃଷି ଅଧିକାରୀ**

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ, ୨୮।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ତେଲେସଫର ଟପୋ(୩୯)ଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୨୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୫ ମାସ ସଶ୍ରମ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ୨୦୨୦ ଜାନୁୟାରୀ ୧୫ରେ ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅନ୍ତର୍ଗତ ଡୁମେରକୁଦ ଗ୍ରାମର ୭ବର୍ଷୀୟା ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ସେହି ଗ୍ରାମର ଅଭିଯୁକ୍ତ ତେଲେସଫର ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ଅଜା ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଦୌଡି ପଳାଇଥିଲେ। ଏହାପରେ ପୀଡିତା ନାବାଳିକା ସମସ୍ତ ବିଷୟ ଅଜାଙ୍କୁ କହିଥିଲେ। ଅଜା ଏ ନେଇ ୱାର୍ଡମେମ୍ବରଙ୍କୁ ଜଣାଇବା ସହ ଘଟଣାର ୨ଦିନ ପରେ ଭଷ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ (ନଂ ୪/୨୦)ରେ ଏକ ନାବାଳିକା ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଅଦାଲତ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ଫାଇନାନ୍ସ କମ୍ପାନୀର ୧୨ ବାଇକ୍ ପୋଡ଼ିଲେ ଦୁର୍ବୃତ୍ତ


ଦୁର୍ବୃତ୍ତମାନେ ପୋଡ଼ିଦେଇଥିବା ଫାଇନାନ୍ସ କର୍ମଚାରୀଙ୍କ ଗାଡ଼ି।

ଟିକିରି, ୨୮।୯
(ପ୍ରଫୁଲ୍ଲ କୁମାର ବେହେରା)

ଏକ ଘରୋଇ ଫାଇନାନ୍ସ କମ୍ପାନୀ ଅଫିସ୍ ସମ୍ମୁଖରେ ଥିବା କର୍ମଚାରୀଙ୍କ ୧୨ଟି ବାଇକ୍‌ରେ ନିଆଁ ଲଗାଇ ପୋଡ଼ିଦେଇଛନ୍ତି ଦୁର୍ବୃତ୍ତ। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏଭଳି ଅଘଟଣ ଘଟିଛି। ସୌଭାଗ୍ୟବଶତଃ ନିଆଁ ଅଫିସ ଭିତରକୁ ବ୍ୟାପି ନ ଥିବାରୁ ଅଫିସ ଭିତରେ ଥିବା ୫ କର୍ମଚାରୀ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏ ନେଇ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀ କର୍ତ୍ତୃପକ୍ଷ ଟିକିରି ଥାନାରେ ଅଭିଯୋଗ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଟିକିରିରେ ଥିବା ସ୍ପନ୍ଦନା ଫାଇନାନ୍ସ ଓ ଫ୍ୟୁଜନ ଫାଇନାନ୍ସ କମ୍ପାନୀ କର୍ମଚାରୀମାନେ ବୁଧବାର ରାତିରେ ଅଫିସରେ ଶୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ବାହାର ପଟୁ କବାଟ ବନ୍ଦକରି ଅଫିସ ସମ୍ମୁଖରେ ଥିବା ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ପୋଡା ଗନ୍ଧ ହେବାରୁ ଜଣେ କର୍ମଚାରୀଙ୍କ ନିଦ ଭାଙ୍ଗିଯାଇଥିଲା। ସେ ଉଠି ଝରକା ଖୋଲିଲା ବେଳକୁ ବାଇକ୍‌ଗୁଡିକ ହୁତୁହୁତୁ ହୋଇ ଜଳୁଥିବା ଦେଖି ଅନ୍ୟ କର୍ମଚାରୀଙ୍କୁ ନିଦରୁ ଉଠାଇଥିଲେ। ସେମାନେ ଉଠି ବାହାରକୁ ଆସିବାକୁ ଚେଷ୍ଟା କରିବା ବେଳେ କବାଟ ବାହାର ପଟୁ ବନ୍ଦ ଥିବାରୁ ଉପର ମହଲାର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ସେମାନେ ଆସି କବାଟ ଖୋଲିବା ପରେ ସମସ୍ତେ ବାହାରକୁ ଆସି ଦେଖିବାବେଳକୁ ବାଇକଗୁଡ଼ିକ ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଏ ନେଇ ପୋଲିସ ଏକ ମାମଲା ୧୩୪/୨୩ ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

# ହୋ ଗୀତ ଦେଇଛି ପରିଚୟ

ଯୋଡ଼ା, ୨୮।୯(ମାନସ ମହାନ୍ତି)


ସୋମା ପୂର୍ତ୍ତି।

- ୟୁ ଟ୍ୟୁବରୁ ଲୋକପ୍ରିୟ ଗାୟକ ସୋମା
- ପରିବା ବିକି ଚ୍ୟାନେଲ ଆରମ୍ଭ କରିଥିଲେ

ପିଲାଟି ବେଳରୁ ଅଭାବ ଅନଟନରେ ଜୀବନ ଯାପନ କରୁଥିଲେ। ମଧ୍ୟବିତ୍ତ ଓ ବଡ଼ ପରିବାର ହେତୁ ପଢ଼ାରେ ମଧ୍ୟ ସମସ୍ୟା ଉପୁଜିଥିଲା। ମାତ୍ର ପଦ୍ମ ପଙ୍କରୁ ଫୁଟିବା ଭଳି ତାଙ୍କ ପ୍ରତିଭା ମଧ୍ୟ ବହୁ ଦିନ ଲୁଚିପାରି ନ ଥିଲା। ଗୀତ ପ୍ରତି ଦୁର୍ବଳତା ଥିବାରୁ ୟୁ ଟ୍ୟୁବରେ ଚ୍ୟାନେଲ ଖୋଲି ନିଜ ଭାଷା ତଥା ଆଦିବାସୀ ହୋ ଭାଷାରେ ଗୀତ ରେକର୍ଡ କରି ପକାଇଥିଲେ। ତାହା ତାଙ୍କୁ ଏତେ ଲୋକପ୍ରିୟ କରିଥିଲା ଯେ ପରେ ସେ ଓଡ଼ିଆ ସମେତ ଅନ୍ୟାନ୍ୟ ଭାଷାରେ ଗୀତ ଗାଇ ଓଡ଼ିଶା, ଝାଡ଼ଖଣ୍ଡରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଲେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅସେଇଁକଳା ପଞ୍ଚାୟତର ସାନବଡ଼ବିଲର ସୋମା ପୂର୍ତ୍ତି(୨୪)। ସୋମା ବିଲେଇପଦା ଶିଶୁମନ୍ଦିରରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ବେଳେ ଏବେ ରିମୁଲି କଲେଜରେ ସ୍ନାତକ କରୁଛନ୍ତି। ବାପା ଗୁରୁଚରଣ ପୂର୍ତ୍ତି ଜଣେ ଚାଷୀ ଏବଂ ପାଲାଗାୟକ। ମା’ବାପାଙ୍କ ସହ ପରିବାରରେ ଆଉ ଦୁଇ ଭାଇ ଓ ଜଣେ ଭଉଣୀ ଅଛନ୍ତି। ସ୍ୱଳ୍ପ ରୋଜଗାରରେ ଘର ଚଳାଇବା ଓ ପିଲାମାନଙ୍କୁ ପାଠ ପଢ଼ାଇବା ଗୁରୁଚରଣଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇଥିଲା। ପରିବାର ଚଳାଇବା ପାଇଁ ବାପାଙ୍କୁ ସୋମା ଚାଷ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ଯେହେତୁ ୬ଷ୍ଠ ଶ୍ରେଣୀରୁ ତାଙ୍କର ଗୀତ ଗାଇବା ଓ ଲେଖିବା ରୁଚି ରହିଥିଲା,ସେ ସଙ୍ଗୀତକୁ ମାଧ୍ୟମ କରି ୟୁ ଟ୍ୟୁବ ଜରିଆରେ ରୋଜଗାର କରିବା ପାଇଁ ସିଦ୍ଧାନ୍ତ ନେଇଥିଲେ। ସଙ୍ଗୀତ ରେକର୍ଡିଂ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ ନିମନ୍ତେ ବିଲେଇପଦା ସାପ୍ତାହିକ ହାଟରେ ପରିବା ବିକ୍ରି କରିଥିଲେ। ଯେଉଁ ଅର୍ଥ ପାଇଥିଲେ, ତାହା ବାପାଙ୍କ ନିର୍ଦ୍ଦେଶକ୍ରମେ ଗୀତ ରେକର୍ଡିଂରେ ଖର୍ଚ୍ଚ କରି ନିଜର ପୂର୍ତ୍ତି ଷ୍ଟାର ନାମକ ଏକ ଚ୍ୟାନେଲ ଆରମ୍ଭ କରିଥିଲେ। ଏହାର ବହୁଳ ପ୍ରସାରଣ ହେବା ପରେ ସେ ହୋ ଭାଷାର ଗାୟକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପରେ ଆଦିବାସୀ ହୋ ଭାଷର ସହ ସାଦ୍ରି ଓ ଓଡ଼ିଆ ଭାଷାରେ ଗୀତ ଗାଇ ଲୋକପ୍ରିୟତା ହାସଲ କରିପାରିଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚି, ଜାମସେଦପୁର, ଚକ୍ରଧରପୁର, ଚାଇଁବାସା ସମେତ ଓଡ଼ିଶାର ଯାଜପୁର, ବାରିପଦା, ରାଉରକେଲା ଆଦି ଅଞ୍ଚଳରେ ଲାଇଭ ଷ୍ଟେଜ ଶୋ କରି ପ୍ରଶଂସା ସାଉଣ୍ଟିଛନ୍ତି। ସେ ହୋ ଭାଷାରେ ମାଲ ପିୟେଙ୍ଗେ, ମୂର୍ଗି ଟାଙ୍ଗଳି, ବେବୀ ବ୍ୟୁଟିଫୁଲ, ଓଡ଼ିଆରେ ଦିଲ୍‌ଟା ଦିୱାନା ସାଜିଛି ପ୍ରଭୃତି ଗୀତ ଗାଇଛନ୍ତି। ଏପରିକି କିଛି ଗୀତ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆଲୋଚ୍ୟ ହେଉଛି। ବଡ଼ ବଡ଼ ପ୍ରତିଷ୍ଠିତ ସେଲିବ୍ରିଟି ସୋମାଙ୍କ ଗୀତରେ ସୋସିଆଲ ମିଡିଆରେ ରିଲ୍ସ କରି ନାଚୁଥିବା ଦେଖିବାକୁ ମିଳୁଛି। ସୋମା ଧରିତ୍ରୀକୁ କହିଛନ୍ତି, ଏହି ସ୍ତରକୁ ପହଞ୍ଚି ଲୋକପ୍ରିୟତା ହାସଲ କରିବେ ବୋଲି ସେ କେବେ ଭାବି ନ ଥିଲେ। ଏହା କେବଳ ମା’ବାପାଙ୍କ ଆଶୀର୍ବାଦ ଓ ଜନସାଧାରଣଙ୍କ ସ୍ନେହ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଏକ ନିଜସ୍ୱ ଷ୍ଟୁଡିଓ ନିର୍ମାଣ କରିବା ସହ ହୋ ଭାଷା ଓ ଓଡ଼ିଆ ଭାଷାର ଗୀତକୁ ଆହୁରି ପ୍ରଚାରପ୍ରସାର ଦିଗରେ ଉଦ୍ୟମ କରିବେ ବୋଲି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଜ୍ୟୋତିରଞ୍ଜନ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ମାଣ କ୍ଷେତ୍ରରେ ପ୍ରଦୂଷଣମୁକ୍ତ ପରିବେଶକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୮।୯ (ଅଭୟ ଦାଶ)**

ଗତ କିଛିବର୍ଷ ମଧ୍ୟରେ ସାରା ବିଶ୍ୱ ପ୍ରଦୂଷଣଜନିତ ସମସ୍ୟାକୁ ନେଇ ଚିନ୍ତିତ ରହିଥିବାବେଳେ ଭାରତ ୨୦୭୦ ସୁଦ୍ଧା ଦେଶକୁ ଅଙ୍ଗାର ନିର୍ଗମନମୁକ୍ତ କରିବା ନେଇ ଯୋଜନା କରୁଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାର ଦୃଷ୍ଟିରୁ ନିର୍ମାଣ କ୍ଷେତ୍ରରେ ମଧ୍ୟ ସବୁଜ ପଦକ୍ଷେପ ସହ ପ୍ରଦୂଷଣମୁକ୍ତ ପରିବେଶକୁ ଗୁରୁତ୍ୱ ଦିଆଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନକରି ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆହେବ। ବିଶେଷକରି ବର୍ତ୍ତମାନ ସମୟରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ପକ୍ଷରେ ଜାତୀୟ ରାଜପଥ, ରାସ୍ତାକଡ଼ ସୁବିଧା, ଢାବା, ଟୋଲ୍ ପ୍ଲାଜା ଭଳି ୧୩,୦୦୦ ସ୍ଥାନରେ ପରିମଳ ରକ୍ଷା ପାଇଁ ଚିହ୍ନଟ କରାଯାଇଥିବା ବେଳେ ପ୍ରାୟ ୭,୦୦୦ ସ୍ଥାନରେ କାମ ଆପାତତଃ ଶେଷ ହୋଇଛି। ସେହିଭଳି ପ୍ରତିଦିନ ଗଦା ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦେଶବ୍ୟାପୀ ସହରଗୁଡ଼ିକରେ ମୁଖ୍ୟ ପରିବେଶଗତ ଆହ୍ୱାନ ଭାବେ ଦେଖା ଦେଇଥିବା ଗଡ଼କରୀ କହିଥିଲେ। ଏପରିକି ୧୦ହଜାର ହେକ୍ଟର ପାଖାପାଖି ଜମି ଅଳିଆ ଆବର୍ଜନା ଗଦା ଯୋଗୁ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସେ ଦୃଷ୍ଟିରୁ ସହରର କଠିନ ବର୍ଜ୍ୟବସ୍ତୁକୁ ରାଜପଥ ନିର୍ମାଣ ପାଇଁ ବ୍ୟବହାରକରି ସେ ସମସ୍ୟାର ସମାଧାନ ପାଇଁ ମନ୍ତ୍ରଣାଳୟ ଚିନ୍ତା କରୁଛି। ବର୍ଜ୍ୟରୁ ସମ୍ପଦ ସୃଷ୍ଟି କେବଳ ବୈଷୟିକ ଜ୍ଞାନ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ସମ୍ଭବ ବୋଲି ମନ୍ତ୍ରୀ କହିଥିଲେ। ଦେଶର ବିକଳ୍ପ ଜୈବ ଇନ୍ଧନକୁ ନେଇ ମନ୍ତ୍ରୀ କହିଥିଲେ, ଦେଶରେ ଏକ ଇଥାନଲ ଅର୍ଥନୀତିର ସେ ଦୃଢ ସମର୍ଥକ। କୃଷି କ୍ଷେତ୍ରର ଅଭିବୃଦ୍ଧି କରିବା ପାଇଁ ଇଥାନଲକୁ ଅଧିକରୁ ଅଧିକ ଉପଯୋଗ କରାଯିବା ଆବଶ୍ୟକ ରହିଛି। ଇଥାନଲ ଅର୍ଥ ବ୍ୟବସ୍ଥା ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଲକ୍ଷ୍ୟ ରହିଛି। ସେହିପରି ଗଡ଼କରୀ କହିଥିଲେ, ବିଶ୍ୱର ପ୍ରଥମ ବିଏସ୍-୬ କମ୍ପ୍ଲିଆଣ୍ଟ ଫ୍ଲେକ୍ସ ଫୁଏଲ ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଯାନ ଦିଲ୍ଲୀରେ ଚାଲିବା ଆରମ୍ଭ ସହ ଫ୍ଲେକ୍ସ ଇଞ୍ଜିନଗୁଡ଼ିକ ଶତପ୍ରତିଶତ ଇଥାନଲ ଦ୍ୱାରା ଚାଲି ଅର୍ଥବ୍ୟବସ୍ଥା ମଧ୍ୟକୁ ୧ ଲକ୍ଷ କୋଟି ଟଙ୍କା ଆସିପାରିବ।



# ସେନ୍‌କୋର ଡାଇମଣ୍ଡ୍ ମେଳା

**ଭୁବନେଶ୍ୱର, ୨୮।୯**

ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ବହୁ ପ୍ରତିକ୍ଷୀତ 'ଡାଇମଣ୍ଡ ମେଳା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ହୀରା, ସୁନା, ପ୍ଲାଟିନମ୍, ଷ୍ଟଡେଡ୍ ପ୍ଲାଟିନମ୍, ରୁପା, ଜେମ୍‌ଷ୍ଟୋନ୍, ଗସିପ୍ ଭଳି ଗହଣା ଉପରେ ଆକର୍ଷଣୀୟ ରିହାତି ସହିତ ଅତିରିକ୍ତ ସୁବିଧା ମଧ୍ୟ ପାଇପାରିବେ। ଉକ୍ତ ମେଳାରେ ହୀରା ଗହଣା ଉପରେ ମାତ୍ର ୧ଟଙ୍କାର ଗଢ଼ା ମୂଲ୍ୟ ଏବଂ ପୁରୁଣା ହୀରା ଗହଣା ବଦଳ ବେଳେ ମାତ୍ର ୫% ମୂଲ୍ୟ ଛାଡ଼ ସାମିଲ ରହିଛି। ସେହିପରି ଗ୍ରାହକମାନେ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ପ୍ଲାଟିନମ୍ ଗହଣାର ଗଢ଼ା ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି ମିଳୁଛି। ରୁପା ଓ ଗସିପ୍ ଗହଣାର ଗଢ଼ା ମୂଲ୍ୟ ଉପରେ ୧୦% ରିହାତି ଏବଂ ଜେମ୍‌ଷ୍ଟୋନ୍ ଉପରେ ୧୦% ରିହାତି ଗ୍ରାହକମାନେ ପାଇପାରିବେ ବୋଲି ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ନିର୍ଦ୍ଦେଶିକା ତଥା ମାର୍କେଟିଂ ଏବଂ ଡିଜାଇନ୍ ମୁଖ୍ୟ ଜୋଇତା ସେନ୍ କହିଛନ୍ତି। ଅଫ୍‌ଲାଇନ୍ ଓ ଅନଲାଇନ୍‌ରେ ଅକ୍ଟୋବର ୨ ପର୍ଯ୍ୟନ୍ତ ଗ୍ରାହକମାନେ ଡାଇମଣ୍ଡ ମେଳା ଅଫରର ଲାଭ ଉଠାଇପାରିବେ।


CLASSIFIED DISPLAY
MORE SPACE • SAME PRICE
TARIFF GST 5%

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଅଭିପ୍ସା ମାହାଣା (ମିକି)**
ବାଲିପାଟଣା, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:- ଜେଜେ, ମା, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ବର୍ଷା ନାନା, ବୁବୁନ୍ ଭାଇ, ଖୁସିନାନା, ଲୁସି, ଅଜା, ଆଇ, ମାମୁ, ମାଇଁ
ଧ-୭୫୦୪୩


# ଜେଏସ୍‌ଡବ୍ଲ୍ୟୁକୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର

**ଭୁବନେଶ୍ୱର,୨୮।୯**



ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ସମ୍ମାନଜନକ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର' ଦିଆଯାଇଛି। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ସମସ୍ତ ପରିବେଶଗତ ପ୍ରୟାସ ସହ କମ୍ପାନୀର ଜଜାଙ୍ଗ ଲୌହପଥର ଖଣିରେ ପୂର୍ଣ୍ଣାଙ୍ଗ ପରିବେଶ ପରିଚାଳନା କାର୍ଯ୍ୟାଭାସ କୈନ୍ଦ୍ରିକ ହୋଇଛି, ଯାହା ପରିଚାଳନାଗତ ଉତ୍କର୍ଷ ବଜାୟ ରଖିବା ସହିତ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। କମ୍ପାନୀର ଖଣି କାର୍ଯ୍ୟକଳାପରେ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସ ଏବଂ ମଜଭୁତ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡିକ ସଫଳତାର ସହିତ କାର୍ଯ୍ୟକାରୀ କରିବା ଦିଗରେ ଏହା କମ୍ପାନୀର ଏକାଗ୍ର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଅପରପକ୍ଷରେ ଓଏସ୍‌ପିସିବିର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବର ମୁଖ୍ୟ ଅତିଥି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର' ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଜଙ୍ଗଲ ବିଭାଗର ଚିଫ କଞ୍ଜରଭେଟର ଏବଂ ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଡ. ଦେବୀଦତ୍ତ ବିଶ୍ୱାଳଙ୍କ ସମେତ ଓଏସ୍‌ପିସିବିର ସଦସ୍ୟ ସଚିବ ଡ. କେ.ମୁରୁଗେସନ ପ୍ରମୁଖ ଉପସ୍ଥିତ ଥିଲେ।

# ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର, ୨୮।୯**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୧୦(୬୧୦.୩୭) ପଏଣ୍ଟ ଖସି ୬୫,୫୦୮ (୬୫,୫୦୮.୩୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୯୩ (୧୯୨.୯୦) ପଏଣ୍ଟ ହ୍ରାସ ଘଟି ୧୯,୫୨୪ (୧୯,୫୨୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକରେ ମଧ୍ୟ କାରବାର ହ୍ରାସ ହୋଇଥିବାବେଳେ ସେକ୍ଟୋରାଲ ଇଣ୍ଡେକ୍ସର ମଧ୍ୟ କାରବାର ହ୍ରାସ ଘଟିଛି।

# ଏନ୍‌ଏମ୍‌ଡିସିକୁ ଚାମ୍ପିୟନ ଅଫ୍ ଚାମ୍ପିୟନ୍‌ସ ଆୱାର୍ଡ



**ଭୁବନେଶ୍ୱର,୨୮।୯**

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପବ୍ଲିକ ରିଲେଶନ୍‌ସ କାଉନସିଲ ଅଫ୍ ଇଣ୍ଡିଆ (ପିଆରସିଆଇ) ପକ୍ଷରୁ ନୂଆଦିଲ୍ଲୀଠାରେ ୧୭ତମ ପିଆରସିଆଇ ଗ୍ଲୋବାଲ କମ୍ୟୁନିକେଶନ କନ୍‌କ୍ଲେଭ-୨୦୨୩ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କନ୍‌କ୍ଲେଭରେ ଏନଏମଡିସିକୁ ଚାମ୍ପିୟନ ଅଫ ଚାମ୍ପିୟନ୍‌ସ ଆୱାର୍ଡ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମଡିସିର ଜେନେରାଲ ମ୍ୟାନେଜର (କର୍ପୋରେଟ କମ୍ୟୁନିକେଶନ) ପି. ଜୟପ୍ରକାଶ ଏବଂ ଏନଏମଡିସି ଆଞ୍ଚଳିକ କାର୍ଯ୍ୟାଳୟ ନୂଆଦିଲ୍ଲୀର ଡିଜିଏମ ସୋମନାଥ ଆଚାର୍ଯ୍ୟ ଉକ୍ତ ସମ୍ମାନ ଆମନ୍ତ୍ରିତ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ବିଶେଷକରି ଏନଏମଡିସି ବିଭିନ୍ନ ବର୍ଗରେ ଉଚ୍ଚ ପ୍ରଦର୍ଶନ ସହିତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପିଆରସିଆଇ ପକ୍ଷରୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି ବୋଲି ଏନଏମଡିସି ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଏନଏମଡିସିର ସିଏମଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଛନ୍ତି, ଆମର କର୍ପୋରେଟ ଟିମ୍‌କୁ ମୁଁ ଧନ୍ୟବାଦ ଜଣାଉଛୁ, ଆଗାମୀ ଦିନରେ ମଧ୍ୟ କମ୍ପାନୀ ଓ କର୍ପୋରେଟ ଟିମ୍ ଆଗକୁ ଆହୁରି ଭଲ କାମ କରିବାକୁ ଏହି ସମ୍ମାନ ଉତ୍ସାହ ପ୍ରଦାନ କରିବ ବୋଲି ମୁଖାର୍ଜୀ ମତପ୍ରକାଶ କରିଛନ୍ତି।

# ଜିଆଇଆଇରେ ଭାରତର ଉଲ୍ଲେଖନୀୟ ଉନ୍ନତି

**ଭୁବନେଶ୍ୱର, ୨୮।୯**

କ୍ରମାଗତ ଭାବେ ଭାରତ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ (ଜିଆଇଆଇ)ରେ ଉଲ୍ଲେଖନୀୟ ଉନ୍ନତି କରିଛି। ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଇଣ୍ଟେଲେକଚୁଆଲ ପ୍ରପର୍ଟି ଅର୍ଗାନାଇଜେଶନ/ ବିଶ୍ୱ ବୌଦ୍ଧିକ ସମ୍ପଦ ସଙ୍ଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ଗୁରୁବାର ପ୍ରକାଶିତ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ-୨୦୨୩ ର୍ୟାଙ୍କିଙ୍ଗ୍‌ରେ ଭାରତ ୪୦ତମ ସ୍ଥାନରେ ରହିଛି। ବିଶେଷକରି ୧୩୨ ଅର୍ଥ ବ୍ୟବସ୍ଥା ମଧ୍ୟରୁ ଭାରତ ୪୦ତମ ସ୍ଥାନ ବଜାୟ ରଖିଛି। ଅପରପକ୍ଷରେ ୨୦୧୩ରେ ଭାରତ ୬୬ତମ ସ୍ଥାନରେ ରହିଥିବାବେଳେ ୨୦୨୩ରେ ଭାରତ ୪୦ତମ ସ୍ଥାନରେ ପହଞ୍ଚିଛି। ଗତ ୧୦ବର୍ଷ ମଧ୍ୟରେ ଭାରତ ୨୬ ଟି ସ୍ଥାନ ଉପରକୁ ଉଠିଥିବା ଡବ୍ଲ୍ୟୁଆଇପିଓ ସୂଚୀରେ ଉଲ୍ଲେଖ କରାଯାଇଛି। ଏପରିକି ଜିଆଇଆଇ ର୍ୟାଙ୍କିଙ୍ଗ୍‌ରେ ଭାରତ କ୍ରମାଗତ ଉନ୍ନତ ପ୍ରଦର୍ଶନ ସହ ଅପାର ଜ୍ଞାନ ପୁଞ୍ଜି, ଲାଇଭ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ଏବଂ ସାର୍ବଜନୀନ ଓ ଘରୋଇ ଗବେଷଣା ସଙ୍ଗଠନ ଦ୍ୱାରା କରାଯାଇଥିବା ଅଦ୍ଭୁତ କାର୍ଯ୍ୟ କାରଣରୁ ହୋଇପାରିଛି। ଅପରପକ୍ଷରେ ନୀତି ଆୟୋଗ ଜିଆଇଆଇ ସହିତ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥିତିର ଅନୁଧ୍ୟାନ ଓ ମୂଲ୍ୟାଙ୍କନ ଉପରେ କ୍ରମାଗତ ଭାବେ ଗୁରୁତ୍ୱ ପ୍ରଦାନ କରୁଛି। ସେହିପରି ଭାରତୀୟ ଉଦ୍ୟୋଗ ସଂଘ (ସିଆଇଆଇ) ମଧ୍ୟ ନୂତନତା-ସମ୍ପର୍କିତ ଅର୍ଥ ବ୍ୟବସ୍ଥା ଦିଗରେ ଭାରତର ଯାତ୍ରାରେ ସହଯୋଗ କରୁଛି। ଚଳିତ ବର୍ଷ ସିଆଇଆଇ ଏବଂ ଡବ୍ଲ୍ୟୁଆଇପିଓର ମିଳିତ ଭାଗୀଦାରିରେ ନୀତି ଆୟୋଗ- ୨୦୨୩ ସେପ୍ଟେମ୍ବର ୨୯ରେ ଜିଆଇଆଇ-୨୦୨୩ରେ ଏହାର ଶୁଭାରମ୍ଭର ଆୟୋଜନ କରୁଛି।

# ବିଦ୍ୟୁତ୍ ବିତରଣ ବ୍ୟବସାୟକୁ ପ୍ରାଧାନ୍ୟ

**ଭୁବନେଶ୍ୱର, ୨୮।୯**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ବିଭିନ୍ନ ବ୍ୟବସାୟିକ ଉଦ୍ୟମ ପାଇଁ ରାଜ୍ୟର ସମସ୍ତ ୩୦ ଜିଲାରେ ଥିବା ୭୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ସହ ସିଧାସଳଖ ବ୍ୟବସାୟକରି ୨୦୦୦ ସ୍ଥାନୀୟ ସଂସ୍ଥାକୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସଂସ୍ଥାଗୁଡ଼ିକ ଦ୍ୱାରା ଉତ୍ପାଦିତ ବିଭିନ୍ନ ବୈଷୟିକ ଉପକରଣ ୪ଗୋଟି ବିତରଣ କମ୍ପାନୀର ୨୦% ଚାହିଦାକୁ ମେଣ୍ଟାଇବ। ଏହି ନିଷ୍ପତ୍ତି ଦ୍ୱାରା ୪୦,୦୦୦ ରୁ ଅଧିକ ସ୍ଥାନୀୟ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଜୀବିକା ଉପାର୍ଜନ କରିପାରିବେ। ବିଶେଷ କରି ଏହା ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା ନୀତି ଦ୍ୱାରା ପ୍ରେରିତ । ଏହି ନିଷ୍ପତ୍ତି ଦ୍ୱାରା ବିଦ୍ୟୁତ୍ ବଣ୍ଟନ ଟ୍ରାନ୍ସଫରମର, ବିଦ୍ୟୁତ୍ ତାର, ବିଦ୍ୟୁତ୍ ଖୁଣ୍ଟ, ଅନ୍ୟାନ୍ୟ ଉପକରଣ, ଲାପ୍‌ଟପ୍, ଡେସ୍କଟପ୍ କମ୍ପ୍ୟୁଟର ଭଳି ଉପକରଣରୁ ଆରମ୍ଭ କରି ମିଟର ସ୍ଥାପନ, ମାସିକ ବିଦ୍ୟୁତ୍ ପଇଠ ସଂଗ୍ରହ, ଗ୍ରାହକ ସେବା କେନ୍ଦ୍ର ପରିଚାଳନା, ମାସିକ ମିଟର ରିଡିଂ ଏବଂ କାର୍ଯ୍ୟାଳୟ ରକ୍ଷଣାବେକ୍ଷଣ ଓ ଦୈନିକ ଖାଦ୍ୟପେୟ ଯୋଗାଣ ଆଦି ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟିଆଣ୍ଡ ଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଓଡ଼ିଶା ଦ୍ରୁତଗତିରେ ଆଗକୁ ବଢୁଥିବାବେଳେ ଏକ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଓଡିଶା ନିଜକୁ ପ୍ରତିଷ୍ଠା କରିପାରିଛି।


# Classified Everyday
0674-2580101, 2549949


REAL ESTATE

**SALE**

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

**ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108.** D-75220

Duplex sale at Bhubaneswar @ 57 lakhs only. Contact: 9777433701. D-75223

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

North & West facing 60'x45' (2,700sqft.) freehold corner plot in Saheed Nagar. 9937041033. D-74586

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Newly open SPA positively health benefits with expert therapist. 9938843929.** D-75150

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75042

Full body massage in homely atmosphere in all therapy. Mob: 8114881641. D-73444

**AFFIDAVIT**

Affidavit No-6192, dt-04.09.2023 before Executive Magistrate, Balasore, my name has changed from Pujarini Behera to Rupali Behera and my father's name has changed from Rohit Kumar Behera to Rohit Behera. Henceforth I shall be known as Rupali Behera, D/o- Rohit Behera, At-Budhibil, PO-Bhairpur, Dist.-Dhenkanal for all purpose. D-1426

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଓଁ ଜଳଧର ରଣସିଂହ**
ମାତା ଗୋସେଇଁ ଲେନ୍, ଚୁଡଙ୍ଗସାହି, ପୁରୀ, B.SC. BED, ସହକାରୀ ଶିକ୍ଷକ ୧୭।୧୨।୧୯୭୩ (ଭାର୍ଗବୀ ହାଇସ୍କୁଲ, ପୁରୀ) ପ୍ରଧାନ ଶିକ୍ଷକ (in charge)- ୩୧।୦୩।୨୦୦୧ ଚଉଦ ବାଟିଆ U.P. ସ୍କୁଲ, ପୁରୀ, School inspctor-୩୧।୧୨।୨୦୦୧, ପୁରୀ ସଦର ବ୍ଲକ, ଅବସର ତାରିଖ- ୨୯।୦୨।୨୦୦୪
ଆବିର୍ଭାବ:୧୨।୦୨।୧୯୪୬
ତିରୋଧାନ: ୧୯।୦୯।୨୦୨୩
ତୁମର ଆଦର୍ଶ, ଭଲପାଇବା ଏବଂ ତ୍ୟାଗ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଏକାଦଶାହ ତିଥି ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଅଛୁ। ଆପଣଙ୍କ ହତଭାଗ୍ୟ: ପ୍ରେମଲତା, ବାବୁ, କାବୁ, ଟୁଟୁ, ବବି, ତୁଡ଼ିଆ, ଗୀତା, ରଶ୍ମି, ନାତି, ନାତୁଣୀ ସମସ୍ତ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୬୯୦୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଓଁ ଶତ୍ରୁଘ୍ନ ଜେନା**
ଆବିର୍ଭାବ : ୦୮.୦୧.୧୯୨୭
ତିରୋଧାନ : ୧୯.୦୯.୨୦୨୩
ନହରକଣ୍ଟା, ଭୁବନେଶ୍ୱର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ଆପଣଙ୍କର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଉପଦେଶ ପ୍ରତି ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆଶୀର୍ବାଦ ସବୁବେଳେ ଆମମାନଙ୍କ ଉପରେ ରହିଥାଉ । ଆପଣଙ୍କର ପବିତ୍ର ଓ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ- ବିଦ୍ୟୁଲତା ଜେନା, ପୁତ୍ର- ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ ।
ଧ-୧୪୨୨

**ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଓଁ Shri Jagneswar Dash**
SG-32- ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୨
ତିରୋଧାନ: ୨୯।୦୯।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୪୨୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ନିରଞ୍ଜନ ପ୍ରଧାନ**
ମଧୁବନ, ନିଜିଗଡ଼ କୁରୁଖୀ
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୧୯।୦୯।୨୦୨୩
ଏଗାର ଦିନ ବିତିଗଲାଣି ହେଲେ ଏବେ ବି ବିଶ୍ୱାସ ହେଉନାହିଁ ଯେ ତୁମେ ଆମ୍ଭମାନଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଛ। ତୁମର ପ୍ରତ୍ୟେକଟି କଥା, ଭଲପାଇବା, ସ୍ନେହ ଏବଂ ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମା ଚିର ଶାନ୍ତି ଲଭୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ, ପୁତ୍ର ଶୁଭରଶ୍ମି, ପୁତ୍ରବଧୂ ସୁଦେଷ୍ଣା,ଝିଅ ଶୁଭଲକ୍ଷ୍ମୀ, ଜ୍ୱାଇଁ ନୀଳକଣ୍ଠ, ଭାଇ ବାଙ୍କବିହାରୀ, ଭାଇବୋହୂ ମଞ୍ଜୁ, ପୁତୁରା, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୧୪୧୯



ଦିଲ୍ଲୀ କୀର୍ତ୍ତିନଗର ଫର୍ନିଚର ମାର୍କେଟରେ କାଠକାମ କରୁଛନ୍ତି ରାହୁଲ ଗାନ୍ଧୀ।

# କାଠମିସ୍ତ୍ରିଙ୍କୁ ଭେଟିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୨୮।୯(ପି.ଟି.)

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଦିଲ୍ଲୀର କୀର୍ତ୍ତିନଗର ଫର୍ନିଚର ମାର୍କେଟକୁ ଯାଇ କାଠମିସ୍ତ୍ରୀମାନଙ୍କ ସହ ଆଳାପ ଆଲୋଚନା କରିଛନ୍ତି। ଏହା ପୂର୍ବରୁ ସେ ଗତ ଅଗଷ୍ଟରେ ଆଜାଦପୁର ମଣ୍ଡିକୁ ଯାଇ ଫଳ ଓ ପରିବା ବିକ୍ରେତାମାନଙ୍କୁ ଭେଟିଥିଲେ। ନିକଟରେ ସେ ଆନନ୍ଦ ବିହାର ରେଳଷ୍ଟେଶନକୁ ଯାଇ କୁଲିମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ଓ ନିଜେ ଏକ ଲଗେଜ୍ ମୁଣ୍ଡେଇଥିଲେ। ଗୁରୁବାର ସେ ବଢ଼େଇ ମିସ୍ତ୍ରୀମାନଙ୍କଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଶୁଣିବା ସହ କାଠକାମରେ ସାମିଲ ହୋଇଥିଲେ। ସେମାନେ କେବଳ କଠିନ ପରିଶ୍ରମୀ ନୁହନ୍ତି, ବିସ୍ମୟକର କଳାକାର ଏବଂ ସୁନ୍ଦର କାରୁକାର୍ଯ୍ୟ ଖୋଦେଇର ବିଶେଷଜ୍ଞ ବୋଲି ରାହୁଲ ଏକ୍ସରେ ପୋଷ୍ଟ କରିଛନ୍ତି।

# 'ମାଟିକଳା ବୋର୍ଡ' ପ୍ରତି ଆନ୍ତରିକତା ଦେଖାଉନାହାନ୍ତି ସରକାର: ଭାଜପା

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

ସମସ୍ତ ଶୁଭକାର୍ଯ୍ୟ ପାଇଁ କୁମ୍ଭକାରଙ୍କ ଉପରେ ନିର୍ଭର କରିଥାଉ। ହେଲେ ଏବେ ସେମାନେ ନିଜର କୌଳିକ ବୃତ୍ତିକୁ ନେଇ ସନ୍ଦେହରେ ଅଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡିକରେ କୌଳିକ ବୃତ୍ତି କରି ଜୀବିକା ନିର୍ବାହ କରୁଥିବା କୁମ୍ଭକାରଙ୍କୁ ସହଯୋଗ ଓ ପ୍ରୋତ୍ସାହନ ପାଇଁ 'ମାଟିକଳା ବୋର୍ଡ' ଗଠନ କରାଯାଇଥିଲେ ମଧ୍ୟ ଓଡ଼ିଶାରେ ୨୪ ବର୍ଷର ବିଜେଡି ସରକାର ଏଥିପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଲୋୟର ପିଏମ୍‌ଜି ଠାରେ ଧାରଣା ଦେଇଥିବା କୁମ୍ଭକାରମାନଙ୍କୁ ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ଭେଟି ସେମାନଙ୍କ ଦାବି ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ଭାଜପା ପ୍ରତିନିଧି ଦଳ କହିଛି,କୁମ୍ଭକାରଙ୍କ ନ୍ୟାଯ୍ୟ ଦାବି ପ୍ରତି କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱକର୍ମା ଯୋଜନା ଆଣିଛନ୍ତି, ଯେଉଁଥିରେ କୁମ୍ଭକାରମାନେ ସମ୍ପୂର୍ଣ୍ଣ ଉପକୃତ ହେବେ। ତେବେ ବିଧାନସଭାରେ ଏମାନଙ୍କ ପ୍ରସଙ୍ଗ ଉପସ୍ଥାପନ କରାଯିବ ବୋଲି ବିଧାୟକ ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି।

# ବିଜେଡି ଛାଡ଼ି କଂଗ୍ରେସରେ ୬୪ ପରିବାର

ରୂପସା, ୨୮।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ କାଦରାୟା ପଞ୍ଚାୟତରେ କଂଗ୍ରେସର ଏକ ମହାମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କାଦରାୟା ପଞ୍ଚାୟତର କଂଗ୍ରେସ ସଭାପତି ବାବୁଲୁ ମିୟା ସ୍ୱାଗତ ଭାଷଣ ଦେଇଥିଲେ। ଗ୍ରାମର ୬୪ପରିବାର ସମେତ ଦୁଇ ଜଣ ୱାର୍ଡ଼ ସଭ୍ୟ କଂଗ୍ରେସ ନେତା ସୁଦର୍ଶନ ଦାସ ଓ ବାଲେଶ୍ୱର ସଂସଦୀୟ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ଆକର୍ଷିତ ହୋଇ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ସଭାପତି ଜିଆମୁଲ ହକ୍ ଯୋଗଦେଇ ଦେଶର ସ୍ୱାଧୀନତା ପାଇଁ ମୁସଲିମ ସମ୍ପ୍ରଦାୟଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।



କଂଗ୍ରେସ ପକ୍ଷରୁ ନବାଗତଙ୍କୁ ସ୍ୱାଗତ କରାଯାଉଛି।

ଅବଦୁଲ କଲାମଙ୍କ ଆଧୁନିକ ଭାରତ ପ୍ରତି ଅବଦାନ କୌଣସି ଭାରତୀୟ ଭୁଲି ପାରିବେ ନାହିଁ। ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଆଜି ସେହି ମୁସଲମାନଙ୍କୁ ଅବହେଳା କରୁଛନ୍ତି। ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ସଂଗ୍ରାମ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ସରପଞ୍ଚ ଡ. ନଗେନ୍ଦ୍ର କୁମାର ସିଂ, ବରିଷ୍ଠ କଂଗ୍ରେସ ନେତା ମନୋଜ କୁମାର ମହାନ୍ତି, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡ଼ା, ରବୀନ୍ଦ୍ର କୁମାର ଦାସ, ଜୟନ୍ତ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପୂର୍ବରୁ ଗିଲାଯୋଡ଼ିଠାରୁ ଏକ ବିଶାଳ ପଦଯାତ୍ରା ଦେଭୋଗ କଣ୍ଟାବଣି ଦେଇ ସଭାସ୍ଥଳରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଜିଲା କଂଗ୍ରେସ ସମ୍ପାଦକ ରବୀନ୍ଦ୍ର ଭଞ୍ଜ, ଜିଲା ମହିଳା କଂଗ୍ରେସ ଉପସଭାପତି ଅଞ୍ଜଳି ପ୍ରଧାନ, ପ୍ରଦୀପ ପ୍ରଧାନ, ସୁଶାନ୍ତ ସାହୁ, ଯୁବନେତା ଆଖାରୁଦ୍ଦିନ, ଶରତ ଜେନା, କାର୍ତ୍ତିକ ପାତ୍ର, ପ୍ରଭାତ ଦାସଙ୍କ ସମେତ ଜଳେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତନ ଚିଲିକା ବିଧାୟକଙ୍କ ଗାଡ଼ିକୁ ଅଣ୍ଡାମାଡ଼

ବାଣପୁର(ଶଙ୍କର ବସ୍ତି)/ଗମ୍ଭାରୀମୁଣ୍ଡା (ଦିଲୀପ ସ୍ୱାଇଁ), ୨୮।୯

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏନେଇ ବିଭିନ୍ନ ନିର୍ବାଚନମଣ୍ଡଳୀର ନେତାମାନେ ଜନସମ୍ପର୍କ ସ୍ଥାପନ ଲକ୍ଷ୍ୟରେ ଲୋକଙ୍କ ନିକଟକୁ ଯିବାକୁ ଆରମ୍ଭ କଲେଣି। ଗୁରୁବାର ଖୋର୍ଦ୍ଧା ଜିଲା ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ବାଣପୁର ବିଜ୍ଞାପିତ ଅଞ୍ଚଳ ବିଷରପାଟଣା ଛକସ୍ଥିତ ଚା'ଖଟିରେ ବସି ଆଲୋଚନା କରୁଥିବା ବେଳେ ତାଙ୍କ ଗାଡ଼ିକୁ ହଠାତ୍ କେତେଜଣ ଯୁବକ ଅଣ୍ଡାମାଡ଼ କରିଥିଲେ। ଏହା ପରେ ରଘୁନାଥଙ୍କୁ ସଙ୍ଗେ ସଙ୍ଗେ ସମର୍ଥକମାନେ ସେଠାରେ ଥିବା ଏକ ଘରକୁ ନେଇଯାଇଥିଲେ। ତେବେ ଏହି ସମୟରେ ଚା'ପିଉଥିବା ସ୍ଥାନୀୟ ଲୋକଙ୍କ ଉପରେ ଅଣ୍ଡା ପଡ଼ିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ସାହୁ ଆହତ ହୋଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଯୁବକ ଅଣ୍ଡାମାଡ଼ କରିଥିବା ଯୁବକଙ୍କୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ଫଳରେ ସମ୍ପୃକ୍ତ ଯୁବକମାନେ ଭୟଭୀତ ହୋଇ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ବାଣପୁର ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ରଘୁନାଥଙ୍କୁ ସୁରକ୍ଷିତ ଅବସ୍ଥାରେ ଘରକୁ ପଠାଇଥିଲା। ଆହତ ଜଗନ୍ନାଥଙ୍କ ଅଭିଯୋଗକ୍ରମେ ପୋଲିସ ୧୩ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୂର୍ବତନ ବିଧାୟକ ରଘୁନାଥ କହିଛନ୍ତି, ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିନାହିଁ। ତେବେ ଘଟଣା ସମ୍ପର୍କରେ ଦଳୀୟ ହାଇକମାଣ୍ଡଙ୍କୁ ଅବଗତ କରାଇଛି ବୋଲି ସେ ପ୍ରକାଶ କରିଛନ୍ତି।




ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ଗାଡ଼ିକୁ ଅଣ୍ଡାମାଡ଼ କରାଯାଇଛି (ବୃତ୍ତ ଚିହ୍ନିତ)।




ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୁଣି ରାସ୍ତାରେ ଶିକ୍ଷୟିତ୍ରୀଶିକ୍ଷକ

ଭୁବନେଶ୍ୱର,୨୮।୯ (ଅନୁରାଧା ମହାରଣା)

୨୦୦୪ରୁ ୨୦୧୩ ମସିହା ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ୬ବର୍ଷ ନିଯୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ କରିବା ସହ ୬ଟି ନୋସ୍ନାଲ ଇନକ୍ରିମେଣ୍ଟ ପ୍ରଦାନ ଏବଂ ପୁରୁଣା ପେନ୍‌ସନ ନିୟମ ଲାଗୁ କରିବା ପାଇଁ ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନ୍‌ସନ ଯୋଜନାଭୁକ୍ତ (ଏନ୍‌ପିଏସ୍) ଶିକ୍ଷକ ସଂଘ ପକ୍ଷରୁ ଦାବିହୋଇ ଆସୁଛି। ଏଥିପାଇଁ ଏକାଧିକ ଥର ଶିକ୍ଷୟିତ୍ରୀଶିକ୍ଷକମାନେ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି କ୍ରମରେ ଗୁରୁବାର ପୁଣିଥରେ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ଏକାଠି ହୋଇ ନାରାବାଜି କରିଥିଲେ। ତେବେ ସନ୍ଧ୍ୟାରେ ସଂଘର ଏକ ପ୍ରତିନିଧି ଦଳ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଭେଟି ଆଲୋଚନା କରିଥିଲେ। ଶିକ୍ଷକଙ୍କ ଦାବି ସମ୍ପର୍କରେ ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା ହୋଇପାରି ନ ଥିବାରୁ କୌଣସି ନିଷ୍କର୍ଷ ବାହାରି ପାରୁ ନ ଥିବା ମନ୍ତ୍ରୀ କହିଛନ୍ତି। ଏନେଇ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ ସୂଚନା ଦେଇଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଆଲୋଚନା ସନ୍ତୋଷଜନକ ନହେବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିବ । ଏନେଇ ସଂଘର କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**ରାଜ୍ୟ ଖବର**

# ୩୦ରେ ପୁଣି ମାଧ୍ୟମିକ ଶିକ୍ଷକଙ୍କ ମହାସମାବେଶ

ଭୁବନେଶ୍ୱର, ୨୮।୯ (ଅସମାପିକା ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଚାଲିଥିବା ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ଘୋଷଣା, ସପ୍ତମ ବେତନ କମିଶନରୁ ବାଦ୍ ପଡ଼ିଥିବା ବିଦ୍ୟାଳୟଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିବା ଭଳି ୨୧ଦଫା ଦାବି ନେଇ ମାଧ୍ୟମିକ ଶିକ୍ଷକମାନେ ଏହି ଆନ୍ଦୋଳନ ଜାରି ରଖିଛନ୍ତି। ପେନ୍‌ସନ ଓ ଚାକିରି ସର୍ତ୍ତାବଳୀ ହେଉଛି ସେମାନଙ୍କର ମୁଖ୍ୟ ଦାବି। ତେବେ ୪ଦିନ ବିତିଯାଇଥିଲେ ସୁଦ୍ଧା ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲେ ନାହିଁ। ସମସ୍ୟା ସମାଧାନ ପାଇଁ ସରକାର ଆଗେଇ ନ ଆସିଲେ ଆନ୍ଦୋଳନ ଥମିବ ନାହିଁ ବୋଲି ଓଷ୍ଟା ପକ୍ଷରୁ ଚେତାବନୀ ଦିଆଯାଇଛି। ଆସନ୍ତା ୩୦ରେ ଆଉ ଏକ ମହାସମାବେଶ ହେବ। ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ମହାସମାବେଶ ଆୟୋଜନ କରାଯିବ ବୋଲି ଗୁରୁବାର ଓଷ୍ଟା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହାପରେ ଯଦି ସରକାର ସମସ୍ୟାର ସମାଧାନ ନ କରନ୍ତି, ତା'ହେଲେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ତାଲା ଝୁଲିବ। ଗାଁ ଗାଁ ଘର ଘର ବୁଲି ସରକାରଙ୍କର ଶିକ୍ଷାପ୍ରତି ଥିବା ବୈମାତୃକ ମନୋଭାବର ଉଦ୍ଦେଶ୍ୟ ଲୋକଙ୍କ ନିକଟକୁ ନେବୁ। 'ତୁମେ ଯଦି ଆମର ନୁହଁ, ଆମେ ମଧ୍ୟ ତୁମର ନୁହଁ' – ଏହି ନ୍ୟାୟରେ ପ୍ରଚାର ଅଭିଯାନ ହାତକୁ ନିଆଯିବ ବୋଲି ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଶିକ୍ଷକଙ୍କ ସମସ୍ୟା ସମାଧାନ ନ ହେଲେ ରାଜ୍ୟରେ ଥିବା ୩,୫୦୦ ମାଧ୍ୟମିକ ବିଦ୍ୟାଳୟ ବନ୍ଦ ହୋଇଯିବ। ମାଧ୍ୟମିକ ଶିକ୍ଷାର ଅର୍ଦ୍ଧାଧିକ ଭାର ବହନ କରୁଥିବା ଏହି ବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଗଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଯେ ଭୁଶୁଡ଼ି ପଡ଼ିବ ଏଥିରେ ସନ୍ଦେହ ନାହିଁ। ଓଡ଼ିଶାର ପୁରପଲ୍ଲୀ ସବୁଠି ସ୍ୱର ଉଠିବା ପୂର୍ବରୁ ଶିକ୍ଷକଙ୍କ ସମସ୍ୟା ସମାଧାନ କରି ଶିକ୍ଷାକୁ ସରକାର ବଞ୍ଚାନ୍ତୁ ଏବଂ ନିଜର ଉତ୍ତରଦାୟିତ୍ୱ ପାଳନ କରନ୍ତୁ ବୋଲି ଓଷ୍ଟା ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# ମାଟିକଳା ବୋର୍ଡ ଗଠନ ଦାବି

**ଆନ୍ଦୋଳନରେ ରାଜ୍ୟ କୁମ୍ଭକାର ମହାସଂଘ**

ଭୁବନେଶ୍ୱର,୨୮।୯ (ଅନୁରାଧା ମହାରଣା)

ମାଟିକଳା ବୋର୍ଡ ଗଠନ, କୁମ୍ଭକାର ଜାତି ମାଟି କାରିଗରଙ୍କୁ କାରିଗର ମାନ୍ୟତା ପ୍ରଦାନ ଓ କାରିଗରି ଭତ୍ତା ପ୍ରଦାନ ଆଦି ୬ ଦଫା ଦାବି ନେଇ ରାଜ୍ୟ କୁମ୍ଭକାର ମହାସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ଦାବି ପୂରଣ ନେଇ କୌଣସି ଆଲୋଚନା ହୋଇ ନ ଥିବାରୁ ମହାସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଗୁରୁବାର ଛୁଟି ଥିବାରୁ ଆଲୋଚନା ହୋଇ ନ ଥିବାବେଳେ ଶୁକ୍ରବାର ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା ହୋଇପାରେ ବୋଲି ମହାସଂଘର ଉପଦେଷ୍ଟା ପୀତାମ୍ବର ରଣା ସୂଚନା ଦେଇଛନ୍ତି। ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ରାଜ୍ୟର ହଜାର ହଜାର ସଂଖ୍ୟକ କୁମ୍ଭକାର ଜାତିର କାରିଗର ଏକାଠି ହୋଇ ଦାବି ପୂରଣ ପାଇଁ ନାରାବାଜି କରିଛନ୍ତି। ସେହିପରି ଓଡ଼ିଶାରେ କୁମ୍ଭକାର ଜାତି ବସବାସ କରୁଥିବା ଗ୍ରାମଗୁଡ଼ିକରେ ମାଟି ପାଇଁ ୨ରୁ ୩ ଏକର ଜମି ଯୋଗାଇଦେବା, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା, କୁମ୍ଭକାର କାରିଗରଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ବଜାର ବ୍ୟବସ୍ଥା, କୌଳିକ ବୃତ୍ତିଧାରୀଙ୍କୁ ବିନା ସୁଧରେ ଋଣ ଯୋଗାଇବାର ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବି ରହିଛି।




ମାଟିକଳା ବୋର୍ଡ ଗଠନ, କୁମ୍ଭକାର ଜାତି ମାଟି କାରିଗରଙ୍କୁ କାରିଗର ମାନ୍ୟତା ପ୍ରଦାନ ଓ କାରିଗରି ଭତ୍ତା ପ୍ରଦାନ ଆଦି ୬ ଦଫା ଦାବି ନେଇ ରାଜ୍ୟ କୁମ୍ଭକାର ମହାସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭାରତୀୟ ଦଳରେ ଅଶ୍ୱିନ ସାମିଲ

ନୂଆଦିଲ୍ଲୀ, ୨୮।୯ (ପି.ଟି.)

ଆଗାମୀ ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତର ୧୫ଜଣିଆ ଦଳରେ ଆଘାତପ୍ରାପ୍ତ ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ସ୍ଥାନରେ ଭେଟେରାନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମିଲ କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଗୁରୁବାର ଘୋଷଣା କରାଯାଇଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୬ ଦିନ**


ରବିଚନ୍ଦ୍ରନ ଅଶ୍ୱିନ

ଅକ୍ଷରଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଏଥିରୁ ଶୀଘ୍ର ମୁକ୍ତିପାଇବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଫଳତଃ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ତାଙ୍କ ସ୍ଥାନରେ ୩୭ ବର୍ଷୀୟ ଅଶ୍ୱିନଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନେଇଥିଲା। ନିକଟରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ସେ ଦୁଇଟି ଅନ୍ତର୍ଜାତୀୟ ଦିନିକିଆରେ ୪ ଉଇକେଟ ନେଇଥିଲେ। ଭାରତର ବାଂଲାଦେଶ ବିପକ୍ଷ ଏସିଆକପ୍ ସୁପର ଫୋର୍ ମୁକାବିଲା ବେଳେ ଅକ୍ଷରଙ୍କ ବାମ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳତଃ ଏହି ସ୍ପିନ ବୋଲିଂ ଅଲ୍ ରାଉଣ୍ଡର ଏସିଆ କପ୍ ଫାଇନାଲ ଖେଳିପାରି ନ ଥିଲେ। ଅଶ୍ୱିନ ଭାରତୀୟ ଦଳ ସହ ଗୁଆହାଟୀ ଗସ୍ତ କରିଛନ୍ତି। ସେଠାରେ ଭାରତ ସେପ୍ଟେମ୍ବର ୩୦ ଶନିବାର ଇଂଲଣ୍ଡ ବିପକ୍ଷରେ ପ୍ରଥମ ୱାର୍ମଅପ୍ ଖେଳିବ।

**ଭାରତୀୟ ବିଶ୍ୱକପ୍ ଦଳ**

ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପଅଧିନାୟକ), ଶବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍ ରାହୁଲ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, କୁଲଦୀପ ଯାଦବ, ମହମ୍ମଦ ଶାମି, ରବିଚନ୍ଦ୍ରନ ଅଶ୍ୱିନ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ।

# ଜାପାନକୁ ହରାଇଲା ଭାରତ

ହାଙ୍ଗଝୋ, ୨୮।୯ (ପି.ଟି.)

**ଏସିଆନ ଗେମ୍ସ ପୁରୁଷ ହକି**

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ଗୁରୁବାର ଯୁବ ଷ୍ଟ୍ରାଇକର ଅଭିଷେକଙ୍କ ଡବଲ ଗୋଲ୍ ସହାୟତାରେ ଗତଥରର ଚାମ୍ପିୟନ ଜାପାନକୁ ୪-୨ଗୋଲ୍‌ରେ ପରାସ୍ତ କରିଛି। କ୍ରମାଗତ ତୃତୀୟ ବିଜୟ ସହ ଭାରତ ସେମିଫାଇନାଲ ଆଡକୁ ଅଗ୍ରସର ହୋଇଛି। ଅଭିଷେକ ତାଙ୍କର ଦୁଇଟି ଫିଲ୍ଡ ଗୋଲ୍ ୧୩ତମ ଓ ୪୮ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଦଳ ପକ୍ଷରୁ ଅନ୍ୟ ଗୁଡ଼ିକ ଓଡ଼ିଶାର ଅମିତ ରୋହିଦାସ (୩୪ତମ) ଓ ମନଦୀପ ସିଂ (୨୪ତମ) ଦେଇଥିଲେ। ବିଶ୍ୱର ୩ ନମ୍ବର ର‌୍ୟାଙ୍କିଙ୍ଗପ୍ରାପ୍ତ ଭାରତ ଏହି ମ୍ୟାଚରେ ପ୍ରଥମ ୩ କ୍ୱାର୍ଟରରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଜାପାନ କିନ୍ତୁ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଖେଳର ଶେଷ ୫ ମିନିଟ ଖେଳରେ ଜେନ୍କି ମିତାନି (୫୭ତମ) ଓ ରିଓସେଇ କାଟୋ (୬୦ତମ)ଙ୍କ ଜରିଆରେ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲା। ପୁଲ୍ 'ଏ'ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

# ପାକିସ୍ତାନ ବଦଳରେ ଓମାନରେ ଅଲିମ୍ପିକ ହକି କ୍ୱାଲିଫାୟର

ଲାଉସାନେ (ସୁଇଜରଲାଣ୍ଡ), ୨୮।୯(ପି.ଟି.)

ପାକିସ୍ତାନ ବଦଳରେ ଓମାନ ଗୋଟିଏ ପୁରୁଷ ଅଲିମ୍ପିକ ହକି କ୍ୱାଲିଫାୟର୍ସ ଆୟୋଜନ କରିବ। ପାକିସ୍ତାନରେ ଖେଳର ଜାତୀୟ ମହାସଂଘ ଏବଂ ଦେଶର ସ୍ପୋର୍ଟ୍ସ ବୋର୍ଡ ମଧ୍ୟରେ ଅନ୍ତଃକନ୍ଦଳ ଚାଲିଥିବାରୁ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍‌ଆଇଏଚ୍) ପାକିସ୍ତାନରୁ ଟୁର୍ନାମେଣ୍ଟ ପ୍ରତ୍ୟାହାର କରିନେଇଛି। ଏହା ଆସନ୍ତାବର୍ଷ ଜାନୁୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ମସ୍କଟଠାରେ ହେବ ବୋଲି ଅନ୍ତର୍ଜାତୀୟ ହକି ମହାସଂଘ ଘୋଷଣା କରିଛି। ଅନ୍ୟ ୩ ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଚାଇନା (ମହିଳା- ଜାନୁୟାରୀ ୧୫ରୁ ୨୧) ଏବଂ ସ୍ପେନ୍ (ମହିଳା ଓ ପୁରୁଷ ଜାନୁୟାରୀ ୧୩ରୁ ୨୧)ରେ ହେବ। ୬ ମହିଳା ଏବଂ ସମାନ ସଂଖ୍ୟକ ପୁରୁଷ ଦଳ ଏହି ଅଲିମ୍ପିକ କ୍ୱାଲିଫାୟର୍ସ ଜରିଆରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଓସେନିଆ ଓ ୟୁରୋପ ଅଞ୍ଚଳରୁ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ (ମହିଳା ଓ ପୁରୁଷ) ଯଥାକ୍ରମେ ୨୦୨୩ ଓସେନିଆ କପ୍ ଏବଂ ୟୁରୋ ହକି ଚାମ୍ପିୟନଶିପ୍ ଜିତି ପୂର୍ବରୁ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଫ୍ରାନ୍ସ ଆୟୋଜକ ଦେଶ ଭାବେ ଆପେ ଯୋଗ୍ୟତା ଅର୍ଜନ କରିଛି। ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସକୁ ଛାଡ଼ିଦେଲେ ଚାଇନାର ହାଙ୍ଗଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସ, ଆଗାମୀ ପାନ୍ ଆମେରିକାନ ଗେମ୍ସ ଏବଂ ଆଫ୍ରିକାନ ହକିରୁ ଅବଶିଷ୍ଟ ଦଳ ସିଧାସଳଖ ପ୍ୟାରିସ ଟୁର୍ନାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ପ୍ୟାରିସ ଅଲିମ୍ପିକ୍ସରେ ହକି ପ୍ରତିଯୋଗିତା ଆସନ୍ତାବର୍ଷ ଜୁଲାଇ ୨୭ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବ।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇଏସଏଲ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଆଇଏସ୍‌ଏଲ୍: ପଏଣ୍ଟ ଭାଗକଲେ ଓଡ଼ିଶା-ମୁମ୍ବାଇ

ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଫଳରେ ଉଭୟ ଓଡ଼ିଶା ଓ ମୁମ୍ବାଇ ଦଳ ୨ଟି ଲେଖାଏ ମ୍ୟାଚରୁ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଥିଲା। ମୁମ୍ବାଇ ବିପକ୍ଷ ମ୍ୟାଚର ୪୫+୧ ମିନିଟରେ ଜେରି ମାୱିମିଙ୍ଗଥଙ୍ଗା ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳ ଅଗ୍ରଣୀ ହାସଲ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମୁମ୍ବାଇ ସିଟି ଏଫ୍‌ସି ଗୋଲଟିକୁ ପରିଶୋଧ କରି ଦେଇଥିଲା। ଗ୍ରେଗ୍ ଷ୍ଟିୱାର୍ଟଙ୍କ କ୍ରସ୍ ଶଟ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ମୁମ୍ବାଇର ରଷ୍ଟିନ ଗ୍ରିଫିଥ୍। ୭୪ତମ ମିନିଟରେ ପେନାଲ୍ଟି ଏରିଆ ମଧ୍ୟରେ ଓଡ଼ିଶା ଏଫ୍‌ସିର ରୟ କ୍ରିଷ୍ଣାଙ୍କୁ ଫାଉଲ ମାରିଥିଲେ ମୁମ୍ବାଇ ଖେଳାଳି। ଫଳରେ ଓଡ଼ିଶା ଏଫ୍‌ସିକୁ ପେନାଲ୍ଟି ମିଳିଥିଲା। ୭୬ତମ ମିନିଟରେ ଏହାକୁ ଗୋଲରେ ପରିଣତ କରିଥିଲେ ରୟ କ୍ରିଷ୍ଣା। ଫଳରେ ଭୁବନେଶ୍ୱର ଭିତ୍ତିକ ଦଳ ପୁଣି ଅଗ୍ରଣୀ ହାସଲ କରିଥିଲା। ତେବେ ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୭ତମ ମିନିଟରେ ମୁମ୍ବାଇର ଜର୍ଜ ରୋନାଲ୍ଡୋ ପେରେରା ଡିଆଜ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୮ ମିନିଟ ଇଞ୍ଜୁରି ଟାଇମ୍ ଦିଆ ଯାଇଥିଲେ ମଧ୍ୟ ଆଉ କୌଣସି ଦଳ ଗୋଲ ଦେଇପାରି ନ ଥିଲେ।

# ସେମିରୁ ଓଡ଼ିଶା ଅଭିଯାନ ଶେଷ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ):** ଜାତୀୟ ଜୁନିୟର ବାଳିକା ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରୁ ଓଡ଼ିଶା ଅଭିଯାନ ଶେଷ ହୋଇଛି। ଗୁରୁବାର କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୦-୮ ଗୋଲରେ ମଣିପୁରଠାରୁ ହାରିଯାଇଛି। ସମ୍ପୂର୍ଣ୍ଣ ଏକପାଖିଆ ମ୍ୟାଚରେ ମଣିପୁର ପକ୍ଷରୁ ଖୁମୁକଚାମ ଭୁମିକା ଦେବୀ ୩୨, ୪୪ ଓ ୭୧ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରଙ୍ଗଥେମ୍ ଆଲେନା ଦେବୀ ୭ ଓ ୩୯ ଏବଂ କାୟେନପାବାମ ଅଞ୍ଜୁ ଚାନୁ ୪୨ ଓ ୬୦ତମ ମିନିଟରେ ୨ଟି ଲେଖାଏ ଏବଂ ବଦଳ ଖେଳାଳି ହେମାମ ଲିନ୍‌ଥୋଇ ଦେବୀ ୬୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅନ୍ୟ ସେମିଫାଇନାଲରେ ତାମିଲନାଡୁ ୨-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ମଣିପୁର-ତାମିଲନାଡୁ ଫାଇନାଲ ଶନିବାର ହେବ।

**ଫୁରସତ**

# ବଲିଉଡ୍‌ରେ ଦକ୍ଷିଣ ତାରକା

କିଙ୍ଗ୍ ଖାନ୍ ଶାହରୁଖ୍‌ଙ୍କ 'ପଠାନ୍' ଏବଂ 'ଜୱାନ୍' ସମେତ ସନି ଦେଓଲ ଓ ଅମୀଷା ପଟେଲଙ୍କ ଅଭିନୀତ 'ଗଦର-୨' ପରଦାକୁ ଆସିବା ପୂର୍ବରୁ ଲଗାତର ଭାବେ ବଲିଉଡ୍ ଫିଲ୍ମଗୁଡ଼ିକ ଫ୍ଲପ୍ ହେବାରେ ଲାଗିଥିଲା। ମନେହେଉଥିଲା ସତେ ଯେମିତି ହିନ୍ଦୀ ସିନେମାରୁ ଦର୍ଶକେ ମୁହଁ ଫେରାଇ ନେଉଛନ୍ତି। ଏଭଳି ସମୟରେ କୋଭିଡ୍ ମାଡ଼ରୁ ଅଣ୍ଟା ସଳଖିପାରି ନ ଥିବା ସିନେ ଇଣ୍ଡଷ୍ଟ୍ରି ଉପରେ ଚଡ଼କ ପଡ଼ିଥିଲା। ଏହାସତ୍ତ୍ୱେ ଦକ୍ଷିଣ ଭାରତୀୟ କଳାକାରମାନେ ସିଲ୍‌ଭର ସ୍କ୍ରିନ୍‌ରେ ଜଲୱା ଦେଖାଇ ଚାଲିଥିଲେ। ଦର୍ଶକମାନେ ମଧ୍ୟ ସେମାନଙ୍କ ଅଭିନୟକୁ ଖୁବ୍ ପସନ୍ଦ କରିଥିଲେ। ୨୦୨୧ରେ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା' ହେଉ କି ଗତ ଜୁନ୍‌ରେ ମୁକ୍ତିଲାଭ କରିଥିବା ପ୍ରଭାସଙ୍କ 'ଆଦିପୁରୁଷ' ହେଉ ସମସ୍ତଙ୍କ ମନ ମୋହିଥିଲା। ଏହି ପରିପ୍ରେକ୍ଷୀରେ ବଲିଉଡ୍‌ରେ ସାଉଥ୍ ଷ୍ଟାରଙ୍କ ପ୍ରବେଶ ଭାରତୀୟ ଚଳଚ୍ଚିତ୍ର ଜଗତ ପାଇଁ ଆଶାର କିରଣ ଦେଖାଇଛି।

**ମୁମ୍ବାଇ:** ଚଳିତ ମାସରେ ମୁକ୍ତିଲାଭ କରିଥିବା ଅଟଲି କୁମାରଙ୍କ ନିର୍ଦ୍ଦେଶିତ ଶାହରୁଖ୍‌ଙ୍କ ଫିଲ୍ମ 'ଜୱାନ୍' ବର୍ତ୍ତମାନ ହଜାର କୋଟି କ୍ଲବରେ ସାମିଲ ହୋଇଛି। ଏହି ଫିଲ୍ମ ପ୍ରତି ଦର୍ଶକଙ୍କ ଅଧିକ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ସିନେମାରେ ଶାହରୁଖ୍ ଏବଂ ଦକ୍ଷିଣ ଅଭିନେତ୍ରୀ ନୟନତାରାଙ୍କ ଯୋଡ଼ିକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏବେ ନୟନତାରାଙ୍କ ଲୋକପ୍ରିୟତା ଅଧିକାଂଶରେ ବଢ଼ିଛି। ତାମିଲ, ମାଲାୟଲମ୍, ତେଲୁଗୁ ଭଳି ଅନେକ ଚଳଚ୍ଚିତ୍ରରେ ନଜରକୁ ଆସିଥିବା ଏହି ଅଭିନେତ୍ରୀ 'ଜୱାନ୍' ଜରିଆରେ ବଲିଉଡ୍‌ରେ ତାଙ୍କ ପାଦ ଥାପିଛନ୍ତି।

ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା'ର ଆଇଟମ୍ ଗୀତରେ ନଜରକୁ ଆସିଥିବା ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ଅନେକ ସିନେମା ପରେ ଏବେ ସେ ହିନ୍ଦୀ ଫିଲ୍ମରେ ପ୍ରବେଶ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ କରଣ ଜୋହରଙ୍କ ନିର୍ଦ୍ଦେଶିତ ଏକ ମୁଭି ପାଇଁ ସାମନ୍ଥାଙ୍କୁ ଅଫର ମିଳିଛି। ଫିଲ୍ମରେ ସେ ବଲିଉଡ୍ ଭାଇଜାନ୍ ସଲମାନ୍‌ଙ୍କ ସହିତ ଦର୍ଶକଙ୍କୁ ତାଙ୍କ ଅଭିନୟର ଯାଦୁ ଦେଖାଇବାକୁ ଯାଉଛନ୍ତି। ନିକଟରେ ସାମନ୍ଥା ଇନ୍‌ଷ୍ଟାଗ୍ରାମରେ ୩୦ମିଲିୟନ ଫଲୋୟର୍ସଙ୍କୁ ଅତିକ୍ରମ କରି ଦକ୍ଷିଣ ଇଣ୍ଡଷ୍ଟ୍ରିର ଅନ୍ୟତମ ସବୁଠାରୁ ଅଧିକ ଫଲୋୟର୍ସ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

ଗତବର୍ଷ ମୁକ୍ତିଲାଭ କରିଥିବା ଅମିତାଭ ବଚ୍ଚନଙ୍କ ଅଭିନୀତ ଫିଲ୍ମ 'ଗୁଡ୍‌ବାଏ' ପାରିବାରିକ କାହାଣୀକୁ ନେଇ ପରିବେଶିତ ହୋଇଥିଲା। ସାଉଥ୍ ସିନେମାର ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କୁ ଫିଲ୍ମରେ ଅମିତାଭଙ୍କ ଝିଅ ଭୂମିକାରେ ଦେଖିବାକୁ ମିଳିଥିଲା। ଯିଏ ଜଣେ ଆଧୁନିକ ଯୁଗର ଝିଅ ହୋଇଥିଲେ ମଧ୍ୟ ପୁରୁଣାକାଳିଆ ରୀତିନୀତିକୁ ପସନ୍ଦ କରୁ ନ ଥିଲେ। ବାପା-ଝିଅଙ୍କ ଯୋଡ଼ିକୁ ବେଶ୍ ଲୋକପ୍ରିୟତା ମିଳିଥିଲା। ପୂର୍ବରୁ 'ପୁଷ୍ପା'ରେ ଅଭିନେତ୍ରୀ ମୁଖ୍ୟ ଚରିତ୍ରରେ ଅଭିନୟ ଲୋକଙ୍କ ମନ ମୋହିଥିଲା।

ଜଣାଶୁଣା ସାଉଥ୍ ଅଭିନେତାଙ୍କ ମଧ୍ୟରେ ଜୁନିଅର ଏନ୍‌ଟିଆର୍ ହେଉଛନ୍ତି ଜଣେ। ସେ ତାଙ୍କ ଅଭିନୟ ଯାଦୁରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି। ଗତବର୍ଷର ଚଳଚ୍ଚିତ୍ର 'ଆର୍‌ଆର୍‌ଆର୍'ରେ ମୁଖ୍ୟ ଚରିତ୍ର ତାଙ୍କୁ ଆହୁରି ଲୋକପ୍ରିୟ କରାଇପାରିଛି, ଯାହାଫଳରେ ତାଙ୍କ ପାଖରେ ଅନେକ ମୁଭିର ଲାଇନ୍ ଲାଗିଛି। ୨୦୧୯ର 'ୱାର୍'ରେ ବି-ଟାଉନ୍‌ର ଅଭିନେତା ହ୍ରିତିକ୍ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଯୋଡ଼ି ଧମାଲ କରିଥିଲା। ହେଲେ ଆସନ୍ତା ନଭେମ୍ବରରେ ମୁକ୍ତିଲାଭ କରିବାକୁ ଥିବା ଫିଲ୍ମ 'ୱାର-୨'ରେ ହ୍ରିତିକ୍ ରୋଶନ ଏବଂ ଜୁନିଅର ଏନ୍‌ଟିଆର୍‌ଙ୍କ ଯୋଡ଼ି ଦର୍ଶକଙ୍କୁ ଜଲୱା ଦେଖାଇବ।

ଜାତୀୟ ଫିଲ୍ମ ପୁରସ୍କାରପ୍ରାପ୍ତ ଅଭିନେତା ବିଜୟ ସେଥୁପତିଙ୍କ ଲୋକପ୍ରିୟତା ଦକ୍ଷିଣ ସିନେମାରେ ଅଧିକ ଥିଲାବେଳେ ଗତ ଫେବୃୟାରୀରେ ସେ ଫିଲ୍ମ 'ଫର୍ଜି'ରେ ତାଙ୍କ ଅଭିନୟର ଛାପ ଛାଡ଼ିଛନ୍ତି। ଯାଦୁକରି ଅଭିନୟ ବଳରେ ସେ ଆଉ ଦୁଇଟି ହିନ୍ଦୀ ସିନେମାରେ ମଧ୍ୟ ତାଙ୍କ ସ୍ଥାନ ପକ୍କା କରିବାରେ ସଫଳ ହୋଇଛନ୍ତି। 'ମୁମ୍ବାଇକର'ରେ ଓଟିଟି ଡେବ୍ୟୁ ପରେ 'ଜୱାନ'ରେ ମଧ୍ୟ ତାଙ୍କ ସ୍ଥାନ ବଳବତ୍ତର ରହିଥିଲା।

ଫିଲ୍ମ ଫେୟାର ପୁରସ୍କାର ବିଜେତା ସାଉଥ୍ ଅଭିନେତା ବେଲାମକୋଣ୍ଡା ସାଇ ଶ୍ରୀନିବାସ ମଧ୍ୟ ଗତ ମେ'ରେ ରିଲିଜ୍ ହୋଇଥିବା ୨୦୦୫ର ତେଲୁଗୁ ସିନେମାର ରିମେକ୍ 'ଛତ୍ରପତି'ରେ ଶିବାଜୀଙ୍କ ଭୂମିକା ନିଭାଇଥିଲେ। ଭି.ଭି ବିନାୟକଙ୍କ ନିର୍ଦ୍ଦେଶିତ ମୁଭିରେ ଶ୍ରୀନିବାସ ତାଙ୍କ ଦମ୍‌ଦାର ଅଭିନୟର ଝଲକ ଦେଖାଇଥିଲେ, ଯେଉଁଥିରେ ଶ୍ରୀନିବାସଙ୍କୁ ପାର୍ବତୀଙ୍କ ସାବତ ପୁଅ ଚରିତ୍ରରେ ଦେଖିବାକୁ ମିଳିଥିଲା। ପାର୍ବତୀଙ୍କ ନିଜ ପୁଅ ଅଶୋକଙ୍କ ଈର୍ଷା ପାଇଁ ହୋଇଥିବା ଶତ୍ରୁତାକୁ ଶିବାଜୀ ଶେଷକରିଥିଲେ।





# ସର୍ଜିକାଲ ଷ୍ଟ୍ରାଇକ୍ ଦିବସ



କାର୍‌ଗିଲ ଯୁଦ୍ଧରେ ହାରିବା ପରେ ପାକିସ୍ତାନ ତା'ର ରଣନୀତରେ ପରିବର୍ତ୍ତନ କରିଥିଲା। ଆତଙ୍କବାଦଙ୍କୁ ସାହାଯ୍ୟକରି ତାଙ୍କୁ ଅନୁପ୍ରବେଶ କରାଇବାକୁ ଲାଗିଥିଲା। ୨୦୧୬ ସେପ୍ଟେମ୍ବର ୧୮ ତାରିଖରେ ପାକିସ୍ତାନରୁ ଆସିଥିବା ଆତଙ୍କବାଦୀ ଜମ୍ମୁ-କାଶ୍ମୀରର ଉରି ସେକ୍ଟରରେ ଭାରତୀୟ ସେନା କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ଏଥିରେ ୧୮ଜଣ ଯବାନ ଶହୀଦ ହୋଇଥିଲେ। ଏହାପରେ ଦେଶରେ କ୍ରୋଧର ନିଆଁ ଜଳିଥିଲା। ପାକିସ୍ତାନକୁ ଜବାବ ଦେବା ପାଇଁ ଭାରତ ଯେଉଁ ପଦକ୍ଷେପ ନେଇଥିଲା ତାହା ସାରା ବିଶ୍ୱ ଦେଖିଥିଲା। ୨୮-୨୯ ସେପ୍ଟେମ୍ବର ରାତିରେ ପାକ୍ ଅଧିକୃତ କଶ୍ମୀରରେ ଲଞ୍ଚପ୍ୟାଡ୍ ଉପରେ ଭାରତ ସର୍ଜିକାଲ ଷ୍ଟ୍ରାଇକ କରିଥିଲା। ଯୋଜନାବଦ୍ଧ ଭାବେ ଭାରତୀୟ ସେନା ପିଓକେର ୩ କି.ମି. ଭିତରେ ପଶି ଆତଙ୍କବାଦୀ ଶିବିରକୁ ଧ୍ୱଂସକରି ଦେଇଥିଲେ।

# ଶିଶୁ ଦେଖିବାକୁ ୩୫ ବର୍ଷୀୟ



**ବ୍ରାସିଲିଆ:** ସାଧାରଣତଃ ଛୋଟ ପିଲାମାନେ ଦେଖିବାକୁ ବହୁତ ସୁନ୍ଦର ହୋଇଥାନ୍ତି। ତାଙ୍କୁ ଦେଖିଲେ ନିଜର ପିଲାଦିନ ମନେପଡ଼ିଯାଏ। ହେଲେ ନିକଟରେ ଏକ ଶିଶୁର ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ଶିଶୁଟିର ଶରୀରରେ ଏତେ ରୁଟି ଉଠିଛି ଯେ, ସେ ୩୫ ବର୍ଷୀୟ ଲୋକଙ୍କ ଭଳି ଦିଶୁଛି। ଜୋଆଓ ମିଗୁଏଲ ନାମକ ଏହି ଶିଶୁଟି ବ୍ରାଜିଲରେ ମା'ବାପାଙ୍କ ସହ ରୁହେ। ମା'ବାପା ପୁଅର ଏପରି ଫଟୋକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହାପରେ ଏହି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଶିଶୁର ମୁହଁରେ ଦାଢି ଥିବା ସହ ଆଇବ୍ରୋ ମଧ୍ୟ ମୋଟା ମୋଟା ଅଛି। ଅନେକ ଭିଡିଓରେ ଶିଶୁଟି ବୋତଲ ସାହାଯ୍ୟରେ କ୍ଷୀର ପିଉଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକେ ଅନେକ ମଜାଦାର କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଶିଶୁର ଶରୀରରେ ଏତେ ଅଧିକ ରୁଟି କ'ଣ ପାଇଁ ଅଛି, ତାହା କୁହାଯାଇନି। ଏକ୍ସପର୍ଟଙ୍କ ତଥ୍ୟ ଅନୁସାରେ, ଏପରି ଅଧିକ ରୁଟି ଥିବା ପିଲାଙ୍କୁ 'ଲାନୁଗୋ' କୁହାଯାଏ। ପେଡିଆଟ୍ରିସିଆନ୍ ବେଭେରି କୁଫେର୍ଟ କହିଛନ୍ତି, ଯଦି ଶିଶୁ ଲାନୁଗୋ ସହିତ ଜନ୍ମ ହୁଏ, ତେବେ କିଛିଦିନ ଭିତରେ ତାହା କୁଆଡେ ପଳେଇବ। ଯଦି ତାହା ଅଧିକ ଦିନ ପର୍ଯ୍ୟନ୍ତ ରହିବ, ତେବେ ସେଥିରେ କିଛି ଅସୁବିଧା ନାହିଁ।

## ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍

# ବଜରଙ୍ଗ ଶ୍ରେଷ୍ଠ ଭାରତୀୟ

**୨୦୧୮ରୁ ଆରମ୍ଭ ହୋଇଥିଲା ଭାରତୀୟ ରେସ୍‌ଲିଂର ସ୍ୱର୍ଣ୍ଣିମ ଯୁଗ। ବଜରଙ୍ଗ ପୁନିଆ ରୌପ୍ୟ ପଦକ ବିଜୟୀ ହୋଇ ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ରେସ୍‌ଲର ଭାବରେ ବଜରଙ୍ଗ ବିଶ୍ୱ ଚାମ୍ପିୟନଶିପରେ ଦୁଇଟି ପଦକ ହାସଲ କରିଥିଲେ। ପରବର୍ଷ ଅର୍ଥାତ୍ ୨୦୧୯ରେ ଭାରତ ଜିତିଥିଲା ୫ ପଦକ....**

ସର୍ବିୟାର ବେଲ୍‌ଗ୍ରେଡଠାରେ ନିକଟରେ ସମାପ୍ତ ହୋଇଛି ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍। ବିଶ୍ୱ କୁସ୍ତି ମହାସଂଘ (ୟୁଡବ୍ଲ୍ୟୁଏଲ୍) ଦ୍ୱାରା ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ବାସନ୍ଦ ଥିବାରୁ ଭାରତୀୟ କୁସ୍ତିଯୋଦ୍ଧାମାନେ ନ୍ୟୁଟ୍ରାଲ ଆଥଲେଟ ଭାବରେ ଲଢେଇ କରିଥିଲେ। ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ଆଶାର କିରଣ ଭାବରେ ଉଭା ହୋଇଥିଲେ ଅନ୍ତିମ ପଙ୍ଘାଲ। ୧୯ ବର୍ଷୀୟ ଅନ୍ତିମ ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ ପରାସ୍ତ କରିଥିବା ବେଳେ ଏକମାତ୍ର ଭାରତୀୟ ଖେଳାଳି ଭାବରେ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିଛି ମାସ ପୂର୍ବରୁ ଭିନେଶ ଫୋଗଟଙ୍କ ସିଲେକ୍ସନକୁ ଚ୍ୟାଲେଞ୍ଜ କରିଥିବା ଅନ୍ତିମ ବର୍ତ୍ତମାନ ଭାରତୀୟ ରେସ୍‌ଲିଂରେ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହା ଭାରତର ୨୩ ତମ ପଦକ। ଷଷ୍ଠ ମହିଳା ଖେଳାଳି ଭାବରେ ଅନ୍ତିମ ବିଶ୍ୱ ଚାମ୍ପିୟନଶିପରେ ପଦକ ହାସଲ କରିଥିଲେ। ୧୭ ଜଣ ପୁରୁଷ ଏହି ତାଲିକାରେ ସାମିଲ ଅଛନ୍ତି। ଟୋକିଓ ଅଲିମ୍ପିକ୍ସରେ ପଦକ ବିଜେତା ବଜରଙ୍ଗ ପୁନିଆ ସଫଳତମ ଭାରତୀୟ ଆଥଲେଟ ଭାବରେ ସର୍ବାଧିକ ୪ଟି ପଦକ ଜିତିଛନ୍ତି। ପଦକ ବିଜେତା ସମସ୍ତ ଭାରତୀୟ ଆଥଲେଟଙ୍କ ଉପରେ ଏକ ଆଲେଖ୍ୟ.....

୧୯୦୪ରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିଲା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍। ତେବେ ଭାରତ ସ୍ୱାଧୀନତା ହାସଲ କରିବାର ୧୪ ବର୍ଷ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନ ଥିଲା। ୧୯୬୧ରେ ଭାରତ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲା। ପ୍ରଥମ ବର୍ଷରେ ହିଁ ଭାରତ ପାଇଁ ପ୍ରଥମ ପଦକ ଜିତିଥିଲେ ଉଦୟ ଚାନ୍ଦ। ଜାପାନର ୟୋକୋହାମାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ୬୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଉଦୟ ବ୍ରୋଞ୍ଜ ପଦକ ଜିତିଥିଲେ। ପରବର୍ତ୍ତୀ ୬ ବର୍ଷ ଭାରତ ପଦକ ଶୂନ୍ୟ ରହିବା ପରେ ୧୯୬୭ରେ ବିଶାମ୍ବର ସିଂ ଜିତିଥିଲେ ଦ୍ୱିତୀୟ ପଦକ। ବିଶାମ୍ବର ଭାରତ ପାଇଁ ପ୍ରଥମ ରୌପ୍ୟ ପଦକ ହାସଲ କରିଥିଲେ। ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ୫୭ କିଗ୍ରା ଓଜନ ବର୍ଗରେ ବିଶାମ୍ବର ରୌପ୍ୟ ପଦକ ଜିତିଥିଲେ। ପରବର୍ତ୍ତୀ ୩୯ ବର୍ଷ ଭାରତ ପଦକଶୂନ୍ୟ ରହିଥିଲା। ଚାଇନାର ଗୁଆଙ୍ଗଝୋରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ମହିଳା ପଦକ ବିଜୟୀ ହୋଇଥିଲେ। ୨୦୦୬ ମସିହାରେ ଅଲକା ତୋମର ଏକ ବ୍ରୋଞ୍ଜ ପଦକ ସହିତ ରଚିଥିଲେ ଇତିହାସ।

୨୦୧୦ରେ ରୁଷିଆର ମସ୍କୋରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ସୁଶୀଲ କୁମାର। ପରବର୍ତ୍ତୀ ସମୟରେ ଅଲିମ୍ପିକ୍ସରେ ଦୁଇ ଦୁଇଟି ପଦକ ଜିତିଥିବା ସୁଶୀଲ ବର୍ତ୍ତମାନ ସୁଦ୍ଧା ଏକମାତ୍ର ଭାରତୀୟ ଭାବରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୨ ରହିଥିଲା ଭାରତର ସଫଳତମ ସଂସ୍କରଣ। ଫୋଗାଟ ସିଷ୍ଟର ଭାବରେ ପରିଚିତ ଗୀତା ଓ ବବିତା ପ୍ରଥମ ଥର ପାଇଁ ଜିତିଥିଲେ ଦୁଇଟି ପଦକ। ଗୀତା ଫୋଗଟ(୫୧ କିଗ୍ରା) ଓ ବବିତା (୫୫ କିଗ୍ରା) ବର୍ଗରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ।

୨୦୧୩ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପରେ ଭାରତ ୩ଟି ପଦକ ବିଜୟୀ ହୋଇଥିଲା। ଗ୍ରୀକୋ ରୋମାନ ବର୍ଗରେ ଭାରତ ନିଜର ପ୍ରଥମ ତଥା ଏକମାତ୍ର ପଦକ ବିଜୟୀ ହେବାର ରେକର୍ଡ କରିଥିଲା। ୬୬ କିଗ୍ରା ଓଜନ ବର୍ଗରେ ସନ୍ଦୀପ ତୁଲସୀ ଯାଦବ ଭାରତ ପାଇଁ ଏହି ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ବ୍ୟତୀତ ୫୫ କିଗ୍ରା ଫ୍ରି ଷ୍ଟାଇଲରେ ଅମିତ୍ ଦହିୟା ଓ ୬୦ କିଗ୍ରା ଓଜନ ବର୍ଗରେ ବଜରଙ୍ଗ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲେ।

ପରବର୍ତ୍ତୀ ୪ ବର୍ଷ ଭାରତୀୟ ରେସ୍‌ଲରମାନେ ଗୋଟିଏ ବି ପଦକ ହାସଲ କରିବାରେ ସମର୍ଥ ହୋଇ ନ ଥିବା ବେଳେ ୨୦୧୮ରୁ ଆରମ୍ଭ ହୋଇଥିଲା ଭାରତୀୟ ରେସ୍‌ଲିଂର ସ୍ୱର୍ଣ୍ଣିମ ଯୁଗ। ବଜରଙ୍ଗ ପୁନିଆ ଏକ ରୌପ୍ୟ ପଦକ ବିଜୟୀ ହୋଇ ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ରେସ୍‌ଲର ଭାବରେ ବଜରଙ୍ଗ ବିଶ୍ୱ ଚାମ୍ପିୟନଶିପରେ ଦୁଇଟି ପଦକ ହାସଲ କରିଥିଲେ। ପରବର୍ଷ ଅର୍ଥାତ ୨୦୧୯ରେ ଭାରତ ଜିତିଥିଲା ୫ ପଦକ। ବଜରଙ୍ଗ ୬୫ କିଗ୍ରା ଓଜନରେ ବ୍ୟକ୍ତିଗତ ତୃତୀୟ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ରାହୁଲ ଆୱାରେ(୫୫ କିଗ୍ରା), ରବି କୁମାର ଦହିୟା(୫୭ କିଗ୍ରା), ଦୀପକ ପୁନିଆ(୮୬ କିଗ୍ରା) ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଥିଲେ। ୫୦ କିଗ୍ରା ଓଜନ ବର୍ଗରେ ଭିନେଶ ଫୋଗଟ ଏକ ବ୍ରୋଞ୍ଜ ଜିତିବା ସହିତ ଭାରତର ୫ମ ପଦକ ହାସଲ କରିଥିଲେ। ୨୦୨୧ ମହିଳା କୁସ୍ତିରେ ଭାରତ ଦୁଇଟି ପଦକ ବିଜୟୀ ହୋଇଥିଲା। ଅଂଶୁ ମଲିକ(୫୭ କିଗ୍ରା) ପ୍ରଥମ ଭାରତୀୟ ମହିଳା ଭାବରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ସରିତା ମୋର(୫୯ କିଗ୍ରା) ଏକ ବ୍ରୋଞ୍ଜ ବିଜୟୀ ହୋଇଥିଲେ। ସର୍ବିୟାର ବେଲଗ୍ରେଡରେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ହୋଇଥିବା ବେଳେ ଭାରତ ପାଇଁ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲେ ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ। ୨୦୨୩ରେ ଭାରତୀୟମାନେ ଜାତୀୟ ପତାକା ଅଧୀନରେ ଲଢ଼ି ନ ଥିବା ବେଳେ କେବଳ ଅନ୍ତିମ ପଙ୍ଘାଲ ଜିତିଥିଲେ ବ୍ରୋଞ୍ଜ ପଦକ।

–ପ୍ରସ୍ତୁତି: ସରୋଜ ଜେନା

**ବଜରଙ୍ଗ ପୁନିଆ**
୨୦୧୩–ବ୍ରୋଞ୍ଜ ପଦକ, ବୁଦାପେଷ୍ଟ(୬୦ କିଗ୍ରା)
୨୦୧୮–ରୌପ୍ୟ ପଦକ, ବୁଦାପେଷ୍ଟ(୬୫ କିଗ୍ରା)
୨୦୧୯–ବ୍ରୋଞ୍ଜ ପଦକ, କାଜାଖସ୍ତାନ(୬୫ କିଗ୍ରା)
୨୦୨୨–ବ୍ରୋଞ୍ଜ ପଦକ, ବେଲଗ୍ରେଡ୍(୬୦ କିଗ୍ରା)

**ଭିନେଶ ଫୋଗଟ**
୨୦୧୯–ବ୍ରୋଞ୍ଜ ପଦକ, କାଜାଖସ୍ତାନ(୫୦ କିଗ୍ରା)
୨୦୨୨–ବ୍ରୋଞ୍ଜ ପଦକ, ବେଲଗ୍ରେଡ୍(୫୩ କିଗ୍ରା)



ବଜରଙ୍ଗ ପୁନିଆ


ଭିନେଶ ଫୋଗଟ

# ୨୫୦ ରେକର୍ଡ କ୍ଲବ୍‌ରେ ଶ୍ରୀନାଥ

ସ୍ୱାଗତ ସମ୍ପଦ

ପୂର୍ବତନ ଭାରତୀୟ ପେସ୍ ବୋଲର ଜାଭାଗଲ ଶ୍ରୀନାଥଙ୍କ କୃତିତ୍ୱ ଦେଶକୁ ଗର୍ବିତ କରିଛି। ବୋଲିଂ ଅନୁଶାସନରେ ଯେଭଳି ନାଁ କମେଇଥିଲେ କ୍ରିକେଟ ଅଫିସିଆଲ ଭାବେ ମଧ୍ୟ ସେ ଅନୁରୂପ ସଫଳତା ପାଇଛନ୍ତି। ଏକଦିବସୀୟ ଅନ୍ତର୍ଜାତୀୟରେ ମ୍ୟାଚ୍ ରେଫରି ଭାବେ ସେ ୨୫୦ଟି ମ୍ୟାଚ୍ ପରିଚାଳନା କରି ଏହି ରେକର୍ଡ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ଏସିଆ କପ୍ ଚାମ୍ପିୟନଶିପ୍‌ରେ ଭାରତ–ନେପାଳ ଦିନିକିଆ ମ୍ୟାଚ୍ ପରିଚାଳନା କରି ଶ୍ରୀନାଥ ଏହି ଅପୂର୍ବ ସଫଳତା ପାଇଥିଲେ। ୫୪ବର୍ଷୀୟ ଶ୍ରୀନାଥ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳି ୨୩୬ ଉଇକେଟ୍ ଏବଂ ୨୨୯ଟି ଦିନିକିଆ ଖେଳି ୩୧୫ ଉଇକେଟ ହାସଲ କରିଥିଲେ। କ୍ରିକେଟର ଭାବେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ୨୦୦୩ ମସିହାରେ ଶେଷ ହୋଇଥିଲା। ୨୦୦୬ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ମ୍ୟାଚ୍ ରେଫରି ମନୋନୀତ ହୋଇଥିଲେ। ଏହା ପୂର୍ବରୁ ରେଫରି ରଞ୍ଜନ ମଦୁଗଲ, ଖ୍ରୀସ୍ ବ୍ରଡ୍ ଓ ଜେଫ୍ କ୍ରୋ ୨୫୦ ଦିନିକିଆ ମ୍ୟାଚ୍ କ୍ଲବ୍‌ରେ ପ୍ରବେଶ କରିଥିଲେ। ଶ୍ରୀନାଥ ଏହି ସଫଳତା ପାଇବାରେ ବିଶ୍ୱର ଚତୁର୍ଥ ବ୍ୟକ୍ତି। ଏହା ସହିତ ଏଭଳି ମାଇଲଖୁଣ୍ଟ ଅର୍ଜନ କରିବାରେ ସେ ଭାରତରେ ପ୍ରଥମ। ଏଥିପାଇଁ ତାଙ୍କୁ ୧୭ବର୍ଷ ସମୟ ଲାଗିଲା। ଶ୍ରୀନାଥ ତାଙ୍କ ପ୍ରତିକ୍ରିୟାରେ ଏହି ସଫଳତାକୁ ଅନନ୍ୟ ବୋଲି ପ୍ରକାଶ କରିଛନ୍ତି। କ୍ରିକେଟର ଭାବେ ସେ ଖେଳିଥିବା ୨୨୯ଟି ଦିନିକିଆ ମ୍ୟାଚ୍ ଅପେକ୍ଷା ତାଙ୍କ ମ୍ୟାଚ୍ ସଂଖ୍ୟା ୩୧ଟି ଅଧିକ ରହିଛି। ୨୦୦୬ ମସିହାରେ କଲମ୍ବୋରେ ଶ୍ରୀଲଙ୍କା–ଦକ୍ଷିଣ ଆଫ୍ରିକା ଟେଷ୍ଟ ମ୍ୟାଚ୍‌ରେ ଶ୍ରୀନାଥଙ୍କର ଅନ୍ତର୍ଜାତୀୟ ରେଫରି ଜୀବନ ଆରମ୍ଭ ହୋଇଥିଲା। ୨୦୦୬ ମସିହାରେ ଆଇସିସି ଏଲିଟ୍ ପ୍ୟାନେଲରେ ସାମିଲ ହୋଇଥିଲେ। ୨୦୦୬ ମସିହାରେ ପ୍ରଥମ ଦିନିକିଆ ମ୍ୟାଚ୍ ପରିଚାଳନା କରିଥିଲେ। ୨୦୦୭ ଆଇସିସି ପୁରୁଷ ବିଶ୍ୱ କପ୍‌ରେ ରେଫରି ଦାୟିତ୍ୱ ତୁଲାଇଥିଲେ। ସେହିପରି ୨୦୦୯ ଓ ୨୦୧୩ ଆଇସିସି ଚାମ୍ପିୟନ୍ସ ଟ୍ରଫି, ୨୦୧୨, ୨୦୧୪, ୨୦୧୬ ଓ ୨୦୨୧ ଟି୨୦ ବିଶ୍ୱ କପ୍, ୬୫ଟି ଅନ୍ତର୍ଜାତୀୟ ଟେଷ୍ଟ, ୧୧୮ଟି ଅନ୍ତର୍ଜାତୀୟ ପୁରୁଷ ଟି୨୦ ଏବଂ ୧୬ଟି ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ନିର୍ବାହ କରିଛନ୍ତି।




ଇଭାନ୍ କୁମାର ସାହୁ

**ପାକିସ୍ତାନ ଅଧିନାୟକ ଇମ୍ରାନ୍ ଖାଁ ଭାରତରୁ ଅମ୍ପାୟର ମଗାଇଥିଲେ। ପିଲୁ ରିପୋର୍ଟର ଓ ଏସ୍. ଭି. ରାମସ୍ୱାମୀ ଲାହୋର ଯାଇ ଉକ୍ତ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂ କରିଥିଲେ। ଏହି ଦୃଷ୍ଟିରୁ ପିଲୁ ରିପୋର୍ଟରଙ୍କୁ ବିଶ୍ୱର ପ୍ରଥମ ନିରପେକ୍ଷ ଅମ୍ପାୟର ଭାବେ ଗଣନା କରାଯାଏ।...**

# ପ୍ରଥମ ନିରପେକ୍ଷ ଟେଷ୍ଟ ଅମ୍ପାୟର

ନିରପେକ୍ଷ ରାଷ୍ଟ୍ରର ପ୍ରଥମ ଅମ୍ପାୟର ଭାବେ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍‌ରେ ଅମ୍ପାୟରିଂ କରି ଇତିହାସ ରଚିଥିଲେ ପିଲୁ ରିପୋର୍ଟର। ଏହି ବିଶିଷ୍ଟ ଅମ୍ପାୟରଙ୍କର ପରଲୋକ ହୋଇଥିଲେ ହେଁ ଅନନ୍ୟ ଅମ୍ପାୟରିଂ ଶୈଳୀ ତାଙ୍କୁ ସର୍ବଦା ଅମର ରଖିବ। ମହାରାଷ୍ଟ୍ରର ଠାଣେ ସହରର ଏକ ହସ୍ପିଟାଲରେ ସେପ୍ଟେମ୍ବର ୩ ତାରିଖରେ ୮୪ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପିଲୁ ରିପୋର୍ଟରଙ୍କ ଦୀର୍ଘ ୨୮ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟରେ ଅମ୍ପାୟରିଂ କରିଥିଲେ। ପିଚ୍‌ରେ ଖେଳାଳିଙ୍କ ସହ ଭଲ ସମ୍ପର୍କ ରକ୍ଷାରେ ସେ ମାହିର ଥିଲେ। ମ୍ୟାଚ୍ ବେଳେ ବଲ୍ ବାଉଣ୍ଡରି ଲାଇନ ଛୁଇଁଲାକ୍ଷଣି ସେ ଯେଉଁ ଢଙ୍ଗରେ ହାତ ଉଠାଇ ସ୍ୱୀକୃତି ଦେଉଥିଲେ ତାହା ଦର୍ଶକଙ୍କ ପାଇଁ ବେଶ୍ ଉପଭୋଗ୍ୟ ଥିଲା। ସେ ମୁଖ୍ୟତଃ ମୁମ୍ବାଇ କ୍ରିକେଟ ସଂଘ ଆନୁକୂଲ୍ୟରେ ହେଉଥିବା ଘରୋଇ ଟୁର୍ନାମେଣ୍ଟଗୁଡ଼ିକରେ ମ୍ୟାଚ ଅମ୍ପାୟରିଂ କରୁଥିଲେ। ତାଙ୍କୁ ୧୪ଟି ଅନ୍ତର୍ଜାତୀୟ ଟେଷ୍ଟ ଓ ୨୨ଟି ଦିନିକିଆ ମ୍ୟାଚ୍‌ରେ ଅମ୍ପାୟରିଂ କରିବାର ସୁଯୋଗ ମିଳିଥିଲା। ୧୯୮୬ ମସିହାରେ ପାକିସ୍ତାନର ଲାହୋରରେ ପାକିସ୍ତାନ–ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଦ୍ୱିତୀୟ ଟେଷ୍ଟକୁ ନିରପେକ୍ଷ କରିବାକୁ ଯାଇ ପାକିସ୍ତାନ ଅଧିନାୟକ ଇମ୍ରାନ୍ ଖାଁ ଭାରତରୁ ଅମ୍ପାୟର ମଗାଇଥିଲେ। ପିଲୁ ରିପୋର୍ଟର ଓ ଏସ. ଭି. ରାମସ୍ୱାମୀ ଲାହୋର ଯାଇ ଉକ୍ତ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂ କରିଥିଲେ। ଏହି ଦୃଷ୍ଟିରୁ ପିଲୁ ରିପୋର୍ଟରଙ୍କୁ ବିଶ୍ୱର ପ୍ରଥମ ନିରପେକ୍ଷ ଅମ୍ପାୟର ଭାବେ ଗଣନା କରାଯାଏ। ଏହି ନୂଆ ପଦ୍ଧତି ସଫଳ ହେବାରୁ ଆଇସିସିକୁ ମଧ୍ୟ ନୂତନ ବିକଳ୍ପ ମିଳିଥିଲା। ୧୯୯୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ଗୁଡ଼ିକରେ ଆଇସିସି ନିରପେକ୍ଷ ଦେଶର ଜଣେ ଜଣେ ଅମ୍ପାୟରଙ୍କୁ ନିୟୋଜିତ କରିଆସିଛି। ୧୯୯୨ଦିନିକିଆ ବିଶ୍ୱକପ୍ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହୋଇଥିଲା। ଏଥିରେ ନିରପେକ୍ଷ ଅମ୍ପାୟର ଭାବେ ୭ଟି ମ୍ୟାଚ୍‌ରେ ରିପୋର୍ଟର ଅମ୍ପାୟରିଂ କରିଥିଲେ। ୧୯୮୦ରୁ ୧୯୯୨ ମଧ୍ୟରେ ରିପୋର୍ଟର–ରାମସ୍ୱାମୀ ଯୋଡ଼ି ଅନେକ ମ୍ୟାଚ୍ ପରିଚାଳନା କରିଥିଲେ। ମୁମ୍ବାଇ କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ଟାଇମ୍ସ ସିଲ୍ଡ ଟୁର୍ନାମେଣ୍ଟରେ ମଧ୍ୟ ତାଙ୍କ ଅମ୍ପାୟରିଂ ଦେଖିବାକୁ ମିଳିଥିଲା। ଏହା ସହ ଜଡିତ ଏକ ସ୍ମୃତି ଶେୟାର କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଦିଲିପ ଭେଙ୍ଗସରକାର। ଏ ଡିଭିଜନରେ ଟାଟା ଓ ମହିନ୍ଦ୍ରା ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଏହି ମ୍ୟାଚ୍ ସହ ଜଡିତ ସ୍ମୃତି ଶେୟାର କରିଥିଲେ ଭେଙ୍ଗସରକାର। ଏହି ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ଭେଙ୍ଗସରକାର ଲୟରେ ନ ଥିବା ପରି ମନେ ହୋଇଥିଲା। ଏହା ଦେଖି ରିପୋର୍ଟର ତାଙ୍କ ପାଖକୁ ଆସିଥିଲେ ଓ ପୁରସ୍କାର ପାଇବାକୁ ଚାହୁଁ ନ କି ବୋଲି କହିଥିଲେ। ଏହାପରେ ଲୟକୁ ଫେରିବା ସହିତ ଦ୍ୱିଶତକ ହାସଲ କରି ଟାଇମ୍ସ ସିଲ୍ଡ ପୁରସ୍କାର ହାସଲ କରିଥିଲେ ଭେଙ୍ଗସରକାର। ରିପୋର୍ଟର ଜଣେ ଭଦ୍ର ଲୋକ ଓ ନିରପେକ୍ଷ ଅମ୍ପାୟର ବୋଲି କହିଛନ୍ତି ଭେଙ୍ଗସରକାର। ୨୯ବର୍ଷ ବୟସରେ ସେ ଏକ ରଣଜୀ ଟ୍ରଫି ମ୍ୟାଚ୍ ପରିଚାଳନା କରି ଅମ୍ପାୟାଅରିଂ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୪ରେ ଦିଲ୍ଲୀରେ ଅନୁଷ୍ଠିତ ଭାରତ–ଇଂଲଣ୍ଡ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ କ୍ୟାରିୟର ଆରମ୍ଭ ହୋଇଥିଲା। ପୂର୍ବତନ ଜିମ୍ବାୱେ କ୍ୟାପଟେନ୍ ହିଥ୍ ଷ୍ଟ୍ରିକ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପିଲୁ ରିପୋର୍ଟର ଅମ୍ପାୟରିଂ କରିଥିଲେ। ଦୁର୍ଭାଗ୍ୟର ବିଷୟ ଦୁଇଜଣ ଯାକ ଗୋଟିଏ ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



ପିଲୁ ରିପୋର୍ଟର

## ଧନ୍ୟ

ଏକଚାଳିଶ ବର୍ଷ ପରେ
ସଫଳତା
ଅଶ୍ୱଚାଳନାରେ ଦେଶ
ହିଷ୍ଟୋରିକ୍ ଗୋଲ୍ଡେନ୍
ଆଚିଭ୍‌ମେଣ୍ଟ
ଡ୍ରେସେଜ୍ ମିକ୍ସଡ୍ କଷ
ଅଶ୍ୱକୁ କରାଇ ବଶ
ଦିବ୍ୟକ୍ରିତି, ଛେଡା,
ସୁଦୀପ୍ତି, ଅନୁଶ
ଭାରତକୁ ଦେଲେ ଯଶ।

ଟି୨୦ୱେଣ୍ଟି ମ୍ୟାଚରେ ତିନି
ଶ' ଚଉଦ
ରନ୍ ସବୁଠାରୁ ବଡ
ମଙ୍ଗୋଲିଆ ଟିମ୍ ବିପକ୍ଷ
ମ୍ୟାଚରେ
ହାଙ୍ଗଝୋରେ ହେଲା ଝଡ
ଟୁ ୱାର୍ଲ୍ଡ ରେକର୍ଡ ରଡ
ଟପ୍ ସ୍କୋର, ରନ୍
ବ୍ୟବଧାନ ୱିନ୍
ନେପାଳ ଖାତାରେ
ଯୋଡ।

ଆଇସିସି ୱାନ୍‌ଡେ
କ୍ରିକେଟ ୱାର୍ଲ୍ଡ କପ୍
ପାଖେଇ ଆସୁଛି ଦିନ
ପାକ କ୍ରିକେଟ ଟିମ୍
ଭାରତ ଆସିଛି
ସାତ ବର୍ଷ ବ୍ୟବଧାନ
ସେ ଖେଳାଳି ହୁଏ ଧନ୍ୟ
ଦେଶ ପାଇଁ ଖେଳି
ମେଡାଲ ଯେ ଆଣେ
ବ୍ରୋଞ୍ଜ ହେଉ ଅବା ସ୍ୱର୍ଣ୍ଣ।
–ସୁବାସ ଚନ୍ଦ୍ର ପ୍ରଧାନ



ହାଙ୍ଗଝୋରେ ଗୁରୁବାର ମହିଳା ୬୦ କେଜି ଉଷୁ ଫାଇନାଲ ଅବସରରେ ଭାରତର ନାଓରେମ ରୋଶିବିନା ଦେବୀ (ବାମ) ଓ ଚାଇନାର ଉ' ଜିଆଓୱିଙ୍କ ମଧ୍ୟରେ ଲଢ଼େଇ।

# ଅଶ୍ୱ ଚାଳନାରେ ଅନୁଶଙ୍କୁ ବ୍ରୋଞ୍ଜ

**ହାଙ୍ଗଝୋ, ୨୮।୯(ପି.ଟି.)**

ଚଳିତ ଏସିଆନ ଗେମ୍ସ ଅଶ୍ୱ ଚାଳନା ଇଭେଣ୍ଟରେ ଭାରତକୁ ଦ୍ୱିତୀୟ ପଦକ ମିଳିଛି। ଭାରତର ଅନୁଶ ଅଗ୍ରୱାଲ ବ୍ୟକ୍ତିଗତ ଡ୍ରେସେଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସ ଅଶ୍ୱ ଚାଳନାର ଡ୍ରେସେଜ ବର୍ଗରେ ବ୍ୟକ୍ତିଗତ ପଦକ ଦେଶ ପାଇଁ ଏହା ପ୍ରଥମ। ଅଗ୍ରୱାଲ

**ଏସିଆନ ଗେମ୍ସ**

୭୩.୦୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ଗେମ୍ସରେ ଏହା ଥିଲା ତାଙ୍କର ଦ୍ୱିତୀୟ ପଦକ। ମାଲେସିଆର ବିନ୍ ମହମ୍ମଦ ଫଥିଲ ମହମ୍ମଦ କାବିଲ ଅମ୍ୱାକ ୭୫.୭୮୦ ପଏଣ୍ଟ ସହିତ ସ୍ୱର୍ଣ୍ଣ ଏବଂ ହଂକଂର ଜ୍ୟାକଲିନ ୱିଙ୍ଗ ୟିଙ୍ଗ୍ ସିଉ ୭୩.୪୫୦ ପଏଣ୍ଟ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ହ୍ରିଦୟ ଭିପୁଲ ଛେଡ଼ା ଖାଲି ହାତରେ ଫେରିଥିଲେ।



ବ୍ରୋଞ୍ଜ୍ ବିଜୟୀ ଭାରତର ଅନୁଶ ଅଗ୍ରୱାଲ।

ପୂର୍ବରୁ ଅଗ୍ରୱାଲ, ଛେଡ଼ା, ଦିବ୍ୟକୀର୍ତ୍ତି ସିଂ ଓ ସୁଦୀପ୍ତି ହାଜେଲା ଡ୍ରେସେଜ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ରୌପ୍ୟ ଜିତିଲେ ରୋଶିବିନା ଦେବୀ

**ହାଙ୍ଗଝୋ, ୨୮।୯ (ପି.ଟି.)**

ଏସିଆନ ଗେମ୍ସର ମହିଳା ୬୦ କେଜି ଉଷୁର ସାଣ୍ଡା ଇଭେଣ୍ଟରେ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ମଣିପୁରର ନାଓରେମ ରୋଶିବିନା ଦେବୀ। ବିଷ୍ଣୁପୁର ଜିଲା କ୍ୱାଶିଫାଇ



ରୌପ୍ୟ ପଦକ ପ୍ରଦର୍ଶନ କରୁଛନ୍ତି ନାଓରେମ ରୋଶିବିନା ଦେବୀ।

ଗ୍ରାମର ମେଇତେଇ ସମ୍ପ୍ରଦାୟର ରୋଶିବିନା ଲୋକାଲ ହେଭିୱେଟ ଚାଇନାର ଉ' ଜିଆଓୱିଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ଫାଇନାଲରେ ୦-୨ରେ ହାରି ଯାଇଥିଲେ। "ମଣିପୁର ଜଳୁଛି, ସେଠାରେ ଲଢ଼େଇ ଜାରି ରହିଛି। ଯେଉଁମାନେ ଆମକୁ ସୁରକ୍ଷା ଦେଇ ଆସୁଛନ୍ତି ଏବଂ ଆମ ପାଇଁ କ୍ଷତି ସହୁଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ପଦକ ଉତ୍ସର୍ଗ କରିବାକୁ ଚାହେଁ" ବୋଲି ରୌପ୍ୟ ଜିତିବା ପରେ ରୋଶିବିନା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଚାଇନା ମହିଳା ୬୦ କେଜି ବର୍ଗରେ ଆଧିପତ୍ୟ ବିସ୍ତାର କରି ଆସୁଛି। ଏଥର ଉ' ମଧ୍ୟ ତାହା ବଜାୟ ରଖିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ରୋଶିବିନା ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ଏଥର ଉନ୍ନତ ପ୍ରଦର୍ଶନ କରି ତାହାକୁ ରୌପ୍ୟରେ ପରିଣତ କରିଛନ୍ତି। ଫାଇନାଲରେ ପ୍ରବେଶ ପଥରେ ସେ ଭିଏଟନାମ୍‌ର ବିଶ୍ୱ ଚାମ୍ପିୟନଶିପ୍‌ର ସିଲ୍‌ଭର ଓ ବ୍ରୋଞ୍ଜ ମେଡାଲିଷ୍ଟ ଥି ଥୁ ଥୁଇ ଏନ୍‌ଗୁଏନ୍‌ଙ୍କୁ ୨-୦ରେ ହରାଇଥିଲେ।

## ପରିବାରର ସୁରକ୍ଷା ଚିନ୍ତା

ଏସିଆନ୍ ଗେମ୍ସ ଉଷୁରେ ରୌପ୍ୟ ପଦକ ବିଜୟିନୀ ନାଓରେମ୍ ରୋଶିବିନା ଦେବୀ ପରିବାରର ସୁରକ୍ଷାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ମଣିପୁରର ଏହି ଆଥ୍ଲେଟ ଜଣଙ୍କ ଦୀର୍ଘ ୫ ମାସ ଧରି ଲାଗି ରହିଥିବା ହିଂସାକୁ ନେଇ ଚିନ୍ତିତ ଅଛନ୍ତି। ଉଷୁର ୬୦ କେଜି ଓଜନ ବର୍ଗର ସାଣ୍ଡାରେ ରୌପ୍ୟ ପଦକ ଜିତିଥିଲେ ମଧ୍ୟ ପରିବାର ଲୋକଙ୍କ ସୁରକ୍ଷାକୁ ନେଇ ସେ ଚିନ୍ତାରେ ଥିବା କହିଛନ୍ତି ଭାବବିହ୍ୱଳ ରୋଶିବିନା। ସେ କହିଛନ୍ତି, ଏ ପର୍ଯ୍ୟନ୍ତ ତାଙ୍କ ପରିବାରର କୌଣସି ସଦସ୍ୟ ହିଂସାକାଣ୍ଡର ଶିକାର ହୋଇନାହାନ୍ତି। ତେବେ ତାଙ୍କ ଗ୍ରାମରେ ଉତ୍ତେଜନା ଲାଗି ରହିଛି, କେତେବେଳେ ଯେ କ'ଣ ଘଟିପାରେ ତାହା କହିହେବ ନାହିଁ। ସେ ତାଙ୍କ ମାତାପିତା ଓ ଭାଇ ଭଉଣୀଙ୍କ ସୁରକ୍ଷା ନେଇ ଚିନ୍ତିତ। ଏସିଆନ ଗେମ୍ସରେ ପଦକ ଜିତିଥିଲେ ମଧ୍ୟ ସେ ଖୁସି ମନାଇପାରୁନାହାନ୍ତି। ମଣିପୁରରେ ଗତ ମେ' ୩ ତାରିଖରୁ ଜାତିଗତ ହିଂସା ଦେଖାଦେଇଛି। ଇତିମଧ୍ୟରେ ୧୮୦ରୁ ଅଧିକ ଲୋକ ପ୍ରାଣହରାଇ ସାରିଥିବା ବେଳେ ଶହ ଶହ ସଂଖ୍ୟାରେ ଆହତ ହୋଇଛନ୍ତି। ହିଂସାକାଣ୍ଡ ଲାଗି ରହିଥିବାରୁ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି ବେଳେ ୪ ମାସ ଧରି ଖେଳରେ ମନୋନିବେଶ ଜାରି ରଖିବା ତାଙ୍କ ପକ୍ଷେ କଷ୍ଟକର ଥିଲା।

# ସ୍ୱର୍ଣ୍ଣ ବିଜୟରୁ ପାଦେ ଦୂରରେ ରାମକୁମାର-ମାଇନେନି



ପୁରୁଷ ଡବଲ୍ସ ସେମିଫାଇନାଲ ଅବସରରେ ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି।

**ହାଙ୍ଗଝୋ, ୨୮।୯ (ପି.ଟି.)**

ଏସିଆନ ଗେମ୍ସର ଟେନିସ ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି। ଫଳରେ ଏହି ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟରୁ ଗୋଟିଏ ପାଦ ଦୂରରେ ରହିଛି। କେବଳ ସେତିକି ନୁହେଁ ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ ବୋପାନ୍ନା ଓ ଋତୁଜା ଭୋସାଲେ ପଦକ ନିଶ୍ଚିତ କରିଛନ୍ତି। ଦ୍ୱିତୀୟ ସିଡ୍ ରାମକୁମାର-ମାଇନେନି ଗୁରୁବାର କୋରିଆ ଯୋଡ଼ି ସିଅଙ୍ଗ୍‌ଚାନ ହୋଙ୍ଗ୍ ଓ ସୁନଉ କ୍ୱନ୍‌ଙ୍କୁ ୬-୧, ୬-୭(୮), ୧୦-୦ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ମାଇନେନି ପୂର୍ବରୁ ୨୦୧୪ରେ ସାନିଆ ମିର୍ଜାଙ୍କ ସହ ପାର୍ଟନର ହୋଇ ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ରମାନାଥନଙ୍କ ପାଇଁ ଏହାହେବ ପ୍ରଥମ ଏସିଆନ ଗେମ୍ସ ପଦକ। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ବୋପାନ୍ନା-ଭୋସାଲେ ଯୋଡ଼ି କାଜାଖସ୍ତାନର ଝିବେକ କୁଲମବାୟେଭା ଓ ଗ୍ରିଗୋରି ଲୋମାକିନଙ୍କୁ ୭-୫, ୬-୩ରେ ହରାଇ ମିକ୍ସଡ ଡବଲ୍ସର ସେମି ଫାଇନାଲରେ ପହଞ୍ଚିଛନ୍ତି।

**ସ୍କ୍ୱାଶ୍‌ରୁ ପଦକ ନିଶ୍ଚିତ**

ଭାରତୀୟ ପୁରୁଷ ଓ ମହିଳା ଦଳ ସ୍କ୍ୱାଶ୍ ଇଭେଣ୍ଟରୁ ପଦକ ନିଶ୍ଚିତ କରିଛନ୍ତି। ଗୁରୁବାର ମୁକାବିଲାରେ ପୁରୁଷ ଦଳ ୩-୦ରେ ନେପାଳକୁ ହରାଇଥିବାବେଳେ ମହିଳା ଦଳ ୦-୩ରେ ମାଲେସିଆଠାରୁ ହାରି ଯାଇଥିଲା। ତେବେ ପୁଲ୍ 'ବି'ରେ ଉଭୟ ଦଳ ଶୀର୍ଷସ୍ଥାନ ଅଧିକାର କରିଥିବାରୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରତିଯୋଗିତାରେ ଏହି ଦୁଇ ଦଳ ଅତିକମ୍‌ରେ ବ୍ରୋଞ୍ଜ ପଦକ ଜିତିବା ନିଶ୍ଚିତ ହୋଇଯାଇଛି।

**ଟେବୁଲ ଟେନିସ**

ଭାରତର ତାରକା ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା, ଶରଥ କମଲ ଓ ଜି.ସାଥିୟାଁ ଗୁରୁବାର ନିଜ ନିଜର ମ୍ୟାଚ ଜିତି ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଶ୍ରୀଜା ଆକୁଲା ହାରି ଯାଇଛନ୍ତି। ପୁରୁଷ ଡବଲ୍ସରେ ମାନବ ବିକାଶ ଟାକର-ମନୁଶ ଉତପଲଭାଇ ଶାହା ଏବଂ ସାଥିୟାଁ-ଶରଥ ଯୋଡ଼ି ମଧ୍ୟ ବିଜୟୀ ହୋଇ ଆଗକୁ ବଢ଼ିଛନ୍ତି।

**କ୍ୱାର୍ଟରରେ ଜସମିନ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ଜସମିନ ଲାମ୍ବୋରିଆ ମହିଳା ୬୦ କେଜି ବକ୍ସିଂର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମୁକାବିଲାରେ ସେ ସାଉଦି ଆରବର ହାଦିଲ ଘାଜୱାନ ଅଶୋଉରଙ୍କୁ ହରାଇ ଦେଇଛନ୍ତି। ଜସମିନଙ୍କ ପାଇଁ ଏହା ପ୍ରଥମ ଏସିଆନ ଗେମ୍ସ। ପ୍ରଥମ ରାଉଣ୍ଡରେ ସେ ବାଇ ପାଇଥିଲେ।

**ପ୍ରଣତି ବିଫଳ**

ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ ଭଲ୍ଟ ଫାଇନାଲରେ ବିଫଳ ହୋଇଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ୨ ଥର ବ୍ରୋଞ୍ଜ ମେଡାଲିଷ୍ଟ ୨୮ ବର୍ଷୀୟା ପଶ୍ଚିମବଙ୍ଗର ପ୍ରଣତି ନିଜର ୨ ଭଲ୍ଟ ପରେ ୧୨.୩୫୦ ପଏଣ୍ଟ ସ୍କୋର କରିଥିଲେ। ଫଳରେ ତାଙ୍କୁ ୮ମ ସ୍ଥାନ ମିଳିଥିଲା। ଉତ୍ତର କୋରିଆ ପ୍ରତିଯୋଗୀ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିବାବେଳେ ଚାଇନାକୁ ବ୍ରୋଞ୍ଜ ମିଳିଥିଲା।

**ବ୍ୟାଡ୍‌ମିଣ୍ଟନ**

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମୁକାବିଲାରେ ଭାରତ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ପି.ଭି. ସିନ୍ଧୁ, ଅଶ୍ମିତା ଚାଲିହା, ଅନୁପମା ଉପାଧ୍ୟାୟ ସହଜରେ ବିଜୟ ହାସଲ କରିଥିଲେ। କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡକୁ ଭେଟିବ ଭାରତ।







ଏସିଆନ ଗେମ୍ସରେ ପଦକ ଜିତି ଭାରତ ପ୍ରତ୍ୟାବର୍ତ୍ତନ କରିଥିବା କ୍ରୀଡ଼ାବିତ୍‌ଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ କରୁଛନ୍ତି।

# ଜାତୀୟ ରେକର୍ଡ ସହ ସନ୍ତରଣ ରିଲେ ଦଳ ଫାଇନାଲରେ

**ହାଙ୍ଗଝୋ, ୨୮।୯(ପି.ଟି.):** ଚଳିତ ଏସିଆନ ଗେମ୍ସରେ ଜାତୀୟ ରେକର୍ଡ ସହ ଭାରତୀୟ ପୁରୁଷ ୪x୧୦୦ ଓ ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲ ରିଲେ ଦଳ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଶ୍ରୀହରି ନଟରାଜ, ତନିଶ ଜର୍ଜ ମାଥ୍ୟୁ ଓ ବିଶାଲ ଗ୍ରେୱାଲ ୩:୨୧.୨୨ ସେକେଣ୍ଡ ସହିତ ହିଟ୍ସରେ ୫ମ ସ୍ଥାନରେ ରହି ୪x୧୦୦ ମିଟର ଫ୍ରିଷ୍ଟାଇଲ ଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ଜାତୀୟ ରେକର୍ଡ ଟାଇମିଂ ଥିଲା ୩:୨୩.୭୨ ସେକେଣ୍ଡ। ୨୦୧୯ରେ ନଟରାଜ, ସାଜନ ପ୍ରକାଶ, ବିର୍ଦ୍ଧୱାଲ ଖାଡେ ଓ ଅନିଲ କୁମାର ଶୈଳଜା ଏହି ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। ସେହିପରି ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଧିନିଧି ଦେସିଙ୍ଘୁ, ଶିବାଙ୍ଗି ଶର୍ମା, ଭ୍ରିତି ଅଗ୍ରୱାଲ ଓ ହଶିକା ରାମଚନ୍ଦ୍ର ୮:୩୯.୬୪ ସେକେଣ୍ଡ ସମୟ ନେଇ ୮ମ ସ୍ଥାନରେ ରହିଥିଲେ। ମାତ୍ର ଏହା ତାଙ୍କୁ ଫାଇନାଲରେ ପହଞ୍ଚାଇବାକୁ ଯଥେଷ୍ଟ ହୋଇଥିଲା। ପୂର୍ବରୁ ହଶିକା, ଧିନିଧି, ଭିହିଥା ନୟନା ଓ ଶିରିନ ୮:୪୦.୮୯ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୯୦ | ୫୧ | ୨୬ | ୧୬୭ |
| ଦ.କୋରିଆ | ୨୪ | ୨୩ | ୩୯ | ୮୬ |
| ଜାପାନ | ୧୮ | ୩୦ | ୩୦ | ୬୮ |
| ଉଜ୍‌ବେକିସ୍ତାନ | ୬ | ୧୦ | ୧୫ | ୩୧ |
| **ଭାରତ** | **୬** | **୮** | **୧୧** | **୨୫** |
| ଥାଇଲାଣ୍ଡ | ୬ | ୩ | ୯ | ୧୮ |
| ହଂକଂ | ୫ | ୧୨ | ୧୫ | ୩୨ |
| ଚାଇନିଜ ତାଇପେ | ୪ | ୪ | ୬ | ୧୪ |
| ଇରାନ | ୩ | ୯ | ୧୦ | ୨୨ |
| ଉ.କୋରିଆ | ୩ | ୫ | ୪ | ୧୨ |
| କାଜାଖସ୍ତାନ | ୩ | ୩ | ୧୬ | ୨୨ |
| ଇଣ୍ଡୋନେସିଆ | ୩ | ୩ | ୧୦ | ୧୬ |
| ସିଙ୍ଗାପୁର | ୨ | ୪ | ୪ | ୧୦ |
| ମାଲେସିଆ | ୨ | ୨ | ୫ | ୯ |
| ଭିଏତନାମ | ୧ | ୨ | ୧୧ | ୧୪ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କାତାର | ୧ | ୧ | ୨ | ୪ |
| କୁଏତ୍ | ୧ | ୧ | ୧ | ୩ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ